ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୪/୨୦୨୨ (୧୪ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, August 14/2022 Page 14 ₹ 7.00 ★★★★★★
୪୮ଶ ଭାଗ ୨୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-







# ଛତିଶଗଡ଼ କହୁଛି ଗେଟ୍ ଖୋଲ

## ମହାନଦୀରେ ବନ୍ୟା ଆଶଙ୍କା ବଢ଼ିଲା

ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଲାଗିରହିଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨୦ ଗେଟ୍ ଖୋଲାଯାଇଥିଲା। ଏହାସତ୍ତ୍ୱେ ପଡ଼ୋଶୀ ରାଜ୍ୟ ବନ୍ୟା ଆଶଙ୍କା କରି ଆହୁରି ଅଧିକ ଗେଟ୍ ଖୋଲିବା ପାଇଁ ଚାପ ପକାଉଥିବା ହୀରାକୁଦ ଡ୍ୟାମ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ଶନିବାର ସକାଳେ କହିଛନ୍ତି। ସନ୍ଧ୍ୟା ସୁଦ୍ଧା ୪ ପର୍ଯ୍ୟାୟରେ ଆଉ ୧୪ଟି ଗେଟ୍ ଖୋଲାଯାଇଛି। ସାଧାରଣତଃ ୨୮ଟି ଗେଟ୍ ଖୋଲିଲେ ମହାନଦୀରେ ବନ୍ୟା ଆସିଥାଏ। ରାତି ୮ଟା ସୁଦ୍ଧା ୩୪ଟି ଗେଟ୍ ଖୋଲାଥିବାରୁ ଓଡ଼ିଶାର ବିଭିନ୍ନ ଜିଲାରେ ବନ୍ୟା ଆଶଙ୍କା ବଢ଼ିଛି।

- ଲଘୁଚାପ ଘନୀଭୂତ, ୨ ଦିନ ପ୍ରବଳ ବର୍ଷା
- ହୀରାକୁଦରେ ଖୋଲିଲା ୩୪ ଗେଟ୍
- ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ
- ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବଂଶଧାରା, ଇବ୍ ଫୁଲୁଛି

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ଗୋଟିଏ ପରେ ଗୋଟିଏ ଲଘୁଚାପ ଯୋଗୁ ରାଜ୍ୟରେ ଗତ କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ଏଭଳିସ୍ଥଳେ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ହେଉଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଜଳଭଣ୍ଡାରର ୩୪ ଗେଟ୍ ଖୋଲାଯାଇଛି। କିନ୍ତୁ ଛତିଶଗଡ଼ରେ ଆସନ୍ତା ଦୁଇଦିନ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହୁଛି। ତେଣୁ ହୀରାକୁଦ ଜଳଭଣ୍ଡାରର ଅଧିକ ଗେଟ୍ ଖୋଲାଯାଇପାରେ। ଫଳରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଆଶଙ୍କା କରାଯାଉଛି ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ(ଇଆଇସି) ବିଜୟ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ☞ପୃଷ୍ଠା–୪



ହୀରାକୁଦ ଜଳଭଣ୍ଡାର ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

## ୩ବର୍ଷ ହେଲା ବସିନି ଜଳ ପରିଚାଳନା କମିଟି ବୈଠକ

ସମ୍ବଲପୁର,୧୩।୮(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଏପରି କି ଏହି ମାମଲା କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି)ରେ ରହିଛି। ଏଭଳି ପରିସ୍ଥିତିରେ ଉଭୟ ରାଜ୍ୟ ମଧ୍ୟରେ ଜଳ ପରିଚାଳନା କମିଟି ବୈଠକ ତିନିବର୍ଷ ହେଲା ହୋଇପାରୁ ନାହିଁ। ଏଥିରେ ଛତିଶଗଡ଼ ଜଳସମ୍ପଦ ବିଭାଗ ଓ ସରକାରଙ୍କୁ ଦାୟୀ କରିଛନ୍ତି ହୀରାକୁଦ ବନ୍ଧ ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ। ସେ କହିଛନ୍ତି, ଜଳ ବଣ୍ଟନକୁ ନେଇ ଲାଗିରହିଥିବା ବିବାଦ ଭିନ୍ନ କଥା। ମହାନଦୀ ଜଳ ପରିଚାଳନା ପାଇଁ ଛତିଶଗଡ଼ ବୈଠକ କରି ଆଲୋଚନା କରିବାରେ କୌଣସି ସମସ୍ୟା ନାହିଁ। ବାରମ୍ବାର ବୈଠକ ପାଇଁ ଚିଠି କରାଯାଇଥିଲେ ମଧ୍ୟ କୌଣସି ଆନ୍ତରିକତା ଦେଖାଇଲା ନାହିଁ ଛତିଶଗଡ଼। ଶେଷଥର ପାଇଁ ୨୦୧୯ରେ ବୈଠକ ହୋଇଥିଲା। ପରେ ୨୦୨୨ ଏପ୍ରିଲ ୧୩ରେ ଉଭୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ବୈଠକ କରିବା ପାଇଁ ସ୍ଥିର ହୋଇଥିଲା। ବୁର୍ଲା ଅଶୋକ ନିବାସଠାରେ ଏହି ବୈଠକ ହେବାର ଥିଲା। ସିଡବ୍ଲ୍ୟୁସି ପକ୍ଷରୁ ଉଭୟ ସରକାରଙ୍କୁ ଚିଠି କରି ତାରିଖ ଓ ସମୟ ସ୍ଥିର ହୋଇଥିଲା। ହେଲେ ଏପ୍ରିଲ ୧୧ରେ ଛତିଶଗଡ଼ ସରକାର ବୈଠକରେ ଅନୁପସ୍ଥିତ ରହିବେ ବୋଲି ସୂଚନା ଦେଇ ବୈଠକ ବାତିଲ କରିଥିଲେ। ଜଳ ପରିଚାଳନା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଅମର ଯୁଗର ଆଶ୍ୱାସନା**

# ଓଡ଼ିଶାର ୩ ସ୍ଥାନକୁ ରାମସର୍ ମାନ୍ୟତା

## ଦେଶର ନୂଆ ୧୧ ଆର୍ଦ୍ରଭୂମି ମଧ୍ୟରେ ତାମ୍ପରା, ଅଂଶୁପା, ହୀରାକୁଦ

ଭୁବନେଶ୍ୱର,(ବ୍ୟୁରୋ)/ ଛତ୍ରପୁର (ଡି.ଏନ୍.ଏ.) ୧୩।୮

ଦେଶରେ ଆଉ ୧୧ ଆର୍ଦ୍ରଭୂମିକୁ କେନ୍ଦ୍ର ସରକାର ରାମସର୍ ମାନ୍ୟତା ଦେଇଛନ୍ତି। ଏଥିରେ ଓଡ଼ିଶାର ତିନୋଟି ସ୍ଥାନ ରହିଛି। ଉକ୍ତ ସ୍ଥାନଗୁଡ଼ିକ ହେଲା ବ୍ରହ୍ମପୁରର ତାମ୍ପରା ହ୍ରଦ, କଟକ ବାଙ୍କୀର ଅଂଶୁପା ହ୍ରଦ ଏବଂ ସମ୍ବଲପୁରର ହୀରାକୁଦ ଜଳଭଣ୍ଡାର। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ତାମିଲନାଡ୍ରୁ, ଓଡ଼ିଶା, ଜମ୍ମୁ ଓ କଶ୍ମୀର, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ଏହି ୧୧ ରାମସର୍ ସାଇଟ୍ ସମ୍ପର୍କରେ ଘୋଷଣା କରାଯାଇଛି। ବିଭାଗୀୟ ମନ୍ତ୍ରୀ ଭୂପେନ୍ଦର ଯାଦବ ଏ ନେଇ ଟୁଇଟ କରି ସୂଚନା ଦେବା ସହ ଉକ୍ତ ୫ ରାଜ୍ୟକୁ ଶୁଭେଚ୍ଛା ଜଣାଇଛନ୍ତି।



ତାମ୍ପରା

କଟକ ଜିଲା ବାଙ୍କୀରେ ଥିବା ୨୩୧ଏକର ପରିମିତ ଅଂଶୁପା ହ୍ରଦ ଛୋଟ ହେଲେ ବି ରାଜ୍ୟର ପର୍ଯ୍ୟଟନୀ ସ୍ଥଳ ମାନଚିତ୍ରରେ ସ୍ଥାନ ପାଇଛି। ଶୀତ ଋତୁରେ ବିଦେଶୀ ପକ୍ଷୀ ଆଗମନ ଯୋଗୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାରେ ପ୍ରାୟ ୧୯୪ ☞ପୃଷ୍ଠା–୪

### ରାମସର୍ ସ୍ଥଳ କ'ଣ

ରାମସର୍ ସ୍ଥଳ ହେଉଛି ଏକ ଆର୍ଦ୍ରଭୂମି, ଯାହାକୁ ୟୁନେସ୍କୋ ଦ୍ୱାରା ପ୍ରତିଷ୍ଠିତ 'ରାମସର୍ କନ୍‌ଭେନ୍ସନ ଅଫ୍ ୱେଟ୍‌ଲାଣ୍ଡ୍ସ' ଅନୁସାରେ ଅନ୍ତର୍ଜାତୀୟ ମାନ୍ୟତା ଦିଆଯାଇଥାଏ। ୧୯୭୧ ଫେବୃୟାରୀ ୨ରେ ଇରାନର ରାମସର୍ ସହରରେ ସ୍ୱାକ୍ଷରିତ ପରିବେଶ ଚୁକ୍ତି ଅନୁସାରେ ଏହାର ନାମକରଣ କରାଯାଇଛି। ପୂର୍ବରୁ ଭାରତର ୬୪ଟି ସ୍ଥଳ ଏହି ତାଲିକାରେ ସ୍ଥାନ ପାଇଥିବାବେଳେ ଶନିବାର ଏଥିରେ ଆଉ ୧୧ଟି ସ୍ଥାନକୁ ଯୋଡ଼ାଯାଇଛି। ତହିଁରେ ଓଡ଼ିଶାର ଗଞ୍ଜାମ ଜିଲା ତାମ୍ପରା ହ୍ରଦ, କଟକର ଅଂଶୁପା ହ୍ରଦ ଓ ସମ୍ବଲପୁର ଜିଲା ହୀରାକୁଦ ନଦୀବନ୍ଧ ଯୋଜନା ଅନ୍ତର୍ଭୁକ୍ତ। ପ୍ରତି ୩ ବର୍ଷରେ ଥରେ କନ୍‌ଫରେନ୍ସ ଅଫ୍ କଣ୍ଟ୍ରାକ୍ଟିଂ ପାର୍ଟି(ସିଓପି) ପ୍ରତିନିଧିମାନେ ସମ୍ମିଳନୀରେ ସାମିଲ ହୋଇ ସଂକଳ୍ପନାମା ଓ ସୁପାରିସଗୁଡ଼ିକୁ ବିଭିନ୍ନ ମାନଦଣ୍ଡ ଆଧାରରେ ବିଚାର ପୂର୍ବକ ନିଷ୍ପତ୍ତି ନେଇଥାଆନ୍ତି। ରାମସର୍ ସାଇଟ୍ସ ଇନ୍‌ଫର୍ମେଶନ୍ ସର୍ଭିସ୍ (ଆର୍‌ଏସ୍‌ଆଇଏସ୍)ରେ ବିଶ୍ୱର ସମସ୍ତ ସ୍ୱୀକୃତିପ୍ରାପ୍ତ ଆର୍ଦ୍ରଭୂମି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପଲବ୍ଧ ରହିଛି।







**ପୁଣି ସୋନିଆଙ୍କୁ କରୋନା**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ପୁଣିଥରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନିୟମ ଅନୁଯାୟୀ ସେ ଆଇସୋଲେଶନରେ ରହିବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରିଛନ୍ତି। ଗତ ଜୁନ୍‌ରେ ମଧ ୭୫ ବର୍ଷୀୟା କଂଗ୍ରେସ ଅଧ୍ୟକ୍ଷା କୋଭିଡ୍ ଆକ୍ରାନ୍ତ ହୋଇ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତ ସପ୍ତାହ ଆରମ୍ଭରେ ତାଙ୍କ ଝିଅ ତଥା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ।

## ସଂକ୍ଷେପରେ

### କୋର୍ଟ ପରିସରରେ ସ୍ତ୍ରୀଙ୍କ ଗଳା କାଟି ହତ୍ୟା

**ହାସନ (କର୍ଣ୍ଣାଟକ),୧୩।୮:** କର୍ଣ୍ଣାଟକ ହାସନ ଜିଲାର ଏକ ସ୍ଥାନୀୟ ଅଦାଲତ ପରିସରରେ ଶନିବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଗଳା କାଟିଦେବା ସହ ତାଙ୍କ ଶିଶୁ ସନ୍ତାନକୁ ଆକ୍ରମଣ କରିବା ଘଟଣା ଆତଙ୍କ ଖେଳାଇଦେଇଛି। ସେଠାରେ ଉପସ୍ଥିତ ଲୋକଙ୍କ ହସ୍ତକ୍ଷେପ ଯୋଗୁ ପିଲାଟିର ଜୀବନ ବଞ୍ଚିପାରିଥିବା ପୋଲିସ କହିଛି। ହୋଲେନାରାସିପୁରା ଟାଉନ କୋର୍ଟ ପରିସରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଚୈତ୍ରାଙ୍କ ଘର ଥାଟ୍ଟେକେରେ ଗ୍ରାମରେ ହୋଇଥିବାବେଳେ ସ୍ୱାମୀ ଶିବକୁମାର ହୋଲେନାରାସିପୁର ବାସିନ୍ଦା। ୭ ବର୍ଷ ପୂର୍ବେ ବିବାହ କରିଥିବା ଉକ୍ତ ଦମ୍ପତି ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରେ ବୁଝାମଣା ପାଇଁ କୋର୍ଟକୁ ଡକାଯାଇଥିଲା। ବିଚାରପତି ଓ ଆଇନଜୀବୀଙ୍କ ପରାମର୍ଶକ୍ରମେ ସେମାନଙ୍କ ଦୁଇ ପିଲାଙ୍କ ପାଇଁ ମନୋମାଳିନ୍ୟ ଭୁଲିଯିବାକୁ ଶିବକୁମାର ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସେ ସ୍ତ୍ରୀଙ୍କ ସହ କୋର୍ଟ ପରିସରରେ ଥିବା ରେଷ୍ଟ ରୁମ୍‌କୁ ଯାଇଥିଲେ। ସେଠାରେ ସେ ସ୍ତ୍ରୀଙ୍କ ତଣ୍ଟି କାଟିଦେବା ପରେ ତାଙ୍କ କୋଳରେ ଥିବା ଶିଶୁକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଉପସ୍ଥିତ ଲୋକେ ତାଙ୍କୁ କାବୁ କରିନେଇ ପୋଲିସ ଜିମା ଦେଇଥିଲେ।

### ସିଭିଲ ସର୍ଭିସକୁ ଫେରିଲେ ଶାହ ଫୈଜଲ

**ନୂଆଦିଲ୍ଲୀ,୧୩।୮:** ଜମ୍ମୁ-କଶ୍ମୀରର ବିବାଦୀୟ ଆଇଏଏସ୍ ଅଫିସର ଶାହ ଫୈଜଲଙ୍କୁ କେନ୍ଦ୍ର ସରକାର ପୁଣି ଥରେ ଚାକିରିରେ ଅବସ୍ଥାପିତ କରିଛନ୍ତି। ତାଙ୍କୁ ପର୍ଯ୍ୟଟନ ମନ୍ତ୍ରଣାଳୟରେ ଉପସଚିବ ଭାବେ ନିଯୁକ୍ତି ମିଳିଛି।



୨୦୧୦ ବ୍ୟାଚ୍ ଜମ୍ମୁ-କଶ୍ମୀର କ୍ୟାଡର ଆଇଏଏସ୍ ଟପ୍ପର ଫୈଜଲ ୨୦୧୯ ଜାନୁୟାରୀରେ ଚାକିରିରୁ ଇସ୍ତଫା ଦେଇ ରାଜନୀତିରେ ଯୋଗ ଦେଇଥିଲେ। ସେ ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ (ଜେକେପିଏମ୍) ନାମରେ ଦଳ ଗଢ଼ିଥିଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ତାଙ୍କୁ ଜନନିରାପତ୍ତା ଆଇନ ବଳରେ ଅଟକ ରଖାଯାଇଥିଲା। ମୁକ୍ତ ହେବା ପରେ ୨୦୨୦ ଅଗଷ୍ଟରେ ସେ ରାଜନୀତି ଛାଡ଼ିଦେଇଥିଲେ। ଇସ୍ତଫାପତ୍ର ପ୍ରତ୍ୟାହାର କରିନେବା ସହ ପୁନର୍ବାର ଚାକିରିରେ ଅବସ୍ଥାପିତ ହେବା ଲାଗି ଗତ ଏପ୍ରିଲରେ ଆବେଦନ କରିଥିଲେ।

### ଆତଙ୍କବାଦ ସହ ସମ୍ପୃକ୍ତି
### ଜମ୍ମୁ-କଶ୍ମୀରର ୪ ସରକାରୀ କର୍ମଚାରୀ ବହିଷ୍କୃତ

**ନୂଆଦିଲ୍ଲୀ,୧୩।୮:** ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ଜମ୍ମୁ-କଶ୍ମୀରର ବିଭିନ୍ନ ସରକାରୀ ବିଭାଗର ୪ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସେମାନଙ୍କ ମଧ୍ୟରେ ହିଜବୁଲ ମୁଜାହିଦ୍ଦିନ ମୁଖ୍ୟ ତଥା ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ସୟେଦ ସଲାହୁଦ୍ଦିନଙ୍କ ପୁଅ ଏବଂ ଜେକେଏଲ୍ଏଫ୍ ନେତା ତଥା ଆତଙ୍କବାଦୀ ଅଭିଯୁକ୍ତ ବିଟ୍ଟା କରାଟେଙ୍କ ସ୍ତ୍ରୀ ଅଛନ୍ତି। ଉଭୟେ ଆତଙ୍କବାଦ ସହ ସମ୍ପୃକ୍ତ ଥିଲେ। ଏହା ବ୍ୟତୀତ କଶ୍ମୀର ବିଶ୍ୱବିଦ୍ୟାଳୟର ୨ ଶିକ୍ଷାବିତ୍‌ଙ୍କୁ ମଧ ବହିଷ୍କାର କରାଯାଇଛି। ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ଜମ୍ମୁ-କଶ୍ମୀରରୁ ମୋଟ ୩୫ ସରକାରୀ କର୍ମଚାରୀ ବହିଷ୍କୃତ ହେଲେଣି। ଜମ୍ମୁ-କଶ୍ମୀର ଉଦ୍ୟୋଗ ବିକାଶ ସଂସ୍ଥାରେ ଆଇଟି ମ୍ୟାନେଜର ଥିବା ସୟେଦ ଅବଦୁଲ ମୁଇଦ୍ ହେଉଛନ୍ତି ସଲାହୁଦ୍ଦିନଙ୍କ ତୃତୀୟ ପୁତ୍ର। ତାଙ୍କ ସମେତ ଅହମଦ ଶକିଲ ଏବଂ ଶହିଦ ୟୁସୁଫଙ୍କୁ ଅନୁଚ୍ଛେଦ ୩୧୧ ବଳରେ ବହିଷ୍କାର କରାଯାଇଛି।

# ସାଟାନିକ୍ ଭର୍ସେସ୍ ପାଇଁ ଟାର୍ଗେଟ

**ବୁକର ବିଜେତା ତଥା ଭାରତ ଜନ୍ମିତ ଖ୍ୟାତନାମା ଔପନ୍ୟାସିକ ସଲ୍‌ମାନ ରଶ୍‌ଡିଙ୍କ ପୁସ୍ତକ ମଧ୍ୟରୁ ସବୁଠାରୁ ବିବାଦୀୟ ହୋଇଥିଲା 'ଦ ସାଟାନିକ୍ ଭର୍ସେସ୍'। ମୁସଲମାନ ସମ୍ପ୍ରଦାୟଙ୍କ ଧର୍ମୀୟ ଭାବନାକୁ ଏଥିରେ ଆଘାତ ପହଞ୍ଚାଯାଇଥିବା ଅଭିଯୋଗ ହେବା ପରେ ଇରାନ ସୁପ୍ରିମ ଲିଡର ଆୟୋତୋଲ୍ଲା ରୁହୋଲ୍ଲା ଖୋମେଇନି ତାଙ୍କ ବିରୋଧରେ ମୃତ୍ୟୁ ଫତୱା ଜାରି କରିଥିଲେ। ସେବେଠାରୁ କଟ୍ଟରପନ୍ଥୀଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବାରେ ଯେନତେନ ସକ୍ଷମ ହୋଇଥିବା ଏହି ୭୫ ବର୍ଷୀୟ ଭାରତ ଜନ୍ମିତ ଲେଖକ ଶୁକ୍ରବାର ନ୍ୟୁୟର୍କରେ ଛୁରାମାଡ଼ର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିବାବେଳେ ସେ ଏକ ଆଖି ହରାଇପାରନ୍ତି ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ପୁଣି ଚର୍ଚ୍ଚାକୁ ଆସିଛି ବିବାଦୀୟ ପୁସ୍ତକ 'ଦ ସାଟାନିକ୍ ଭର୍ସେସ୍'।**

## ଭେଣ୍ଟିଲେଟରରେ ରଶ୍‌ଡି



**ନ୍ୟୁୟର୍କ, ୧୩।୮**

୧୯୮୮ ସେପ୍ଟେମ୍ବରରେ ସଲ୍‌ମାନ ରଶ୍‌ଡିଙ୍କ ଚତୁର୍ଥ ଉପନ୍ୟାସ 'ଦ ସାଟାନିକ୍ ଭର୍ସେସ୍' ରିଲିଜ୍ ହେବାକ୍ଷଣି ବିଶ୍ୱବ୍ୟାପୀ ବିବାଦକୁ ଆସିଯାଇଥିଲା। ବିଶେଷକରି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏହାକୁ ଘୋର ବିରୋଧ କରାଯାଇଆସୁଛି। ଏକାଧିକ ମୁସ୍‌ଲିମ୍ ରାଷ୍ଟ୍ର ଏହି ପୁସ୍ତକକୁ ବ୍ୟାନ୍ କରିଛନ୍ତି। ଏଥିସହ ପାକିସ୍ତାନ, ବ୍ରିଟେନ ଆଦିରେ ବିକ୍ଷୋଭବେଳେ ତାହାକୁ ଜାଳି ମଧ ଦିଆଯାଇଥିଲା। ଏବେ ବି ଭାରତ ସମେତ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ), ଇଜିପ୍ଟ ଆଦି ଦେଶରେ ଏହି ପୁସ୍ତକ ଉପରେ କଟକଣା ରହିଛି। ଅର୍ଥାତ୍ ଏହି ରାଷ୍ଟ୍ରଗୁଡ଼ିକରେ 'ଦ ସାଟାନିକ୍ ଭର୍ସେସ୍' କିଣାବିକା ବେଆଇନ। ଏହି ପୁସ୍ତକରେ ମହମ୍ମଦ ପ୍ରଫେଟ୍‌ଙ୍କ ଏକ କାଳ୍ପନିକ ଚରିତ୍ର ଏବଂ କୋରାନ୍‌ର ବ୍ୟାଖ୍ୟାକୁ ଖଣ୍ଡିତ କରାଯାଇଛି। ବିବାଦୀୟ ମୁସ୍‌ଲିମ ପରମ୍ପରାକୁ ସେଥିରେ ଦର୍ଶାଯାଇଛି। ସେଥିରେ କୋରାନ୍‌ର




କେତେକ ଭର୍ସେସ୍ ଅବତାରଣା କରାଯାଇଛି, ଯେଉଁଥିରେ ୩ ଦେବୀଙ୍କୁ ପ୍ରାର୍ଥନା କରିବା କଥା କୁହାଯାଇଛି। ଜଣେ ହିଁ ଈଶ୍ୱର ଥିବା ଇସ୍‌ଲାମୀୟ ବିଶ୍ୱାସ ଥିବାରୁ ରଶ୍‌ଡିଙ୍କ ଲେଖାକୁ ନେଇ ଜୋରଦାର ବିରୋଧ ମୁଣ୍ଡ ଟେକିଥିଲା। ଏଥିସହ ଇସ୍‌ଲାମ ପ୍ରତିଷ୍ଠାତା ମହମ୍ମଦଙ୍କ ପରି ଆଉ ଜଣେ ପ୍ରଫେଟ୍‌ଙ୍କ କଥା ଏହି ପୁସ୍ତକରେ ଦର୍ଶାଯାଇଛି। ସେଥିରେ ରଶ୍‌ଡି ଲେଖିଥିଲେ, ସେହି ପ୍ରଫେଟ୍ ସାଟନ୍ ବା ସଇତାନ ସହ ଏକ ଚୁକ୍ତି କରି ୩ ଦେବୀଙ୍କ ସପକ୍ଷରେ ଏବଂ ଏକ ଈଶ୍ୱରବାଦ ନୀତି ଆଦାନପ୍ରଦାନ କରିଥିଲେ। ପରେ ସେ ତ୍ରୁଟି କରିଥିବା ଅନୁଭବ କରିଥିଲେ। ଖୋମେଇନି ଏବଂ ଅନ୍ୟମାନେ ଏହାକୁ ପ୍ରଫେଟଙ୍କ ଅପମାନ ବୋଲି କହିଥିଲେ। ୧୯୮୯ ଫେବୃୟାରୀ ୧୪ରେ ଖୋମେଇନି ତାଙ୍କ ବିରୋଧରେ ଫତୱା ଜାରି କରିବା ସହ ମୁସଲମାନମାନେ ରଶ୍‌ଡିଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫତୱା ଜାରି କରିଥିବା ବିଦ୍ୱାନ ହିଁ ତାହାକୁ ରଦ୍ଦ କରିପାରିବେ ବୋଲି କୁହାଯାଏ। ରଶଡିଙ୍କ ବିରୋଧରେ

### କଟକଣା ଲଗାଇଥିଲେ ରାଜୀବ ଗାନ୍ଧୀ

ଫତୱା ଜାରି କରିଥିବା ଖୋମେଇନିଙ୍କର ସେହି ବର୍ଷ ମୃତ୍ୟୁ ଘଟିଥିଲା।

ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଉକ୍ତ ପୁସ୍ତକକୁ ଦେଶରେ ବ୍ୟାନ୍ ଘୋଷଣା କରିଥିଲେ। ଏଥିସହ ପ୍ରାୟ ୨୦ ଦେଶ ଅନୁରୂପ ନିଷ୍ପତ୍ତି ନେଇଥିଲେ। ଉକ୍ତ ପୁସ୍ତକକୁ ପବ୍ଲିଶ ଏବଂ ଅନୁବାଦ କରିଥିବା ବ୍ୟକ୍ତିଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା। ୧୯୯୧ରେ ଜଣେ ଇଟାଲୀୟ ଅନୁବାଦକ ଇଟ୍ଟୋର କ୍ୟାପ୍ରିଓଲୋଙ୍କୁ ଛୁରାମାଡ଼ ହୋଇଥିଲା। ସେହିପରି ଜାପାନର ଜଣେ ସ୍କଲାର ତଥା ଟ୍ରାନ୍ସଲେଟର ହିତୋଶୀ ଇଗାରାଶିଙ୍କୁ ଛୁରାମାଡ଼ କରି ହତ୍ୟା କରାଯାଇଥିଲା। ପୁସ୍ତକ ପ୍ରକାଶନ ନରୱେର ୱିଲିୟମ ନ୍ୟାଗାର୍ଡଙ୍କ ଉପରେ ୩ ଥର ଗୁଳି ମାଡ଼ ହୋଇଥିଲା। ପ୍ରକାଶ ଯେ, ସଲ୍‌ମାନ ରଶ୍‌ଡିଙ୍କୁ ଶୁକ୍ରବାର ଆମେରିକାର ପଶ୍ଚିମ ନ୍ୟୁୟର୍କସ୍ଥିତ ଏକ ବକ୍ତୃତା ମଞ୍ଚରେ ଛୁରାମାଡ଼ ହୋଇଛି। ଚୌଟାଉକା ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ସ୍ଥାନୀୟ ସମୟ ପୂର୍ବାହ୍ନ ୧୦ଟା ୪୫ରେ ବକ୍ତୃତା କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ବ୍ୟକ୍ତି ମଞ୍ଚ ଉପରକୁ ମାଡ଼ିଯାଇ ରଶ୍‌ଡିଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ବାହୁରେ ଥିବା ସ୍ନାୟୁ ନଷ୍ଟ ହେବା ସହ ଯକୃତରେ ମଧ କ୍ଷତ ହୋଇଛି। ତାଙ୍କର ଏକ ଆଖି ନଷ୍ଟ ହୋଇଯାଇପାରେ ବୋଲି ଡାକ୍ତର ଆଶଙ୍କା କରିଛନ୍ତି।

### ଫତୱା ପରେ ଆତ୍ମଗୋପନ

ଇରାନ ସୁପ୍ରିମ ଲିଡର ଆୟୋତୋଲ୍ଲା ରୁହୋଲ୍ଲା ଖୋମେଇନି ଫତୱା ଜାରି କରିବା ପରେ ସଲ୍‌ମାନ୍ ରଶ୍‌ଡି ୧୦ ବର୍ଷ ଧରି ଆତ୍ମଗୋପନ କରିଥିଲେ। ସେତେବେଳେ ସେ ବ୍ରିଟେନରେ ରହୁଥିଲେ। ତାଙ୍କୁ ପୂର୍ବତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚର ସରକାର ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ଯୋଗାଇଥିଲେ। ୧୯୯୧ରେ ରଶ୍‌ଡି ଧୀରେ ଧୀରେ ତାଙ୍କ ଅଣ୍ଡରଗ୍ରାଉଣ୍ଡ ଜୀବନରୁ ପଦାକୁ ଆସିଥିଲେ। ୧୯୯୮ରେ ରାଷ୍ଟ୍ରପତି ମହମ୍ମଦ ଖତାମିଙ୍କ ଅଧୀନରେ ଇରାନ ସରକାର ଫତୱା କାର୍ଯ୍ୟକାରୀ କରିବେ ନାହିଁ ବୋଲି ବ୍ରିଟେନକୁ କହିଥିଲେ। କିନ୍ତୁ ୨୦୧୫ରେ ଖୋମେଇନିଙ୍କ ଉତ୍ତରାଧିକାରୀ ଆୟାତୋଲ୍ଲା ଅଲ୍ଲୀ ଖେମେନେଇ ରଶ୍‌ଡିଙ୍କୁ ଇସ୍‌ଲାମର ବିଦ୍ରୋହୀ ଅଭିହିତ କରିବା ସହ ତାଙ୍କ ହତ୍ୟା ଇସ୍‌ଲାମ ଦ୍ୱାରା ଗ୍ରହଣୀୟ ହେବ ବୋଲି କହିଥିଲେ।

### ଇସ୍‌ଲାମରେ ସଂସ୍କାର ନ ଆସିଲେ..


ତସ୍‌ଲିମା ନସରିନ୍

ସଲ୍‌ମାନ ରଶ୍‌ଡିଙ୍କ ଉପରେ ଆକ୍ରମଣକୁ ନେଇ ଟୁଇଟରେ ପ୍ରତିକ୍ରିୟା ରଖିଛନ୍ତି ବାଂଲାଦେଶୀ ଲେଖିକା ତସ୍‌ଲିମା ନସରିନ୍। ସେ କହିଛନ୍ତି, 'ସଲ୍‌ମାନଙ୍କ ଉପରେ ଆକ୍ରମଣକୁ ନେଇ ମୁଁ ସ୍ତବ୍ଧ। ଏପରି ହେବ ବୋଲି କେବେ ଭାବି ନ ଥିଲି। ସେ ପାଶ୍ଚାତ୍ୟ ଦେଶରେ ରହୁଥିଲେ। ୧୯୮୯ରୁ ତାଙ୍କୁ ସୁରକ୍ଷା ଯୋଗାଯାଇଛି। ଯଦି ତାଙ୍କ ଉପରେ ଆକ୍ରମଣ କରାଯାଇପାରୁଛି ତେବେ ଇସ୍‌ଲାମର ସମାଲୋଚନା କରୁଥିବା ଯେ କୌଣସି ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହୋଇପାରିବ। ଏଥିପାଇଁ ମୁଁ ଚିନ୍ତିତ।' ସେ ଆହୁରି କହିଛନ୍ତି, ୭ମ ଶତାବ୍ଦୀରେ ଇସ୍‌ଲାମ ସମାଲୋଚକଙ୍କୁ ହତ୍ୟା କରାଯାଉଥିଲା। ଏକବିଂଶ ଶତାବ୍ଦୀରେ ବି ତାହା ଚାଲିଛି। ଯଦି ଇସ୍‌ଲାମରେ ସଂସ୍କାର ନ ଆସେ, ଅଭିବ୍ୟକ୍ତି ସ୍ୱାଧୀନତା ନ ମିଳେ ଏବଂ ହିଂସାକୁ ନିନ୍ଦା କରା ନ ଯାଏ ତେବେ ଆଗକୁ ମଧ ଏପରି ହତ୍ୟା ଚାଲିବ। କୌଣସି ପୁସ୍ତକ ପବିତ୍ର ନୁହେଁ।

### ୬୫୦ କି.ମି. ଗାଡ଼ି ଚଳାଇ ଆସିଥିଲେ ଆକ୍ରମଣକାରୀ


ହାଦି ମାତର

ସଲ୍‌ମାନ ରଶ୍‌ଡିଙ୍କ ଉପରେ ଆକ୍ରମଣ କରିବା ପରେ ନ୍ୟୁୟର୍କ ପୋଲିସ ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେ ନ୍ୟୁଜର୍ସିରେ ରହୁଥିବାବେଳେ ତାଙ୍କ ନାମ ହାଦି ମାତର(୨୪) ପୋଲିସ ଚିହ୍ନଟ କରିଛି। ପଶ୍ଚିମ ନ୍ୟୁୟର୍କରେ ବକ୍ତୃତା କାର୍ଯ୍ୟକ୍ରମ ଚାଲିଥିବାବେଳେ ରଶ୍‌ଡିଙ୍କ ଭାଷଣ ଦେବା ପାଳି ପଡ଼ିଥିଲା। ସେତେବେଳେ ହାଦି ମାତର ମଞ୍ଚ ଉପରକୁ ମାଡ଼ିଯାଇ ରଶ୍‌ଡିଙ୍କ ବେକ ଏବଂ ପେଟରେ ଛୁରିରେ ଆକ୍ରମଣ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି, ହାଦି ଜଣେ ଇରାନ୍ ସମର୍ଥକ। ସେ ନ୍ୟୁଜର୍ସିର ଫେୟାରଭ୍ୟୁ ସ୍ଥିତ ତାଙ୍କ ଘରୁ ପ୍ରାୟ ୬୫୦ କିଲୋମିଟର ଗାଡ଼ି ଚଳାଇ ଆସିଥିଲେ। ସେ ଲେବାନନ୍‌ର ମୂଳବାସିନ୍ଦା ବୋଲି ଜଣାଯାଇଛି। ତାଙ୍କ ଘରକୁ ସିଲ୍ କରିଦିଆଯାଇଛି।



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ହାଇଦ୍ରାବାଦର ଏକ କ୍ଲବରେ କଳାକାରମାନେ ଶନିବାର ଦେଶାତ୍ମବୋଧକ ସଙ୍ଗୀତରେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

## ମହିଳାଙ୍କୁ ନିର୍ଦ୍ଧୂମ୍ ପିଟିଲେ ତାଲିବାନୀ ସୈନ୍ୟ

**କାବୁଲ,୧୩।୮**



ଆଫଗାନିସ୍ତାନରେ ତାଲିବାନ୍ ଶାସକ କ୍ଷମତାକୁ ଫେରିବାର ପ୍ରଥମ ବର୍ଷ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ରାଜଧାନୀ କାବୁଲରେ ମହିଳାମାନଙ୍କ ବିରଳ ପ୍ରତିବାଦ ରାଲି ଦେଖିବାକୁ ମିଳିଥିଲା। ତେବେ ତାଲିବାନ ଯୋଦ୍ଧା ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଫାଙ୍କା ଗୁଳିଚାଳନା କରିବା ସହ ନିର୍ଦ୍ଧୂମ୍ ମାଡ଼ ମାରିଥିଲେ। ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସେନା ପ୍ରତ୍ୟାହାର ହେବା ପରେ ଗତବର୍ଷ ଅଗଷ୍ଟ ୧୫ରେ ତାଲିବାନ ପୁଣିଥରେ କ୍ଷମତା ଅକ୍ତିଆର କରିଥିଲା। ଆମେରିକାର ହସ୍ତକ୍ଷେପ ଯୋଗୁ ଗତ ଦୁଇ ଦଶନ୍ଧି ମଧ୍ୟରେ ସେଠାର ମହିଳାମାନେ ଯେଉଁ ସୁବିଧା ପାଇଥିଲେ, ତାଲିବାନ ଶାସକ ତାହାକୁ ପ୍ରତ୍ୟାହାର କରିନେଇଛି। ଏହାର ପ୍ରତିବାଦରେ ପ୍ରାୟ ୪୦ ଜଣ ମହିଳା ଖାଦ୍ୟ, କାମ ଓ ସ୍ୱାଧୀନତା ଦାବିରେ ସ୍ଲୋଗାନ ଦେଇ

### ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ଫାଙ୍କା ଗୁଳିଚାଳନା

କାବୁଲ ଶିକ୍ଷା ମନ୍ତ୍ରଣାଳୟ ଆଗରେ ରାଲି କରିଥିଲେ। ଅଗଷ୍ଟ ୧୫ କଳା ଦିବସ ଲେଖାଥିବା ଏକ ବ୍ୟାନର ଧରି ବିକ୍ଷୋଭକାରୀମାନେ କାର୍ଯ୍ୟ କରିବା ଏବଂ ରାଜନୀତିରେ ଅଂଶଗ୍ରହଣ ଅଧିକାର ଫେରାଇଦେବା ଲାଗି ଦାବି କରିଥିଲେ। ଅଧିକାଂଶ ବିକ୍ଷୋଭକାରୀ ବୁର୍ଖା ପିନ୍ଧି ନ ଥିଲେ। ତାଲିବାନ ସୈନ୍ୟ ସେମାନଙ୍କୁ ଘଉଡ଼ାଇବାକୁ ଫାଙ୍କା ଗୁଳି ଚଳାଇଥିଲେ। ପାଖ ଦୋକାନଗୁଡ଼ିକରେ ଲୁଚିଥିବା କେତେଜଣ ମହିଳା ବିକ୍ଷୋଭକାରୀଙ୍କୁ ତାଲିବାନ ଯୋଦ୍ଧାମାନେ ରାଇଫଲ ବଟ୍‌ରେ ମାଡ଼ ମାରିଥିଲେ। ସେମାନେ ମହିଳାଙ୍କ ବ୍ୟାନର ଚିରିଦେବା ସହ ମୋବାଇଲ ଫୋନ୍ ଜବତ କରିଥିଲେ। ଖବର ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଖବରଦାତାଙ୍କୁ ମଧ ତାଲିବାନ ଯୋଦ୍ଧାମାନେ ମାଡ଼ ମାରିଥିଲେ।

# ଟ୍ରୁସ୍‌ଙ୍କ ସପକ୍ଷରେ ସୁନକଙ୍କ ସମର୍ଥକ

## ଡାଉନିଂଷ୍ଟ୍ରିଟ୍ ଦୌଡ଼


ଋଷି ସୁନକ


ସାର୍ ରବର୍ଟ ବକ୍‌ଲ୍ୟାଣ୍ଡ


ଲିଜ୍ ଟ୍ରୁସ

**ଲଣ୍ଡନ, ୧୩।୮:** ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଆରମ୍ଭରୁ ତାଙ୍କୁ ସମର୍ଥନ କରୁଥିବା ବ୍ରିଟେନ କ୍ୟାବିନେଟର ଜଣେ ବରିଷ୍ଠ ମନ୍ତ୍ରୀ ସୁନକଙ୍କ ବଦଳରେ ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ଲିଜ୍ ଟ୍ରୁସ୍‌ଙ୍କ ଆଡ଼କୁ ଢଳିଛନ୍ତି। ପ୍ରଧାନମନ୍ତ୍ରୀ ନିର୍ବାଚନ ପୂର୍ବରୁ ପକ୍ଷ ବଦଳାଇବାରେ ସାର୍ ରବର୍ଟ ବକ୍‌ଲ୍ୟାଣ୍ଡ ହେଉଛନ୍ତି ପ୍ରଥମ ଏମ୍‌ପି। ସୁନକଙ୍କ ବଦଳରେ ଟ୍ରୁସ୍ ଦେଶକୁ ଆଗକୁ ନେବାରେ ଅଧିକ ଦକ୍ଷ ବୋଲି ସେ କହିଛନ୍ତି। ପ୍ରାରମ୍ଭିକ ସଂସଦୀୟ ନିର୍ବାଚନବେଳେ ସୁନକ ତାଙ୍କୁ ଯୋଗ୍ୟ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମନେ ହୋଇଥିଲେ। ତେଣୁ ସେ ସୁନକଙ୍କୁ ସମର୍ଥନ ଦେଇଥିଲେ। ହେଲେ ବିତର୍କରେ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଟ୍ରୁସ୍ ଅଧିକ ଯୋଗ୍ୟ ବୋଲି ସେ ମନେ କରିଥିଲେ। ଏପରି ନିଷ୍ପତ୍ତି ବଦଳାଇବା ସହଜ ନୁହେଁ। କିନ୍ତୁ ଟ୍ରୁସ୍‌ଙ୍କ କଥା ତାଙ୍କୁ ପ୍ରଭାବିତ କରିଛି। ବ୍ୟକ୍ତିତ୍ୱ ବଦଳରେ ବିଚାର ଓ ସିଦ୍ଧାନ୍ତକୁ ସେ ଗୁରୁତ୍ୱ ଦେଇଥିବା ବକ୍‌ଲ୍ୟାଣ୍ଡ କହିଛନ୍ତି।

# ଆତଙ୍କବାଦ ନିରୋଧୀ ସମରାଭ୍ୟାସରେ ପାକ୍

**ଇସ୍‌ଲାମାବାଦ,୧୩।୮**

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ସଦସ୍ୟ ଥିବା ଭାରତ ଆସନ୍ତା ଅକ୍ଟୋବରରେ ଅନ୍ତର୍ଜାତୀୟ ଆତଙ୍କବାଦ ନିରୋଧୀ ସମରାଭ୍ୟାସ ଆୟୋଜନ କରିବାକୁ ଯାଉଛି। ଏଥିରେ ଅନ୍ୟତମ ସଦସ୍ୟ ପାକିସ୍ତାନ ସାମିଲ ହେବାକୁ ଯାଉଥିବା ଜଣାପଡ଼ିଛି। ଦୁଇ ପଡୋଶୀ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଭଲ ନ ଥିବା ସତ୍ତ୍ୱେ ଇସ୍‌ଲାମାବାଦ ପ୍ରଥମ ଥର ଲାଗି ଭାରତରେ ଏଭଳି ସମରାଭ୍ୟାସରେ ସାମିଲ ହେବ ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଅସିମ ଇଫ୍‌ତିଖାର ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଚଳିତ ବର୍ଷ ଲାଗି ଏସ୍‌ସିଓର ଆଞ୍ଚଳିକ ଆତଙ୍କବାଦ ନିରୋଧୀ ସଂରଚନା (ଆର୍‌ଏଟିଏସ୍)ରେ ଭାରତ ଅଧ୍ୟକ୍ଷତା କରୁଥିବାରୁ ଏହା ସମରାଭ୍ୟାସର ଆୟୋଜନ କରିବାକୁ ଯାଉଛି। ହରିୟାଣାର ମାନେସାରଠାରେ ହେବାକୁ ଥିବା ଏହି ଆଣ୍ଟି-ଟେରର ଡ୍ରିଲ୍‌ରେ ଭାରତ, ପାକିସ୍ତାନ ବ୍ୟତୀତ ରୁଷିଆ,

### ଅକ୍ଟୋବରରେ ହରିୟାଣାରେ ଆୟୋଜନ

ଚାଇନା, ଇରାନ, କାଜାଖସ୍ତାନ, କିରଗିଜ୍‌ସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନର ସୈନ୍ୟ ଯୋଗଦେବେ। ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୫ରେ ଭାରତ ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ହଟାଇବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଭାରତର ନିଷ୍ପତ୍ତିକୁ ନେଇ ଇସ୍‌ଲାମାବାଦ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବାରୁ କୂଟନୈତିକ ସମ୍ପର୍କ ଖରାପ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୪୪,୦୨,୮୫୧ | ୬୪,୫୨,୭୦୩ | ୫୬,୬୬,୨୩,୩୪୨ |
| ଭାରତ | ୪,୪୨,୩୯,୩୭୨ | ୫,୨୬,୯୯୬ | ୪,୩୫,୯୩,୧୧୨ |
| ଓଡ଼ିଶା | ୧୩,୨୨,୧୪୩ | ୯୧୫୪(+୫୩) | ୧୩,୦୯,୬୭୭ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ଗଦଗଦିରେ ଯୁଦ୍ଧବିମାନ

## ୧୯୮୦ରୁ ୨୦୨୦ ଯାଏ ଅନେକ ଅପରେଶନରେ ସାମିଲ ଥିଲା

**ପାଟଣା, ୧୩।୮ (ସ୍ୱ. ପ୍ର.)**

ଏକାଧିକ ଯୁଦ୍ଧ ଅପରେଶନରେ ସାମିଲ ଥିବା ଭାରତୀୟ ବାୟୁସେନାର ଏକ ସେବାନିବୃତ୍ତ ବିମାନ ମିଗ୍-୨୩ ଯୁବିକୁ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଉଦୟପୁର ପଞ୍ଚାୟତର ଗଦଗଦିଠାରେ ସ୍ଥାୟୀ ଭାବେ ପ୍ରଦର୍ଶନ କରାଯିବ। ଇଞ୍ଜିନବିହୀନ ଉକ୍ତ ବିମାନକୁ ଅତି ନିକଟରୁ ଦେଖିପାରିବେ ପର୍ଯ୍ୟଟକ। ଶୁକ୍ରବାର ୩ଟି ଟ୍ରେଲରରେ ବିମାନର ବିଭିନ୍ନ ଅଂଶ ଗଦଗଦିରେ ପହଞ୍ଚିଥିବାବେଳେ ଶନିବାରଠାରୁ ଏହାର ଫିଟିଂ କାମ ଆରମ୍ଭ ହୋଇଛି। ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଯୁଦ୍ଧରେ ସାମିଲ ହୋଇଥିବା ଉକ୍ତ ବିମାନ ଅଞ୍ଚଳର ଶୋଭାବର୍ଦ୍ଧନ କରିବ ବୋଲି ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମନରେ ବିପୁଳ ଉତ୍କଣ୍ଠା ସୃଷ୍ଟି ହୋଇଛି।

ସେବାନିବୃତ୍ତ ପରେ ଭାରତୀୟ ବାୟୁସେନାର ରାଜସ୍ଥାନ ଯୋଧପୁରସ୍ଥିତ ଏୟାରବେସ୍‌ରେ ରହିଥିଲା ଉକ୍ତ ବିମାନ। ୧୭ ମିଟର ଲମ୍ବା, ୧୪ ମିଟର ଚଉଡ଼ା ବିଶିଷ୍ଟ ଏହି ବିମାନ ୧୯୮୦ଠାରୁ ବାୟୁସେନାରେ ସେବା ଯୋଗାଇ ଆସୁଥିଲା। ୧୯୯୯ କାର୍ଗିଲ ଯୁଦ୍ଧ, ବାଲାକୋଟ୍ ସର୍ଜିକାଲ ଷ୍ଟ୍ରାଇକ୍, ୨୦୦୪ର ଅପରେଶନ 'ପରାକ୍ରମ'ରେ ସାମିଲ ହୋଇ ଭାରତୀୟ ସେନାର ଗୌରବ ବଢ଼ାଇଥିଲା। ସମୟ ଅବଧି ଶେଷ ହେବା ପରେ ୨୦୨୦ରେ ଏହାକୁ ବାୟୁସେନାରୁ ସେବାନିବୃତ୍ତ କରାଯାଇଥିଲା। ଏଭଳି ଏକ ବିମାନକୁ ଅଞ୍ଚଳରେ ସ୍ଥାପନ କରିବା ଲାଗି ପଞ୍ଚାୟତ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ସ୍ଥାନୀୟ କେତେଜଣ ଅବସରପ୍ରାପ୍ତ ସେନା ଅଧିକାରୀ ଏଥିଲାଗି ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ। ସରକାରୀ ଅନୁମତି ପରେ ଏହା ଗଦଗଦିରେ ପହଞ୍ଚିଛି।

ବାୟୁସେନାର ୨ ପାଇଲଟ୍ ସହ ୬ କର୍ମଚାରୀ ଶନିବାରଠାରୁ ଏହାର ଫିଟିଂ କାମ ଆରମ୍ଭ କରିଛନ୍ତି। ଏହାପରେ ବିମାନକୁ ରଙ୍ଗ କରାଯିବ। ଏସବୁ କାର୍ଯ୍ୟ ପାଇଁ ୨୦ଦିନ ଲାଗିବ ବୋଲି ବାୟୁସେନାର ଅଧିକାରୀ କମଲ ସିଂ କହିଛନ୍ତି। ଜିଲାରେ ପ୍ରଥମ ଥର ପାଇଁ ଏକ ସେବାନିବୃତ୍ତ ଯୁଦ୍ଧ ବିମାନ ସ୍ଥାପନ କରାଯାଉଛି। ଏହି ବିମାନକୁ ଦେଖି ଅଞ୍ଚଳବାସୀ ଉତ୍ସାହିତ ହୋଇପଡ଼ିଛନ୍ତି। ଏନେଇ ଗ୍ରାମ ମନ୍ଦିର ନିକଟ ପଡ଼ିଆରେ ଲୋକଙ୍କ ଭିଡ଼ ଜମୁଛି।

# ସମ୍ଭାବ୍ୟ ବନ୍ୟା: ୮ ଜିଲା ପାଇଁ ୬ ଅଧିକାରୀ ନିଯୁକ୍ତ

**ଭୁବନେଶ୍ୱର, ୧୩।୮ (ବ୍ୟୁରୋ)**

ଲଘୁଚାପଜନିତ ବର୍ଷା ଯୋଗୁ ମହାନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ୮ ଜିଲା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୬ ଜଣ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେହି ଅଧିକାରୀମାନେ ଜିଲାର ବନ୍ୟା ପରିସ୍ଥିତିକୁ ତଦାରଖ କରିବେ। ପୁରୀ ଜିଲା ପାଇଁ କ୍ଷୁଦ୍ର ଜଳସେଚନର ମୁଖ୍ୟଯନ୍ତ୍ରୀ ଚିନ୍ମୟ ରଞ୍ଜନ ରାଉତଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଜଗତ୍‌ସିଂହପୁର ପାଇଁ ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ବିଜୟ କୁମାର ସାମଲ, କଟକ ଜିଲା ପାଇଁ ଡ୍ରେନେଜ ମୁଖ୍ୟଯନ୍ତ୍ରୀ ବାଲେଶ୍ୱର ନାଥ ସାହୁ, କେନ୍ଦ୍ରାପଡ଼ା ପାଇଁ କଟକ ପୂର୍ବ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ରଥ, ଯାଜପୁର ଓ ଭଦ୍ରକ ଜିଲା ପାଇଁ ଚଣ୍ଡିଖୋଲ ପୂର୍ବ ସର୍କଲର-୨ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଧନେଶ୍ୱର ସାମଲ ଏବଂ ଖୋର୍ଦ୍ଧା ଓ ନୟାଗଡ଼ ଜିଲା ପାଇଁ ସେଣ୍ଟ୍ରାଲ ଇରିଗେଶନ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତଙ୍କୁ ନିଯୁକ୍ତ କରାଯାଇଛି। ଉକ୍ତ ଅଧିକାରୀମାନେ ୧୪ ତାରିଖ ସୁଦ୍ଧା ନିଜ ଜିଲାରେ ପହଞ୍ଚି ନଦୀବନ୍ଧଗୁଡ଼ିକର ଦୁର୍ବଳ ଓ ସମ୍ବେଦନଶୀଳ ପଏଣ୍ଟଗୁଡ଼ିକୁ ଯାଞ୍ଚ କରିବା ସହ ବନ୍ୟା ସମୟରେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଜିଲା ପ୍ରଶାସନ ସହ ଯୋଗାଯୋଗରେ ରହିବେ।

# ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ଛାତ୍ରଙ୍କ ଆତ୍ମହତ୍ୟା

**ଫୁଲନଖରା, ୧୩।୮ (ଡି.ଏନ୍.ଏ.)**

କଟକ ଜିଲା ପାହାଳ ଥାନା ଅନ୍ତର୍ଗତ ଭୀମପୁର ଗ୍ରାମରେ ଥିବା ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ହଷ୍ଟେଲ ଫ୍ୟାନ୍‌ରେ ଝୁଲି ଜଣେ ଛାତ୍ର ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମାଲକାନଗିରି ଜିଲା ବାଲିମେଳା ଥାନା ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମର ସାହିଲ ରାଜବେନୀୟା। ସେ ଉକ୍ତ ଶିକ୍ଷାନୁଷ୍ଠାନରେ ବି-ଟେକ୍ କମ୍ପ୍ୟୁଟର ସାଇନ୍ସ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଅପରାହ୍ନରେ ହଷ୍ଟେଲର କବାଟ ଭିତରପଟୁ ବନ୍ଦ କରି ଫ୍ୟାନ୍‌ରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ସାଙ୍ଗମାନେ କବାଟ ଭାଙ୍ଗି ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।








ବିଚାରପତି ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଶପଥପାଠ କରାଉଛନ୍ତି।

# ଶପଥ ନେଲେ ହାଇକୋର୍ଟର ୨ ନୂଆ ବିଚାରପତି

**କଟକ ଅଫିସ, ୧୩।୮**

ଓଡ଼ିଶା ହାଇକୋର୍ଟର ୨ ଜଣ ନବନିଯୁକ୍ତ ବିଚାରପତି ଶନିବାର ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ବିଚାର ବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶ। ଓଡ଼ିଶା ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଉଭୟ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୨ ଜୁଲାଇ ୨୫ରେ ସୁପ୍ରିମକୋର୍ଟ କଲେଜିୟମ ଓଡ଼ିଶା ହାଇକୋର୍ଟର ବିଚାରପତି ନିଯୁକ୍ତି ପାଇଁ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କ ନାମ ସୁପାରିସ କରିଥିଲେ। ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବରିଷ୍ଠତା ଭିତ୍ତିରେ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନିଯୁକ୍ତି ମିଳିଥିଲା।

# ପାଞ୍ଚ ମହଲାରୁ ଡେଇଁପଡ଼ିଲେ ରୋଗୀ

## ଢେଙ୍କାନାଳ ଜିଲା ଚିକିତ୍ସାଳୟରେ ଅଘଟଣ

**ଢେଙ୍କାନାଳ ଅଫିସ, ୧୩।୮**

ବାପାଙ୍କ ମୃତ୍ୟୁ ପରେ ମାନସିକ ଚାପରେ ଥିଲେ। ଶନିବାର ହିତାହିତ ଜ୍ଞାନ ହରାଇ ବ୍ଲେଡ୍‌ରେ କାଟି ପକାଇଥିଲେ ହାତଗୋଡ଼। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ୫ମ ମହଲାରୁ ଡେଇଁ ପୁଣି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଢେଙ୍କାନାଳ ପରଜଙ୍ଗ ଥାନା ଡମସାହିର ସ୍ୱର୍ଗତ ତଉଲିଆ ନାୟକଙ୍କ ପୁଅ ଚନ୍ଦନ (୩୭)। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଏଭଳି ଅଭାବନୀୟ ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।



ଗୁରୁତର ଚନ୍ଦନ ନାୟକ

ବାପା ତଉଲିଆଙ୍କ ମୃତ୍ୟୁ ପରେ ପରିବାରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିଲା। ଏହାକୁ ନେଇ ମାନସିକ ଚାପରେ ରହୁଥିଲେ ଚନ୍ଦନ। ସେ କୌଣସି କାର୍ଯ୍ୟରେ ଗଁଦିଆ ଥାନା ଦେଓଗାଁସ୍ଥିତ ଝିଆରୀ ଜ୍ୱାଇଁଙ୍କ ଘରକୁ ଆସିଥିଲେ। ଶୁକ୍ରବାର ମା' ସୁକୁମାରୀ ଏକ ବୋଲେରୋ ଧରି ତାଙ୍କୁ ନେବା ପାଇଁ ଆସିଥିଲେ ହେଁ ସେ ଯାଇ ନ ଥିଲେ। ଶନିବାର ସକାଳେ ବ୍ଲେଡ୍‌ରେ ବେକ, ଦୁଇ ହାତ କାଟି ପ୍ରଥମେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦେଓଗାଁରେ ରହୁଥିବା ଝିଆରୀ ଜ୍ୱାଇଁ ପୂର୍ବାହ୍ନ ୧୦ଟାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚନ୍ଦନ ୫ମ ମହଲାରେ ଥିବା ସର୍ଜରି ୱାର୍ଡରେ ଚିକିତ୍ସିତ ହେଉଥିଲେ। ତାଙ୍କ ପାଖରେ ସୁକୁମାରୀ ଥିଲେ। ଅପରାହ୍ନ ୩ଟାରେ ମା' ୱାର୍ଡ ନିକଟ ଶୌଚାଳୟକୁ ଯାଇଥିବା ବେଳେ ଚନ୍ଦନ ବାହାରପଟୁ କବାଟ ଦେଇ ପାଞ୍ଚ ମହଲାରୁ ତଳକୁ ଡେଇଁ ପଡିଥିଲେ। ଚିକିତ୍ସାଳୟର ଜଣେ କର୍ମଚାରୀ ଶୌଚାଳୟ କବାଟ ଖୋଲିବା ବେଳକୁ ଚନ୍ଦନ ଶଯ୍ୟାରେ ନ ଥିଲେ। ପାଟିତୁଣ୍ଡ ଶୁଣି ତଳକୁ ଆସିବା ବେଳକୁ ବଗିଚାରେ ଚନ୍ଦନ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା କରାଯିବା ସହ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ସ୍ଥାନାନ୍ତର କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ କୁହନ୍ତି, ୱାର୍ଡ ନିକଟରେ ଥିବା ପାହାଚ ପାଖ ଝରକାରେ ଗ୍ରୀଲ୍‌ରେ କବାଟ ନ ଥିବା ଦେଖି ସେ ତଳକୁ ଡେଇଁପଡ଼ିଥିଲେ। ଏହାର ତଦନ୍ତ କରାଯାଉଛି। ସୂଚନାଯୋଗ୍ୟ, ଜିଲା ଚିକିତ୍ସାଳୟରେ ପୂର୍ବରୁ ଏଭଳି ୨ଟି ଘଟଣା ଘଟିଥିବା ନଜିର ରହିଛି।






# ଫସଲ ନଷ୍ଟକଲେ, ଘର ଜାଳିଦେଲେ

**ଉମରକୋଟ, ୧୩।୮ (ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ ଅନ୍ତର୍ଗତ କପସାଭଟା, ସାରିୟାଭଟା ଓ ଲକଟିପଖନା ଗ୍ରାମରେ ଜଙ୍ଗଲ ଜମିକୁ ନେଇ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦ ଶନିବାର ଉଗ୍ରରୂପ ନେଇଛି। ଗ୍ରାମବାସୀଙ୍କ ଜଙ୍ଗଲ ଜମିରେ ଚାଷ କରିବାକୁ ବିରୋଧ କରି ବନ ସୁରକ୍ଷା ସମିତିର ସଦସ୍ୟମାନେ କପସାଭଟା, ସାରିୟାଭଟା ଓ ଲକଟିପଖନା ଗ୍ରାମର ଶତାଧିକ ଏକର ମକା ଫସଲ ନଷ୍ଟ କରିବା ସହ କପସାଭଟା ଗ୍ରାମରେ ଗୋଟିଏ ଘର ଜାଳି ଦେଇଥିବା ଅଭିଯୋଗ ହୋଇଛି।

କପସାଭଟା, ସାରିୟାଭଟା ଓ ଲକଟିପଖନା ଗ୍ରାମରେ ୮୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଛନ୍ତି। ସ୍ଥାନୀୟ ଜଙ୍ଗଲ ଜମିରେ ଚାଷକରି ପରିବାର ଚଳାଉଛନ୍ତି। ୨୦୦୫ ରୁ କୁସୁମଗୁଡ଼ା ବନ ସୁରକ୍ଷା ସମିତି ଏହି ତିନି ଗ୍ରାମର ଜନଜାତି ଲୋକଙ୍କୁ ଏଠାରୁ ଉଠାଇବା ପାଇଁ ଦାବି କରିବା ସହ ଜଙ୍ଗଲ ଜମିରେ ଚାଷ କରିବାକୁ ମନା କରୁଥିଲେ। ଏହାକୁ ନେଇ ଅନେକ ଥର ବିବାଦ ସୃଷ୍ଟି ହୋଇଛି। ଗତବର୍ଷ ଚାଷ କରିବାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ତିନି ଗ୍ରାମର ଜନଜାତି ଲୋକେ ଚାଷ କରି ନ ଥିଲେ। ଚଳିତ ବର୍ଷ ବନ ସୁରକ୍ଷା ସମିତି ଚାଷ କରିବାକୁ କହିବାରୁ ଗ୍ରାମବାସୀ ଚାଷ କରିଥିଲେ। ତେବେ ଅଧିକ ଜମିରେ ଚାଷ କରିଥିବାରୁ



ଜଳିଯାଇଥିବା କୁଡ଼ିଆ।

## ଉଗ୍ରରୂପ ନେଲା ଜଙ୍ଗଲ ଜମି ବିବାଦ

ଶନିବାର ୮ ଖଣ୍ଡ ଗ୍ରାମର ବନ ସୁରକ୍ଷା ସମିତି ସଦସ୍ୟ ପହଞ୍ଚି ଗ୍ରାମବାସୀଙ୍କ ମକାଚାଷ ଫସଲ ନଷ୍ଟ କରି ଜମିରେ ଗୋରୁ ଛାଡ଼ି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏହି ବିବାଦକୁ ନେଇ ପୂର୍ବରୁ ଗ୍ରାମବାସୀ ପୋଲିସ-ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଚଳିତ ବର୍ଷ ଫସଲ ଅମଳ ପରେ ବିବାଦର ସମାଧାନ କରାଯିବ ବୋଲି ପୋଲିସ କହିଥିଲା। ସମାଧାନ ପୂର୍ବରୁ ଶନିବାର ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଏମିତିକି ପୋଲିସ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଅଟକାଇବା ପାଇଁ ବନ ସୁରକ୍ଷା ସମିତି ପକ୍ଷରୁ ରାସ୍ତାରେ ଗଛ ପକାଇ ଅବରୋଧ କରାଯାଇଥିଲା। ଉମରକୋଟ ତହସିଲଦାର, ଥାନା ଅଧିକାରୀ, ରେଞ୍ଜର ପୋଲିସ ଫୋର୍ସ ସହ ଗାଁରେ ପହଞ୍ଚିଥିଲେ। ତେବେ କ୍ଷତିଗ୍ରସ୍ତ ଗ୍ରାମବାସୀ ଏବଂ ବନ ସୁରକ୍ଷା ସମିତି ସଦସ୍ୟଙ୍କ ସହ ଆଲୋଚନା ହୋଇପାରି ନ ଥିଲା। ଜିଲାପାଳଙ୍କୁ ସମସ୍ୟା ଜଣାଇବା ପାଇଁ ଗ୍ରାମବାସୀ ଗାଁ ଛାଡ଼ି ନବରଙ୍ଗପୁର ଚାଲିଯାଇଥିଲେ। ରବିବାର ଉଭୟ ପକ୍ଷଙ୍କୁ ଏକାଠି କରି ମାମଲାର ସମାଧାନ କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ନିଜ ଆଡୁ ତଦନ୍ତ କରିବ ବୋଲି କହିଛି। ଘଟଣା ନେଇ ବନ ସୁରକ୍ଷା ସମିତି ସଦସ୍ୟ ଗଙ୍ଗାଧର ମାଝି, ପୂର୍ଣ୍ଣ ଗଣ୍ଡଙ୍କୁ ପଚାରିବାରୁ ଜମିରେ ଗୋରୁ ଛାଡ଼ି ମକା ଫସଲ ନଷ୍ଟ କରାଯାଇଥିବା ସ୍ୱୀକାର କରିଛନ୍ତି। ତେବେ ଘର ପୋଡ଼ି ଦେଇଥିବା ଅଭିଯୋଗ ମିଛ ବୋଲି କହିଛନ୍ତି।

# ଡଙ୍ଗରିଆ ପାଳିଲେ ଅମୃତ ମହୋତ୍ସବ

**ବିଷମକଟକ, ୧୩।୮ (ଡି.ଏନ.ଏ.)**

ସାରା ଓଡ଼ିଶାରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରତ୍ୟେକ ସ୍କୁଲ ,କାର୍ଯ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ରାୟଗଡା ଜିଲା ବିଷମକଟକ ବ୍ଲକର ନିୟମଗିରି ପାହାଡରେ ଥିବା କୁର୍ଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଛନ୍ତି। ସେମାନଙ୍କ ପାଖରେ ମଧ୍ୟ ଜାତୀୟ ପତାକା ପହଞ୍ଚିଛି। ପାହାଡ଼ରେ ଥିବା ସପୁରୀ, ହଳଦୀ ବାଡ଼ ସମେତ ପ୍ରତ୍ୟେକ ଘରେ ମଧ୍ୟ ତ୍ରିରଙ୍ଗା ପତାକା ଉଡୁଥିବା ଦେଖିବାକୁ ମିଳିଛି।




ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୪ ଅଗଷ୍ଟ, ୨୦୨୨

**ଆଜିର ମନ୍ତବ୍ୟ**

" କାହାରିକୁ ପ୍ରଶ୍ନ କରିବାର ସ୍ୱାଧୀନତା ବି ଆଉ ନାହିଁ। କ'ଣ ଆମେ ପୁଣି ପରାଧୀନ ହେବାକୁ ଯାଉଛେ। ଅମୃତ ମହୋତ୍ସବ 'ଅମୃତ' ହେବା ଉଚିତ, 'ମୃତ' ଗଣତନ୍ତ୍ର ନୁହେଁ। **-ଉଦ୍ଧବ ଠାକ୍‌ରେ, ଶିବସେନା ମୁଖ୍ୟ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ...............................


ରାମଚନ୍ଦ୍ର
ପରିବାରବର୍ଗ


ଇରମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଙ୍କିପକ୍ସ ଟିକା ପ୍ରସ୍ତୁତି ଦୌଡ଼ରେ ୮ କମ୍ପାନୀ

**ସଂକ୍ରମିତଙ୍କ ସଂଖ୍ୟା ୧୦**

ନୂଆଦିଲ୍ଲୀ,୧୩।୮: ଦିଲ୍ଲୀରେ ଜଣେ ୨୨ ବର୍ଷୀୟା ଆଫ୍ରିକୀୟ ଯୁବତୀ ମଙ୍କିପକ୍ସ ଆକ୍ରାନ୍ତ ଥିବା ପରୀକ୍ଷାରୁ ଜଣାପଡ଼ିଛି। ସେ ମାସେ ପୂର୍ବରୁ ନାଇଜେରିଆ ଯାଇଥିଲେ। ତାଙ୍କୁ ଦୁଇ ଦିନ ପୂର୍ବରୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ମିଶାଇ ଜାତୀୟ ରାଜଧାନୀରେ ମଙ୍କିପକ୍ସ ସଂକ୍ରମିତଙ୍କ ସଂଖ୍ୟାରେ ୫ରେ ପହଞ୍ଚିଥିବାବେଳେ ଦେଶରେ ୧୦ ହୋଇଛି। ମଙ୍କିପକ୍ସ ଟିକା ଉତ୍ପାଦନ ଲାଗି ଅନୁମତି ପାଇଁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍‌)କୁ ବିଭିନ୍ନ କମ୍ପାନୀଠାରୁ ୩୧ଟି ବିଡ୍ ମିଳିଛି। ୮ ଟିକା କମ୍ପାନୀ ଭାରତରେ ମଙ୍କିପକ୍ସ ଟିକାର ବିକାଶ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟ ୨୩ଟି ସଂସ୍ଥା ଭୂତାଣୁ ଚିହ୍ନଟ କିଟ୍ ଉତ୍ପାଦନ କରିବାକୁ ଚାହୁଁଛନ୍ତି।

# ଚାଇନା ଜାହାଜକୁ ପ୍ରବେଶ ଅନୁମତି ଦେଲା ଶ୍ରୀଲଙ୍କା

କଲମ୍ବୋ,୧୩।୮: ଭାରତର ଉଦ୍‌ବେଗ ସତ୍ତ୍ୱେ ଚାଇନାର ବିବାଦୀୟ ରିସର୍ଚ୍ଚ ଜାହାଜକୁ ଶ୍ରୀଲଙ୍କା ଶନିବାର ଏହାର ବନ୍ଦରରେ ପ୍ରବେଶ ଲାଗି ଅନୁମତି ଦେଇଛି। ଉକ୍ତ ଜାହାଜ ଭାରତର ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଗୋପନ ତଥ୍ୟ ସଂଗ୍ରହ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଅନ୍ତର୍ଜାତୀୟ ଶିପିଙ୍ଗ ଆଣ୍ଡ ଆନାଲିଟିକ୍ସ ସାଇଟ୍‌ରେ 'ୟୁଆଙ୍ଗ ୱାଙ୍ଗ ୫'କୁ ଏକ ରିସର୍ଚ୍ଚ ଆଣ୍ଡ ସର୍ଭେ ଜାହାଜ ଭାବେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଭାରତୀୟ ଗଣମାଧ୍ୟମ ଏହାକୁ ଦ୍ୱୈତ ବ୍ୟବହୃତ ଗୁପ୍ତଚର ଜାହାଜ ବୋଲି କହୁଛନ୍ତି। ଭାରତ ମହାସାଗରରେ ବେଜିଂର ଉପସ୍ଥିତି ବୃଦ୍ଧି ଏବଂ ଚାଇନା ଉପରେ ପ୍ରଭାବ ବିସ୍ତାରକୁ ନେଇ ନୂଆଦିଲ୍ଲୀ ସନ୍ଦେହ ପ୍ରକଟ କରିଛି। ଶ୍ରୀଲଙ୍କାରେ ଚାଇନା ପରିଚାଳିତ ହମ୍ବାଟୋଟା ବନ୍ଦରରେ ଗତ ୧୧ ତାରିଖରେ ୟୁଆଙ୍ଗ ୱାଙ୍ଗ୫ରେ ପ୍ରବେଶ କରିବାର ଥିଲା। ତେବେ ଭାରତର ପ୍ରତିବାଦ ଯୋଗୁ ବେଜିଂ ଏହାର ପ୍ରବେଶକୁ ବିଳମ୍ବିତ କରିଥିବା କୁହାଯାଉଛି। ଅଗଷ୍ଟ ୧୬ରୁ ୨୨ ମଧ୍ୟରେ ଉକ୍ତ ଜାହାଜ ହମ୍ବାଟୋଟା ବନ୍ଦରରେ ପ୍ରବେଶ କରିବା ଲାଗି ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରଣାଳୟର ମଞ୍ଜୁରୀ ପାଇଥିବା ସେଠାକାର ହାର୍ବୋର ମାଷ୍ଟର ନିର୍ମଳ ପି. ସିଲ୍‌ଭା କହିଛନ୍ତି।

# ସମୀର ୱାଙ୍ଖଡେଙ୍କୁ କ୍ଲିନ୍‌ଚିଟ୍



**ମୁମ୍ବାଇ,୧୩।୮**

ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମୁମ୍ବାଇର ପୂର୍ବତନ ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡେ ସରକାରୀ ଚାକିରି ପାଇଁ ଜାଲ୍ ଜାତି ପ୍ରମାଣପତ୍ର ଦେଇଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରୁଥିବା ଜାତି ଯାଞ୍ଚ କମିଟି ଶନିବାର ୱାଙ୍ଖଡେଙ୍କୁ କ୍ଲିନ୍‌ଚିଟ୍ ଦେଇଛି। ମହାରାଷ୍ଟ୍ର ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛି। ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସର ୱାଙ୍ଖଡେ ମୁସଲମାନ ନୁହନ୍ତି, ସେ ମାହାର ଜାତିର ବୋଲି ପ୍ରମାଣିତ ହୋଇଛି, ଯାହା ଏକ ଅନୁସୂଚିତ ଜାତି ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲିକ ୱାଙ୍ଖଡେଙ୍କ ଜାତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ତାଙ୍କ ବିରୋଧରେ ଏକାଧିକ ରାଜନେତା ଅଭିଯୋଗ ଦାଏର କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଏକାଦଶ ଚନ୍ଦ୍ର ପ୍ରଭାବରେ ଆଜି ଯାହା ଚାହୁଁଛନ୍ତି ତାହା ସହଜ ଓ ସୁବିଧାରେ ପାଇଯିବେ। କର୍ମ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଯାତ୍ରା କିମ୍ବା କଠୋର ପରିଶ୍ରମଜନିତ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରି ପାରନ୍ତି। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

**ବୃଷ** ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ, ଲେଖାପଢ଼ା, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଦ୍ୱାଦଶରେ ରାହୁ ଥିବାରୁ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ** ବହୁତ ଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ସହକର୍ମୀଙ୍କ ସହଯୋଗ ପାଇ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। କର୍ମଭାବରେ ଗୁରୁ ହେତୁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି ହୋଇପାରେ।

**ସିଂହ** ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ, ମାତ୍ର କଠିନ ପରିଶ୍ରମଜନିତ କ୍ଲାନ୍ତି ବୋଧ କରିବେ। ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ମଙ୍ଗଳଙ୍କ ପ୍ରଭାବରୁ କାର୍ଯ୍ୟ ହାସଲରେ ସମର୍ଥ ହେବେ, କିନ୍ତୁ ପାରିବାରିକ ସ୍ଥିତି ପୂର୍ବ ଭଳି ରହିବ।

**କନ୍ୟା** କୌଣସି ଖଳ ଲୋକଙ୍କ କଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ହଇରାଣ ହେବାକୁ ପଡିପାରେ। ଲାଭ ଭାବରେ ଶୁକ୍ର ଥିବାରୁ ହଠାତ୍ ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ବିଦେଶରେ ଥିବା ସନ୍ତାନଙ୍କଠାରୁ ସୁଖର ପାଇବେ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଅର୍ଥ ଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା** ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ନିଜ ପରିସରରେ ବନ୍ଧୁଙ୍କ ଦ୍ୱାରା ସଭାରେ ପ୍ରଶଂସିତ ହେବେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପଡ଼ୋଶୀମାନେ ଈର୍ଷାପରାୟଣ ହୋଇ ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ପାଖରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନଚେତ୍ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଦୂର ବନ୍ଧୁ ଆଜି ଆସିପାରନ୍ତି।

**କୁମ୍ଭ** ବହୁ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ, ଆଜି ତାହା ଅତି ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କାମ ହାସଲ କରିବେ। ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। କିନ୍ତୁ ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।


# classifieds Everyday
0674-2580101, 2549302




**BRIDE WANTED**

Suitable bride require for brahmin groom for details contact: 7978409094. D-73714

**GROOM WANTED**

Wanted suitable Bengali/Odia groom for my daughter, 5'3", 38y, Assistant Professor. Contact- 8249848300. D-1253

**GROOM wanted for 26yrs goodlooking MBBS doctor Khyatriya girl from highly reputed Odia family. Goodlooking groom from well-mannered and cultured Odia family IAS/ IPS/ IFS / IFoS / Allied services / Good employed PG Doctors below 30yrs age may send details to: dulcybbsr2022@gmail.com.** D-73343

America ଫେରନ୍ତା 47 ବୟସ୍କା Widow କରଣ ଚାକିରିଆ ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 6371298869. D-1254

**Alliance for pretty Oriya girl 27/5'4" B.Tech,MBA in TCS, BBSR. Father in PSU, Boy should be in MNC/IT Co at BBSR/ Metro. Caste no bar. Mob: 9910041122.** D-1258




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

3BHK 1660sqft. 4th Floor at Palm Heights opposite Sum Hospital. Call- 7205072051. D-71652

**One Multi Snacks A/C Showroom with running condition sale with all infra and stocks, Kalinga Vihar, Bhubaneswar. 7894022662 (*Approx- 9lakhs).** D-1226

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73950

2BHK flat 1265sqft. 2Bath, 2Balcony, Pujaroom, very near GuruNanak Public & Venketeswar School & Saraswati Sisu Mandira at Gudiapokhari Chhaka. 9437562371. D-73713

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1143

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

Buy/Sale. Triplex 18000sqft. Pandra- 6,50,00,000/-, 4BHK Duplex Jharpada- 1,50,00,000/-, Balianta- 79,00,000/-, Pada Sahi-75,00,000/- .3BHK Apartment Patia-90,00,000/-. Land30000sqft. Jaanla- 6,00,00,000/, Patia-2900, Patrapada-1800, Pahala-1800. 8984071303. D-1251

**ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone- sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787.** D-73290

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116




Newly open SPA positively health benefit with expert. Contact: 7749976301. D-73854

Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

**AFFIDAVIT**

By virtue of an affidavit before Notary Public, Bhubaneswar, on 08.08.2022. I Mamata Sahoo, D/o- Jaladhara Sahoo, residing at/- Plot No-240/78, Lane No-7, Aerodrome Area, Bhubaneswar, Odisha, declare that My actual name is Mamata Sahoo. But my name has been mentioned Mamata Kumari Sahoo. So that Mamata Sahoo and Mamata Kumari Sahoo are one & same person. Hence I will be known as Mamata Sahoo for all purpose.
Sd./- Mamata Sahoo
D-61943

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖର ଲୋକ ମେଳ**
**ଖଣ୍ଟ ସଙ୍ଗେ ଗୋଳ**
**ଖଣ୍ଡିଆ କଟୁରି, ହାଣ୍ଡିଶାଳ ଗୁହାଳ**
**ସଖୀ ଗୋ ମନ୍ଦ ଏ।**

ଦୁଷ୍ଟବ୍ୟକ୍ତିଙ୍କ ସହ ମିତ୍ରତା କଲେ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡ଼ିଥାଏ। ଖଣ୍ଟ ବ୍ୟକ୍ତିଙ୍କ ସହ ଶତ୍ରୁତା ବା କଳି ଝଗଡା ଜୀବନ ପ୍ରତି ଭୟ ସୃଷ୍ଟି କରାଇଥାଏ। ଖଣ୍ଡିଆ କଟୁରି କୌଣସି କାମକୁ ଯୋଗ୍ୟ ହୋଇ ନ ଥାଏ। ସେହିପରି ହାଣ୍ଡିଶାଳ ବା ରୋଷେଇ ଘର ଗୁହାଳ ପରି ଅପରିଚ୍ଛନ୍ନ ହେବା ବଡ଼ ଅଶୁଭ ହୋଇଥାଏ। ତେଣୁ ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଖଜୁରି ଗଛର କି ଗୁଣ ଗାଇବି**
**ମୂଳରୁ ପାହାଚ ପାହାଚ।**

ମୂଳରୁ ଚୂଳ ଯାଏ ଦୋଷରେ ଭରା, ସବୁ ପ୍ରକାର ଖରାପ କାର୍ଯ୍ୟରେ ଲିପ୍ତ। ବହୁ ଦୋଷ ଦୁର୍ଗୁଣରେ ପରିପୂର୍ଣ୍ଣ ହୋଇଥିବା ବ୍ୟକ୍ତିର ଗୋଟିଏ ଦୋଷ ଦୁର୍ବଳତା ପ୍ରତି ଟିପ୍ପଣୀ ଦେବା ବା ଅଙ୍ଗୁଳି ଦେଖାଇବା ନିରର୍ଥକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ଛତିଶଗଡ଼ କହୁଛି ...

ସେହିପରି ଲଗାଣ ବର୍ଷା ଯୋଗୁ ବୈତରଣୀ ଓ ଜଳକା ନଦୀର ଜଳସ୍ତର ମଧ୍ୟ ବଢ଼ୁଛି। ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ଦିଆଯାଇଛି। ସତର୍କ ରହି ନିର୍ଦ୍ଦେଶ ମୁତାବକ କାମ କରିବାକୁ କୁହାଯାଇଛି।

ଇଆଇସି କହିଛନ୍ତି, ଯଦି ମହାନଦୀର ଉପର ମୁଣ୍ଡରେ ଆଉ ଅଧିକ ବର୍ଷା ହୁଏ ତେବେ ମଧ୍ୟମ ଧରଣର ବନ୍ୟା ଆସିପାରେ। ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍ ଉପରେ ଚାପ ପଡୁଛି। ହୀରାକୁଦରେ ଅଧିକ ଗେଟ୍ ଖୋଲିବା ପାଇଁ ଛତିଶଗଡ଼ର ଜଳସମ୍ପଦ ବିଭାଗ ଅଧିକାରୀମାନେ ଚାପ ପକାଉଛନ୍ତି। ୧୫ ତାରିଖ ସକାଳ ୮ଟା ସୁଦ୍ଧା ବନ୍ୟା ଜଳ ମୁଣ୍ଡଳି ଅତିକ୍ରମ କରିବ। ଏହି ସମୟରେ ସେଠାରେ ପ୍ରତି ସେକେଣ୍ଡରେ ୭ ଲକ୍ଷରୁ ୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହୋଇପାରେ। ୨୮ଟିରୁ ଅଧିକ ଗେଟ୍ ଖୋଲାହେଲେ ସାଧାରଣତଃ ବନ୍ୟା ଆଶଙ୍କା କରାଯାଇଥାଏ। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ତଳମୁଣ୍ଡରେ ଥିବା ଗ୍ରାମଗୁଡ଼ିକୁ ସତର୍କ କରାଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ଜିଲା ପ୍ରଶାସନଙ୍କୁ କୁହାଯାଇଛି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ପ୍ରଭାବିତ ହେବାକୁ ଥିବା ଜିଲାକୁ ପଠାଯାଉଛି।

ଭଦ୍ରକର ଆଖୁଆପଦାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ଏହା ୧୮.୦୪ ମିଟରରେ ପ୍ରବାହିତ ହେଉଛି। ସେଠାରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ସେହିପରି ଜଳକା ନଦୀର ମଥାନୀଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ଏହା ୬.୩୧ ମିଟରରେ ପ୍ରବାହିତ ହେଉଛି। ମହାନଦୀର ନରାଜଠାରେ ବିପଦ ସଙ୍କେତ ସ୍ତର ୨୬.୪୧ ମିଟର ଥିବାବେଳେ ବନ୍ୟା ଜଳ ୨୪.୪୭ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଆଳିପିଙ୍ଗଳରେ ମହାନଦୀର ବିପଦ ସଙ୍କେତ ୧୧.୭୬ ମିଟର ଥିବାବେଳେ ବର୍ତ୍ତମାନ ଏହା ୬.୭ ମିଟରରେ ପ୍ରବାହିତ ହେଉଛ। ସୁନ୍ଦରଗଡ଼ ଇବ୍‌ନଦୀରେ ମଧ୍ୟ ବନ୍ୟାଜଳ ବୃଦ୍ଧି ପାଉଛି। ସେହି ନଦୀର ବିପଦ ସଙ୍କେତ ସ୍ତର ୨୨୨ ମିଟର ଥିବା ବେଳେ ବନ୍ୟାଜଳ ୨୧୮.୧୮ ମିଟରରେ ପ୍ରବାହିତ ହେଉଛି। ସେହିପରି ସୁବର୍ଣ୍ଣରେଖା ନଦୀର ଜାମଶୋଳାଘାଟ ଓ ରାଜଘାଟଠାରେ ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ଋଷିକୁଲ୍ୟା ନଦୀର ପୁରୁଷୋତ୍ତମପୁରଠାରେ ବନ୍ୟା ପାଣି ଫୁଲିବାରେ ଲାଗିଛି। ବଂଶଧାରାର କାଶୀନଗରଠାରେ ମଧ୍ୟ ବନ୍ୟାଜଳ ବୃଦ୍ଧି ପାଇ ଚାଲିଛି। ଦୁର୍ବଳ ନଦୀବନ୍ଧ ଉପରେ କଡ଼ାକଡ଼ି ଭାବେ ନଜର ରଖିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇଛି। ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

### ହୀରାକୁଦର ୩୪ ଗେଟ୍‌ରେ ଜଳ ନିଷ୍କାସନ

ହୀରାକୁଦ ଜଳଭଣ୍ଡାରରୁ ଶନିବାର ସନ୍ଧ୍ୟା ୭ଟା ସୁଦ୍ଧା ୩୪ ଗୋଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗେଟ୍ ସଂଖ୍ୟା ବୃଦ୍ଧି କରାଯାଇଛି। ରିପୋର୍ଟ ଅନୁସାରେ ଜଳଭଣ୍ଡାରରେ ଜଳସ୍ତର ୬୧୭.୦୬ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୪ଲକ୍ଷ ୬୮ ହଜାର ୧୭ କ୍ୟୁସେକ ଜଳ ପ୍ରବେଶ କରୁଛି। ସ୍ପିଲ୍‌ୱେ, ପାୱାର ଚାନେଲ, କୃଷି, ଶିଳ୍ପ ଆଦି କ୍ଷେତ୍ରକୁ ୪ଲକ୍ଷ ୯୯ ହଜାର ୭୫୦ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳଭଣ୍ଡାର ତଳ ମୁଣ୍ଡ ବେଲଗାଁରେ ୨୫ ହଜାର କ୍ୟୁସେକ, ପର୍ଥଲାରେ ୭୯ହଜାର ୫୫୩, ଖଇରମାଳରେ ୫ଲକ୍ଷ ୪୧ହଜାର, ବରମୁଲାରେ ୫ଲକ୍ଷ ୨ହଜାର ୫ଶହ, ମୁଣ୍ଡଳୀରେ ୩ଲକ୍ଷ ୪୨ହଜାର ୩୦୯ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ୩ବର୍ଷ ହେଲା ବସିନି ଜଳ ...

ନେଇ ମନ୍‌ସୁନ୍ ପୂର୍ବରୁ ସାଧାରଣ ବୈଠକ ହୁଏ। ହେଲେ ୩ବର୍ଷ ହେଲା ବୈଠକ ହୋଇପାରିନାହିଁ। ଏବେ ଛତିଶଗଡ଼ରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଛତିଶଗଡ଼ରେ ଡ୍ୟାମ ଓ ବ୍ୟାରେଜଗୁଡ଼ିକର ଗେଟ୍ ଖୋଲା ଅଛି। ହୀରାକୁଦ ଜଳଭଣ୍ଡାରକୁ ମାତ୍ରାଧିକ ବନ୍ୟାଜଳ ପ୍ରବେଶ କରୁଛି। ସମ୍ବଲପୁର ଓ ହୀରାକୁଦ ଜଳଭଣ୍ଡାର ତଳି ଅଞ୍ଚଳରେ ବର୍ଷାର ପରିମାଣ ବଢ଼ି ଚାଲିଛି। ଏଭଳି ପରିସ୍ଥିତିରେ ଛତିଶଗଡ଼ ଜଳସମ୍ପଦ ଅଧିକାରୀ ହୀରାକୁଦ ଡ୍ୟାମ୍‌ର ଅଧିକ ଗେଟ୍ ଖୋଲିବା ପାଇଁ ଚାପ ପକାଉଛନ୍ତି। ଜଳଭଣ୍ଡାର ତଳି ଅଞ୍ଚଳ ଲୋକଙ୍କ ପାଇଁ ବିପଦ ରହିଛି। ଆସନ୍ତା ୨୨ ତାରିଖରେ ସିଡବ୍ଲ୍ୟୁସି ପକ୍ଷରୁ ଏକ ବୈଠକ କରିବା ପାଇଁ ପୁଣି ଉଭୟ ସରକାରଙ୍କୁ ଚିଠି କରାଯାଇଛି। ଛତିଶଗଡ଼ ସରକାରଙ୍କ ଅବହେଳା ଓ ଦାୟିତ୍ୱହୀନତା ପାଇଁ ସେଠାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ହୀରାକୁଦ ଜଳଭଣ୍ଡାର ଜଳ ପରିଚାଳନାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଏବେ ଜଳଭଣ୍ଡାରରେ ୪୫ ପ୍ରତିଶତ ଖାଲି ରହିଛି।

### ଓଡ଼ିଶାର ୩ ସ୍ଥାନକୁ ...

ପ୍ରଜାତିର ପକ୍ଷୀ, ୬୧ ପ୍ରଜାତିର ମାଛ, ୨୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାଆନ୍ତି। ହ୍ରଦ ପାର୍ଶ୍ୱରେ ସବୁଜ ବାଉଁଶ ଗଛ ଏବଂ ଆମ୍ବ ଗଛ ଏହାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଇଥାଏ। ସେହିପରି ସମ୍ବଲପୁରରେ ଅବସ୍ଥିତ ହୀରାକୁଦ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ୧୯୪୭ରେ ଆରମ୍ଭ ହୋଇ ୧୯୫୭ରେ ଖୋଲିଥିଲା। ୬୫,୪୦୦ ହକ୍ଟର ପରିମିତ ଏହି ଜଳଭଣ୍ଡାରରେ ୫୪ ପ୍ରଜାତିର ମାଛ ମିଳେ। ବିପଦରେ ଥିବା ଗୋଟିଏ ପ୍ରଜାତିର ମାଛ ଏବଂ ବିପଦମୁହାଁ ଥିବା ୬ ପ୍ରଜାତିର ମାଛ ଏଠାରେ ରହିଛନ୍ତି। ସେହିପରି ଅର୍ଥନୈତିକ ଗୁରୁତ୍ୱ ବହନ କରୁଥିବା ୨୧ ପ୍ରଜାତିର ମାଛ ମିଳେ। ବର୍ଷକୁ ଏଠାରୁ ୪୮୦ ମିଲିୟନ ଟନ୍ ମାଛ ଧରାହୋଇଥାଏ। ଏହା ଉପରେ ନିର୍ଭର କରି ପ୍ରାୟ ୭ ହଜାର ମତ୍ସ୍ୟଜୀବୀ ପରିବାର ଜୀବିକା ନିର୍ବାହ କରନ୍ତି। ସେହିଭଳି ବ୍ରହ୍ମପୁର ଛତ୍ରପୁରରେ ରହିଛି ତାମ୍ପରା ହ୍ରଦ। ୩୦୦ ହେକ୍ଟର ପରିମିତ ଏହି ହ୍ରଦରେ ପ୍ରାୟ ୬୦ ପ୍ରଜାତିର ପକ୍ଷୀ, ୪୬ ପ୍ରଜାତିର ମାଛ ସହ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଦେଖାଯାଆନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଲେକ୍ ଭ୍ୟୁ ପାର୍କ, ବୋଟିଂ, ୱାଟର ସ୍ପୋର୍ଟ୍ସ, ରେଷ୍ଟୁରାଣ୍ଟ୍, ରିସୋର୍ଟ ଆଦି ରହିଛି।

ରାମସର୍ ମାନ୍ୟତା ପାଇଥିବା ଦେଶର ଅନ୍ୟ ୮ଟି ସ୍ଥଳଗୁଡ଼ିକ ହେଲା ମଧ୍ୟପ୍ରଦେଶର ଯଶୱନ୍ତ ସାଗର, ତାମିଲନାଡୁର ଚିତ୍ରଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ, ସୁଚିନ୍ଦ୍ରମ ଥେରୁର ୱେଟ୍‌ଲାଣ୍ଡ କମ୍ପ୍ଲେକ୍ସ, ବଦୁଭୂର ପକ୍ଷୀ ଅଭୟାରଣ୍ୟ ଓ କଞ୍ଜିରଙ୍କୁଲମ ପକ୍ଷୀ ଅଭୟାରଣ୍ୟ, ମହାରାଷ୍ଟ୍ରର ଥାଣେ କ୍ରିକ୍ ଏବଂ ଜମ୍ମୁ ଓ କଶ୍ମୀରର ହାଇଗମ ଆର୍ଦ୍ରଭୂମି ଓ ଶାଲବଗ ଆର୍ଦ୍ରଭୂମି। କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଏହି ନୂତନ ୧୧ ସ୍ଥାନକୁ ମିଶାଇଲେ ଦେଶରେ ରାମସର୍ ସ୍ଥଳ ସଂଖ୍ୟା ୭୫ରେ ପହଞ୍ଚିଛି। ୧୯୮୨ରୁ ୨୦୧୩ ମଧ୍ୟରେ ୨୬ଟି ରାମସର୍ ସ୍ଥଳ ରହିଥିଲା। ୨୦୨୨ରେ କେବଳ ୨୮ଟି ସ୍ଥଳକୁ ରାମସର୍ ମାନ୍ୟତା ଦିଆଯାଇଛି। ଦେଶ ଏବେ ସ୍ୱାଧୀନତାର ୭୫ ବର୍ଷ ପାଇଁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବାବେଳେ କେନ୍ଦ୍ର ସରକାର ରାମସର୍ ସ୍ଥଳ ସଂଖ୍ୟା ବୃଦ୍ଧି କରିଛନ୍ତି। ନୂତନ ରାମସର୍ ସ୍ଥଳର ମୋଟ କ୍ଷେତ୍ରଫଳ ହେଉଛି ୭୬,୩୧୬ ହେକ୍ଟର। ରାମସର୍ ତାଲିକାରେ ସାମିଲ ହେବାପରେ ଏସବୁ ଆର୍ଦ୍ରଭୂମିର ସଂରକ୍ଷଣ ଓ ପରିଚାଳନା ସମେତ ସମ୍ପଦର ସୁବିନିଯୋଗ ସମ୍ଭବ ହୋଇପାରିବ। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଦେଶରେ ୧୦ଟି ଆର୍ଦ୍ରଭୂମି ରାମସର୍ ମାନ୍ୟତା ପାଇଥିଲା। ଯେଉଁଥିରେ ଓଡ଼ିଶାର ଅନୁଗୋଳ ଜିଲାର ସାତକୋଶିଆ ଗଣ୍ଡ ସ୍ଥାନ ପାଇଥିଲା।

## ସଂକ୍ଷେପରେ

### ମିଳିଲା ନିଖୋଜ ବ୍ୟାଙ୍କ ଅଧିକାରୀଙ୍କ ମୃତଦେହ

#### ଲଛିପୁରସ୍ଥିତ ଅଙ୍ଗନଦୀ କୂଳରୁ ଠାବ

**ସୋନପୁର,୧୩ା୮(ନି.ପ୍ର.):** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ କୃଷି ଅଧିକାରୀ ଦିବ୍ୟରଞ୍ଜନ ମିଶ୍ର(୩୮)ଙ୍କ ଗଳିତ ମୃତଦେହ ଶନିବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ଲଛିପୁରସ୍ଥିତ ଅଙ୍ଗନଦୀ କଳରୁ ଜବତ କରାଯାଇଛି। ନିଖୋଜର ୬୬ଘଣ୍ଟା ପରେ ଓଡ୍ରାଫ୍ ଟିମ୍ ବ୍ୟାଙ୍କ ଅଧିକାରୀ ମିଶ୍ରଙ୍କ ମୃତଦେହ ଠାବ କରିଥିଲା। ଡୁଙ୍ଗୁରିପାଲି ଥାନାରେ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ତେବେ କେଉଁ କାରଣରୁ ସେ ନଦୀକୁ ଡେଇଁ ଆତ୍ମହତ୍ୟା କଲେ ତଦନ୍ତ କରାଯିବ ବୋଲି ଡୁଙ୍ଗୁରିପାଲି ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ବଲାଙ୍ଗୀର ସହର ଶାନ୍ତିପଡାର ଦିବ୍ୟରଞ୍ଜନ ବରଗଡ ଜିଲା ବରପାଲିସ୍ଥିତ ପିଏନ୍‌ବିର କୃଷି ଅଧିକାରୀଭାବେ କାର୍ଯ୍ୟ କରୁଥିଲେ। ଗତ ବୁଧବାର ସେ ବ୍ୟାଙ୍କ କାର୍ଯ୍ୟରେ ବିନିକାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିବା ଫୋନରେ ସ୍ତ୍ରୀଙ୍କୁ ଜଣାଇଥିଲେ। ପରେ ରିଂଗ ହେଉଥିଲେ ବି ସେ ଫୋନ ଉଠାଉ ନ ଥିଲେ। ରାତି ୭ଟା ୪୫ ପରେ ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ ହୋଇଯାଇଥିଲା।

### ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧.୭ ଲକ୍ଷ ମାମଲା ଫଇସଲା

କଟକ ଅଫିସ, ୧୩ା୮: ରାଜ୍ୟର ୩୦ ଜିଲା କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଏବଂ ଓଏସ୍‌ଏଲ୍‌ଏସ୍‌ଏ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଜଷ୍ଟିସ୍ ଯଶୱନ୍ତ ସିଂଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଲୋକ ଅଦାଲତରେ ଜିଲା ତଥା ତାଲୁକସ୍ତରୀୟ ୩ ଲକ୍ଷ ୧୦ ହଜାର ୮୫୮ ମାମଲା ବିଚାର ପାଇଁ ନିଆଯାଇଥିଲା। ସେଥିରୁ ୧ ଲକ୍ଷ ୭୦ ହଜାର ୨୧୭ ମାମଲାର ଫଇସଲା କରାଯାଇଥିଲା। ସେହିପରି ଅନ୍ୟ ଟ୍ରିବ୍ୟୁନାଲର ୧୬ଟି ବିବାଦ ଫଇସଲା ହୋଇଥିଲା। ମୋଟ୍ ୧ ଲକ୍ଷ ୭୦ ହଜାର ୨୩୩ ମାମଲାର ବିଚାର କରାଯାଇ କ୍ଷତିପୂରଣ ବାବଦକୁ ୧୧୯ କୋଟି ୮୫ ଲକ୍ଷ ୪୩ ହଜାର ୭୩୩ ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ମାମଲାଗୁଡ଼ିକ ମଧ୍ୟରେ ୨୫ହଜାର ୮୧୭ ଫୌଜଦାରି, ୧୨୩୬ ଚେକ୍ ବାଉନ୍ସ, ୩୨୩୩ ବ୍ୟାଙ୍କ ଲୋନ୍, ୬୦୮ ବିବାହ ସମ୍ପର୍କିତ, ଗୋଟିଏ ଭୂମି ଅଧିଗ୍ରହଣ, ୨୫ଟି ବିଦ୍ୟୁତ୍ ଓ ପାଣି, ୧୪ ଚାକିରି ସମ୍ବନ୍ଧୀୟ, ୩୦ ଶ୍ରମ ଓ ନିଯୁକ୍ତି ବିବାଦ, ୫୧୮୫୫ ରାଜସ୍ୱ, ୧୪୨୧ଟି ଅନ୍ୟ ସିଭିଲ ମାମଲା ଆଦି ରହିଛି।



ନବୀନ ନିବାସରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମିଶନ ଶକ୍ତି ସଦସ୍ୟାମାନେ।

# ୩୦ ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତ କଲା ମିଶନ ଶକ୍ତି

ଭୁବନେଶ୍ୱର,୧୩ା୮(ବ୍ୟୁରୋ)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଜୋରଦାର ହେବାରେ ଲାଗିଛି। ଅଗଷ୍ଟ ୧୩ରୁ ୧୫ ମଧ୍ୟରେ ସମସ୍ତ ଘର ଏବଂ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି। ଶନିବାର ମିଶନ ଶକ୍ତି ସ୍ୱୟଂ ସହାୟକ ଓ ଉତ୍ପାଦକ ଗୋଷ୍ଠୀର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ହାତ ତିଆରି ଜାତୀୟ ପତାକା ପ୍ରଦାନ କରିବା ସହ ସେମାନଙ୍କ ଉପରେ ଭରସା ରଖି ଏଭଳି ଏକ ବିଶାଳ ଦାୟିତ୍ୱ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି। ୭୬ତମ ସ୍ୱାଧୀନତା ଦିବସ ଅବସରରେ ରାଜ୍ୟର ସମସ୍ତ ସରକାରୀ, ଘରୋଇ ଅନୁଷ୍ଠାନ, ସଂସ୍ଥା ଆଦିରେ ଜାତୀୟ ପତାକା ଉଡ଼ିବ। ମିଶନ ଶକ୍ତି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଯୋଗାଇ ଦିଆଯାଇଥିବା ଜାତୀୟ ପତାକା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏଥିରେ ସେମାନଙ୍କ ନିଷ୍ଠା, ଆନ୍ତରିକତା ଏବଂ ପର୍ଯ୍ୟାପ୍ତ ଶ୍ରଦ୍ଧା ଭରିରହିଛି ବୋଲି ସଦସ୍ୟାମାନେ କହିଛନ୍ତି।

#### ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା

ଓଡ଼ିଶାରେ ମିଶନ ଶକ୍ତି ସଦସ୍ୟାମାନଙ୍କ ଔଦ୍ୟୋଗିକ ସାମର୍ଥ୍ୟ ଉପରେ ସମ୍ପୂର୍ଣ୍ଣ ଆସ୍ଥା ପ୍ରକଟ କରିବା ସହ ସେମାନଙ୍କ ପାଖରେ ଥିବା ସିଲାଇ ୟୁନିଟଗୁଡ଼ିକର ପୂର୍ଣ୍ଣ ଉପଯୋଗ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩୦ ଲକ୍ଷ ଜାତୀୟ ପତାକା ସିଲାଇ କରିବାର ଗୁରୁଦାୟିତ୍ୱ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଗ୍ରାମ ଏବଂ ସହରରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଗୋଷ୍ଠୀ ସଂଗଠିତ ହୋଇପାରିଛନ୍ତି। ଅଗଷ୍ଟ ୧୦ ତାରିଖ ସୁଦ୍ଧା ଏହି ସଦସ୍ୟାମାନଙ୍କ ଦ୍ୱାରା ତିଆରି ହୋଇଥିବା ପତାକାଗୁଡ଼ିକ ପ୍ରତ୍ୟେକ ଜିଲାରୁ ସଂଗୃହୀତ ହୋଇ ବଣ୍ଟନ ଆରମ୍ଭ କରାଯାଇଥିଲା। ପତାକା ତିଆରିର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଥିବା ବେଳେ ଏହି ତ୍ରିରଙ୍ଗାଗୁଡ଼ିକ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ବିନା ଦେୟରେ ବଣ୍ଟନ କରାଯାଇଛି।

# ୨୦୨୭ ସୁଦ୍ଧା ନୂଆ ୬ ବିମାନବନ୍ଦର

ଯାଜପୁର ଅଫିସ,୧୩ା୮

- ୬ ନୂତନ ରେଳପଥ ନିର୍ମାଣ ପ୍ରସ୍ତାବ
- ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ରେଳପଥ ଆଶା ଉଜ୍ଜୀବିତ
- ୬୩୬୭.୩୪ କୋଟି ଟଙ୍କା ବ୍ୟୟ ଅଟକଳ

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟରେ ୬ଟି ଲେଖାଏ ବିମାନବନ୍ଦର ଏବଂ ରେଳ ପ୍ରକଳ୍ପର ନୂତନ କାର୍ଯ୍ୟ କିମ୍ବା ବିକାଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହାବାଦ୍ ସଡ଼କ ପରିବହନ କ୍ଷେତ୍ରରେ ୬ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏହିସବୁ ପ୍ରକଳ୍ପ ଡ୍ରାଫ୍ଟ ମିଡିୟମ ଟର୍ମ ଷ୍ଟେଟ ଇନ୍‌ଫ୍ରାଷ୍ଟ୍ରକ୍ଚର ଏକ୍ସପେଣ୍ଡିଚର ଫ୍ରେମୱାର୍କ (ଏମ୍‌ଆଇଏଫ୍) ମାଧ୍ୟମରେ ୨୦୨୨-୨୩ରୁ ୨୦୨୬-୨୭ ମଧ୍ୟରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୬୩୬୭.୩୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ମର୍ମରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଭାତ କୁମାର ଜେନା ୮ା୮ା୨୦୨୨ରେ ପ୍ଲାନିଂ ଏବଂ କନଭର୍ଜେନ୍ସ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ନିକଟରେ ଏକ କାର୍ଯ୍ୟାନ୍ୱୟନ ଯୋଜନା ଦାଖଲ କରିଛନ୍ତି। ଏହାପରେ ଦୀର୍ଘବର୍ଷ ଧରି ଦାବି କରିଆସୁଥିବା ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହେବା ଆଶା ଉଜ୍ଜ୍ୱଳ ହୋଇଛି।

ରାଜ୍ୟରେ ବର୍ତ୍ତମାନ ୨ଟି ବିମାନବନ୍ଦର ରହିଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ବିମାନ ଚଳାଚଳ ହେଉଥିବାବେଳେ ଆଉ ୬ଟି ବିମାନବନ୍ଦର କାର୍ଯ୍ୟକାରୀ କରିବାକୁ ସରକାର ଯୋଜନା କରିଛନ୍ତି। ଏହିକ୍ରମରେ କୋରାପୁଟ ଜିଲାର ଜୟପୁର ବିମାନବନ୍ଦରର ବିକାଶ ପାଇଁ ଆର୍‌ସିଏସ୍-ଉଡାନ ଯୋଜନାରେ ୨୩୨ କୋଟି ଟଙ୍କାର ପ୍ରସ୍ତାବ ରହିଥିଲା। ଏଥିପାଇଁ ୨୦୪ ଏକର ବେସରକାରୀ ଜମି ଅଧିଗ୍ରହଣ କରିବାକୁ ଅତିରିକ୍ତ ଭାବେ ୧୧୨ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ୧୮୦୦ ମିଟର ରନ୍‌ୱେ ସମ୍ପ୍ରସାରଣ କରିବାକୁ ୧୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଗଞ୍ଜାମ ଜିଲାର ବ୍ରହ୍ମପୁର ନିକଟରେ ନୂତନ ଗ୍ରୀନ ଫିଲ୍ଡ ବିମାନବନ୍ଦର ନିର୍ମାଣ କରିବାକୁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏଥିରୁ ୧୦୦ କୋଟି ଟଙ୍କା ଜମି ଅଧିଗ୍ରହଣ, ୫୦ କୋଟି ଟଙ୍କା ରନୱେ ଓ ଗୃହ ଆଦି ନିର୍ମାଣ ଓ ୫୦ କୋଟି ଟଙ୍କାରେ ପାରେରି ଓ ଟର୍ମିନାଲ ଗୃହ, ଏଟିସି ଟାୱାର ଆଦି ନିର୍ମାଣ ହେବ। ସେହିପରି କଳାହାଣ୍ଡି ଜିଲାର ଉତକେଳା ବିମାନବନ୍ଦରର ରନୱେ ସମ୍ପ୍ରସାରଣ ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟ ପାଇଁ ୫୫ କୋଟି ଟଙ୍କା ପ୍ରସ୍ତାବ ରହିଛି। ଢେଙ୍କାନାଳ ଜିଲାର ବୀରାସାଳ ବିମାନବନ୍ଦରର ଉନ୍ନତୀକରଣ ସହ ଅନ୍ତର୍ଜାତୀୟସ୍ତରର ପାଇଲଟ ତାଲିମ କେନ୍ଦ୍ର ନିର୍ମାଣ ଲକ୍ଷ୍ୟ ରଖି ୩୮୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ମାଲକାନଗିରିଠାରେ ଏକ ନୂତନ ବିମାନବନ୍ଦର ନିର୍ମାଣ କରିବାକୁ ୫୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଏହାସହ ପୁରୀଠାରେ ଏକ ନୂତନ ଗ୍ରୀନ୍ ଫିଲ୍ଡ ବିମାନବନ୍ଦର ନିର୍ମାଣ କରିବାକୁ ୩୦୦ କୋଟି ଟଙ୍କାର ପ୍ରସ୍ତାବ ଯାଇଛି। ଏଥିରେ ୧୫୦ କୋଟି ଟଙ୍କା ବେସରକାରୀ ଜମି ଅଧିଗ୍ରହଣ, ୭୫ କୋଟି ଟଙ୍କା ରନ୍‌ୱେ ଓ ପାରେରି ନିର୍ମାଣ ଏବଂ ୭୫ କୋଟି ଟଙ୍କାରେ ଟର୍ମିନାଲ ବିଲ୍ଡିଂ ଓ ଏଟିସି ଟାୱାର ନିର୍ମାଣ ହେବ।

ରେଳପଥ କ୍ଷେତ୍ରରେ ଦୀର୍ଘବର୍ଷର ଅପେକ୍ଷା ପରେ ୧୪୨ କି.ମି. ଦୈର୍ଘ୍ୟବିଶିଷ୍ଟ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ନୂତନ ରେଲଲାଇନ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ଏଥିପାଇଁ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମ୍ବଲପୁରଠାରୁ ରାୟପୁରର ଦୂରତା ପ୍ରାୟ ୮୦ କି.ମି. ହ୍ରାସ ପାଇବ। ସେହିପରି ବ୍ରହ୍ମପୁର-ସମ୍ବଲପୁର, ପୁରୀ-କୋଣାର୍କ ଓ ଗୁଣୁପୁର-ଥେରୁବାଲି ନୂତନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦିଆଯାଇଛି। ତେବେ ଏଥିରୁ ଗୁଣୁପୁର-ଥେରୁବାଲି ପ୍ରକଳ୍ପ ପାଇଁ ୧୬୦୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହାବାଦ୍ ପାରାଦୀପ-ଧାମରା (୮୦ କି.ମି.) ରେଳପ୍ରକଳ୍ପ ପାଇଁ ୧୪୭୨ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାରାଦୀପଠାରୁ ଭଦ୍ରକ ଭାୟା କଟକ ୩୮ କି.ମି. ହ୍ରାସପାଇବ ବୋଲି ଆକ୍ସନ ପ୍ଲାନରେ ଦର୍ଶାଯାଇଛି।

ଏହାବାଦ୍ ଜାତୀୟ ଓ ରାଜ୍ୟ ରାଜପଥରେ ୨୦ଟି ଟ୍ରକ୍ ଟର୍ମିନାଲ, କ୍ୟାମେରା ସର୍ଭିଲାନ୍ସ, ଅଟୋମେଟିକ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ୍, ଇଲେକ୍ଟ୍ରିକ ଭେହିକଲ ପଲିସି, ବ୍ଲକସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ବିକାଶ କରିବାକୁ ପ୍ରସ୍ତାବ ଦିଆଯାଇଛି।

# ଅମୃତ ମହୋତ୍ସବକୁ ମାଓବାଦୀଙ୍କ ବିରୋଧ

ମାଲକାନଗିରି,୧୩ା୮(ସ୍ୱ.ପ୍ର.)



ମାଓବାଦୀ ସଙ୍ଗଠନର ଆନ୍ଧ୍ର-ଓଡ଼ିଶା ସୀମା ଜୋନାଲ କମିଟି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବକୁ ବିରୋଧ କରାଯାଇଛି। ଏନେଇ ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ସେମାନେ ତେଲୁଗୁରେ ଲିଖିତ ପୋଷ୍ଟରମାନ ମାରିଛନ୍ତି। ଏହି ସ୍ୱାଧୀନତା ପୁଞ୍ଜିପତି, ମନୁବାଦୀ, ସାମ୍ରାଜ୍ୟବାଦୀଙ୍କ ସ୍ୱାଧୀନତା। ରାଜନୈତିକ ଦଳଗୁଡ଼ିକ ନିଜର ଫାଇଦା ପାଇଁ ଖଣିଜ ସମ୍ପଦ ବିଦେଶୀଙ୍କ ହାତକୁ ଟେକି ଦେଉଛନ୍ତି। ବିସ୍ଥାପିତ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ନିଜ ଦାୟିତ୍ୱ ଭୁଲିଯାଇଥିବାରୁ ବିପ୍ଳବ ହିଁ ଏକ ମାତ୍ର ପନ୍ଥା ବୋଲି ଏଥିରେ ଉଲ୍ଲେଖ ରହିଛି।

# ୧୩ ଫୁଟ ଉଚ୍ଚ ଭାରତ ମାନଚିତ୍ର




ଆଇଟିଆଇ ପକ୍ଷରୁ ସ୍ଥାପିତ ହୋଇଥିବା ଭାରତ ମାନଚିତ୍ର।

**ବ୍ରହ୍ମପୁର ଅଫିସ,୧୩ା୮:** ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଶନିବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳନ ଅବସରରେ ୧୩ ଫୁଟ ଉଚ୍ଚତା ବିଶିଷ୍ଟ ୪୦୦ କି.ଗ୍ରା.ର ଭାରତ ମାନଚିତ୍ରକୁ କ୍ୟାମ୍ପସରେ ସ୍ଥାପନ କରାଯାଇଛି। ଏହାକୁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଡା.କେ.ଏମ୍. ତ୍ରିପାଠୀ ଉନ୍ମୋଚନ କରିଥିଲେ। ଏହା ସର୍ବସାଧାରଣଙ୍କ ନିମନ୍ତେ ସେଲ୍‌ଫି ପଏଣ୍ଟ ଭାବେ ଉପଲବ୍ଧ ରହିବ ବୋଲି ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ବଢୁଛି ଜଳକା, ବୈତରଣୀ

ରୂପସା/ଭଣ୍ଡାରିପୋଖରୀ, ୧୩ା୮(ଡି.ଏନ.ଏ./ସ୍ୱ.ପ୍ର.)



ଚାଷ ଜମିରେ ବନ୍ୟାଜଳ

ଲଗାଣବର୍ଷା ଯୋଗୁ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ଓ ଭଦ୍ରକ ଜିଲା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳକା ନଦୀର ମଥାନୀଠାରେ ବିପଦସଂକେତ ୫.୫ମିଟର ଥିବାବେଳେ ଶୁକ୍ରବାର ଏହା ବିପଦ ସଂକେତ ଅତିକ୍ରମ କରି ୬.୨୯ ମିଟରରେ ପହଞ୍ଚିଥିଲା। ସନ୍ଧ୍ୟାପରେ ଜଳସ୍ତର ହଠାତ୍ କମିବା ଆରମ୍ଭ ହୋଇ ଶନିବାର ପୂର୍ବାହ୍ନ ୭ଟା ସୁଦ୍ଧା ୫.୯୮ରେ ପହଞ୍ଚିଥିଲା। ପୁଣି ଦିନ ୧୦ଟାରୁ ଜଳସ୍ତର ବୃଦ୍ଧି ହୋଇ ଅପରାହ୍ନ ୬ଟାରେ ୬.୩୧ମି.ରେ ପହଞ୍ଚିଥିଲା। ସେହିପରି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ବୈତରଣୀ ବିପଦ ସଙ୍କେତ ଟପିଛି। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ଶନିବାର ରାତି ୯ଟା ସୁଦ୍ଧା ଜଳସ୍ତର ୧୮.୦୪ ମିଟରରେ ପହଞ୍ଚିଛି।

ବାଲେଶ୍ୱର ଜିଲା ବସ୍ତା ବ୍ଲକର ମଥାନୀ, ଦୁଧହଂସା ଏବଂ ସଦର ବ୍ଲକର ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ପାଣିଘେରରେ ରହିଛି। ଏହାଛଡ଼ା ରାଉତପଡ଼ା, ଗଡ଼ପଦା, ବାହାର୍ଦ୍ଧା, ବାସୁଦେବକୁରାଇ ଆଦି ପଞ୍ଚାୟତର ଚାଷଜମି ଜଳମଗ୍ନ ରହିଛି। ଦିନତମାମ ଜଳସ୍ତର ବଢୁଥିବାରୁ ବସ୍ତାରେ ଏକ ବଡ଼ ବନ୍ୟାର ଆଶଙ୍କା କରାଯାଉଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଥିବାରୁ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ତଥା ଅନ୍ୟପଟେ ଲଗାଣ ବର୍ଷା ଯୋଗୁ ପ୍ରାୟ ୫୦ ହେକ୍ଟର ଚାଷ ଜମିରେ ବନ୍ୟାଜଳ ଜମି ରହିଛି। ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁ ନ ଥିବାରୁ ଚାଷ ସମ୍ପୂର୍ଣ୍ଣ କ୍ଷତି ହେବା ଆଶଙ୍କା ଦେଖାଦେଇଛି।

#### ପାଣିଘେରରେ ୧୫ ଗାଁ

ଭଦ୍ରକ ଜିଲା ଆଖୁଆପଦା ଜଳସେଚନ ବିଭାଗ ଏସ୍‌ଡିଓ ଶଙ୍କର୍ଷଣ ବେହେରାଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରୁ ଜଳସ୍ତର ହ୍ରାସ ପାଇଥିଲା। ଶନିବାର ସକାଳ ୫ଟା ମଧ୍ୟରେ ୧୭.୫୭ ମିଟରକୁ ଖସିଥିଲା। ଏହାପରେ ସ୍ଥିର ରହି ପୁଣି ସକାଳ ୬ଟାରୁ ବଢ଼ିବା ଆରମ୍ଭ କରିଛି। ଉପରମୁଣ୍ଡରେ ଅଧିକ ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଉଛି। ବୈତରଣୀର ବନ୍ୟାଜଳ କଣ୍ଟିଘାଇ ଏସ୍‌କେପ ଦେଇ ଭଣ୍ଡାରିପୋଖରୀ ବ୍ଲକର ମାଳଦା, ଷୋଳମପୁର, ନପଙ୍ଗ, ବାଲିପୋଖରୀ ପଞ୍ଚାୟତ ସହ କୁରିଙ୍ଗା ଓ ରହଣିଆ ପଞ୍ଚାୟତର ଆଂଶିକ ଗ୍ରାମରେ ପ୍ରବେଶ କରିବା ଆଶଙ୍କା ରହିଛି।

### ପୁଣି ଭାସିଗଲା ପୋଲ, ୪ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

#### ଫସି ରହିଛନ୍ତି କଲେଜ ଛାତ୍ରୀ

**ପାରଳାଖେମୁଣ୍ଡି, ୧୩ା୮(ଡି.ଏନ୍.ଏ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗଜପତି ଜିଲା ମୋହନା ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଛି। ବର୍ଷା ଯୋଗୁଁ ହରଭଙ୍ଗି ନଦୀର ଜଳସ୍ତର ବୃଦ୍ଧି ପାଇ ମୋହନା ନିକଟରେ ଥିବା ଏକ ଅସ୍ଥାୟୀ ପୋଲ ଭାସିଯାଇଛି । ଏହି ଅସ୍ଥାୟୀ ପୋଲଟି ପୂର୍ବରୁ ଭାସିଯାଇଥିଲା, କିନ୍ତୁ ଗ୍ରାମବାସୀ ସେଠାରେ ଯିବାଆସିବା ପାଇଁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଥିଲେ। ଶନିବାର ଲଗାଣ ବର୍ଷା ଯୋଗୁଁ ସେହି ପୋଲଟି ପୁଣି ଥରେ ଭାସିଯାଇଛି। ଫଳରେ ମୋହନା ଠାରୁ ସଂଲଗ୍ନ କରୁଥିବା ବଡ଼େଇପୁର, ଗୁଣ୍ଡିରିଗୁଡା, ନୂଆସାହି ଓ ଧନୁପଙ୍କ ଗାଁକୁ ପୁଣି ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସକାଳୁ କଲେଜ ଛାତ୍ରୀମାନେ କଲେଜକୁ ଯାଇ ଆଉ ଗାଁକୁ ଫେରି ନ ପାରି ଫସି ରହିଛନ୍ତି। ସେହିପରି ମୋହନା ବସଷ୍ଟାଣ୍ଡ ସାଇଡ୍‌ୱାଲ ଭାଙ୍ଗି ଯାଇଥିବା ବେଳେ ନିକଟସ୍ଥ ବାଇଲଝୁଙ୍କାଙ୍ଗ ଗାଁରେ ଜଣକ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି।

# 'ଜନକଲ୍ୟାଣରେ ଭାଗୀଦାର ହେଉ ଏନ୍‌ଆଇଟି'

ରାଉରକେଲା ଅଫିସ,୧୩ା୮

#### ଏନ୍‌ଆଇଟି ରାଉରକେଲାର ୧୯ତମ ସମାବର୍ତ୍ତନ ସମାରୋହ




ରାଉରକେଲା ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ୧୯ତମ ସମାବର୍ତ୍ତନ ଉତ୍ସବ ଶନିବାର ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଛି। ସମାରୋହରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ଆଇଟି ବ୍ଲକ ଚେନ୍ ଆଧାରିତ ଟେକ୍ନୋଲୋଜି ସାହାଯ୍ୟରେ ସୁନ୍ଦରଗଡ଼ବାସୀଙ୍କ କଲ୍ୟାଣରେ ଭାଗୀଦାର ହେବାକୁ ଆହ୍ୱାନ ଦେଇଛନ୍ତି।

ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଥିଲେ, ରାଉରକେଲା ଏନ୍‌ଆଇଟି ପରି ସମ୍ମାନଜନକ ଅନୁଷ୍ଠାନ ଶିଳ୍ପ ବିପ୍ଳବ ୪.୦ରୁ ଉଭା ହେଉଥିବା ସୁଯୋଗର ସମ୍ପୂର୍ଣ୍ଣ ବ୍ୟବହାର କରି ସୁନ୍ଦରଗଡ଼ ଜିଲାକୁ ଏକ ଲାବରେଟୋରିରେ ପରିଣତ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଏହି ଏନ୍‌ଆଇଟି ବ୍ଲକ ଚେନ୍ ଆଧାରିତ ଟେକ୍ନୋଲୋଜି ସାହାଯ୍ୟରେ ସୁନ୍ଦରଗଡ଼ର ସବୁ ଲୋକଙ୍କ ସହ ସଂଯୋଗ ସ୍ଥାପନ କରିବା ଦରକାର। ଆମର ସମୃଦ୍ଧ ଭାଷାଗତ ପରମ୍ପରାକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ପାଇଁ ଆମେ ଟେକ୍ନୋଲୋଜି ବ୍ୟବହାର କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତ ଦେଇଥିଲେ। ଏହି ଅବସରରେ ବ୍ଲକ ଚେନ୍ ଆଧାରିତ ଡିଜିଟାଲ ମାନପତ୍ର ପ୍ରଦାନ ସେବାକୁ ସେ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ମେଡ଼ାଲ ଓ ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡ଼ି ଡିଗ୍ରୀ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ବିଶିଷ୍ଟ ଆଲୁମନାସ ପୁରସ୍କାର-୨୦୨୧ ପ୍ରଦାନ କରାଯାଇଥିଲା। ସମାରୋହରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଏନ୍‌ଆଇଟିର ବରିଷ୍ଠ ପ୍ରଫେସରମାନେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପଲୋଡ୍ କରିଦିଆଯାଇଛି ।
ଇ-ଟେଣ୍ଡର ବିଜ୍ଞପ୍ତି ସଂ.Sr.DMM/SBP/Stores/Tender Publication, ତା. 08.08.2022
କ୍ରମ ସଂ.01, ଟେଣ୍ଡର ନଂ.40225492, ଆଇଟମ ର ବିବରଣୀ : ସାଇଟ୍ ଠାରେ ଇଷ୍ଟାଲେସନ ପାଇଁ RMK ସହିତ ସମସ୍ତ ଯନ୍ତ୍ରପାତି (ACCESSORIES) ସହିତ 16 ପୋର୍ଟ ରାଉଟର (୫ ସଂଖ୍ୟକ V.35 ଏବଂ ୫ ସଂଖ୍ୟକ G.703 ପୋର୍ଟ) ର ଯୋଗାଣ ଏବଂ ସ୍ଥାପନା, ମେକ୍-CISCO, ମୋଡ଼େଲ- ISR_4431/KG କିମ୍ବା ଅନୁରୂପ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 26,67,744/-, EMD (ଟଙ୍କାରେ) : 53,350/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.09.2022 ରିଖ 1500 ଘଟିକାରେ ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-379/N/22-23

**ଇଣ୍ଡିଆନଅଏଲ** IndianOil
ବିଜ୍ଞାପନ ବିଭାଗ - ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ
**ଇଣ୍ଡିଆନଅଏଲ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପାଇଁ ସମ୍ବଲପୁରଠାରେ ଅଫିସ ଆବଶ୍ୟକତା ପାଇଁ ବିଜ୍ଞପ୍ତି**
ଏକ ରାଷ୍ଟ୍ରାୟତ ଉଦ୍ୟୋଗ ଅନ୍ତର୍ଗତ **ଇଣ୍ଡିଆନଅଏଲ କର୍ପୋରେସନ ଲିମିଟେଡ (ଏମଡି), ସମ୍ବଲପୁର ଠାରେ ଅଫିସ ପାଇଁ ଭଡ଼ା ସ୍ଥାନ** ଆବଶ୍ୟକ କରୁଛି, ମୁଖ୍ୟତଃ (କ) ଅଇଁଠାପଲ୍ଲୀ ଚୌକ ଠାରୁ ବରଗଡ଼ ଆଡ଼କୁ ଏନଏଚ-୫୩ (ପୂର୍ବରୁ ଏନଏଚ-6)ର ୩ କିମି ମଧ୍ୟରେ, (ଖ) ଅଇଁଠାପଲ୍ଲୀ ଚୌକ ଠାରୁ ଝାରସୁଗୁଡ଼ା ଆଡ଼କୁ ଏସଏଚର ୩ କିମି ମଧ୍ୟରେ, (ଗ) ଅଇଁଠାପଲ୍ଲୀ ଚୌକ ଠାରୁ ସିନ୍ଦୁରପଙ୍କ ଆଡ଼କୁ ଏନଏଚ-53 (ପୂର୍ବରୁ ଏନଏଚ-6)ର 2 କିମି ମଧ୍ୟରେ, (ଘ) ଅଇଁଠାପଲ୍ଲୀ ଚୌକ ଠାରୁ ଅଣ ଏନଏଚ/ଏସଏଚ, ମୋଟରବେଲ ରୋଡ଼ ଆଡ଼କୁ 1.5 କିମି ମଧ୍ୟରେ ।
ବିସ୍ତୃତ ବିଜ୍ଞାପନ ୱେବସାଇଟ **www.iocletenders.nic.in** ରେ ଉପଲବ୍ଧ ଅଛି ।
ଇଚ୍ଛୁକ ପକ୍ଷମାନେ ଏକ ଦୁଇଟି ନିଲାମ ପ୍ରଣାଳୀ ଅଧିନରେ ମୁଦ ଲଫାଫାରେ ଆବେଦନ କରିପାରିବେ ।
**(କ) ବୈଷୟିକ ନିଲାମ:** ମୁଦ ନିଲାମରେ ରହିବ ବିସ୍ତୃତ ଯୋଗାଯୋଗ ଠିକଣା, ଯୋଗାଯୋଗ ନଂ, ଅଫର କରୁଥିବା ଜମିର ପ୍ଲାନ ଓ ନକ୍ସା, ମାଲିକାନା ଦର୍ଶାଉଥିବା ଜମିର ନଥିପତ୍ର, ଅଫରର ଅବଧି ଇତ୍ୟାଦି ପ୍ରଦାନ କରି ଉଲ୍ଲେଖ କରି ଲଫାଫା ଉପରେ 'ବୈଷୟିକ ନିଲାମ' ଲେଖିବା ଆବଶ୍ୟକ ।
**(ଖ) ଅର୍ଥ ନିଲାମ:** ଆଉ ଏକ ବନ୍ଦ ଲଫାଫାରେ ଆଶା କରୁଥିବା ମାସିକ ଭଡ଼ା ଉଲ୍ଲେଖ କରି ଲଫାଫା ଉପରେ 'ଅର୍ଥ ନିଲାମ' ଲେଖିବା ଆବଶ୍ୟକ ।
ଉଭୟ ନିଲାମକୁ ଅନ୍ୟ ଏକ ବନ୍ଦ ଲଫାଫାରେ ଏକତ୍ର ରଖି ଏହା ଉପରେ **'ଅଫିସ ସ୍ଥାନ ପାଇଁ ଅଫର'** ଲେଖି ପଠାଇବା ଆବଶ୍ୟକ । ଅଫର ସହିତ ଏହି ଦୁଇଟି ନିଲାମ ନଥିଲେ ତାହାକୁ ଖାରଜ କରି ଦିଆଯିବ ।
ଅଫରଟି ନିମ୍ନ ଲିଖିତ ଠିକଣାରେ ତା **29.08.2022** ରିଖ **1600ଘ.** ମଧ୍ୟରେ ବା ତା'ପୂର୍ବରୁ ପହଁଚିବା ଉଚିତ : ଡିଭିଜନାଲ ରିଟେଲ ସେଲସ ହେଡ, ସମ୍ବଲପୁର ଡିଭିଜନାଲ ଅଫିସ, କାଇଁଶିର ରୋଡ, ଅଇଁଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004 ।
• କର୍ପୋରେସନ କୌଣସି କାରଣ ନଦର୍ଶାଇ ବା ନୋଟିସ ନଦେଇ ଏକକ ନିଷ୍ପତି ଆଧାରରେ ଏହି ବିଜ୍ଞାପନର ଧାର୍ଯ୍ୟ ତାରିଖକୁ ସଂଶୋଧନ / ବାତିଲ / ପ୍ରତ୍ୟାହାର / ବୃଦ୍ଧି କରିବାର ଅଧିକାର ବଜାୟ ରଖିଛନ୍ତି ।
ଏହି ବିଜ୍ଞାନ ସମ୍ବନ୍ଧିତ କୌଣସି ଅଧିକ ସୂଚନା ପାଇଁ ପକ୍ଷ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବା ଆବଶ୍ୟକ: **ମୁଖ୍ୟ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର ଡିଭିଜନାଲ ଅଫିସ, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ, କାଇଁଶିର ରୋଡ, ଅଇଁଠାପଲ୍ଲୀ, ସମ୍ବଲପୁର, ଓଡ଼ିଶା-768004 ।**

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଅଗଷ୍ଟ, ୨୦୨୨

ଆଗ ତୁମେ ନିଜକୁ ପରିବର୍ତ୍ତନ କର। ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି। ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି– ତାହା ଆଡ଼କୁ ନିଜକୁ ଖୋଲି ଧର। ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ। –ଶ୍ରୀମା



# ଅମର ଯୁଗର ଆଶ୍ୱାସନା



ଆକାର ପଟେଲ

ଜୀବନର ୪ଟି ଅବସ୍ଥା ବା ସ୍ତର ସମ୍ପର୍କରେ କିଛି ହିନ୍ଦୁ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଗୁଡ଼ିକ ହେଲା ବ୍ରହ୍ମଚର୍ଯ୍ୟ, ଗ୍ରାର୍ହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ। ଜୀବନର ଏକ ଶତାବ୍ଦୀକୁ ୪ ଭାଗ କଲେ ପ୍ରତ୍ୟେକ ଅବସ୍ଥାର ମିଆଦ ୨୫ବର୍ଷ ବୋଲି ବିଚାର କରାଯାଏ। ଶତାବ୍ଦୀର ପ୍ରଥମ ୨୫ ବର୍ଷ ହେଉଛି ବିଦ୍ୟାର୍ଜନ, ସଂଯମ ଏବଂ ଦାରିଦ୍ର୍ୟର ସମୟ। ତେବେ ଆମ ଦେଶର ଏକ ଶତାବ୍ଦୀ ଜୀବନକାଳକୁ ବିଚାରକୁ ନେଲେ ପ୍ରାରମ୍ଭିକ ସ୍ତର ଅର୍ଥାତ୍ ୨୫ ବର୍ଷର ଅବଧି ରହିବ ୧୯୪୭ରୁ ୧୯୭୨ ପର୍ଯ୍ୟନ୍ତ। ଏହି ସମୟରେ ଆମେ ଗରିବ ଥିଲୁ ଓ ଆମ ଲାଗି ରାସ୍ତା ଖୋଜୁଥିଲୁ। ଏହା ଥିଲା ସଂଗ୍ରାମ ଓ ପରାଜୟର ସମୟ। ଏତିକିବେଳେ କିଛି ଶିକ୍ଷା କରିବାର ଆଶା ବାନ୍ଧିଥିଲୁ ଓ ଦେଶର ଜନସଂଖ୍ୟା ୩୫ କୋଟିରୁ ବୃଦ୍ଧି ପାଇ ୫୦ କୋଟିରେ ପହଞ୍ଚିଥିଲା। ଆମର ମୁଣ୍ଡପିଛା ଆୟ ପ୍ରଥମ ସ୍ତରର ୨୫ ବର୍ଷର ଆରମ୍ଭ ସମୟ (୧୯୪୭) ବେଳେ ଯାହା ଥିଲା ଶେଷବେଳକୁ ୧୯୭୨ରେ ଠିକ୍ ତାହା ରହିଥିଲା। ୧୯୭୨ରେ ହାରାହାରି ଭାରତୀୟଙ୍କ ମୁଣ୍ଡପିଛା ଆୟ ମାସକୁ ପାଖାପାଖି ୧୦୦୦ ଟଙ୍କା ଥିଲା, ଯାହା ଏକ ଛାତ୍ରବୃତ୍ତି ସହ ସମାନ। ପରେ ୧୯୭୦ ଦଶନ୍ଧିର ପ୍ରଥମାର୍ଦ୍ଧରୁ ଆରମ୍ଭ ହୁଏ ଦ୍ୱିତୀୟ ସ୍ତର। ଏହା ହେଉଛି ଉତ୍ପାଦକତାର ସମୟ। ଏତିକିବେଳେ ଆମେ ପରିବାର ସଂଖ୍ୟା ପ୍ରସ୍ତୁତ କରିଥିଲୁ, ଯାହା ୪ଟି ସ୍ତର ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆମ ଜନସଂଖ୍ୟା ୧୯୭୨ରେ ୫୦ କୋଟି ଥିଲାବେଳେ ୧୯୯୭ରେ ୧୦୦ କୋଟିରେ ପହଞ୍ଚିଥିଲା। ପରିବାର ସଂଖ୍ୟା ରେକର୍ଡ ସ୍ତରକୁ ବୃଦ୍ଧି ପାଇଥିଲା। ଦେଖାଯାଏ ଯେ, ଏହି ସମୟରେ ଦକ୍ଷିଣ କୋରିଆ, ସିଙ୍ଗାପୁର, ଜାପାନ ଓ ଚାଇନା ସମେତ କେତେକ ଦେଶ ଶୀଘ୍ର ସଫଳତା ଲାଭ କରିଥିଲେ ଓ ବିଶ୍ୱରେ ସେମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିଲା। ଭାରତ ଯେଉଁ ସମୟରେ ସ୍ୱାଧୀନତା ପାଇଥିଲା ସେହି ସମୟରେ ନୂଆ ସ୍ୱତନ୍ତ୍ରତାର ସ୍ୱାଦ ପାଇଥିବା କୋରିଆ, ଚାଇନା, ତାଇୱାନ ଏବଂ ଜାପାନ ଏବଂ ୧୯୬୫ରେ ସ୍ୱାଧୀନତା ଲାଭ କରିଥିବା ସିଙ୍ଗାପୁର କମ୍ କିମ୍ବା ବେଶି ସଫଳତା ସହିତ ଏକତ୍ର ଗ୍ରାର୍ହସ୍ଥ ଅର୍ଥାତ୍ ତୃତୀୟ ସ୍ତରରେ ପ୍ରବେଶ କରିଥିଲେ। ଜାପାନର ମୁଣ୍ଡପିଛା ଆୟ ୧୯୭୨ ତୁଳନାରେ ୩୦୦୦ ଡଲାରରୁ ବୃଦ୍ଧି ପାଇ ୧୯୯୦ ଦଶନ୍ଧି ମଧ୍ୟଭାଗ ସୁଦ୍ଧା ୪୦,୦୦୦ ଡଲାରରେ ପହଞ୍ଚିଥିଲା। ସେହିଭଳି କୋରିଆର ମୁଣ୍ଡପିଛା ଆୟ ୩୦୦ ଡଲାରରୁ, ଯାହା ସେତେବେଳେ ଭାରତର ସମାନ ଏତିକି ରହିଥିଲା, ତାହା ୧୨,୦୦୦ ଡଲାର ଛୁଇଁଥିଲା। ଏହି ସମୟରେ ଲୋକମାନଙ୍କର (ମୋ ମତରେ ଦେଶଗୁଡ଼ିକର)ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କାର୍ଯ୍ୟକଳାପ ସାମ୍ନାକୁ ଆସିଥିଲା। କିନ୍ତୁ ଦକ୍ଷିଣ ଏସିଆରେ ଆମେ ବାଂଲାଦେଶ ଓ ପାକିସ୍ତାନର ଭଉଣୀ ଭାଇମାନଙ୍କ ସାଥିରେ ରହିଗଲୁ। ମୁଣ୍ଡପିଛା ଆୟରେ ଏବେ ବାଂଲାଦେଶ ଆମଠାରୁ ସାମାନ୍ୟ ଆଗରେ ଥିବାବେଳେ ପାକିସ୍ତାନ ଅଳ୍ପ ପଛରେ ରହିଛି।

୧୯୯୭ରୁ ୨୦୨୨ ହେଉଛି ଆମର ତୃତୀୟ ତଥା ବାନପ୍ରସ୍ଥ ଅବସ୍ଥା। ଏହି ସମୟରେ ଜାପାନର ମୁଣ୍ଡପିଛା ଆୟ ଆମଠାରୁ ୨୦ଗୁଣ ରହିଥିବାବେଳେ ଚାଇନାର ୬ଗୁଣ ଓ କୋରିଆର ୧୬ଗୁଣ ରହିଛି। ଏକ ଦଶନ୍ଧି ପୂର୍ବେ ଆମ ସହିତ ଥିବା ଭିଏତ୍‌ନାମର ମୁଣ୍ଡପିଛା ଆୟ ଆମଠାରୁ ଦୁଇଗୁଣ ହୋଇଯାଇଛି। ଏହାକୁ ଲକ୍ଷ୍ୟ କଲେ ଆମ ପରପିଢ଼ିକୁ ଉଲ୍ଲେଖନୀୟ ଭାବେ ହସ୍ତାନ୍ତର କରିବା ପାଇଁ ଅର୍ଥନୈତିକ କ୍ଷେତ୍ରରେ ଆମେ ଅଧିକ କିଛି କରିଛୁ କି? ଏହି ସମୟରେ ଆମର ପରିବର୍ତ୍ତନ ହୋଇ ନ ଥିଲା ବୋଲି ଆମେ ମନା କରିପାରିବା ନାହିଁ। କେବଳ ପୁରୁଣା ରାଜନୈତିକ ଦଳ ନୂଆ ରାଜନୈତିକ ଦଳକୁ ବାଟ ଦେଖାଇଛି। ଏବେ ଆମେ ୭୫ ବୟସରେ ୪ର୍ଥ ବା ସନ୍ନ୍ୟାସ ଅବସ୍ଥାରେ ପ୍ରବେଶ କରିଛୁ। ଏହି ସ୍ତରରେ ବିଷୟକ ଲୋଭ, ଘୃଣା ଓ ଅବିଶ୍ୱାସରୁ ଆମକୁ ମୁକ୍ତ ହେବାକୁ ପଡ଼ିବ। ଏହି ଯୁଗ ଆଉ ୨୫ ବର୍ଷ ଚାଲିବ ଓ ୨୦୪୭ରେ ଶେଷ ହେବ। ତଥାପି ଆମେ ଘୃଣା ଓ ଅବିଶ୍ୱାସପୂର୍ଣ୍ଣ ସନ୍ନ୍ୟାସ ଅବସ୍ଥାରେ ପ୍ରବେଶ କରିଛୁ। ହେଲେ ସମ୍ବିଧାନରେ ନିବଦ୍ଧ ବହୁବାଦର ସଙ୍କଳ୍ପ ଏବଂ ଧର୍ମ ନିରପେକ୍ଷତାର ଅନ୍ୱେଷଣକୁ ଆମେ ତ୍ୟାଗ କରିଛୁ। ଅନ୍ୟ ଭାରତୀୟଙ୍କୁ ଦଣ୍ଡ ଦେବା ହିଁ ଆମ ମନୋଭାବ ହୋଇଯାଇଛି। ଜାତୀୟତାବାଦ ଲାଗି ଆମର ଆକାଂକ୍ଷା ଏବଂ ଉତ୍ସାହ ପଲିଷ୍ଟର ପତାକା ଏବଂ ଉତ୍ତେଜକ ଧ୍ୱନି ଭଳି ଉତ୍ସବଭିତ୍ତିକ ଘଟଣା ମାଧ୍ୟମରେ ପ୍ରକାଶ ପାଇଛି। ମୁଣ୍ଡପିଛା ଆୟରେ ନିରୁତ୍ସାହିତ ସଂଖ୍ୟା ଆମକୁ ଉଦ୍‌ବୁଦ୍ଧ ବା ଆଗ୍ରହୀ କରୁନାହିଁ। ମୁଣ୍ଡପିଛା ଆୟରେ ବାଂଲାଦେଶଠାରୁ ପଛରେ ରହିବାରେ ଆମେ ନୈରାଶ୍ୟତା ଅନୁଭବ କରୁନାହୁଁ କି ଏହା ଉପରେ ଦୁଃଖ ପ୍ରକାଶ କରୁନାହୁଁ। ଏହି ସମୟକୁ ଅମୃତ ମହୋତ୍ସବ ଭାବେ ପାଳନ କରିବାକୁ ଆମକୁ କୁହାଯାଉଛି।

ତେବେ ଆମ ପୂର୍ବ ୩ଟି ଅବସ୍ଥାରେ ହାସଲ କରିଥିବା ସଫଳତା ଉପରେ ନା ଚଳିତ ସପ୍ତାହରୁ ଆରମ୍ଭ ହେଉଥିବା ଆଗାମୀ ୨୫ବର୍ଷରେ ଆସିବାକୁ ଥିବା ସଫଳତା ଲାଗି ଏହା ପାଳନ କରିବାକୁ କୁହାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଯଦି ପୂର୍ବ ବର୍ଷଗୁଡ଼ିକର ସଫଳତା ପାଇଁ ପାଳନ କରାଯାଉଛି ତା'ହେଲେ ସତ କହିବାକୁ ପଡ଼ିବ। ହେଲେ ଆମ ସଫଳତା ବିଷୟରେ ବିଶ୍ୱକୁ ଦେଖାଇବା ଭଳି ଆମ ପାଖରେ କିଛି ନାହିଁ। ଯଦି ଆଗାମୀ ଅବସ୍ଥା ଲାଗି ଉତ୍ସବ ପାଳନ କରୁଛେ, ତେବେ ଅତୀତ ତୁଳନାରେ କ୍ଷତି କରିବାକୁ ନା ପରିବର୍ତ୍ତନ ଆଣିବାକୁ କ'ଣ କରୁଛେ ସେ ବିଷୟରେ ଆମକୁ କିଛି କୁହାଯାଇନାହିଁ। ଆମକୁ କେବଳ ପାଳନ କରିବାକୁ କୁହାଯାଇଛି ଏବଂ ୨୦୪୭ ପର୍ଯ୍ୟନ୍ତ ଆସିବାକୁ ଥିବା ବର୍ଷଗୁଡ଼ିକ ଭାରତର ଅମର ଯୁଗ ହେବ ବୋଲି ଆଶ୍ୱାସନା ଦିଆଯାଉଛି। ଆମେ ଏହାକୁ ଭିତ୍ତିକରି ଉତ୍ସବ ପାଳନ କରୁଛୁ। ଆମ ବ୍ରହ୍ମଚର୍ଯ୍ୟ ଅବସ୍ଥାରେ ଯଦି ଆମେ ଯୁବସ୍ୱଭାବ ପ୍ରଦର୍ଶନ କରିଥାଆନ୍ତେ ତେବେ ଆମ ଅବସର ବା ସନ୍ନ୍ୟାସ ଅବସ୍ଥାରେ ଆମେ ଏମିତି ଏକ ଅନାସକ୍ତ ଭାବ ପ୍ରଦର୍ଶନ କରୁ ନ ଥାନ୍ତେ। ଏହା ଜଣେ ଅଭିଜ୍ଞ ବ୍ୟକ୍ତିଙ୍କର ପ୍ରବୃତ୍ତି ନୁହେଁ କି ବୟସ୍କଙ୍କ ଜ୍ଞାନର ପରିପ୍ରକାଶ ନୁହେଁ। ୧୯୪୭ରୁ ରହିଥିବା ରେକର୍ଡ, ନିକଟ ଅତୀତକୁ ଏବଂ ଆଗାମୀ ୨୫ ବର୍ଷ ଭାରତ ପାଇଁ କ'ଣ ସାଇତି ରଖିଛି ତାହାକୁ ଦେଖିଲେ ଜଣେ ଆଶ୍ଚର୍ଯ୍ୟ ହେବ। ଆମେ ଆଉ ଏକ ସ୍ୱାଧୀନତା ଦିବସ ପାଳନ କରୁଥିବାରୁ ଆମକୁ କିଛି ପ୍ରସଙ୍ଗ ଉପରେ ବିଚାର କରିବାକୁ ହେବ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 4 | | | | | |
| | | | 1 | | 8 | | | 4 |
| | | | | | 9 | | | |
| | | 9 | 6 | 4 | 5 | | | |
| | | 7 | | | | | | |
| | 4 | 3 | 2 | | | | 6 | 1 |
| | | 1 | | | | | | 7 |
| | 2 | 4 | | | | 6 | | |
| 7 | | | | | | 5 | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 6 | 1 | 4 | 5 | 9 | 7 | 3 |
| 5 | 3 | 1 | 6 | 9 | 7 | 4 | 2 | 8 |
| 9 | 4 | 7 | 2 | 8 | 3 | 6 | 1 | 5 |
| 1 | 5 | 4 | 3 | 6 | 2 | 7 | 8 | 9 |
| 3 | 7 | 2 | 9 | 1 | 8 | 5 | 6 | 4 |
| 8 | 6 | 9 | 5 | 7 | 4 | 2 | 3 | 1 |
| 4 | 2 | 3 | 8 | 5 | 6 | 1 | 9 | 7 |
| 6 | 9 | 5 | 7 | 3 | 1 | 8 | 4 | 2 |
| 7 | 1 | 8 | 4 | 2 | 9 | 3 | 5 | 6 |

ଗତ କାଲିର ଉତ୍ତର

# 'ରାବିଡ଼ି' ଓ ଖୁସି



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଦେଶର ପ୍ରଧାନମନ୍ତ୍ରୀ ଯେତେବେଳେ 'ବର୍ତ୍ତମାନ ଆମ ଦେଶରେ ମାଗଣା ରାବିଡ଼ି ବାଣ୍ଟି ଭୋଟ ହାତେଇବାର ସଭ୍ୟତା ବଢ଼ିଚାଲିଛି; ଏହି ରାବିଡ଼ି ସଭ୍ୟତା ଦେଶର ପ୍ରଗତି ପାଇଁ ବହୁତ ଘାତକ' ବୋଲି କହିବେ, ତେବେ ତାହାକୁ ସହଜରେ ଏଡ଼ାଇ ଦେଇ ହେବ ନାହିଁ। ପ୍ରଧାନମନ୍ତ୍ରୀ କାହାକୁ 'ରାବିଡ଼ି' ବୋଲି ମନେକରୁଛନ୍ତି ଓ ତାହା କିଏ ବାଣ୍ଟୁଛନ୍ତି ସ୍ପଷ୍ଟ କରିନାହାନ୍ତି। ତେବେ, ଯେହେତୁ ସେ ଭୋଟ ସହିତ ମାଗଣା ରାବିଡ଼ିକୁ ଯୋଡ଼ିଛନ୍ତି, ସେଥିରୁ ବୁଝାଯାଉଛି ଯେ ଲୋକଙ୍କୁ ବିଭିନ୍ନ ସରକାର ଦେଉଥିବା ଭିନ୍ନ ଭିନ୍ନ ରିହାତିକୁ ସେ 'ରାବିଡି' ମନେକରୁଛନ୍ତି। ତେବେ ଆଜିର ଆଲେଖ୍ୟରେ ଆମେ ଏହାର ରାଜନୈତିକ ଦିଗକୁ ଆଦୌ ଯିବା ନାହିଁ ବା ପ୍ରଧାନମନ୍ତ୍ରୀ ପ୍ରକୃତରେ ରାବିଡ଼ିର କ'ଣ ଧାରଣା ରଖିଛନ୍ତି ତାହାର ଚର୍ଚ୍ଚା କରିବା ନାହିଁ। ଆମେ କେବଳ 'ସୁଖ ସୂଚକାଙ୍କ'ରେ ସର୍ବାଗ୍ରେ ଥିବା କିଛି ରାଷ୍ଟ୍ରର ଉଦାହରଣ ନେଇ ସେଠାରେ 'ରାବିଡ଼ି'ର କିଛି ଭୂମିକା ଅଛି ନା ନାହିଁ ଦେଖିବାର ଚେଷ୍ଟା କରିବା।

ପ୍ରଗତି ମାପିବାର ପ୍ରକୃତ ମାପକ କ'ଣ ହେବା ଦରକାର– ଅନେକ ବର୍ଷ ହେଲାଣି ଏହାରି ଉପରେ ଚର୍ଚ୍ଚା ହୋଇଆସିଛି। ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ 'ଜିଡିପି' ବା ସମୁଦାୟ କେତେ ଉତ୍ପାଦନ ହେଉଛି, ତାହା ପ୍ରଗତିର ମାପକାଠି ହୋଇ ରହିଛି। ତେବେ ଏଥିରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପଲବ୍ଧି କରି ୨୦୧୧ରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ 'ସୁଖ– ପ୍ରଗତିର ଏକ ସାମଗ୍ରିକ ପରିଭାଷା' ଶୀର୍ଷକ ପ୍ରସ୍ତାବ ପାରିତ ହେଲା। ସେଥିରେ କୁହାଯାଇଥିଲା ଯେ, ଲୋକଙ୍କ ସୁଖ ଓ ଖୁସି ହିଁ ଉନ୍ନତି ଓ ପ୍ରଗତିର ପ୍ରକୃତ ପରିଭାଷା। ଏହି କ୍ରମରେ ଏପ୍ରିଲ ୨୦୧୨ରେ ପ୍ରଥମ 'World Happiness Report' ବା ବିଶ୍ୱ ସୁଖୀ ରିପୋର୍ଟ ଆସିଲା। ସେହି ବର୍ଷଠାରୁ ପ୍ରତିବର୍ଷ ସେହି ରିପୋର୍ଟ ପ୍ରସ୍ତୁତ ହେଉଛି। ସେଥିରେ ବିଶ୍ୱର କେଉଁ ରାଷ୍ଟ୍ରର ଲୋକେ କେତେ ସୁଖୀ ତାହା ମାପିବାର ପ୍ରୟାସ କରାଯାଉଛି। ମୋଟ ଘରୋଇ ଉତ୍ପାଦ, ସାମାଜିକ ସହାୟତା, ଜନ୍ମ ସମୟରେ ସୁସ୍ଥ ଆୟୁ ସମ୍ଭାବନା, ନିଜ ପସନ୍ଦର ଜୀବନ ଜିଇବାର ସୁଯୋଗ, ଉଦାରତା ଓ ଦୁର୍ନୀତିର ଅନୁଭବକୁ କାରକ ଭାବରେ ନେଇ 'ସୁଖ ସୂଚକାଙ୍କ' ପ୍ରସ୍ତୁତ କରାଯାଉଛି। ଏହାକୁ ନେଇ ଆଉ ଦ୍ୱିମତ ନାହିଁ ଯେ, ଖୁସି ଆଣିବାରେ ଆୟ ତ ଏକ ବଡ଼ ମାପକ ନିଶ୍ଚୟ ହେବ, କିନ୍ତୁ ତାହା ଆଦୌ ଏକମାତ୍ର ବା ପ୍ରମୁଖ ମାପକ ନୁହେଁ। ନିଜକୁ କେତେ ସୌଭାଗ୍ୟଶାଳୀ ମନେକରୁଛନ୍ତି, ନିଜକୁ କେତେ ସୁଯୋଗ ମିଳୁଛି ବୋଲି ବିବେଚନା କରୁଛନ୍ତି, ଆପଦ ବିପଦରେ ନିଜକୁ କେତେ ସୁରକ୍ଷିତ ମନେକରୁଛନ୍ତି ଇତ୍ୟାଦି ମଧ୍ୟ ଖୁସି ବା ସନ୍ତୁଷ୍ଟି ଆଣିବାରେ ବା ହୃଦୟଙ୍ଗମ କରିବାରେ ପ୍ରମୁଖ କାରକ। ସୁଖୀ ଦେଶଗୁଡ଼ିକର ସନ୍ତୁଷ୍ଟିର କାରଣ ଖୋଜିବା ଆଦୌ କଷ୍ଟପ୍ରଦ ନୁହେଁ। ସେହି ଦେଶର ଲୋକେ ବିଚାର କରନ୍ତି ଯେ, ତାଙ୍କୁ ଚାହୁଁଥିବା ସୁଯୋଗ ମିଳୁଛି, ତାଙ୍କୁ ସାମାଜିକ ସହାୟତା ମିଳୁଛି, ତାଙ୍କ ଦେଶରେ ବିଭେଦ ନାହିଁ, ତାଙ୍କ ସରକାରରେ ଦୁର୍ନୀତି ନାହିଁ। ସେମାନେ ଆହୁରି ବିଚାର କରନ୍ତି ଯେ, ସେମାନେ ସରକାରକୁ ଦେଉଥିବା କର ଅପଚୟ ହେଉନାହିଁ।



ବିଶ୍ୱର ସବୁଠାରୁ ଧନୀ ଓ ବଳୀୟାନ୍ ରାଷ୍ଟ୍ର ଆମେରିକା। କିନ୍ତୁ ଖୁସିରେ ସର୍ବାଗ୍ରେ ଥିବା ରାଷ୍ଟ୍ରଙ୍କ ତାଲିକାରେ ତା' ନାଁ ନାହିଁ। ଫିନ୍‌ଲାଣ୍ଡ, ଡେନ୍‌ମାର୍କ, ନରୱେ ଆଦି ରାଷ୍ଟ୍ର ସେହି ସୂଚୀରେ କ୍ରମାଗତ ଭାବରେ ଶୀର୍ଷରେ ରହି ଆସିଛନ୍ତି। ଲୋକଙ୍କୁ ସମାନ ସୁଯୋଗ ଦେଇ ପ୍ରଗତି ପଥରେ ଆଗେଇ ନେବା ପାଇଁ ସେହି ଦେଶର ସରକାରମାନେ 'ରାବିଡ଼ି' ବାଣ୍ଟିବାରେ ଆଦୌ କାର୍ପଣ୍ୟ କରନ୍ତି ନାହିଁ। ସୁଖ ସୂଚୀରେ ସର୍ବାଗ୍ରେ ରହୁଥିବା ଏଇ ରାଷ୍ଟ୍ରଗୁଡ଼ିକରେ ଶିକ୍ଷା ବ୍ୟବସ୍ଥା ଉନ୍ନତ ଓ ବିଭେଦ ରହିତ। ସେଠାରେ ବିଦ୍ୟାଳୟରେ ପଢ଼ିବା ପାଇଁ ଫିଜ୍ ଦରକାର ପଡ଼େନାହିଁ। ତେଣୁ ଧନୀ ଯେଉଁଠି ପଢ଼ିବ, ଗରିବଟେ ବି ସେଇଠି ପଢ଼ିବାର ସମାନ ସୁଯୋଗ ରହିଛି। ଏହି ମାଗଣା ଶିକ୍ଷା ବ୍ୟବସ୍ଥା ଖାଲି ପ୍ରାଥମିକ ସ୍ତରରେ ନାହିଁ, ଉଚ୍ଚ ଶିକ୍ଷା ସ୍ତରରେ ମଧ୍ୟ ଅଛି। ଅଧ୍ୟୟନ ପାଇଁ ଆର୍ଥିକ ସ୍ୱଚ୍ଛଳତା ଆଦୌ ଏକ କାରକ ନୁହେଁ ସେହିସବୁ ରାଷ୍ଟ୍ରରେ। ସ୍ୱାସ୍ଥ୍ୟସେବା ସେଇଠି ସମସ୍ତଙ୍କ ପାଇଁ ସମାନ। ଧନୀ ପାଇଁ ଯେଉଁ ଡାକ୍ତରଖାନା, ଗରିବ ପାଇଁ ବି ସେୟା। ସବୁ ମାଗଣା। ସେହି ସବୁ ରାଷ୍ଟ୍ରରେ 'ସାମାଜିକ ସୁରକ୍ଷା'କୁ ନାଗରିକର 'ଅଧିକାର' ବୋଲି ବିବେଚନା କରାଯାଏ। ସବୁ ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ମିଳିବା, ବ୍ୟକ୍ତିର ଆୟ ନ ଥିଲେ ବା ବେକାର ଥିଲେ ରୋଜଗାରର ବିକଳ୍ପ ସାଧନ ବା ଭତ୍ତା ରହିବା, ବ୍ୟକ୍ତି ବେମାର ବା କାମ କରି ନ ପାରିଲେ ସେବା ଓ ଆୟର ଚିନ୍ତା ନ ଥିବା, ଶିଶୁ ଓ ବୟସ୍କଙ୍କ ପାଇଁ ଉନ୍ନତ ସେବା ବ୍ୟବସ୍ଥା ଥିବା, ବୈଷମ୍ୟ ନ ଥିବା ଇତ୍ୟାଦି ହେଲା 'ସାମାଜିକ ସୁରକ୍ଷା'। ଜଣେ ବ୍ୟକ୍ତି ନିଜକୁ ଚିନ୍ତାମୁକ୍ତ ମନେକରିବା ହେଲା 'ସାମାଜିକ ସୁରକ୍ଷା'ର ମାପକାଠି। ସେହି ଦେଶର ସରକାରମାନେ ଭୋଟ ପାଇଁ ସେଭଳି ବ୍ୟବସ୍ଥା ରଖିନାହାନ୍ତି। ସେମାନେ ବୁଝିଛନ୍ତି ଯେ, ତାହା ହିଁ ଶାସକ ଓ ଶାସନର କର୍ତ୍ତବ୍ୟ। ସୁଖର ସୂଚୀରେ ଆଗରେ ଥିବା ବହୁ ରାଷ୍ଟ୍ର ଆହୁରି ଅନେକ ପ୍ରକାରର 'ରାବିଡ଼ି' ବାଣ୍ଟନ୍ତି। ଲକ୍ସମବର୍ଗ, ଜର୍ମାନୀ ଆଦି ଦେଶରେ ସାର୍ବଜନୀନ ଗମନାଗମନ ବ୍ୟବସ୍ଥା ପ୍ରାୟ ମାହାଲିଆ। ସବୁଠି ବେକାରି, ବରିଷ୍ଠ ନାଗରିକ, ଅନ୍ୟ ଭାବରେ ଦୁର୍ବଳ ଲୋକଙ୍କ ପାଇଁ ସରକାରମାନେ ରାବିଡ଼ିର ବ୍ୟବସ୍ଥା ରଖିଛନ୍ତି। ହଁ, ଗୋଟିଏ ଯୁକ୍ତି ଆସିପାରେ ଯେ ସେହି ଦେଶଗୁଡ଼ିକରେ ସରକାର ଅଧିକ ଆୟକର ନିଅନ୍ତି। ହଁ, ଫିନ୍‌ଲାଣ୍ଡ ଓ ଡେନ୍‌ମାର୍କରେ ତ ଲୋକେ ୫୬% ଯାଏ ଆୟକର ଦିଅନ୍ତି। ସେତିକି କର ଦେଇକି ବି ସେହି ଦେଶର ଲୋକେ ପ୍ରବଳ ଖୁସି। କାରଣ ସେମାନେ ଚାହୁଁଥିବା ସେବା, ସୁଯୋଗ ଓ ବାତାବରଣ ତାଙ୍କୁ ତାଙ୍କ ସରକାର ପ୍ରଦାନ କରନ୍ତି। ଆଉ ସେମାନେ ମନେକରନ୍ତି ଯେ ସେମାନେ ଦେଉଥିବା କରର ସଠିକ ଉପଯୋଗ ହେଉଛି।

୨୦୨୨ର ହାପିନେସ୍ ରିପୋର୍ଟରେ ୧୪୬ଟି ରାଷ୍ଟ୍ରର ସୂଚୀରେ ଭାରତ ଦୟନୀୟ ୧୩୬ତମ ସ୍ଥାନରେ ରହିଛି। ୧୩୫ଟି ରାଷ୍ଟ୍ରର ଲୋକ ଭାରତର ଲୋକଙ୍କଠାରୁ ଅଧିକ ସୁଖୀ ଅଛନ୍ତି। ଯେଉଁ ପ୍ରଗତି ସୁଖ ଆଣେ ନାହିଁ, ତାହା କେତେବେଳେ ବି ପ୍ରଗତି ନୁହଁ। ରାବିଡ଼ି ବାଣ୍ଟିବା ପ୍ରଗତିର ସାଧକ ନା ବାଧକ ତାହାକୁ ନେଇ ଦ୍ୱନ୍ଦ୍ୱ ଥାଇପାରେ, କିନ୍ତୁ ସୁଖ ଯେ ପ୍ରଗତିର ପ୍ରମୁଖ ମାପକାଠି ତାହାକୁ ନେଇ ଆଦୌ କିଛି ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ। ଆମ ଦେଶରେ ସରକାରୀ ବିଦ୍ୟାଳୟରେ ପଢ଼ୁଥିବା ଓ ପୁଳାପୁଳା ଧନ ଦେଇ ଧନୀ ପିଲା ପଢ଼ୁଥିବା ବିଦ୍ୟାଳୟ ମଧ୍ୟରେ ଥିବା ବୈଷମ୍ୟକୁ ଆମେ ସମସ୍ତେ ଊଣାଅଧିକେ ଭୋଗିଛେ। କେବଳ ଧନୀ ଘରର ହୋଇଥିବାରୁ ନିଜଠାରୁ ଭଲ ସ୍କୁଲ କଲେଜରେ ପଢ଼ୁଥିବା ଛାତ୍ରୀଛାତ୍ରଙ୍କୁ ଦେଖି ଆମ ଭିତରେ ନିଶ୍ଚୟ ହୀନମନ୍ୟତା ଜାଗ୍ରତ ହୋଇଥିବ ଆଉ ଆମଠୁ ଗରିବ ହୋଇଥିବା କାରଣରୁ ନ୍ୟୂନ ସ୍କୁଲ କଲେଜରେ ପଢ଼ୁଥିବା ଛାତ୍ରୀଛାତ୍ରଙ୍କୁ ଦେଖି ତାଙ୍କ ପ୍ରତି ତାଚ୍ଛଲ୍ୟ ବା ଦୟା ଭାବ ଆସିଥିବ। ଆମ ବ୍ୟବସ୍ଥା ମୌଳିକ କ୍ଷେତ୍ରରେ ବି ବୈଷମ୍ୟର ମଞ୍ଜି ବାଲ୍ୟ କାଳରୁ ବୁଣି ଚାଲିଛି। ଶୈଶବରୁ ହିଁ ପିଲା ଭିତରେ ହୀନମନ୍ୟତା ଭର୍ତ୍ତି ହେବାର ସମସ୍ତ ବ୍ୟବସ୍ଥା ଆମର ଏଠି ଅଛି। ଖାଲି ଶୈଶବ ନୁହେଁ, ଜନ୍ମଠାରୁ ମରିବା ପର୍ଯ୍ୟନ୍ତ ପ୍ରାୟ ସବୁ କ୍ଷେତ୍ରରେ ବିଭେଦ ଓ ବୈଷମ୍ୟ ଠୁଙ୍କିଠୁଙ୍କି ଭରି ରହିଛି। ସୁଖ ଆସିବ କୋଉଠି? ଭାରତୀୟ ସଭ୍ୟତା ସବୁବେଳେ ସମସ୍ତଙ୍କର ଖୁସି ହିଁ କାମନା କରିଛି। ଭାରତ ତାହାର ଲୋକଙ୍କୁ ଖୁସି କରିବାରେ ବି ଅଗ୍ରଣୀ ହେଉ, ଏହି କାମନା ତ ନିଶ୍ଚୟ ରଖିବା ଉଚିତ।

Email: bimalpandia@gmail.com

# ସିଏସ୍ଆଇଆର୍ ମୁଖ୍ୟ

ବ୍ୟକ୍ତିତ୍ୱ



ଏନ୍. କାଲାଇସେଲ୍‌ଭି

ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଦେଶର ଅନ୍ୟତମ ସର୍ବୋଚ୍ଚ ସଂସ୍ଥା ଭାବେ କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍ଆଇଆର୍) ପରିଚିତ। ସର୍ବଭାରତୀୟ ସ୍ତରରେ ଏହାର ଅତ୍ୟାଧୁନିକ ୩୭ ଜାତୀୟ ଗବେଷଣାଗାର, ୩ ଆଉଟ୍‌ରିଚ୍ ସେଣ୍ଟର, ୩ ଇନୋଭେଶନ୍ କମ୍ପ୍ଲେକ୍ସ ଓ ୫ ୟୁନିଟ୍ ରହିଛି। ଜୁନ୍ ୨୦୨୧ ସୁଦ୍ଧା କରାଯାଇଥିବା ହିସାବରୁ ଜଣାପଡ଼ିଛି, ଏହାର ୩,୪୬୦ ବୈଜ୍ଞାନିକ ଅଛନ୍ତି ଏବଂ ଏମାନଙ୍କୁ ସହାୟତା ଦେବା ସକାଶେ ୪,୩୫୦ ବିଜ୍ଞାନଭିତ୍ତିକ ଓ ବୈଷୟିକ ଦୃଷ୍ଟିରୁ ଦକ୍ଷ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି। ଓସେନୋଗ୍ରାଫି (ମହାସାଗର ସମ୍ବନ୍ଧୀୟ ବୈଜ୍ଞାନିକ ଅଧ୍ୟୟନ)ଠାରୁ ଆରମ୍ଭ କରି ଇନ୍‌ଫର୍ମେଶନ ଟେକ୍ନୋଲୋଜି (ସୂଚନା ପ୍ରଯୁକ୍ତି) ଯାଏ ବିଜ୍ଞାନର ବହୁବିଧ କ୍ଷେତ୍ରରେ ସିଏସ୍ଆଇଆର୍ କାର୍ଯ୍ୟ କରୁଥିବାରୁ ଏହାର ଗୁରୁତ୍ୱ ଯଥେଷ୍ଟ ରହିଛି। ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଥିବା ବିଦ୍ୟାର୍ଥୀ ହୁଅନ୍ତୁ ବା ଉଦୀୟମାନ ବୈଜ୍ଞାନିକ, ଏହି ସଂସ୍ଥା ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ହୋଇ ନିଜ ପ୍ରୋଫାଇଲ୍‌କୁ ଆକର୍ଷଣୀୟ କରିବାର ଇଚ୍ଛା ସମସ୍ତଙ୍କର ଥାଏ। କିନ୍ତୁ ଯିଏ ଏହି ସର୍ବୋଚ୍ଚ ସଂସ୍ଥାର ଶିଖରରେ ପହଞ୍ଚିବାରେ ସଫଳ ହୋଇଥାଆନ୍ତି, ତାଙ୍କୁ ଯୁବପିଢ଼ି ଆଦର୍ଶ ଭାବେ ଗ୍ରହଣ କରିଥାଆନ୍ତି। ୭ ଅଗଷ୍ଟ ୨୦୨୨ରେ ଏନ୍. କାଲାଇସେଲ୍‌ଭି ସିଏସ୍ଆଇଆର୍‌ର ପ୍ରଥମ ମହିଳା ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତ ହେବାର ଗୌରବ ଅର୍ଜନ କରିଥିବାରୁ ତାଙ୍କ ବୃତ୍ତିଗତ ଯାତ୍ରା ଯୁବ ବୈଜ୍ଞାନିକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

କାଲାଇସେଲ୍‌ଭି ତାମିଲନାଡୁର ତିରୁନେଲ୍‌ଭେଲି ଜିଲାର ଅମ୍ବାସମୁଧ୍ରମ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ। ପିତା ସ୍କୁଲ ଶିକ୍ଷକ। ତାଙ୍କର ସମଗ୍ର ଶିକ୍ଷା ତାମିଲନାଡୁର ସରକାରୀ ସ୍କୁଲ ଓ କଲେଜରେ ହୋଇଛି। ବିଜ୍ଞାନ ଭଳି ଜଟିଳ ବିଷୟ ସହଜରେ ବୁଝିବାରେ ତାମିଲ ଭାଷା ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଛି ବୋଲି କହିଥାଆନ୍ତି। ଏବେ ଦେଶବ୍ୟାପୀ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢ଼ିବା ଲାଗି ପିଲାଙ୍କ ଆଗ୍ରହ ବଢ଼ୁଥିବାବେଳେ କାଲାଇସେଲ୍‌ଭି ନିଜ ମାତୃଭାଷାରେ ଉତ୍କର୍ଷ ଲଭିଥିବା ବିଷୟ ସାଧାରଣରେ ପ୍ରକାଶ କରିବା ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ନିଶ୍ଚିତ ଉତ୍ସାହପ୍ରଦ। କୁଡ୍ଡାଲୋର ଜିଲାର ଚିଦାମ୍ବରମ୍ ସହରରେ ଥିବା ଆନ୍ନାମାଲାଇ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ଉପରେ ଦୁଇ ବଡ଼ ଭାଇ ରହିଥିଲେ ହେଁ ପିତା ତାଙ୍କୁ କେବେ ଝିଅ ଭାବି ଅଣଦେଖା କରି ନ ଥିଲେ। ଏକ ଦୃଢ଼ ଅଙ୍ଗୀକାରବଦ୍ଧତା ଦର୍ଶାଇବାର ଚିନ୍ତନ ରଖି କାଲାଇସେଲ୍‌ଭି ମଧ୍ୟ ସ୍କୁଲ ବେଳେ ପୁଅ ପିଲାଙ୍କ ଖେଳ ଖେଳୁଥିଲେ ବୋଲି ସାକ୍ଷାତ୍‌କାରରେ କହିଛନ୍ତି।

କାଲାଇସେଲ୍‌ଭିଙ୍କ ଚାକିରି ଜୀବନ ପିଏଚ୍‌ଡି ଶେଷ ପରେ ଆରମ୍ଭ ହୋଇଥିଲା। ଏକ ଘରୋଇ କଲେଜରେ ସେ ଅର୍ଗାନିକ୍ କେମିଷ୍ଟ୍ରି ତିନି ବର୍ଷ ପଢ଼ାଇବା ପରେ ୧୯୯୭ରେ ତାମିଲନାଡୁର ସିକାଲାକୋଟାଇସ୍ଥିତ ସିଏସ୍ଆଇଆର୍–ସେଣ୍ଟ୍ରାଲ ଇଲେକ୍‌ଟ୍ରୋ କେମିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିଇସିଆର୍‌ଆଇ)ରେ କନିଷ୍ଠ ବୈଜ୍ଞାନିକ ଭାବେ ଯୋଗଦେଇଥିଲେ। ତାହା ହିଁ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ସିଏସ୍ଆଇଆର୍‌ରେ କାର୍ଯ୍ୟ କରିବା ଲାଗି ସୁଯୋଗ ପାଇବା ପରେ ସେ ଲିଥିୟମ୍ ଆଇରନ୍ ବ୍ୟାଟେରି କ୍ଷେତ୍ରରେ ଅଭିନବତ୍ୱ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲିଥିୟମ୍ ଆଇରନ୍ ବ୍ୟାଟେରିର ଭଣ୍ଡାରଣ କ୍ଷମତା (ଷ୍ଟୋରେଜ୍ କାପାସିଟି) ବଢ଼ାଇବା ଲାଗି ବ୍ୟବହୃତ ଇଲେକ୍‌ଟ୍ରୋଡ୍‌ସ ପାଇଁ ନୂଆ ବସ୍ତୁ ଉଦ୍ଭାବନ କରି ସେ ସମସ୍ତ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡିସେମ୍ବର ୨୦୦୦ରେ କାଲାଇସେଲ୍‌ଭି ସିଙ୍ଗାପୁର ଓ ମାଲେସିଆରେ ଅନୁଷ୍ଠିତ ୮–ଏସିଏସ୍ଏସ୍ଆଇ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଗବେଷଣାର ଉତ୍କର୍ଷ ବିଷୟରେ ଜଣାଇଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଜ୍ଞାନଭିତ୍ତିକ ସଂସ୍ଥାରେ କାଲାଇସେଲ୍‌ଭି ମେମ୍ବର ଅଫ୍ ଷ୍ଟଡିଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତାମିଲନାଡୁର ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ଲାଗି ପ୍ରକାଶ ପାଉଥିବା ମାସିକ ବିଜ୍ଞାନ ପତ୍ରିକା 'ଏରିଗା ଏରିଭିୟାଲ'ର ସମ୍ପାଦକ ଭାବେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୨ରେ ତାଙ୍କୁ ମଲ୍ଟିଫଙ୍କ୍‌ଶନାଲ ଇଲେକ୍‌ଟ୍ରୋଡ୍ସ ଆଣ୍ଡ୍ ଇଲେକ୍‌ଟ୍ରୋଲାଇଟ୍‌ସ ଫର୍ ଫିଉଚରିଷ୍ଟିକ୍ ଟେକ୍ନୋଲୋଜିଜ୍ (ମଲ୍‌ଟିଫେନ୍)ର ନୋଡାଲ ବୈଜ୍ଞାନିକ ରୂପେ ନିଯୁକ୍ତି ମିଳିଥିଲା। ସେ ସେଥିରେ ୨୦୧୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତେବେ ୨୦୧୩ରେ କାଲାଇସେଲ୍‌ଭିଙ୍କ ତତ୍ତ୍ୱାବଧାନରେ ନ୍ୟାଶନାଲ ମିଶନ୍ ଫର୍ ଇଲେକ୍‌ଟ୍ରିକ୍ ମୋବିଲିଟି ଆରମ୍ଭ କରାଯାଇଥିଲା। ଏହିଭଳି ଭାବେ ତାଙ୍କ କ୍ୟାରିୟର ଉର୍ଦ୍ଧ୍ୱଗାମୀ ହୋଇଥିଲା ଓ ସେ ୨୦୧୯ରେ ଏହି ମିଶନ୍‌ର ମଧ୍ୟ ନିର୍ଦ୍ଦେଶକ ହୋଇଥିଲେ। ଏଥିସହିତ ସେ ସିଏସ୍ଆଇଆର୍‌ର ରିନିଏବଲ୍ ଆଣ୍ଡ୍ ନନ୍–ରିନିଏବଲ୍ ଏନର୍ଜୀ ଆଣ୍ଡ ଡିଭାଇସେସ୍‌ର ଥିମ୍ ଡାଇରେକ୍ଟର ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୯ ନଭେମ୍ବରରେ ଜର୍ମାନୀରେ ସିଏସ୍ଆଇଆର୍–ଡିଏଏଡି ଏକ୍ସଚେଞ୍ଜ ପ୍ରୋଗ୍ରାମ୍‌ର ଏକ ଅଂଶ ପାଲଟି ସୁନାମ ଅର୍ଜନ କରିଥିଲେ। ଉଦ୍ଭାବନ, ଗବେଷଣା ଓ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ଶେଷରେ ସିଏସ୍ଆଇଆର୍ ମହାନିର୍ଦ୍ଦେଶକ ପଦବୀରେ ବସାଇବା ସହ ଅତିରିକ୍ତ ଭାବେ ସାଇଣ୍ଟିଫିକ୍ ଆଣ୍ଡ ରିସର୍ଚ୍ଚ ବିଭାଗର ସଚିବ ଦାୟିତ୍ୱ ମଧ୍ୟ ଅର୍ପଣ କରିଛି।

କାଲାଇସେଲ୍‌ଭି କେତେକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାର ସମ୍ପାଦନାମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଯୁବ ବୈଜ୍ଞାନିକ ସମ୍ମାନଠାରୁ ଆରମ୍ଭକରି ସେ ଦେଶବିଦେଶର ବହୁ ପୁରସ୍କାରରେ ମଧ୍ୟ ଭୂଷିତ ହୋଇଛନ୍ତି। ଗବେଷଣା ସହିତ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି ତାଙ୍କ ବକ୍ତୃତା ଦେବାର ଶୈଳୀ। ଆକାଶବାଣୀରେ ଟକ୍ ଦେବା ସହ ଅନେକ ମଞ୍ଚରେ ସେ ଭାଷଣ ଦେଇ ନିଜର ଏକ ପ୍ରଶଂସକ ମହଲ ସୃଷ୍ଟି କରିପାରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅନେକ ସମୟରେ ଜିଲାପାଳମାନଙ୍କର କିଛି ନିଆରା କାର୍ଯ୍ୟ ସାମ୍ନାକୁ ଆସିଥାଏ, ଯାହା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଛତରପୁରର ଜିଲାପାଳ ସନ୍ଦୀପ ଜି ଆର୍‌ଙ୍କ କ୍ଷେତ୍ରରେ। ସେ ବିଭିନ୍ନ ସ୍ଥାନକୁ ଗାଡ଼ି ବଦଳରେ ସାଇକେଲରେ ଯାଉଛନ୍ତି। ବାହାରର ବାସ୍ତବତା ଜାଣିବା ଓ ତୃଣମୂଳସ୍ତରରେ ଲୋକମାନଙ୍କ ଅଭିଯୋଗ ଶୁଣିବା ଲାଗି ସେ ସାଇକେଲରେ ଯାଇ ତାହାକୁ ସମାଧାନ କରୁଛନ୍ତି। ଏହା ପୂର୍ବରୁ ସେ ଜବଲପୁରର ମ୍ୟୁନିସିପାଲ କର୍ପୋରେଶନର କମିଶନର ରହିଥିଲେ। ସରକାରଙ୍କ ଯୋଜନା ବାଦ୍ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବାକୁ ଯାଇ ସେ ଫଳ ବଗିଚା ଆରମ୍ଭ କରି ଏଥିରୁ ଉତ୍ପାଦିତ ଫଳକୁ ସେ ଅସହାୟଙ୍କୁ ବାଣ୍ଟୁଛନ୍ତି। ଜିଲାପାଳ ଗତ ବର୍ଷ ଅକ୍ଟୋବର ସୁଦ୍ଧା ଜବଲପୁରରେ ୩୦ ହଜାର ଫଳଗଛ ଲଗାଇ ସାରିଥିଲେ। ଏହି ବଗିଚାରୁ ଏବେ କଦଳୀ, ଲେମ୍ବୁ, ଆମ୍ବ, ସପୁରି ଆଦି ଫଳ ଉତ୍ପାଦନ ହେଉଛି। ଏହା ଉତ୍ପାଦନଠାରୁ ଆରମ୍ଭ କରି ବଣ୍ଟନ ବ୍ୟବସ୍ଥାଯାଏ ସବୁ କିଛି ପରିବେଶ ଉପଯୋଗୀ ତଥା ସହନୀୟ ଉପାୟରେ କରାଯାଉଛି। ତେବେ ଛତରପୁର ଜିଲାପାଳ ଭାବେ ନିଯୁକ୍ତ ହେବାର ଇତିମଧ୍ୟରେ ୭ ମାସ ବିତିଗଲାଣି। ସେ ମଧ୍ୟ ଛତରପୁରରେ ୧୧ ଏକରରେ ୪୦ ହଜାର ଗଛ ଲଗାଇବା କାର୍ଯ୍ୟ ଜାରି ରଖିଛନ୍ତି। ଅଫିସ ଭିତରେ ଗୋଟିଏ ଓ ବାହାରେ ଆଉ ଗୋଟିଏ ବିଶ୍ୱ ରହିଛି ଏବଂ ଦୁଇଟିକୁ ସମାନ ଭାବରେ ଦେଖୁଛନ୍ତି ବୋଲି କୁହନ୍ତି ଜିଲାପାଳ ସନ୍ଦୀପ ଜିଆର୍।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୯୭

- ଆଲଜିଅର୍ସଠାରୁ ୧୨୦ କି.ମି. ଦକ୍ଷିଣ–ପଶ୍ଚିମ ହେରାଲଆ ଗ୍ରାମରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଆକ୍ରମଣ କରି ୧୯ ଜଣଙ୍କୁ ହତ୍ୟା କରିଛନ୍ତି।
- ଆମେରିକା ଇତିହାସରେ ବିଲ୍ କ୍ଲିଣ୍ଟନଙ୍କୁ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ସ୍ୱତନ୍ତ୍ର ଲାଇନ୍ ଆଇଟମ ଭେଟୋ କ୍ଷମତା ପ୍ରୟୋଗ କରିବାକୁ କ୍ଷମତା ପ୍ରଦାନ।
- ବୋଡୋ ସମସ୍ୟାର ସମାଧାନ ଲାଗି ଆସାମ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିବାର ଅଭିଯୋଗ କରି ବୋଡୋ ଉଗ୍ରପନ୍ଥୀମାନଙ୍କ 'ଅସ୍ତ୍ରବିରତି' ଘୋଷଣା ପ୍ରତ୍ୟାହାର।

## ପାଠକ ଶ୍ରେଷ୍ଠ ବିଚାରକ

### ପରିବାରରୁ ଜଣଙ୍କୁ ନିଯୁକ୍ତି ମିଳୁ

ମହାଶୟ,

ବର୍ତ୍ତମାନ ଆମ ରାଜ୍ୟରେ ପ୍ରାୟ ଲକ୍ଷାଧିକ ସରକାରୀ ପଦବୀ ଖାଲି ପଡ଼ିଛି। ସେହିପରି ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଅନୁରୂପ ଅବସ୍ଥା। ଦେଶରେ କୋଟି କୋଟି ଶିକ୍ଷିତ ବେକାର ରହିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେଉଛନ୍ତି; ଅଥଚ ଉଚ୍ଚଶିକ୍ଷିତ ଗରିବ ବେକାରଙ୍କୁ ନୁହେଁ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ସବୁଦିନ କ୍ଷମତାରେ ରହିବା ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଲକ୍ଷ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରତିବର୍ଷ ଲକ୍ଷ ଲକ୍ଷ କୋଟି ଟଙ୍କା ଦେଉଛନ୍ତି, ଅଥଚ ଗରିବ ପରିବାରର ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେଉନାହାନ୍ତି। ସରକାର ବୁଝିବା ଉଚିତ କି ଯଦି ଚାକିରି ପାଇ ନ ଥିବା ପରିବାରରୁ ଜଣକୁ ନିଯୁକ୍ତି ପ୍ରଦାନ କରାଯାଏ, ତେବେ ଦାରିଦ୍ର୍ୟ ଦୂର ହୋଇପାରିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୂହ ଏହି ସମୟକୁ ଉପଲବ୍ଧି କରିବା ଉଚିତ। ସତରେ ଚାକିରି ପାଇ ନ ଥିବା ପରିବାରର ଏହା ହେଉଛି ଏକ ମୌଳିକ ଅଧିକାର। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ସଂସଦ ଓ ରାଜ୍ୟ ବିଧାନ ସଭାରେ ଏସଂକ୍ରାନ୍ତ ବିଧେୟକ ପାରିତ କରାନ୍ତୁ।

– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

## ଚିରନ୍ତନୀ

ବହିଯାଏ ଧୀରେ ନୟନର ନୀରେ ବାରତା କିବା
ତାହାରି ଧିଆନେ ଉଜଳି ଉଠେ ମୋ ରଜନୀ ଦିବା।
ନ ଚାହିଁ କେଣିକି ସେ ଏଣୀ–ନୟନା ନଚାଇ ବେଣୀ
ଲୁଚାଇ ଚାଲଇ ଓଠ ତଳେ କେତେ ବାସନା ଶ୍ରେଣୀ।
(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମଦ ପାଇଁ ଟଙ୍କା ନ ଦେବାରୁ ବାପା, ମା'ଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୩।୮(ବ୍ୟୁରୋ): ମଦ ପିଇବାକୁ ଟଙ୍କା ନ ଦେବାରୁ ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଯୁବକ ତାଙ୍କ ବାପା, ମା'ଙ୍କୁ ଆକ୍ରମଣ କରିଛନ୍ତି। ଅଭିଯୋଗକ୍ରମେ ସମ୍ପୃକ୍ତ ପୁଅଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଶାସ୍ତ୍ରୀନଗର ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଛତ୍ରପୁର ଥାନ ଅଞ୍ଚଳର ରବି ଶଙ୍କର ପ୍ରଧାନ(୩୮)। ଅଭିଯୁକ୍ତ ରବିଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ରବି ଗୁରୁବାର ରାତିରେ ମଦ ପିଇବାକୁ ମା' ବାସନ୍ତିଙ୍କୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ନ ଦିଆଯିବାରୁ ସେ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ସେ ମା'ଓ ବାପା ଉଦୟଙ୍କୁ ହକି ବାଡ଼ି ଓ ମାର୍ବଲ ପଥରେ ଆକ୍ରମଣ କରିଥିଲେ। ଫଳରେ ବାସନ୍ତିଙ୍କ ହାତ ଭାଙ୍ଗିଯାଇଥିବା ବେଳେ ଉଦୟ ମଧ ଆହତ ହୋଇଥିଲେ। ଏନେଇ ସାନ ଭାଇ କବିଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୪୮/୨୦୨୨) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### କଦଳୀ ଗୋଦାମରୁ ଚୋରି, କାଉ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୩।୮ : ଲିଙ୍ଗରାଜ ଥାନା ଅନ୍ତର୍ଗତ ଡାକରା ବିଭୀଷଣ ମନ୍ଦିର ନିକଟସ୍ଥ ଏକ କଦଳୀ ଗୋଦାମରୁ ଚୋରି ଅଭିଯୋଗରେ ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ନରେଶ ବେହେରା ଓରଫ କାଉ (୨୨) । ତାଙ୍କଠାରୁ ନଗଦ ୧୨୦୦ ଟଙ୍କା ଓ ଗୋଟିଏ ବ୍ୟାଟେରୀ ଜବତ କରାଯାଇଛି । ଅଭିଯୁକ୍ତ କାଉଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ତାଙ୍କ ନାମରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ଥିବାରୁ ସିଆର୍‌ପିସି ୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଦେଶାତ୍ମବୋଧକ କବିତା ପାଠ, ଆଲୋଚନାଚକ୍ର

ଭୁବନେଶ୍ୱର,୧୩।୮(ବ୍ୟୁରୋ): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ୭୫ତମ ସ୍ୱାଧୀନତାର ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଦେଶାତ୍ମବୋଧକ କବିତା ପାଠ ଓ ଆଲୋଚନାଚକ୍ର ଭର୍ଚୁଆଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପୋଲିସ ଡିଜି ବିପିନ ବିହାରୀ ମିଶ୍ର ଯୋଗଦେଇ ସ୍ୱାଧୀନତାର ପୂର୍ବ, ପର ଏବଂ ବର୍ତ୍ତମାନର ସାମାଜିକ ସ୍ଥିତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁ ଅଧକ୍ଷତା, ଭାଷାବିଜ୍ଞାନୀ ଡ.ଦେବାଶିଷ ମହାପାତ୍ର ସଂଯୋଜନା ଓ ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ ।




ରାଜ୍ୟସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ୟୁନିଟ୍‌-୩ ପ୍ରଦର୍ଶନୀ ପଡ଼ିଆରେ ଶନିବାର ଅନୁଷ୍ଠିତ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ଼ରେ ଡିଜିପି ସୁନୀଲ ବଂଶଲ ଅଭିବାଦନ ଗ୍ରହଣ କରୁଛନ୍ତି।

# ଡାକ୍ତରଖାନା ଆଗରେ ରହିବନି ରୋଗୀଙ୍କ ଲମ୍ବା ଧାଡ଼ି

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

ଏଣିକି ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ଦେଖାଇବା ପାଇଁ ରୋଗୀଙ୍କୁ ଆଉ ଲମ୍ବା ଧାଡ଼ିରେ ରହିବାକୁ ପଡିବ ନାହିଁ। ରାଜଧାନୀବାସୀ ଘରେ ବସି ନିଜର ନମ୍ବର କରିବା ସହିତ ଟୋକନ୍ କାଟି ପାରିବେ। ଘରୋଇ ହସ୍ପିଟାଲ ଭଳି ରିସେପ୍‌ସନ୍‌ରେ ବସିଥିବା କର୍ମଚାରୀ ଟୋକନ୍ ନମ୍ବର ସହିତ ରୋଗୀଙ୍କ ନାଁ ଡାକିବେ। ସେହିପରି କେଉଁ ରୋଗୀ କେଉଁ ଡାକ୍ତରଙ୍କ ପାଖକୁ କେତେ ନମ୍ବର ରୁମ୍‌କୁ ଯିବେ ତାହା ମଧ ଡିସ୍‌ପ୍ଲେ ସ୍କ୍ରିନ୍‌ରେ ଦେଖାଯିବ। ସେହିଭଳି ଡାକ୍ତରମାନଙ୍କୁ ମଧ ରୋଗୀଙ୍କର ନାମ, ଠିକଣା, ବୟସ ଆଦି ଲେଖିବାକୁ ପଡିବ ନାହିଁ। ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ 'ମୋ ହସ୍ପିଟାଲ' ଆପ୍ ପ୍ରସ୍ତୁତ କରାଯାଇଛି। ପାଇଲଟ୍ ପ୍ରକଳ୍ପ ଭାବେ ଘାଟିକିଆ ୟୁପିଏଚ୍‌ସିଠାରେ ଏହା ଆରମ୍ଭ ହୋଇଛି। ଘରେ ବସି କିମ୍ବା ମେଡିକାଲକୁ ଆସି ରୋଗୀ କାଉଣ୍ଟରରେ ରେଜିଷ୍ଟ୍ରେଶନ କରି ପାରିବେ। ସେଠାରେ ତାଙ୍କୁ ଏକ ଟୋକନ୍ ନମ୍ବର ମିଳିବ। ଡାକ୍ତର ଟୋକନ ଏବଂ ରୋଗୀଙ୍କ ନାଁ ଡାକିବା ପରେ ସେ ଭିତରକୁ ଯିବେ। ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଔଷଧ କିମ୍ବା କୌଣସି ପରୀକ୍ଷା କରିବା ପାଇଁ ଯାହା ଲେଖିବେ ତାହା ସିଧାସଳଖ 'ନିରାମୟ' କାଉଣ୍ଟରରୁ ମିଳିଯିବ। ରୋଗୀ ସେଠାକୁ ଯାଇ ନିଜ ଟୋକନ୍ ନମ୍ବର କହି ଔଷଧ ଏବଂ ପ୍ରେସ୍‌କ୍ରିପ୍‌ସନ୍‌ର ଏକ କପି ନେଇ ପାରିବେ। ଏହାଦ୍ୱାରା ସରକାରଙ୍କ 'ନିରାମୟ' ଯୋଜନା କିପରି ଚାଲିଛି, ଏଥିରେ ସମସ୍ତ ପ୍ରକାରର ଔଷଧ ମିଳୁଛି କି ନାହିଁ ତାହା ମଧ ବିଏମ୍‌ସି ନଜରରେ ରହିବ।



ଘାଟିକିଆ ୟୁପିଏଚ୍‌ସିରେ ବିଏମ୍‌ସି କମିଶନର ଅମୃତା କୁଲାଙ୍ଗେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

### ଘରେ ବସି ଅନ୍‌ଲାଇନ୍‌ରେ କରିହେବ ବୁକିଂ
### ବିଏମ୍‌ସି ପ୍ରସ୍ତୁତ କଲା 'ମୋ ହସ୍ପିଟାଲ' ଆପ୍

ଘାଟିକିଆ ୟୁପିଏଚ୍‌ସିରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ଶନିବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ବୁଲି ଦେଖିବା ସହିତ ସମୀକ୍ଷା କରିଥିଲେ। ତାଙ୍କ ସହ ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଥିଲେ। ଖୁବ୍‌ଶୀଘ୍ର ବିଏମ୍‌ସି ଅନ୍ତର୍ଗତ ଅନ୍ୟ ମେଡିକାଲଗୁଡିକରେ ମଧ ପେପରଲେସ୍ ରେଜିଷ୍ଟ୍ରେଶନ୍, ପେସେଣ୍ଟ କଲିଂ ସିଷ୍ଟମ୍ କାର୍ଯ୍ୟକାରୀ କରାଯିବ। ଏହା ଫଳରେ ଉଭୟ ଡାକ୍ତର ଏବଂ ରୋଗୀଙ୍କ ସମୟ ବଞ୍ଚିବା ସହିତ ସବୁକିଛି ବ୍ୟବସ୍ଥିତ ହୋଇ ରହିବ। ସରକାରୀ ମେଡିକାଲ ପ୍ରତି ଲୋକଙ୍କ ଧାରଣା ବଦଳିପାରିବ ବୋଲି କମିଶନର କହିଛନ୍ତି।

# ତ୍ରିରଙ୍ଗା ଯାତ୍ରାରେ ୨୦୦ ମିଟର ପତାକା

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଦେଶରେ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଶହୀଦନଗର ଦୁର୍ଗାପୂଜା ସମିତି ଓ ରୋଟାରି ଡିଷ୍ଟ୍ରିକ୍ଟ ପକ୍ଷରୁ ଶନିବାର ୨୦୦ମିଟର ବିଶାଳ ତ୍ରିରଙ୍ଗା ଯାତ୍ରା ରୂପାଲୀ ଛକଠାରୁ ବାହାରି ବାଣୀବିହାର ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ରୋଟାରି ଗଭର୍ନର ଯଜ୍ଞାଶିଷ ମହାପାତ୍ର ଓ ଶହୀଦନଗର ଦୁର୍ଗାପୂଜା ସମିତି ଅଧକ୍ଷ ସଚି ନନ୍ଦନ ନାୟକଙ୍କ ନେତୃତ୍ୱରେ ଦୁଇ ଅନୁଷ୍ଠାନର ୪୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ପୂର୍ବତନ ଗଭର୍ନର ଅଜୟ ଅଗ୍ରୱାଲ, ଡିଜି ପ୍ରଭୁଦତ୍ତ ସୁବୁଦ୍ଧି ଓ ରୋଟାରିଆନ ଡିଜି ଜୟଶ୍ରୀ ମହାନ୍ତି ଏହି ଯାତ୍ରାକୁ ପରିଚାଳନା କରିଥିଲେ।




ଭୁବନେଶ୍ୱର ଜନପଥର ରୁପାଲି ଛକରୁ ବାହାରିଥିବା ତ୍ରିରଙ୍ଗା ଯାତ୍ରା।




# ଖାଦ୍ୟରେ ତ୍ରିରଙ୍ଗା

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏନେଇ ରାଜଧାନୀର ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସହର ସାରା ତ୍ରିରଙ୍ଗାମୟ ହୋଇଥିବାବେଳେ ଖାଦ୍ୟରେ ମଧ ଦେଶ ଭକ୍ତିର ଝଲକ ଦେଖିବାକୁ ମିଳିଛି। ରସୁଲଗଡ଼ରେ ରହୁଥିବା ସଫ୍ଟୱେର ଇଞ୍ଜିନିୟର ପ୍ରୀତିଶା ଦାଶ ଘରେ ରହି ସ୍ୱାଧୀନତା ଦିବସକୁ ନିଆର ଢ଼ଙ୍ଗରେ ପାଳନ କରିବାକୁ ନିଆରା ପ୍ରୟାସ କରିଛନ୍ତି। ସେ ନାରଙ୍ଗୀ, ଧଳା ଓ ସବୁଜ ରଙ୍ଗ ବ୍ୟବହାର କରି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଛନ୍ତି। ତ୍ରିରଙ୍ଗାର ତିନି ରଙ୍ଗର ପେଷ୍ଟ୍ରି, ସୁଜି ପଲଉ, ଦୋସା, ବରଫି ଭଳି ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରିଛନ୍ତି। ତେବେ ଏହା କୌଣସି ରାସାୟନିକ ରଙ୍ଗରୁ ପ୍ରସ୍ତୁତ ହୋଇନାହିଁ। ସେ ଗ୍ରୀନ୍ ଆପଲ୍ କ୍ରସ୍, ଅରେଞ୍ଜ କ୍ରସ୍ ଏବଂ ନଡ଼ିଆ ରସ ବ୍ୟବହାର କରିଛନ୍ତି। ନାରଙ୍ଗୀ ରଙ୍ଗର ପଲଉ ପ୍ରସ୍ତୁତି ପାଇଁ ସେ ଟମାଟୋ ବ୍ୟବହାର କରିଥିବାବେଳେ ସବୁଜରଙ୍ଗର ପଲଉ ପ୍ରସ୍ତୁତିରେ ଧନିଆ ପୋଦିନା ଓ ରସୁଣ ବ୍ୟବହାର କରିଥିବା କହିଛନ୍ତି। ସେହିପରି ଅଶୋକଚକ୍ର ପାଇଁ ସେ ଲବଙ୍ଗର ବ୍ୟବହାର କରିଛନ୍ତି। ଦୋସାରେ ସେ ସୋଡୁଅର ଉପରି ଭାଗକୁ ଗାଜର କୋରାରେ ରଙ୍ଗାଇଥିବାବେଳେ ନିମ୍ନଭାଗକୁ ଧନିଆ ପୋଦିନା ଓ କଞ୍ଚାଲଙ୍କାରେ ରଙ୍ଗିନ କରିଛନ୍ତି। ମାଟି ମା'ଠାରୁ ଆମେ ଖାଦ୍ୟ ପାଉଥିବାବେଳେ ମାଟି ମା' ଉଦ୍ଦେଶ୍ୟରେ ସେ ଏହି ସବୁ ଭୋଜନ ପ୍ରସ୍ତୁତ କରିଛନ୍ତି। ସ୍ୱାଧୀନତା ଦିବସରେ ଘରେ ରହି ଏଭଳି କିଛି ଖାଦ୍ୟ ତିଆରି କରି ପରିବାର ସହ ସମୟ ବିତାନ୍ତୁ ବୋଲି ସେ ବାର୍ତ୍ତା ଦେଇଛନ୍ତି।



# ତାଗିଦ୍, ସଚେତନ କଲେ ବିଏମ୍‌ସି କମିଶନର

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

### ସ୍ୱଚ୍ଛ ପରିମଳକୁ ଗୁରୁତ୍ୱ

ସୁସ୍ଥ ଓ ସବୁଜ ଭୁବନେଶ୍ୱର ସହର ଗଠନ କରିବା ପାଇଁ ବିଏମ୍‌ସି ପକ୍ଷରୁ ସହରବାସୀଙ୍କୁ ସଚେତନ କରାଯାଉଛି। ବିଶେଷକରି ବ୍ୟବସାୟୀମାନେ ଯେପରି ନିଜ ଆଖପାଖ ପରିବେଶକୁ ସଫା ରଖିବେ ସେଥିପାଇଁ ତାଗିଦ୍ ମଧ କରାଯାଉଛି। ମାତ୍ର ବ୍ୟବସାୟୀମାନେ ଏହାକୁ ଅଣଦେଖା କରି ଚାଲିଛନ୍ତି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରାୟ ପ୍ରତିଦିନ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହିତ ଲୋକମାନଙ୍କୁ ସଚେତନ କରାଉଥିଲେ ବି ସୁଫଳ ମିଳୁନାହିଁ। ଶନିବାର କମିଶନର ସିଟି ଓମେନ୍ସ କଲେଜ ଛକଠାରୁ ଜାଗମରା ଛକ ପର୍ଯ୍ୟନ୍ତ ବୁଲି ଦେଖିଥିଲେ। ଏହି ସମୟରେ ରାସ୍ତା କଡ଼ରେ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ପାଖ ଦୋକାନୀମାନଙ୍କ ସହିତ କଥା ହୋଇଥିଲେ। ନିଜ ଦୋକାନ ଆଖପାଖ ୫ ମିଟର ପର୍ଯ୍ୟନ୍ତ ସଫା ରଖିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଦୋକାନ ଆଗରେ ୨ଟି ଡଷ୍ଟବିନ୍ ରଖି ନିୟମିତ ଭାବେ ସେଗୁଡିକୁ ବିଏମ୍‌ସି ସଫେଇ ଗାଡ଼ିବାଲାଙ୍କୁ ଦେବାକୁ କହିଥିଲେ। ସେହିପରି ଡ୍ରେନ ଉପରେ, ଫୁଟ୍‌ପାଥରେ ଜବରଦଖଲ କରି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ସେଠାରୁ ଉଠିଯିବା ପାଇଁ କହିଥିଲେ।

ସୂଚନାଯୋଗ୍ୟ, ରାଜଧାନୀ ଭୁବନେଶ୍ୱରକୁ ଜବରଦଖଲମୁକ୍ତ କରିବା ପାଇଁ ଜୋର୍‌ଦାର ପଦକ୍ଷେପ ନେଉଛି ବିଏମ୍‌ସି। ସହରର ବିଭିନ୍ନ ଅଞ୍ଚଳରେ ସରକାରୀ ଜମି ଓ ସର୍ବସାଧାରଣ ରାସ୍ତାକୁ ବେଆଇନ ଭାବେ ଦଖଲ କରାଯାଇ ଦୋକାନ ବଜାର ଗଢି ଉଠିଛି। ବିଶେଷକରି ରାସ୍ତାକଡ଼, ଫୁଟ୍‌ପାଥ ଓ ଡ୍ରେନ୍ ଉପରେ ଦୋକାନବଜାର ଯୋଗୁ ସାଧାରଣ ଲୋକ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏଥିସହିତ ଡ୍ରେନ୍ ସଫା ହୋଇ ନ ପାରି ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ଲାଗି ବିଏମ୍‌ସି ପକ୍ଷରୁ ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ଜୋର୍‌ଦାର କରିଛି। ଏହି କ୍ରମରେ ଚିନ୍ତାମଣିଶ୍ୱର ମନ୍ଦିର ନିକଟସ୍ଥ ଅଞ୍ଚଳ, କଳ୍ପନା ଛକରୁ ବଡଗଡ଼ ହାଟ, ସତ୍ୟନଗର, ରାଜମହଲ ଛକରୁ କଳ୍ପନା ଛକ, କଳିଙ୍ଗ ହସ୍ପିଟାଲ ଛକଠାରୁ ଡମଣା ଛକ ମଧରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଜବରଦଖଲ ଦ୍ୱାରା ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବାବେଳେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଭଳି କାର୍ଯ୍ୟରୁ ବିରତ ରହିବା ପାଇଁ ବିଏମ୍‌ସି ସଚେତନ କରିଛି।



ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଜାଗମରା ଅଞ୍ଚଳରେ ପରିମଳ ସ୍ଥିତି ବୁଲି ଦେଖୁଛନ୍ତି।

# ବୋମା କଥା ଶୁଣି ଦୌଡ଼ିଲେ ଯାତ୍ରୀ



ଭୁବନେଶ୍ୱର ରେଳ ଷ୍ଟେଶନରେ ମକ୍‌ଡ୍ରିଲ୍‌ବେଳେ ବୋମାକୁ ନିଷ୍କ୍ରିୟ କୌଶଳ ପ୍ରଦର୍ଶନ କରାଯାଉଛି।



ଯାତ୍ରୀଙ୍କ ଜିନିଷପତ୍ରକୁ ସନ୍ଧାନୀ କୁକୁର ସହାୟତାରେ ଯାଞ୍ଚ କରାଯାଉଛି।

ଭୁବନେଶ୍ୱର,(ବ୍ୟୁରୋ)୧୩।୮

### ରେଳ ଷ୍ଟେଶନରେ ସୁରକ୍ଷା ମକ୍‌ଡ୍ରିଲ୍

ସମୟ ଅପରାହ୍ଣ ପ୍ରାୟ ସାଢେ ୪ଟା। ହଠାତ୍ ଭୁବନେଶ୍ୱର ରେଳଷ୍ଟେଶନର ପ୍ଲାଟ ଫର୍ମ ନଂ.୧ରେ ଏକ ବ୍ୟାଗ୍‌ରେ ବୋମା ଥିବା ପ୍ରଚାର ହେଲା। ଏହା ଶୁଣି ଲୋକେ ଏଣେତେଣେ ଦୌଡ଼ିବାକୁ ଲାଗିଲେ। ପ୍ଲାଟଫର୍ମ ଭିତରକୁ ଜିଆର୍‌ପି ଥାନା ପୋଲିସ ସହ କ୍ୟାପିଟାଲ ଓ ଖାରବେଳନଗର ଥାନା ପୋଲିସ ପ୍ରବେଶ କରି ବୋମା ଖୋଜିବା ଆରମ୍ଭ କରିଦେଇଥିଲେ। ପ୍ରଥମେ ପୋଲିସ ପକ୍ଷରୁ ପ୍ଲାଟଫର୍ମରେ ଥିବା ଲୋକଙ୍କୁ ତୁରନ୍ତ ସେଠାରୁ ଖାଲି କରାଯାଇଥିଲା। ୨୦ ମିନିଟ୍ ଭିତରେ କମିଶନରେଟ ପୋଲିସ୍‌ର ବୋମା ନିଷ୍କ୍ରିୟକାରୀ ଟିମ୍‌ର ସଦସ୍ୟମାନେ ସନ୍ଧାନୀ କୁକୁର ସହ ପ୍ଲାଟଫର୍ମ ନଂ.୧ରେ ପହଞ୍ଚିଯାଇଥିଲେ। ଏହାପରେ ସେମାନେ ସନ୍ଧାନୀ କୁକୁର ସାହାଯ୍ୟରେ ବୋମା ଖୋଜିବା ସହ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଥିବା ବ୍ୟାଗକୁ ଚିହ୍ନଟ କରିଥିଲା। ଏହାପରେ ଉକ୍ତ ବ୍ୟାଗକୁ ସ୍ୱତନ୍ତ୍ର ବାକ୍ସରେ ଭର୍ତ୍ତି କରାଯାଇ ତୁରନ୍ତ ଷ୍ଟେଶନରୁ ବହୁ ଦୂରକୁ ନିଆଯାଇ ନିଷ୍କ୍ରିୟ କରାଯାଇଥିଲା। ଏହା ରେଳ ଷ୍ଟେଶନର ସୁରକ୍ଷା ସଂକ୍ରାନ୍ତ ମକ୍‌ଡ୍ରିଲ୍ ବୋଲି ଜାଣିବା ପରେ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ। ସ୍ୱାଧୀନତା ଦିବସରେ ଆତଙ୍କବାଦୀମାନେ ସାଧାରଣତଃ ରେଳ ଷ୍ଟେଶନ ଭଳି ଜାତୀୟ ସମ୍ପତ୍ତିକୁ ଟାର୍ଗେଟ କରିଥାନ୍ତି। ସମ୍ଭାବ୍ୟ ଏଭଳି ଆକ୍ରମଣକୁ ପ୍ରତିହତ କରିବା ପାଇଁ ଏଭଳି ମକ୍‌ଡ୍ରିଲ୍ କରାଯାଇଥିଲା। ରେଳଷ୍ଟେଶନ ପରିସରରେ ବୋମା ଚିହ୍ନଟ ହେଲେ ତାହାକୁ କିପରି ନିଷ୍କ୍ରିୟ କରାଯିବ, କେଉଁ ବୋମା ନିଷ୍କ୍ରିୟ ଟିମ୍‌କୁ କେଉଁ ପ୍ରକାର ସହଯୋଗ କରାଯିବ ଏହାର ଏକ ସମ୍ପୂର୍ଣ୍ଣ ମକ୍‌ଡ୍ରିଲ ସ୍ୱାଧୀନତା ଦିବସ ପୂର୍ବରୁ ରେଳଷ୍ଟେଶନରେ କରାଯାଇଥିଲା। ଏହି ମକ୍‌ଡ୍ରିଲରେ କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନ, ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର, ଜିଆର୍‌ପି ଥାନାଧିକାରୀ ଜୟଦେବ ବିଶ୍ୱଜିତଙ୍କ ସମେତ କମିଶନରେଟ ପୋଲିସର ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସନ୍ଧାନୀ କୁକୁର ସାମିଲ ହୋଇଥିଲେ।

**ଆଜାଦୀ କା ଅମୃତ ମହୋତ୍ସବ**

ବାଲିଯାତ୍ରା,(ଡି.ଏନ୍.ଏ.): ବାଲିଯାତ୍ରାଠାରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଲୋକ ବାଲିଯାତ୍ରା ଛକଠାରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ମେଳନ ପଡ଼ିଆରେ ପହଞ୍ଚିଥିଲେ। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଆୟୋଜିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ସ୍ୱାଧୀନତା ସଂଗ୍ରାମର ବୀର ସଂଗ୍ରାମୀଙ୍କ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ଆୟୋଜିତ ଏକ ସଭାରେ ଏମ୍‌ପି ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବିଷୟରେ କହିଥିଲେ। ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ସୁବାସ ଜେନା, ବସନ୍ତ ନାୟକ, ଶିବ ମଲ୍ଲିକ, ତାପସ ଜେନା, ଅଭୟ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀ ଉପନିର୍ଦ୍ଦେଶକ ପ୍ରକାଶ ଦାସ, କ୍ଷେତ୍ର ଅଧିକାରୀ ମହେନ୍ଦ୍ର ଜେନା, ପ୍ରସାରଣ ଅଧିକାରୀ ନିର୍ମଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ : ୭୦ ମାମଲା ଫଇସଲା

କଟକ ଅଫିସ, ୧୩।୮: ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି ତତ୍ତ୍ୱାବଧାନରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ହାଇବ୍ରିଡ୍ ମୋଡ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍ଏଲ୍ଏସ୍ଏ)ର ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର, ହାଇକୋର୍ଟ ବିଚାରପତି ତଥା ଓଏସ୍ଏଲ୍ଏସ୍ଏ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଯଶୱନ୍ତ ସିଂ ଓ ହାଇକୋର୍ଟ ଆଇନ ସେବା କମିଟି ଚେୟାରମ୍ୟାନ ତଥା ବିଚାରପତି ସୁବାଶିଷ ତାଲପତ୍ରଙ୍କ ମାର୍ଗଦର୍ଶନରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ଟି ବୀମା ସଂକ୍ରାନ୍ତୀୟ ମାମଲାର ଫଇସଲା କରାଯାଇ ୪ କୋଟି ୫୪ ଲକ୍ଷ ୬୭ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଲୋକ ଅଦାଲତରେ ବିଭିନ୍ନ ଇନ୍ସ୍ୟୁରାନ୍ସ କମ୍ପାନୀ ଓ ବୀମା କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ବିଚାରପତି ଏସ୍. କେ. ସାହୁ, ଏସ୍. ରଥ, ଏମ୍.ଏସ୍. ସାହୁ, ଏ.କେ. ମହାପାତ୍ର, ଭି. ନରସିଂହ ଏବଂ ବିଚାରପତି ବି. ପି. ଶତପଥୀ ଲୋକ ଅଦାଲତର ଅଧକ୍ଷତା କରିଥିଲେ।

# ଭଡ଼ାରେ ଲାଗୁଛି ଶରଧାବାଲି

- ବସ୍ ପାର୍କିଂ, ମେଳା କରି ଟଙ୍କା ଆଦାୟ କରୁଛି ମ୍ୟୁନିସିପାଲିଟି
- ସୌନ୍ଦର୍ଯ୍ୟକରଣ, ସଂରକ୍ଷଣ ଉପରେ ଧ୍ୟାନ ଦେଉନି ପ୍ରଶାସନ


ପୁରୀ ଶରଧାବାଲିରେ ବସ୍, ଟ୍ରକ୍ ପାର୍କିଂ କରାଯାଇଛି ।

ପୁରୀ ଅଫିସ,୧୩।୮: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଆସିଲେ, ମନକୁ ଚାଲି ଆସେ ଶରଧାବାଲି। ଶ୍ରୀମନ୍ଦିର, ମହୋଦଧି ଓ ତୀର୍ଥ ପୁଷ୍କରିଣୀ ଭଳି ଶ୍ରୀଜଗନ୍ନାଥ ପରମ୍ପରାରେ ଶରଧାବାଲିର ମହତ୍ତ୍ୱ ଓ ପ୍ରସିଦ୍ଧି ମଧ୍ୟ ସର୍ବଦା ସ୍ୱତନ୍ତ୍ର। ହେଲେ ପୁରୀ ଶରଧାବାଲି ଏବେ ସମ୍ପୂର୍ଣ୍ଣ ରୂପେ ସଙ୍କୁଚିତ ହୋଇଯାଇଛି। ସେଠାରେ ବସ୍, ଟ୍ରକ୍ ଭଡ଼ାରେ ପାର୍କିଂ କରୁଥିବାରୁ ଜାଗାଟି ଏକ ଛୋଟିଆ ବର୍ଗାକାର କ୍ଷେତ୍ର ମଧ୍ୟରେ ସୀମିତ ହୋଇରହିଛି। ଫଳରେ ଶୌଚାଳୟଠାରୁ ଆରମ୍ଭ କରି ହୋଟେଲର ଆବର୍ଜନା ପାଣି ପର୍ଯ୍ୟନ୍ତ ସବୁ ପ୍ରକାରର ବର୍ଜ୍ୟବସ୍ତୁ ଶରଧାବାଲିରେ ପଡୁଛି। କେବଳ ରଥଯାତ୍ରା ଆସିଲେ ପ୍ରଶାସନ ଏହାକୁ ସାମାନ୍ୟ ସଫା କରି ପୁଣିଥରେ ତିନି ରଥ ପାଇଁ ପ୍ରସ୍ତୁତ ରଖୁଛି। ଶରଧାବାଲିକୁ ମୁଣ୍ଡରେ ମାରିବା ପାଇଁ ଭକ୍ତ କୋଷ କୋଷ ଦୂରରୁ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚୁଥିଲେ ମଧ୍ୟ ଏହାର ଏକ ବଡ଼ ଅଂଶ ଏବେ ବଡ଼ ଯାନବାହନର ପାର୍କିଂରେ ପରିଣତ ହୋଇଛି। ତାହାର ପବିତ୍ରତା ରକ୍ଷା କରିବା ଦିଗରେ ପ୍ରଶାସନ ମଧ୍ୟ ଧ୍ୟାନ ଦେଉ ନାହିଁ।

ସାହିତ୍ୟିକ ବଦ୍ରି ମିଶ୍ର କହିଛନ୍ତି, ଶରଧାବାଲି ଭାର୍ଗବୀ ନଦୀର ଶାଖା ନଦୀ ମାଳିନୀ ନଦୀକୁ ରାଜା ଭାନୁଦେବଙ୍କ ସ୍ତ୍ରୀ ଶ୍ରଦ୍ଧାଙ୍କ ଉଦ୍ୟମରେ ପୋତାଯାଇ ଶ୍ରୀମନ୍ଦିରରୁ ଗୁଣ୍ଡିଚାଘର ଯାଏଁ ହୋଇଥିଲା। ବଡ଼ଦାଣ୍ଡ ଓ ରାଣୀଙ୍କ ନାମାନୁସାରେ ଏହି ସ୍ଥାନର ନାମ ହୋଇଥିଲା ଶରଧାବାଲି। ମାତ୍ର ବ୍ରିଟିଶ ଶାସନଠାରୁ ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଶରଧାବାଲି ସୁରକ୍ଷା ଓ ପ୍ରତିଷ୍ଠା ମର୍ଯ୍ୟାଦା ଦେବା ଦିଗରେ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି। ସହରର ବିକାଶ ପାଇଁ ୨୦୦୨ରେ ବଡ଼ଦାଣ୍ଡ ଜାତୀୟ ରାଜପଥ ଭାବେ ଘୋଷଣା ହେଲା। ନିଷ୍ପତ୍ତି ଅନୁଯାୟୀ ଶରଧାବାଲିରେ ପିଚୁ ଆସ୍ତରଣ ପଡ଼ିଲା। ସେ ସମୟରେ ପୁରୀ ଏମ୍‌ପି ତଥା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉଦ୍ୟମରେ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସଂଲଗ୍ନ ଏକ ଛୋଟ ଅଞ୍ଚଳରେ ଶରଧାବାଲି ବଞ୍ଚି ରହିଲା। ଲୁହା ବ୍ୟାରିକେଡ୍ ମଧ୍ୟରେ ଫଳକ ମରାଗଲା, ପବିତ୍ର ଶରଧାବାଲି, ଶ୍ରୀମନ୍ଦିର ପ୍ରଶାସନ। ହେଲେ ଏହାପରଠାରୁ ଶରଧାବାଲିର ବିକାଶ ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେଇ ନାହିଁ। ଓଲଟା କ୍ରମଶଃ ଏହା ଜବରଦଖଲ ହୋଇଆସିଛି। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଶରଧାବାଲିର ମାହାତ୍ମ୍ୟକୁ ଅନୁଭବ କରିପାରୁ ନାହାନ୍ତି। ଶରଧାବାଲି ଭଳି ଏକ ଐତିହ୍ୟକୁ କିଛିବର୍ଷ ହେବ ପୌରସଂସ୍ଥା ଭଡ଼ାରେ ଲଗାଉଛି। ଦିନକୁ ୧୦ ହଜାର ଟଙ୍କାରେ ଶରଧାବାଲିରେ ପୁସ୍ତକ ମେଳା ଓ କୁମାର ଉତ୍ସବ ଭଳି ବିଭିନ୍ନ କାର୍ଯ୍ୟକ୍ରମ, ଗାଡ଼ି ପାର୍କିଂ କରି ଭଡ଼ାରେ ଲାଗୁଛି। ଶରଧାବାଲି ମାଲିକାନା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଥିବାବେଳେ ମ୍ୟୁନିସିପାଲିଟି ଏହାକୁ ଭଡ଼ାରେ ଲଗାଇ ଟଙ୍କା ଆଦାୟ କରିବାରେ ବ୍ୟସ୍ତ। ଶ୍ରୀମନ୍ଦିର ପ୍ରଶାସନ ହୁଣ୍ଡିକୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ଶରଧାବାଲିର ବିକାଶ ପାଇଁ ପ୍ରଶାସନ କାହିଁକି ତତ୍ପରତା ଦେଖାଉନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

ଶରଧାବାଲିକୁ ଜବରଦଖଲ ମୁକ୍ତ କରି ଏହାର ଆଗ ସାମ୍ନାରୁ ଉଠା ଦୋକାନୀଙ୍କୁ ଉଠାଇ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରି ଶରଧାବାଲିର ଗୌରବ ଫେରାଇ ଅଣାଯାଉ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ପୁରୀ ସହରର ଏହି ଐତିହ୍ୟକୁ ସୁରକ୍ଷା ନ ଯୋଗାଇଲେ ଶରଧାବାଲି ଦିନେ ମାନସପଟରୁ ହଜିଯିବ ବୋଲି ସେ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି, ଶରଧାବାଲିରେ ମେଳା, ଉତ୍ସବ ହେଲେ ସାନିଟେଶନ୍ ଫି ଆଦାୟ ହେଉଛି। ଶରଧାବାଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବାବେଳେ ମ୍ୟୁନିସିପାଲିଟି ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ଏହି ଐତିହ୍ୟର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ଶ୍ରୀମନ୍ଦିରର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ରଥଯାତ୍ରା ପାଇଁ ଶରଧାବାଲି ବ୍ୟାରିକେଡ ଖୋଲାଯାଇଥିଲା। ପୁନଶ୍ଚ ପ୍ରଶାସନ ପକ୍ଷରୁ ଏହା ବ୍ୟାରିକେଡିଂ କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଖୁବ୍‌ଶୀଘ୍ର ଲୁହା ବ୍ୟାରିକେଡ୍ କରାଯିବ। ଅନ୍ୟପଟେ ଏହା ଏକ ହେରିଟେଜ ହୋଇଥିବା ହେତୁ ଏହାକୁ ଭଡ଼ା ଲଗାଇବା ଉଚିତ ନୁହେଁ। ମାତ୍ର ପୁରୀ ପୌର ସଂସ୍ଥା ସହ ଏ ନେଇ ଆଲୋଚନା କରାଯିବ। ପୌରସଂସ୍ଥା ବିକାଶ କାର୍ଯ୍ୟ କରିବାକୁ ଚାହିଁଲେ, ସବୁ ପ୍ରକାର ସହଯୋଗ କରାଯିବ।

## ବଢୁଛି ମହାନଦୀର ଜଳସ୍ତର

### ମୁଣ୍ଡଳି ଦେଇ ପ୍ରବାହିତ ହେଉଛି ୩.୪୨ ଲକ୍ଷ କ୍ୟୁସେକ୍ ଜଳ

କଟକ ଅଫିସ,୧୩।୮: ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଜଳଭଣ୍ଡାରୁ ଜଳ ନିଷ୍କାସନ କରାଯାଉଛି। ଦୁଇଦିନ ତଳେ ସେଠାରୁ ଛଡା ଯାଇଥିବା ଜଳ ଶନିବାର କଟକ ମୁଣ୍ଡଳି ବ୍ୟାରେଜରେ ପହଞ୍ଚିଛି। ସନ୍ଧ୍ୟା ୬ଟା ସୁଦ୍ଧା ଏହି ବ୍ୟାରେଜ ଦେଇ ୩ ଲକ୍ଷ ୪୨ ହଜାର ୩୦୯ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଛି । ସେହିପରି ନରାଜ ବ୍ୟାରେଜ ଦେଇ ୧ ଲକ୍ଷ ୪୧ ହଜାର ୮୬୭ କ୍ୟୁସେକ ଜଳ ଓ ଯୋବ୍ରା ବ୍ୟାରେଜ ଦେଇ ୧ ଲକ୍ଷ ୬୬ ହଜାର ୨୮୯ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଏଥିସହ ସନ୍ଧ୍ୟା ସୁଦ୍ଧା ମୁଣ୍ଡଳିର ଉପର ମୁଣ୍ଡରେ ଥିବା ବରମୂଳ ଦେଇ ୫ ଲକ୍ଷ ୨ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେହିପରି ଖଇରମାଳ ବ୍ୟାରେଜ ଦେଇ ୫ ଲକ୍ଷ ୪୧ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି । ଖଇରମାଳର ୧୨ ଘଣ୍ଟା ପରେ ବରମୂଳ ଓ ବରମୂଳରୁ ୧୨ ଘଣ୍ଟା ପରେ ମୁଣ୍ଡଳିରେ ପାଣି ପହଞ୍ଚିଥାଏ। ରବିବାର ସକାଳ ସୁଦ୍ଧା ମୁଣ୍ଡଳି ବ୍ୟାରେଜ ଦେଇ ମହାନଦୀରେ ପ୍ରବାହିତ ହେବାକୁ ଯାଉଛି ବନ୍ୟାଜଳ।

## ମେଣ୍ଢାଶାଳରେ ଝୁଲଣ ଯାତ୍ରା ଉଦ୍‌ଯାପିତ

ବାରଙ୍ଗ,୧୩।୮(ଡି.ଏନ୍.ଏ.): ମେଣ୍ଢାଶାଳ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଭଗବତ ବାସୁଦେବ ମନ୍ଦିରରେ ଚାଲିଥିବା ଝୁଲଣ ଯାତ୍ରା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ସମ୍ମୁଖରେ ପ୍ରତି ସନ୍ଧ୍ୟାରେ ଗାୟକ ବାଗ୍ମୀ ନାରାୟଣ ମହାରଣା ଓ ଗାୟକ ଖଗେଶ୍ୱର ମାର୍ଥାଙ୍କ ଦ୍ୱାରା ବାଦୀପାଲା ପରିବେଷଣ ହୋଇଥିଲା। ଶ୍ରୀ ଶ୍ରୀ ଭଗବତ ବାସୁଦେବଙ୍କୁ ଝୁଲଣ ମଣ୍ଡପରେ ସୁସଜ୍ଜିତ ବିମାନରେ ବସାଯାଇ ଝୁଲାଯାଇଥିଲା। ଏହି ଝୁଲଣ ଯାତ୍ରା ଦେଖିବାକୁ ଆଖପାଖ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ। ଝୁଲଣ ମଣ୍ଡପ ସହ ପାଲା ମଣ୍ଡପକୁ ଭାରତ ଭୂଷଣ ମହାରଣାଙ୍କ ଦ୍ୱାରା ସଜାଯାଇଥିଲା।


ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗିରହିଥିବା ବେଳେ ଶନିବାର ଭୁବନେଶ୍ୱରର ସଚିବାଳୟ ରାସ୍ତାର ଦୃଶ୍ୟ ।

## ଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା 'ଆଜି ମୁଁ ଶ୍ରାବଣୀ'

ଭୁବନେଶ୍ୱର,୧୩।୮(ବ୍ୟୁରୋ): ଗାୟିକା ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ଆଜି ମୁଁ ଶ୍ରାବଣୀ' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ନଳିନୀ ପଟ୍ଟନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ, ମୁଖ୍ୟବକ୍ତା ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ବିଜେଡିର ମୁଖପାତ୍ରର ଲୋରା ମହାପାତ୍ର, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଟିମ୍ ଆଡମାର୍କର ଏମ୍.ଡି ନିଶିକାନ୍ତ ମିଶ୍ର, କର୍ପୋରେଟର ଅଲ୍ଲୀଅଲ୍ଲୀ ମଲ୍ଲିକ, ଓଡ଼ିଶା ମୋ ପରିବାରର ଯୁଗ୍ମ ସଚିବ ରୁଦ୍ର ସାମନ୍ତରାୟ, କମାଣ୍ଡର ଦିନେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ସ୍ୱପ୍ନା, ଅଲିସା, ଦୀପ୍ତି, ସମିତ, ମଞ୍ଜୁଶ୍ରୀ, ଲିକାଞ୍ଜଳୀଙ୍କ କଣ୍ଠରୁ ସଙ୍ଗୀତ ଶ୍ରୋତାଙ୍କୁ ମୁଗ୍ଧ କରିଥିଲା। ଅନୁଷ୍ଠାନର ପ୍ରେସିଡେଣ୍ଟ ଜୟଶ୍ରୀ ଗୌଡ଼ ଧନ୍ୟବାଦ ଦେଇଥିଲେ। ଉପସ୍ଥାପକ ନିଳକମଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜମି ନାଁରେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)୧୩।୮: ଜମି କିଣାଇଦେବା ନାଁରେ ୧୮ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ଜଣେ ଜମି ଦଲାଲଙ୍କୁ ଗିରଫ କରିଛି ପାହାଳ ଥାନା ପୋଲିସ। ଅଭିଯୁକ୍ତ ଠକ ଜଣକ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା କଟକର ଅମରେଶ କୁମାର ପାତ୍ର (୪୮)। ଏନେଇ ପୋଲିସ ମାମଲା (ନଂ.୧୧୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ସଂପୃକ୍ତ ଥିବା ଅନ୍ୟଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବା ଲାଗି ପୋଲିସ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ଖୋର୍ଦ୍ଧା ଜିଲା ଓଲଟପୁର ଥାନା ଅଞ୍ଚଳର ପ୍ରଭାତି ସ୍ୱାଇଁ ଜମି କିଣିବାକୁ ଚାହୁଁଥିଲେ। ଅଭିଯୁକ୍ତ ଅମରେଶ ଏହି ଥାନା ଅନ୍ତର୍ଗତ ଅଣ୍ଡିଲୋ ମୌଜାରେ ଗୋଟିଏ ଜମି ପ୍ରଭାତିଙ୍କୁ ଦେଖାଇଥିଲେ। କିଣିବାକୁ ପ୍ରଭାତି ରାଜି ହେବା ପରେ ଜମି ବାବଦକୁ ୧୭ ଲକ୍ଷ ୬୦ ହଜାର ଟଙ୍କା ଓ ପଞ୍ଜୀକରଣ ବାବଦକୁ ୪୮ ହଜାର ଟଙ୍କା ଦେବାକୁ କହିଥିଲେ। ଅଭିଯୁକ୍ତଙ୍କ କଥାକୁ ବିଶ୍ୱାସ କରି ପ୍ରଭାତିଙ୍କ ସ୍ୱାମୀ କ୍ଷୀର ସ୍ୱାଇଁ ୨୦୧୮ରେ ଷ୍ଟାମ୍ପ ବାବଦକୁ ଦୁଇଥରରେ ୪୦ ହଜାର ଓ ୮ ହଜାର ଟଙ୍କା ଅଭିଯୁକ୍ତ ଅମରେଶଙ୍କୁ ଦେଇଥିଲେ। ଟଙ୍କା ପାଇବା ପରେ ଅମରେଶ ଉକ୍ତ ଜମି ସୌରଭ କୁମାର ମିଶ୍ରଙ୍କ ନାମରେ ଥିବା କହି ସାକ୍ଷାତ କରାଇଥିଲେ। ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ପ୍ରଭାତି ଅଭିଯୁକ୍ତଙ୍କୁ ୧୮ ଲକ୍ଷ ୮ ହଜାର ଟଙ୍କା ଦେଇଥିଲେ। କିନ୍ତୁ ଅଭିଯୁକ୍ତଦ୍ୱୟ ପ୍ରଭାତିଙ୍କ ନାମରେ ଜମି ପଞ୍ଜୀକରଣ କରି ନ ଥିଲେ କି କୌଣସି ଅଧିକାର ଦେଇ ନ ଥିଲେ। ଏପରିକି ଉକ୍ତ ଜମିରେ ବିବାଦ ଥିବା ଜାଣିବା ପରେ ପ୍ରଭାତି ଅଭିଯୁକ୍ତଦ୍ୱୟଙ୍କୁ ପଚାରିବାରୁ ୨ ମାସ ମଧ୍ୟରେ ଅନ୍ୟଏକ ଜାଗା ଦେବାକୁ କହି ସମୟ ଗଡ଼ାଇଥିଲେ। ପରେ ଅଭିଯୁକ୍ତମାନେ ପ୍ରଭାତିଙ୍କ ପୁଅଙ୍କ ଆକାଉଣ୍ଟରେ ଦେଢ ଲକ୍ଷ ଟଙ୍କା ଜମା କରିବା ସହ ୨ ଲକ୍ଷ ୭୬ ହଜାର ୩୩୩ ଟଙ୍କା ଲେଖାଏ ୬ଟି ଚେକ୍ ଧରାଇଥିଲେ। କିନ୍ତୁ ପ୍ରଭାତୀ ଉକ୍ତ ଚେକ୍ ଜମା କରିବାକୁ ଯିବାବେଳେ ଉକ୍ତ ଆକାଉଣ୍ଟ ବନ୍ଦ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ମାଗିବାରୁ ଓଲଟା ଅଭିଯୁକ୍ତ ବୋମା ପକାଇ ଦେବାର ଧମକ ଦେଇଥିଲେ। ଏନେଇ ପ୍ରଭାତି ପାହାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଅମରେଶଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ବରିଷ୍ଠ ନାଗରିକ ଦେଶର ସମ୍ପଦ, ଯୁବପିଢ଼ି ରାଷ୍ଟ୍ରର ଭବିଷ୍ୟତ

ଭୁବନେଶ୍ୱର,୧୩।୮(ବ୍ୟୁରୋ) ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଏବଂ ହେଲ୍ପ ଏଜ୍ ଇଣ୍ଡିଆର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଆସନ୍ତୁ ଦୂରତାକୁ କମ୍ କରିବା: ଆମେ ଏବଂ ଆମର ଜେଜେବାପା–ଜେଜେମାଙ୍କୁ ସମୟ ଦେବା' ବିଷୟବସ୍ତୁ ଉପରେ ଏକ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ହେଲ୍ପ ଏଜ୍ ଇଣ୍ଡିଆର ହେଲ୍ପ ୟୁନାଇଟ ଜେନେରେଶନ୍ (ଏଚ୍‌ୟୁଜି) କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗ ଏବଂ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଆନ୍ତଃ–ପିଢ଼ି ବନ୍ଧନକୁ ପ୍ରୋତ୍ସାହିତ କରିବା ଆଭିମୁଖ୍ୟ ରହିଛି। ପ୍ରଫେସର ନବନୀତା ରଥ, ଆସାମ ବିଶ୍ୱବିଦ୍ୟାଳୟର ପ୍ରଫେସର ବି.କେ.ବେହେରା, ହେଲ୍ପ ଏଜ୍ ଇଣ୍ଡିଆ ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଉପସ୍ଥିତ ଥିଲେ। ପ୍ରଫେସର ତନୟା ମହାନ୍ତି, ଦେବଶ୍ରୀ ବ୍ରହ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅରଣ୍ୟ ଭବନରେ ଜାତୀୟ ପତାକା ସ୍ଥାପନ

### ବର୍ଷସାରା ଦିନରାତି ଉଡ଼ିବ

ଭୁବନେଶ୍ୱର, ୧୩।୮(ବ୍ୟୁରୋ)



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଦେଶବ୍ୟାପୀ ଚାଲିଥିବା ଅମୃତ ମହୋତ୍ସବ ଅବସରରେ ରାଜ୍ୟ ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଅରଣ୍ୟ ଭବନ ପରିସରରେ ଶୁକ୍ରବାର ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରାଯାଇଛି। ଏଥିସହିତ ୩୬ ଫୁଟ ଲମ୍ବ ଓ ୨୪ ଫୁଟ ଓସାରର ବିଶାଳ ଜାତୀୟ ପତାକା ଉତ୍ତୋଳନ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଉକ୍ତ ବିଶାଳ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗର ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଶିଶିର କୁମାର ରଥ, କେନ୍ଦୁପତ୍ର ବିଭାଗର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶୀଳ କୁମାରଙ୍କ ସହିତ ବନ ବିଭାଗର ବହୁ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ମୁଖ୍ୟ ଦପ୍ତରର ବନ ସଂରକ୍ଷକ ହର୍ଷ ବର୍ଦ୍ଧନ ଉଦ୍‌ଗାତା ଓ ଉପ ବନ ସଂରକ୍ଷକ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିଶାଳ ଜାତୀୟ ପତାକା ସ୍ତମ୍ଭ ନିର୍ମାଣ କରାଯାଇଥିଲା। ଉତ୍ସବରେ ଜୈବବିବିଧତା ବୋର୍ଡ ଅଧକ୍ଷ ରାଜୀବ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଘାଟିକିଆସ୍ଥିତ ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟର ଶିକ୍ଷା ନବିଶଗଣ ସାମୂହିକ ସାଲ୍ୟୁଟ୍ ଦେବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ବିଶାଳ ରାଷ୍ଟ୍ରୀୟ ଧ୍ୱଜାଟି ବର୍ଷସାରା ଦିବାରାତ୍ର ମୁଖ୍ୟ ଦପ୍ତର ପରିସରରେ ସ୍ଥାୟୀ ଭାବେ ଉଡ଼ିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।


ଅରଣ୍ୟ ଭବନ ପରିସରରେ ୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ଅବସରରେ ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଓ ଅନ୍ୟମାନେ ।


ରାଜ୍ୟ ଦରମାପ୍ରାପ୍ତ କଲେଜ ଶିକ୍ଷକ ସଂଘର ଆବାହକ ଡ. କମଳ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ଭେଟି ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧିତ କରୁଛନ୍ତି।

## ପଙ୍କୋଦ୍ଧାର, ଜଳବନ୍ଦୀ ଏଡ଼ାଇବାକୁ ଗୁରୁତ୍ୱ

**ବିଏମ୍‌ସିର ବର୍ଷା ମୁକାବିଲା ପ୍ରସ୍ତୁତି ବୈଠକ**

ଭୁବନେଶ୍ୱର, ୧୩।୮ (ବ୍ୟୁରୋ): ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାନେଇ ପାଣିପାଗ ବିଭାଗ ସୂଚନା ଦେଇଛି। ଏହାକୁ ଦୃଷ୍ଟିରେ ରଖି ରାଜଧାନୀରେ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପ୍ରସ୍ତୁତ ହୋଇଛି। ଏହି ପରିପ୍ରେକ୍ଷୀରେ ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ତୁରନ୍ତ ପଙ୍କ ଉଦ୍ଧାର ସହ ସମ୍ଭାବ୍ୟ ଜଳବନ୍ଦୀ ସ୍ଥାନ ଉପରେ କଡ଼ା ନଜର ରଖି ଗୋଷ୍ଠୀ ସହଯୋଗରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ଚିହ୍ନିତ ସମ୍ବେଦନଶୀଳ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ୪୨ଟି ମୋଟର ପମ୍ପ ଲଗାଯାଇଛି। କର୍ପୋରେଟରମାନେ ନିଜ ଅଞ୍ଚଳର ବିପଦପୂର୍ଣ୍ଣ ସ୍ଥାନ ଏବଂ ଆବଶ୍ୟକ ସୁରକ୍ଷା ବାବଦରେ ସୂଚନା ଦେବାକୁ ମଧ୍ୟ କୁହାଯାଇଛି। ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ୱାଟକୋ, ପୂର୍ତ୍ତ ବିଭାଗ ସହିତ ଅଗ୍ନିଶମ ବିଭାଗ ଅଧିକାରୀ, ନଗର ଯନ୍ତ୍ରୀ ଅରୁଣ ନାୟକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଏବଂ ଅନ୍ୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବର୍ଷାରେ ବିଭିନ୍ନ ସମସ୍ୟା ଉପୁଜିଲେ କିଭଳି ସମାଧାନ କରାଯିବ ତାହାକୁ ନେଇ ଆଲୋଚନା କରାଯାଇଥିଲା। ତଳିଆ ବା ସମ୍ବେଦନଶୀଳ ଅଞ୍ଚଳକୁ ବିଏମ୍‌ସି ଫୋକସରେ ରଖିଥିବାବେଳେ କୌଣସି ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଲେ ବା ନାଳ ଜାମ ହେଲେ ଜେସିବି ସାହାଯ୍ୟରେ ଏହାକୁ ହଟାଇବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ସେହିପରି ବର୍ଷା ସମୟରେ ସୁରକ୍ଷିତ ରହିବା ପାଇଁ ଲୋକଙ୍କ ପାଇଁ ନିକଟସ୍ଥ ବିଦ୍ୟାଳୟରେ ଆଶ୍ରୟସ୍ଥଳୀ କରାଯାଇଛି। କୌଣସି ପରିସ୍ଥିତି ଯେପରି ସାଧାରଣ ଲୋକ ଅସୁବିଧା ନ ଭୋଗନ୍ତି ସେଥିପ୍ରତି ସଚେତନ ରହିବାକୁ ବୈଠକରେ ଆଲୋଚନା କରାଯାଇଛି। ଏଥିପାଇଁ ସମସ୍ତ ଅଧିକାରୀଙ୍କ ଛୁଟି ମଧ୍ୟ ବାତିଲ କରାଯାଇଛି। ଆବଶ୍ୟକ ପଡିଲେ ଆଶ୍ରୟସ୍ଥଳରେ ରହୁଥିବା ଲୋକଙ୍କ ପାଇଁ ଶୁଖିଲା ଏବଂ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।



ବୈଠକରେ ଉପସ୍ଥିତ ମେୟର, କମିଶନର ଓ ଅନ୍ୟମାନେ ।

ଏହି ପରିପ୍ରେକ୍ଷୀରେ ଶନିବାର ମେୟର ୱାର୍ଡ ନଂ ୪ ଅନ୍ତର୍ଗତ ନହରକଣ୍ଟା ଅଞ୍ଚଳ ବୁଲି ଜଳବନ୍ଦୀ ସମସ୍ୟା ସହିତ ରାସ୍ତାଘାଟର ଦୁର୍ଦ୍ଦଶା ଦେଖିଥିଲେ। ସ୍ଥାନୀୟ ଲୋକେ ମେୟରଙ୍କୁ ସମସ୍ୟା ଜଣାଇଥିଲେ। ଖୁବ୍‌ଶୀଘ୍ର ଏ ନେଇ ବିଏମ୍‌ସି ପଦକ୍ଷେପ ନେବ ବୋଲି ମେୟର କହିଥିଲେ। କର୍ପୋରେଟର ସୁକୁମାର ସାହୁ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୪ ଅଗଷ୍ଟ, ୨୦୨୨



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଖଣ୍ଡଳମଣି ଯୁବ ସଂଘ ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଉତ୍ସବ ପାଳନ, ଭିଏସ୍ଏସ୍ ନଗର, ଦୁର୍ଗାପୂଜା ମଣ୍ଡପ, ପୂର୍ବାହ୍ନ ୯ଟା।
- ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା,ଆଚାର୍ଯ୍ୟ ବିହାର, ପୂର୍ବାହ୍ନ ୯ଟା ୩୦।
- ଅନ୍ୱେଷଣ-୮୫ର ଉଦ୍‌ଘାଟନୀ ଉତ୍ସବ, ସରକାରୀ ହାଇସ୍କୁଲ, ସମ୍ମିଳନୀ କକ୍ଷ, ୟୁନିଟ୍-୧, ପୂର୍ବାହ୍ନ ୧୦ଟା।
- ଶହୀଦ ରଘୁ ସର୍ଦ୍ଦାରଙ୍କ ୭୫ତମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଲକ୍ଷେଶ୍ୱର ଗ୍ରାଣ୍ଡ କନ୍‌ଭେନଶନ, ପାହାଳ,ନଖରା, ପୂର୍ବାହ୍ନ ୧୦ଟା।
- ଟାଇମ୍‌ପାସ୍‌ର ପୁସ୍ତକ ପର୍ବ, ହୋଟେଲ ଶୀତଲ, ବାଣୀବିହାର ଛକ, ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ସମାରୋହ ସମିତି, ଓଡ଼ିଶା ପୂର୍ବ ଆନୁକୂଲ୍ୟରେ ବୁଦ୍ଧିଜୀବୀ ସମ୍ମିଳନୀ, ଆଇଟିଇଆର ପ୍ରେକ୍ଷାଳୟ ଜଗମୋହନ ନଗର, ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନେଶ୍ୱର ମହାନଗର ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା, ଶହୀଦ ନଗର ଦୁର୍ଗା ମନ୍ଦିର, ପୂର୍ବାହ୍ନ ୧୧ଟା।
- ଶାନ୍ତିଧାମ ଫାଉଣ୍ଡେଶନ ଓ ଓଡ଼ିଶା ଆସୋସିଏଶନ ଫର ଦି ବ୍ଲାଇଣ୍ଡ ପକ୍ଷରୁ ତ୍ରିରଙ୍ଗା ଉତ୍ସବ, ବ୍ଲାଇଣ୍ଡ ଆସୋସିଏଶନ ପରିସର, ପୂର୍ବାହ୍ନ ୧୧ଟା।
- ଆଇପିଏସ୍ ଓଡ଼ିଶା ରାଜ୍ୟ ଶାଖାର ୧ମ ବାର୍ଷିକ ରାଜ୍ୟ ବୈଠକ, ଲେମନ ଟ୍ରି ପ୍ରିମିୟର୍, ଅପରାହ୍ନ ୪ଟା ୩୦।
- ଏକାମ୍ର ସଂଗଠନ ପକ୍ଷରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ହର୍ ଘର୍ ତ୍ରିରଙ୍ଗା ଓ ଶହୀଦଙ୍କୁ ପ୍ରଣାମ କାର୍ଯ୍ୟକ୍ରମ, ବାଙ୍କେଇବାଙ୍କ ଛକ, ପୁରୁଣା ଭୁବନେଶ୍ୱର, ଅପରାହ୍ନ ୪ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶା ନାଟ୍ୟ ସଂଘର ନାଟକ 'ଗୁଟେ ଚିଠିର୍ କଥା' ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା ୧୫।

# 'ପୋଲିସ ମିତ୍ର'ଙ୍କ ଭାଇ ବ୍ରାଉନସୁଗାର ବେପାରୀ

## ଗିରଫ କଲା ଅବକାରୀ ଟିମ୍

- ଜବତ ହେଲା ୨୧ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର
- ବାଥ୍‌ରୁମ୍‌ରେ ଲୁଚୁଥିବା ବେଳେ ଧରାପଡ଼ିଲେ

ଭୁବନେଶ୍ୱର,୧୩।୮(ବ୍ୟୁରୋ)

ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଶନିବାର ଭୁବନେଶ୍ୱର ରେଞ୍ଜ୍‌ର ଅବକାରୀ ଟିମ୍ କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରେ ଚଢ଼ାଉ କରି 'ପୋଲିସ ମିତ୍ର' ସହଦେବ ନାୟକଙ୍କ ବଡ଼ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟୁନା ନାୟକ(୩୫)। ତାଙ୍କଠାରୁ ୨୧୭ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ। ଏନେଇ ଏକ ମାମଲା (୪୬/୨୦୨୨-୨୦୨୩) ରୁଜୁ କରାଯାଇ ଅଭିଯୁକ୍ତ ଟୁନାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ମିତ୍ର ସହଦେବଙ୍କୁ ବାହାର କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଟୁନା ୨୦୨୧ ଲକ୍‌ଡାଉନ ସମୟରେ ଗଞ୍ଜେଇ କାରବାର ଅଭିଯୋଗରେ ଅବକାରୀ ଟିମ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ବେଲ୍‌ରୁ ଆସିବା ପରେ ଗତ କିଛିମାସ ହେବ ସେ ବ୍ରାଉନସୁଗାର ବେପାର ଆରମ୍ଭ କରିଥିଲେ। ଟୁନା ବାଲେଶ୍ୱର ଜିଲା ଜଳେଶ୍ୱର ଯାଇ ବ୍ରାଉନସୁଗର ଆଣନ୍ତି। ଏଥିସହ ଏଜେଣ୍ଟମାନେ ମଧ୍ୟ ତାଙ୍କୁ ବ୍ରାଉନସୁଗାର ଦେଇଯାଆନ୍ତି। ତେବେ ଗତ କିଛିଦିନ ତଳେ ଏନେଇ ଅବକାରୀ ଟିମ୍ ଖବର ପାଇ ଟୁନାଙ୍କୁ ଗିରଫ କରିବାକୁ ଯୋଜନା କରିଥିଲା। ଅବକାରୀ ଟିମ୍‌ର ଜଣେ ଅଧିକାରୀ ଓ ଜଣେ ସ୍ଥାନୀୟ ଲୋକ ଶୁକ୍ରବାର ଟୁନାଙ୍କ ପାଖକୁ ଯାଇ ୧୦୦୦ ଟଙ୍କାରେ ବ୍ରାଉନସୁଗାର



କିଣିଥିଲେ। ଏଥିସହ ତାଙ୍କ ପାଖରେ ବହୁ ପୁଡ଼ିଆ କରାଯାଇ ବ୍ରାଉନସୁଗାର ଥିବା ଜଣାପଡ଼ିଥିଲା। ଅବକାରୀ ଟିମ୍ ଟୁନାଙ୍କୁ ଧରିବାକୁ ଶନିବାର ସକାଳେ ତାଙ୍କ ଘରେ


ସହଦେବ ନାୟକ

ଚଢ଼ାଉ କରିଥିଲା। ହେଲେ ଟୁନା ଏହା ଜାଣିପାରି ବ୍ରାଉନସୁଗାର ସହ ବାଥ୍‌ରୁମ୍ ଭିତରକୁ ପଶିଯାଇଥିଲେ। ଏହି ସମୟରେ ଅବକାରୀ ଟିମ୍ ଚଢ଼ାଉ କରି ଟୁନାଙ୍କୁ କାବୁ କରିଥିଲା। ଏହି ମାମଲାରେ ସମ୍ପୃକ୍ତି ସନ୍ଦେହ କରି ସହଦେବଙ୍କୁ ଅବକାରୀ ଟିମ୍ ଅଟକ ରଖିଥିଲା। ହେଲେ ପଚରାଉଚରା ପରେ ମାମଲା ସମ୍ପର୍କିତ ପ୍ରମାଣ ନ ମିଳିବାରୁ ତାଙ୍କୁ ଛାଡ଼ି ଦିଆଯାଇଛି। ତେବେ ଜଳେଶ୍ୱରରୁ ଯେଉଁ ଏଜେଣ୍ଟଙ୍କଠାରୁ ଟୁନା ବ୍ରାଉନସୁଗାର ଆଣୁଥିଲେ ତାଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଭୁବନେଶ୍ୱର ରେଞ୍ଜର ଇନ୍‌ସ୍ପେକ୍ଟର ବିକାଶ କୁମାର ନାୟକ କହିଛନ୍ତି।

## 'ପୋଲିସ ମିତ୍ର' ଟିମ୍‌ରୁ ହଟିଲେ ସହଦେବ

ବିଭିନ୍ନ ବସ୍ତିରେ ବଢ଼ୁଥିବା ଅପରାଧ ଓ ନିଶା କାରବାର ଉପରେ ରୋକ ଲଗାଇବାକୁ କମିଶନରେଟ ପୋଲିସ 'ବସ୍ତିକୁ ଚାଲ ଅଭିଯାନ' ଆରମ୍ଭ କରିଥିଲା। ବସ୍ତିରେ ଆପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ପୋଲିସକୁ ସୂଚନା ଦେବାକୁ ବସ୍ତିର ଯୁବକଙ୍କୁ 'ପୋଲିସ ମିତ୍ର' ଭାବେ ନିଯୁକ୍ତ କରାଯାଇଥିଲା। ଶନିବାର କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀ ବସ୍ତିରୁ 'ପୋଲିସ ମିତ୍ର' ସହଦେବ ନାୟକଙ୍କ ବଡ଼ ଭାଇ ବ୍ରାଉନସୁଗାର କାରବାର ମାମଲାରେ ଗିରଫ ହେବା ପରେ କମିଶନରେଟ ପୋଲିସ ପାଇଁ ଅଡୁଆ ବଢ଼ିଥିଲା। କର୍ତ୍ତବ୍ୟ ଦୃଷ୍ଟିରୁ କମିଶନରେଟ ପୋଲିସକୁ ବଡ଼ଭାଇଙ୍କ ନିଶା କାରବାର ସମ୍ପର୍କରେ ସହଦେବ ଜଣାଉ ନ ଥିଲେ କାହିଁକି ଅଭିଯୋଗରେ ଭୁବନେଶ୍ୱର ଯୁପିଡିରେ 'ପୋଲିସ ମିତ୍ର' ଟିମ୍‌ରୁ ସହଦେବଙ୍କୁ ବାହାର କରିଦିଆଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମଳୟ


@ ସଞ୍ଜୀବ୍


@ ପୁଣ୍ୟଶ୍ଳୋକ


@ ମିଥୁନ୍


@ ପ୍ରିୟରଞ୍ଜନ


@ ସୌମେନ୍ଦ୍ର

## ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟି ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ

ବାରଙ୍ଗ,୧୩।୮(ଡି.ଏନ୍.ଏ.): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟି, ଆମେରିକା ସହ ଶୁକ୍ରବାର ଏକ ଏମ୍‌ଓୟୁ(ବୁଝାମଣା ଚୁକ୍ତି) ସ୍ୱାକ୍ଷରିତ ହୋଇଛି। ଅନୁସନ୍ଧାନ ମାଧ୍ୟମରେ କୃଷି ଏବଂ ଜୈବିକ କୃଷିକ୍ଷେତ୍ର ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧାର ସମାଧାନ ହେଉଛି ଏହି ସହଭାଗୀତାର ମୂଳ ଉଦ୍ଦେଶ୍ୟ। ଛାତ୍ରୀଛାତ୍ର, ଅଧାପିକାଙ୍କ ମଧ୍ୟରେ ବିନିମୟ କାର୍ଯ୍ୟକ୍ରମ ଅଧୀନରେ ଥିବା ଏହି ସହଭାଗୀତା ଛାତ୍ରୀଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ ପ୍ରମାଣିତ ହେବ। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ନୂତନ ଚିନ୍ତାଧାରା ଏବଂ ନୂତନ ଜ୍ଞାନକୌଶଳ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ବିଭିନ୍ନ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସହ ଚୁକ୍ତିନାମା ଏବଂ ସହଭାଗୀତା କରିବା ଆବଶ୍ୟକ। ଏହି ଭର୍ଚୁଆଲସ୍ତରୀୟ ବୈଠକରେ ମୁଖ୍ୟତଃ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ନି, କୁଳପତି ପ୍ରଫେସର ବି.ଆର. ଶର୍ମା, ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟିର ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ଉପସଭାପତି ଫେସର ପଲ ଓ ଆସୋସିଏଟ୍ ଡିନ୍ରୁ ଡ. ପୁଙ୍ଗ ଏହଂଙ୍କ ବ୍ୟତୀତ ଉଭୟ ବିଶ୍ୱବିଦ୍ୟାଳୟର ଅନ୍ୟ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଜୀ ଏହି ଚୁକ୍ତିନାମା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ କହିଛନ୍ତି, ଆଜିର ସମୟରେ କୃଷି ସହ ଜଡ଼ିତ ମାନବିକ ସମସ୍ୟାର ସମାଧାନ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ଆଶୀର୍ବାଦ ପ୍ରଦାନ କରି ସେ କହିଛନ୍ତି, ଏହି ଚୁକ୍ତି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ପାଇଁ ଏକ ଲାଭଦାୟକ ହେବ।


ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଲାଇଟ୍ ଆଣ୍ଡ ସାଉଣ୍ଡ ମାଧ୍ୟମରେ କୋଣାର୍କ ସୂର୍ଯ୍ୟ 'ମନ୍ଦିରକୁ ତ୍ରିରଙ୍ଗା ରୂପ ଦିଆଯାଇଛି।

## ୧୬ରେ ଦାବି ଦିବସ, ଆନ୍ଦୋଳନକୁ ଓହ୍ଲାଇବ ବିଭିନ୍ନ ଶିକ୍ଷକ ସଙ୍ଗଠନ

ଭୁବନେଶ୍ୱର, ୧୩।୮(ବ୍ୟୁରୋ)

ଅଗଷ୍ଟ ୧୬ରେ ଦାବି ଦିବସ। ରାଜ୍ୟ ଶିକ୍ଷା ବ୍ୟବସ୍ଥା ତଥା ଛାତ୍ର, ଶିକ୍ଷକଙ୍କ ସମସ୍ୟା ଓ ଦାବିକୁ ନେଇ ବିଭିନ୍ନ ଶିକ୍ଷକ ସଙ୍ଗଠନ ଉକ୍ତ ଦିନ ସମ୍ମିଳିତ ଭାବେ ଭୁବନେଶ୍ୱରରେ ଆନ୍ଦୋଳନକୁ ଓହ୍ଲାଇବେ। ଲୋକସେବା ଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯିବ। ଏନେଇ ମିଳିତ ସମନ୍ୱୟ ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମିତିର ଦାବି ହେଲା, ନୂତନ ପେନସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍‌ସନ୍ ଲାଗୁ କରିବା ଓ ଏଥିରେ ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଅନ୍ତର୍ଭୁକ୍ତ କରିବା, ରାଜ୍ୟରେ ସମସ୍ତ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରିବା ଏବଂ ନିକଟରେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ସପ୍ତମ ବେତନରେ ଥିବା ମୋଡାଲିଟିରେ ଅସଙ୍ଗତି ଦୂର କରିବା, ଚାକିରି କାଳକୁ ୬୨ ବର୍ଷକୁ ବୃଦ୍ଧି କରିବା, ଏଲିମେଣ୍ଟାରି ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା ଏବଂ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିବା ମଧ୍ୟାହ୍ନ ଭୋଜନର ମାନ ବୃଦ୍ଧି କରିବା ଆଦି ରହିଛି। ଏହି ଆନ୍ଦୋଳନରେ ଓଷ୍ଟା, ଅଲ୍‌ଓଷ୍ଟା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ, ମଦ୍ରାଶା ଶିକ୍ଷକ ସଂଘ, କଲେଜ ଶିକ୍ଷକ କର୍ମଚାରୀ ସଂଘ, ମହାବିଦ୍ୟାଳୟ ଅଣଶିକ୍ଷକ ସଂଘ, ଗଣ ଶିକ୍ଷକ ସଂଘ, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

## ଜାତୀୟ ଶିକ୍ଷାନୀତି ରଦ୍ଦ ଦାବିରେ

## ସେପ୍ଟେମ୍ବର ୫ରୁ ଦେଶବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୧୩।୮(ବ୍ୟୁରୋ)

ଜାତୀୟ ଶିକ୍ଷାନୀତି ରଦ୍ଦ, ଶିକ୍ଷକ କର୍ମଚାରୀଙ୍କ ପାଇଁ ସମ୍ମାନଜନକ ଚାକିରି ସର୍ତ୍ତାବଳୀ, ପୁରୁଣା ପେନ୍‌ସନ ସ୍କିମ୍ ପୁନର୍ବାର ଲାଗୁ କରିବା ଆଦି ବିଭିନ୍ନ ଦାବି ନେଇ ଅଖିଳ ଭାରତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ମହାସଂଘ ଏବଂ ରାଷ୍ଟ୍ରୀୟ ମିଳିତ ଶିକ୍ଷା ଆନ୍ଦୋଳନ ମିଳିତ ମଞ୍ଚ ସେପ୍ଟେମ୍ବର ୫ ଗୁରୁଦିବସଠାରୁ ଦେଶବ୍ୟାପୀ ଜନ ସଚେତନତା ଏବଂ ଗଣ ଆନ୍ଦୋଳନ କରିବ। ଏଥିସହ ଦାବି ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ଏହାକୁ ଓଡ଼ିଶାର ଶିକ୍ଷକ ସଂଘ ସମର୍ଥନ ଦେବ। ଆଇଫୋକ୍ଟୋ ଏବଂ ଜେଏଫ୍‌ଏମ୍‌ଇ ଏହାକୁ ସମର୍ଥନ ଦେବ। ଏ ସମ୍ପର୍କରେ ଆଇଫୋକ୍ଟୋ ସାଧାରଣ ସମ୍ପାଦକ ପ୍ରଫେସର ଡ. ଅରୁଣ କୁମାର ମହାନ୍ତି, ଜେଏଫ୍‌ଏମ୍‌ଇ ଜାତୀୟ ଆବାହକ ଡ. ଅମିୟ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ଶ୍ରୀମୟୀଙ୍କ ନାଁରେ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲି ଟଙ୍କା ମାଗୁଛନ୍ତି ସାଇବର ଠକ

ଭୁବନେଶ୍ୱର,(ବ୍ୟୁରୋ)୧୩।୮

ଓଟିଡିସିର ପୂର୍ବତନ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ନାଁରେ ନକଲି ହ୍ୱାଟ୍ସଆପ୍ ଆକାଉଣ୍ଟ ଖୋଲି ଟଙ୍କା ମାଗୁଛନ୍ତି ସାଇବର ଠକ। ଏହା ଜଣାପଡିବା ପରେ ଶ୍ରୀମୟୀ ସାଇବର ଥାନାରେ ଫେରାଦ୍ ହୋଇଛନ୍ତି। ଏଥିସହ ଉକ୍ତ ନମ୍ବରରୁ ମେସେଜ ରିସିଭ୍ ନ କରିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ସାଇବର ଠକ ଫେକ୍ ଆକାଉଣ୍ଟ ଖୋଲି ଶ୍ରୀମୟୀଙ୍କ ଫଟୋକୁ ଡିପି ଭାବେ ବ୍ୟବହାର କରିଛନ୍ତି। ପାନ୍ଥନିବାସ ମ୍ୟାନେଜରମାନଙ୍କ ସହ ଉକ୍ତ ହ୍ୱାଟ୍ସଆପ୍ ନମ୍ବରରୁ ପ୍ରଥମେ ଚାଟିଂ କରିଥିଲେ ସାଇବର ଠକ। ଏହାପରେ ଧୀରେ ଧୀରେ ଟଙ୍କା ମାଗିବାରୁ ସେମାନଙ୍କର ସନ୍ଦେହ ଉପୁଜିଥିଲା। ପରେ ଜଣେ ମ୍ୟାନେଜର ଶ୍ରୀମୟୀଙ୍କୁ କଲ୍ କରି ପଚାରିବୁଝିବାରୁ ଘଟଣାର ପ୍ରକୃତ ସତ୍ୟ ପଦାକୁ ଆସିଥିଲା। ଅପରପକ୍ଷରେ ଶ୍ରୀମୟୀ ସାଇବର ଠକଙ୍କ ଚାଟିଂକୁ ସୋସିଆଲ ମିଡିଆରେ ଶେୟାର କରି ଲେଖିଛନ୍ତି ଯେ, ତାଙ୍କ ଫଟୋକୁ ହ୍ୱାଟ୍ସଆପ୍‌ରେ ଲଗାଯାଇଛି। ତେଣୁ ଯଦି କେହି ଏଭଳି ଉପାୟରେ ଟଙ୍କା ମାଗୁଥାନ୍ତି, ତେବେ ଏଥିରୁ ନିବୃତ୍ତ ରହିବାକୁ ସେ ଜଣାଇଛନ୍ତି।


ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଆୟୋଜିତ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ ଭୁବନେଶ୍ୱର ଗ୍ରୁପ୍ ସେଣ୍ଟର ପକ୍ଷରୁ ଶନିବାର ସିଆର୍‌ପିଏଫ୍ କ୍ୟାମ୍ପସରୁ ବାହାରିଥିବା ତ୍ରିରଙ୍ଗା ବାଇକ୍ ରାଲି। ଏହାକୁ ଡିଆଇଜି ରାଜୀବ ରାୟ ଉଦ୍‌ଘାଟନ କରି ଯବାନମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ସମ୍ପର୍କରେ କହିଥିଲେ।



ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଅନୁଷ୍ଠିତ ମେଗା ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ 'ଦେବାଂଶୀ'ରେ ଆଦିଗୁରୁ ଓଡ଼ିଶୀ ଗୁରୁକୁଳ ଗ୍ରୁପର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର କଂଗ୍ରେସ ଭବନ ସମ୍ମୁଖ ଲୋୟର ପିଏମ୍‌ଜିରୁ ମାଷ୍ଟରକ୍ୟାଣ୍ଟିନ ଛକ ଅଭିମୁଖେ ବାହାରିଥିବା 'ସ୍ୱାଧୀନତାର ଗୌରବ ଯାତ୍ରା'।

## ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ: ଦେଶର ପ୍ରମୁଖ ମୋବାଇଲ ନିର୍ମାତା ସାମ୍‌ସଙ୍ଗ୍ ତା'ର ନୂତନ ଉତ୍ପାଦଗୁଡ଼ିକୁ ନିକଟରେ ସର୍ବଭାରତୀୟସ୍ତରରେ ଉନ୍ମୋଚନ କରିଛି। ବିଶେଷକରି ଏହାର ଗ୍ୟାଲାକ୍ସି ଜେଡ୍ ଫ୍ଲିପ୍‌୪ ଓ ଗ୍ୟାଲାକ୍ସି ଜେଡ୍ ଫୋଲ୍ଡ୍‌୪ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଲେକ୍ଟ୍ରୋନିକସ୍ର ମୋବାଇଲ ଏକ୍ସପେରିଏନ୍ସ ବିଜ୍‌ନେସ୍‌ର ଅଧ୍ୟକ୍ଷ ଓ ମୁଖ୍ୟ ଡ. ଟି. ଏମ୍. ରୋ କହିଛନ୍ତି, ପରବର୍ତ୍ତୀ ଫୋଲ୍ଡେବୁଲ ଡିଭାଇସ୍‌ଗୁଡ଼ିକ ଅତୁଳନୀୟ ମୋବାଇଲ ଅଭିଜ୍ଞତା ପ୍ରଦାନ କରୁଛନ୍ତି। ଏହା ଆମର ଡାଇନାମିକ୍ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁଛି।

# '୨୦୩୧ ସୁଦ୍ଧା ବିଶ୍ୱର ୨ୟ ସର୍ବବୃହତ୍ ଅର୍ଥନୀତି ହେବ ଭାରତ'

ନୂଆଦିଲ୍ଲୀ,୧୩।୮


ଡ. ମାଇକେଲ ଦେବବ୍ରତ ପାତ୍ର

ଭାରତ ୨୦୩୧ ସୁଦ୍ଧା ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହେବାର କ୍ଷମତା ରଖିଛି। ଏପରିକି ୨୦୬୦ ସୁଦ୍ଧା ଚାଇନାକୁ ଟପି ଭାରତ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ହେବା ସମ୍ଭାବନା ରହିଛି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ଡେପୁଟି ଗଭର୍ନର ଡ. ମାଇକେଲ ଦେବବ୍ରତ ପାତ୍ର ମତବ୍ୟକ୍ତ କରିଛନ୍ତି। ଶନିବାର ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାତ୍ର କହିଛନ୍ତି, ୨୦୪୦ରୁ ୫୦ ମସିହା ମଧ୍ୟରେ ଦେଶର ଅଭିବୃଦ୍ଧି ୪ରୁ ୫%କୁ ହ୍ରାସ ପାଇଲେ ମଧ୍ୟ ୨୦୬୦ ସୁଦ୍ଧା ଭାରତ ବିଶ୍ୱର ବୃହତ୍ତମ ଅର୍ଥନୀତି ହେବା ସମ୍ଭାବନା ରହିଛି। ଭାରତ ବର୍ତ୍ତମାନ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି। କିନ୍ତୁ କ୍ରୟ ଶକ୍ତି ସମତା (ପିପିପି) ଆଧାରରେ ଚାଇନା ଓ ଆମେରିକା ପରେ ବିଶ୍ୱ ଜିଡିପିର ୭% ଅଂଶୀଦାର ସହ ଭାରତ ବର୍ତ୍ତମାନ ବିଶ୍ୱର ୩ୟ ବୃହତ୍ ଅର୍ଥନୀତି ହୋଇପାରିଛି। ସେହିପରି ଭାରତ ୨୦୨୭ରେ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ୍ ମହାମାରୀ ଯୋଗୁ ଜିଡିପି ୬.୬% କୁ ହ୍ରାସ ପାଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୮.୭% କୁ ଫେରିଛି। ଜିଡିପିର ପୂର୍ବ ମହାମାରୀ ସ୍ତରଠାରୁ ୧.୫% ଅଧିକ ରହିଛି ବୋଲି ସେ କହିଥିଲେ। ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ୭.୨% ବୃଦ୍ଧି ପାଇବ ବୋଲି ଆର୍‌ବିଆଇ ପକ୍ଷରୁ ଆକଳନ କରାଯାଇଥିବା ପାତ୍ର କହିଛନ୍ତି।

ଅପରପକ୍ଷରେ ଓଇସିଡି ଆକଳନ ଅନୁସାରେ ୨୦୪୮ ସୁଦ୍ଧା ଭାରତ ଆମେରିକା ଅର୍ଥନୀତିକୁ ଟପିପାରେ ବୋଲି ଆକଳନ କରାଯାଇଛି। ଏପରିକି ଚାଇନା ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ହେବ। ଭାରତ ନିଜର ଡେମୋଗ୍ରାଫିକ ଡିଭିଡେଣ୍ଡ, ମାନୁଫାକ୍ଚରିଂ, ରପ୍ତାନି ଓ ଆନ୍ତର୍ଜାତିକୀକରଣ ଜରିଆରେ ଏହି ଲକ୍ଷ୍ୟ ହାସଲ କରିପାରିବ। ତେବେ ଏହି ଲକ୍ଷ୍ୟ ହାସଲରେ ଅନେକ ପ୍ରତିବନ୍ଧକ ଏବେ ମଧ୍ୟ ରହିଛି। ମହାମାରୀର ମାନ୍ଦାବସ୍ଥା ଯୋଗୁ ଲୋକଙ୍କ ଜୀବନ ଜୀବିକା ଓ ଉତ୍ପାଦନ ବ୍ୟାପକ ପ୍ରଭାବିତ ହୋଇଛି। ସେସବୁରେ ସୁଧାର ସାଙ୍ଗକୁ ଅର୍ଥନୀତିର ପୂର୍ବ ସ୍ଥିତିକୁ ଫେରିବାକୁ ଭାରତ ପ୍ରାୟ ୧୦ବର୍ଷ ଲାଗିଯିବ। ସେହିଭଳି ଭିତ୍ତିଭୂମି ନିବେଶରେ ଭାରତ ବିଶ୍ୱରେ ବହୁ ପଛରେ ରହିଛି। ଏପରିକି ଭାରତୀୟ ଶ୍ରମବଳର କେବଳ ୪୬.୨% ନିଯୁକ୍ତିକ୍ଷମ, ଯାହାକି ଅର୍ଥନୀତି ବିକାଶରେ ଏହା ଏକ ବଡ ପ୍ରତିବନ୍ଧକ। ଆର୍‌ବିଆଇ ପକ୍ଷରୁ ଆକଳନ କରାଯାଇଛି ଯେ ଭାରତ ଏ ସବୁ ଚ୍ୟାଲେଞ୍ଜକୁ ମୁକାବିଲା କରିପାରିବ। ତେବେ ଆଗାମୀ ଦଶନ୍ଧିରେ ୧୧% ହାରରେ ବିକାଶ କରିପାରିଲେ ଭାରତ ୨୦୪୮ ନୁହେଁ ବଂର ୨୦୩୧ରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତିରେ ପରିଣତ ହେବ ଏବଂ ୨୦୬୦ ସୁଦ୍ଧା ବିଶ୍ୱର ସର୍ବବୃହତ୍ ଅର୍ଥନୀତି ହେବା ଯଥେଷ୍ଟ ସମ୍ଭାବନା ରହିଛି।

## ଋଣ ଓ ଜମା କ୍ଷେତ୍ରରେ ବିଓଏମ୍ ଶୀର୍ଷ

ଭୁବନେଶ୍ୱର,୧୩।୮

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଋଣ ଓ ଜମା କ୍ଷେତ୍ରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ଶୀର୍ଷ ସ୍ଥାନ ଲାଭ କରିଛି। ବ୍ୟାଙ୍କର ପୁଣେ ମୁଖ୍ୟ କାର୍ଯ୍ୟାଳୟର ରେକର୍ଡ ଅନୁଯାୟୀ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୨୭.୧୦ % ଅଭିବୃଦ୍ଧି ହାରରେ ବ୍ୟାଙ୍କର ଗ୍ରସ୍ ଋଣ ୧,୪୦,୫୬୧କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦାର ଋଣ ଯଥାକ୍ରମେ ୧୬.୪୩ ଓ ୧୫.୭୩ % ରହିଛି। ସେହିପରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୧୩.୬୬% ଅଭିବୃଦ୍ଧି ହାରରେ ଚତୁର୍ଥ ସ୍ଥାନରେ ରହିଛି। ଜମା କ୍ଷେତ୍ରରେ ବିଓଏମ୍ ଜୁନ୍ ଶେଷ ସୁଦ୍ଧା ୧୨.୩୫% ବୃଦ୍ଧି ହାରରେ ୧,୯୫,୯୦୯କୋଟି ଟଙ୍କାରେ ପହଞ୍ଚିଛି। ୯.୪୨% ବୃଦ୍ଧି ହାରରେ ୟୁନିୟନ୍ ବ୍ୟାଙ୍କ ୨ୟ ସ୍ଥାନରେ ରହିଥିବା ବେଳେ ବ୍ୟାଙ୍କ ଅଫ୍ ବରୋଦାର ବୃଦ୍ଧି ହାର ୮.୫୧% ରହିଛି। ଜୁନ୍ ମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦେୟ ଋଣର କ୍ରମାଗତ ହ୍ରାସ ଯୋଗୁ ବ୍ୟାଙ୍କଗୁଡ଼ିକ ଅଧିକ ଲାଭାନ୍ୱିତ ହୋଇଛନ୍ତି।

## ଏସ୍‌ବିଆଇର ହର୍ ଘର୍ ତ୍ରିରଙ୍ଗା ଅଭିଯାନ



ଭୁବନେଶ୍ୱର,୧୩।୮

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛି। ଏହି ମହୋତ୍ସବ ଅନ୍ତର୍ଗତ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ମଧ୍ୟ ସାମିଲ ହୋଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବ୍ୟାଙ୍କ ପକ୍ଷରୁ ଜାତୀୟ ପତାକା ବଣ୍ଟନ ସହ ପ୍ରଭାତ ଫେରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶର୍ମାଙ୍କ ନେତୃତ୍ୱରେ ସକାଳ ୬ ଟା ୪୫ରେ ବ୍ୟାଙ୍କର ପ୍ରଧାନ କାର୍ଯ୍ୟାଳୟରୁ ଉକ୍ତ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମହାପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ଏବଂ ଅନ୍ୟ ବରିଷ୍ଠ ମହାପ୍ରବନ୍ଧକମାନଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଉକ୍ତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କ ପକ୍ଷରୁ ୧୨ଦିନିଆ ଗ୍ରାହକ ସମ୍ପର୍କ ଅଭିଯାନ ସହ ଜାତୀୟ ପତାକା ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପତାକାଗୁଡ଼ିକୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଅନ୍ତର୍ଗତ ଏସ୍‌ଏଚ୍‌ଜିଙ୍କଠାରୁ କ୍ରୟ କରାଯାଇଛି।

## ଏଲ୍‌ଆଇସିର ୧ମ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୧୩।୮




ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ର ପ୍ରଥମ ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସର ଆର୍ଥିକ ଫଳାଫଳକୁ ନିଗମର ନିର୍ଦ୍ଦେଶକ ମଣ୍ଡଳୀର ମଞ୍ଜୁରୀ ପ୍ରଦାନ କରାଯାଇଛି। ୧ମ ତ୍ରୈମାସରେ ନିଗମର କାରବାର ୨୦ %ରୁ ଅଧିକ ରହିଛି। ଏହି ଅବଧି ମଧ୍ୟରେ ନିଗମର ମୋଟ ପ୍ରିମିୟମ ୯୮,୩୫୨ କୋଟି ଟଙ୍କା ବା ୨୦.୩୫% ହୋଇଛି। ପୂର୍ବ ବର୍ଷର ଏହି ସମୟ ମଧ୍ୟରେ ପ୍ରିମିୟମ ୮୧,୭୨୧ କୋଟି ରହିଥିଲା। ସେହିଭଳି ଟିକସ ପରବର୍ତ୍ତୀ ଲାଭ ମଧ୍ୟ ୬୮୨.୮୮ କୋଟି ଟଙ୍କା ରହିଛି। ଏପରିକି ପ୍ରଥମ ବର୍ଷ ପ୍ରିମିୟମ ଆୟରେ ଏଲ୍‌ଆଇସିର ବଜାର ଅଂଶ ୬୫.୪୨% ରହିଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ବଜାର ଅଂଶ ୬୩.୨୫% ରହିଥିଲା। ଅପରପକ୍ଷରେ ଗତ ବର୍ଷ ଜୁନ ଶେଷ ସୁଦ୍ଧା ପ୍ରଥମ ବର୍ଷର ପ୍ରିମିୟମ ଆୟ କ୍ଷେତ୍ରରେ ନିଗମ ୬୭.୫୨% ବଜାର ଅଂଶ ହାସଲ କରିବାକୁ ସକ୍ଷମ ହୋଇଥିଲା। ଆଲୋଚ୍ୟ ତ୍ରୈମାସରେ ଏଲ୍‌ଆଇସିର ୩୬.୮୧ ଲକ୍ଷ ପଲିସି ବିକ୍ରି ହୋଇଥିବା ବେଳେ ଏ କ୍ଷେତ୍ରରେ ୫୯.୫୬% ଅଭିବୃଦ୍ଧି ଦେଖାଯାଇଛି।

## ଆଜି ଷ୍ଟାର୍ କିରଣରେ ଦେଶାତ୍ମବୋଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୮




ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲ 'ଷ୍ଟାର୍ କିରଣ'ରେ ରବିବାର ଦିନତମାମ ବିଭିନ୍ନ ପ୍ରକାର ଦେଶାତ୍ମବୋଧ କାର୍ଯ୍ୟକ୍ରମ ପ୍ରସାରଣ ହେବ। ରବିବାର ସକାଳ ୧୦ ଟାରେ ଛୋଟ ପିଲାମାନଙ୍କ ପାଇଁ ଚଳଚ୍ଚିତ୍ର 'ବୀର ଯୋଦ୍ଧା ପୃଥ୍ୱୀରାଜ ଚୌହାନ' ପ୍ରସାରଣ ହେବ ଏବଂ ଦିନ ୧୨ଟା ୩୦ରେ 'ଶହୀଦ ରଘୁ ସର୍ଦ୍ଦାର'ର ୱାର୍ଲଡ୍ ଟିଭି ପ୍ରିମିୟର ମଧ୍ୟ ହେବ ବୋଲି ଜଣାପଡ଼ିଛି। ଉକ୍ତ ଚଳଚ୍ଚିତ୍ର ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ସେହିପରି ସନ୍ଧ୍ୟା ୬ଟାରେ 'ଉଡ଼େ ତ୍ରିରଙ୍ଗା' ନାମରେ ଏକ ଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏଥିରେ ଦେଶର ବୀର ଯବାନ ଓ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ପ୍ରଦାନ କରିବା ଲାଗି ପ୍ରୟାସ କରାଯାଇଛି। ଅପରପକ୍ଷରେ ସ୍ୱରସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ପରିଶେଷରେ ଓଡ଼ିଆ ସିନେ କଳାକାର, ଗାୟକ ଓ ନୃତ୍ୟଶିଳ୍ପୀମାନେ ନିଜର ନିପୁଣ କଳାର ପ୍ରଦର୍ଶନ କରିବେ। ପାଇକନୃତ୍ୟ ଓ ମାଲଖମ୍ବର ପ୍ରଦର୍ଶନ ହେବା ସହ ବାଲୁକାଶିଳ୍ପୀ ସୁଚିତ୍ରା ମହେଶ୍ୱତା ନିଜର କଳା ପ୍ରଦର୍ଶନ କରିବେ। ଲିପ୍ସା ମିଶ୍ର, ଆକାଶ ଦାସନାୟକ ଓ କୁନା ତ୍ରିପାଠୀ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଭାର ସମ୍ଭାଳୁ ଥିବାବେଳେ ଭୂମିକା ଦାଶ, ଶିବାନୀ ସଙ୍ଗୀତା, ଜ୍ୟୋତିରଞ୍ଜନ ନାୟକ, ସୂର୍ଯ୍ୟମୟୀ ମହାପାତ୍ର, ଶୈଳେନ୍ଦ୍ର ସାମନ୍ତରାୟ, ସ୍ୱରାଜ ବାରିକ, ରାକେଶ ଦେଓ, ଶଶାଙ୍କ ଶେଖର, ସ୍ୱୟମ୍ ପାଢୀ, ଅନ୍ତରା ଚକ୍ରବର୍ତ୍ତୀ, ସୋହିନୀ ମିଶ୍ର ଓ କୁଳଦୀପ ପଟ୍ଟନାୟକ ପ୍ରମୁଖ ନାଚ,ଗୀତ ଓ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବେ ବୋଲି ଷ୍ଟାର ପକ୍ଷରୁ କୁହାଯାଇଛି।

## ଶସ୍ତ୍ର ଡିମ୍‌ଡ ୟୁନିଭର୍ସିଟିର ଅଭିନବ ଯୋଜନା

ନୂଆଦିଲ୍ଲୀ,୧୩।୮

SASTRA
DEEMED TO BE UNIVERSITY
THINK MERIT | THINK TRANSPARENCY | THINK SASTRA

### ୭୫ ର୍‍ୟାଙ୍କ୍ ମଧ୍ୟରେ ଥିବା ବିଦ୍ୟାର୍ଥୀଙ୍କୁ ୧୦୦% ବୃତ୍ତି

ଭାରତର ୭୫ତମ ସ୍ୱାଧୀନତା ଦିବସକୁ ସ୍ମରଣୀୟ କରିବା ପାଇଁ ଶସ୍ତ୍ର ଡିମ୍‌ଡି ୟୁନିଭର୍ସିଟି ପକ୍ଷରୁ ଏକ ଅଭିନବ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶ ସ୍ୱାଧୀନତାର ୭୫ ତମ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୭୫ ର୍‍ୟାଙ୍କ୍ ମଧ୍ୟରେ ରହିଥିବା ବିଦ୍ୟାର୍ଥୀଙ୍କୁ ୧୦୦% ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଶସ୍ତ୍ର ପକ୍ଷରୁ କୁହାଯାଇଛି। ସେହିଭଳି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ବି.ଟେକ୍ ଇଞ୍ଜିନିୟରିଂ ଆଡମିଶନ ପାଇଁ ଆବଶ୍ୟକ ର୍‍ୟାଙ୍କ ଅଗଷ୍ଟ ୧୩ ରାତି ୭ଟାରେ ପ୍ରକାଶିତ ହୋଇଯାଇଛି। ଷ୍ଟ୍ରିମ୍ ୧ରେ (ଜେଇଇ ମେନ୍ ଏବଂ +୨ ମାର୍କ ଉପରେ ଆଧାରିତ ୭୦% ସିଟ୍) ଚେନ୍ନାଇର ଆନ୍ନାନଗର ଏସ୍‌ବିଓଏ ସ୍କୁଲର ଅକ୍ଷୟ ଗୋବିନ୍ଦ ପ୍ରଥମ ର୍‍ୟାଙ୍କ ପାଇଛନ୍ତି। ସେହିପରି ଷ୍ଟ୍ରିମ୍ ୨ରେ (ଦ୍ୱାଦଶ ଶ୍ରେଣୀ ଏଗ୍ରିଗେଟ୍ ସ୍କୋର ଉପରେ ଆଧାରକରି ୩୦% ସିଟ୍) ମାଙ୍ଗାଲୋରର ଏକ୍ସପର୍ଟ ପିୟୁ କଲେଜର ବୋଟୁକୁ ଶ୍ରେୟା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ଦ୍ୱାଦଶ ପରୀକ୍ଷାରେ ୧୦୦% ଏଗ୍ରିଗେଟ୍ ସ୍କୋର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶସ୍ତ୍ର ହେଉଛି ଏକମାତ୍ର ବିଶ୍ୱବିଦ୍ୟାଳୟ ଯାହାକି ଜେଇଇ-ମେନ୍ ସ୍କୋର ଏବଂ +୨ ଏଗ୍ରିଗେଟ୍ ଆଡମିଶନ ପରୀକ୍ଷା ନ କରି ଆଡମିଶନ ପ୍ରକ୍ରିୟା ପାଇଁ ଏକତ୍ର କରିଥାଏ। ର୍‍ୟାଙ୍କ ସମ୍ପର୍କିତ ସମସ୍ତ ସୂଚନା www.sastra.eduରେ ଉପଲବ୍ଧ ରହିଛି। ଆଡମିଶନ ପାଇଁ ମେରିଟ୍ ଆଧାରିତ ସ୍ୱଚ୍ଛ ଅନ୍‌ଲାଇନ୍ କାଉନସେଲିଂ ଅଗଷ୍ଟ ୧୪ରୁ ଅନୁଷ୍ଠିତ ହେବ।

ଫୁର୍‌ସତ୍

# ଜୈବ ବିବିଧତା ରକ୍ଷାରେ ସରୀସୃପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


ଲିଜାର୍ଡ ଡେ'

**ଜୀ**ବ ଜଗତରେ ବିଭିନ୍ନ ପ୍ରଜାତିର ପ୍ରାଣୀ ବାସକରନ୍ତି। ସେମାନଙ୍କ ମଧ୍ୟରୁ ଲିଜାର୍ଡ ବା ଝିଟିପିଟି ପ୍ରଜାତିର ଅନେକ ସରୀସୃପ ଦେଖାଯାନ୍ତି। ଜୈବ ବିବିଧତା ପାଇଁ ପ୍ରତ୍ୟେକ ଜୀବ ଗୁରୁତ୍ୱ ବହନ କରୁଥିବାବେଳେ ସରୀସୃପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋଧି, ଏଣ୍ଡୁଅ, ଝିଟିପିଟି ଭଳି ଅନେକ (ଲିଜାର୍ଡ) ସରୀସୃପ ପ୍ରଜାତି ଜୀବ ପରିବେଶ ସହ ଖାପଖୁଆଇ ରହିଥାନ୍ତି। ଶତ୍ରୁଠାରୁ ନିଜକୁ ରକ୍ଷା କରିବା ଲାଗି ନିଜ ରଙ୍ଗ ବଦଳାଇବାର ସ୍ୱତନ୍ତ୍ର ଗୁଣ ସେମାନଙ୍କ ପାଖରେ ରହିଛି । ସେହିଭଳି ଝିଟିପିଟିର ଲାଞ୍ଜ ଅଲଗା ହୋଇ ସେଠାରୁ ପୁଣି ଏକ ନୂଆ ଲାଞ୍ଜ ସୃଷ୍ଟି ହୋଇଥାଏ। ନୂଆ ଲାଞ୍ଜ ସୃଷ୍ଟି ଆଧୁନିକ ଚିକିତ୍ସା ବିଜ୍ଞାନୀଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହିତ କରିଛି। ଛାତିରେ ଭରାଦେଇ ଏଭଳି ପ୍ରାଣୀ ଚଳପ୍ରଚଳ ହୋଇଥାନ୍ତି। ଏମାନେ ଶୀତଳ ରକ୍ତ(କୋଲ୍ଡ ବ୍ଲଡେଡ୍) ପ୍ରଜାତିର। ଅର୍ଥାତ୍ ପରିବେଶର ତାପମାତ୍ରା ଅନୁସାରେ ସେମାନଙ୍କ ଶରୀରର ତାପମାତ୍ରାରେ ପରିବର୍ତ୍ତନ ହୋଇଥାଏ। ଲିଜାର୍ଡଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୪ରେ ୱାର୍ଲ୍ଡ ଲିଜାର୍ଡ ଡେ'ପାଳନ କରାଯାଏ।

ସମ୍ପ୍ରତି ପୃଥିବୀରେ ପ୍ରାୟ ୫୬୦୦ ପ୍ରକାର ଲିଜାର୍ଡ ଅଛନ୍ତି। ସେମାନଙ୍କ ମଧ୍ୟରୁ ବହୁ ପ୍ରଜାତି ବିପଦରେ ପଡ଼ିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସେମାନଙ୍କ ବଂଶ ଲୋପ ପାଇବାରେ ଲାଗିଛି। ଲିଜାର୍ଡ ଡେ' ଏହି ବିଶେଷ ପ୍ରକାର ସରୀସୃପଙ୍କ ସଂରକ୍ଷଣ ଓ ସଚେତନତା ସୃଷ୍ଟି କରିବା ଲାଗି ପାଳନ କରାଯାଇଥାଏ।

ରଙ୍ଗ ବଦଳାଇବାଠାରୁ ଆରମ୍ଭ କରି ଶରୀରରୁ ଲାଞ୍ଜକୁ ଅଲଗା କରିବା ଭଳି ଭିନ୍ନ ଭିନ୍ନ କୌତୂହଳପୂର୍ଣ୍ଣ ତଥ୍ୟ ରହିଛି। ଊନବିଂଶ ଶତାବ୍ଦୀରେ ଲିଜାର୍ଡ ପ୍ରଜାତିର ଜୀବଙ୍କୁ ଆମ୍ଫିବିଆନ ଅର୍ଥାତ୍ ଉଭୟଚର ପ୍ରାଣୀଙ୍କଠାରୁ ପୃଥକ୍ କରାଯାଇଥିଲା। ଲିଜାର୍ଡଙ୍କ ସଂଖ୍ୟା କମିବା ଏକ ଉଦ୍‌ବେଗଜନକ ସ୍ଥିତି। ଏହା ପଛର ମୁଖ୍ୟ କାରଣ ହେଉଛି ଜଙ୍ଗଲ ନଷ୍ଟ, ସରୀସୃପଙ୍କ ପ୍ରତି ଗୁରୁତ୍ୱର ଅଭାବ ଏବଂ ଚର୍ମ ବ୍ୟବସାୟ ଇତ୍ୟାଦି। ଚର୍ମ ବ୍ୟବସାୟର ଚୋରା କାରବାର ଏକବିଂଶ ଶତାବ୍ଦୀରୁ ବୃଦ୍ଧି ପାଇବାରେ ଲାଗିଛି। ସମସ୍ତ ସରୀସୃପ ହେଉଛନ୍ତି ବାୟୁରୁ ନିଃଶ୍ୱାସ ନେଉଥିବା ମେରୁଦଣ୍ଡୀ ପ୍ରଜାତି। ସେମାନଙ୍କ ଶରୀର କାତିରେ ଆବୃତ।

ସରୀସୃପ ପ୍ରଜାତି ମଧ୍ୟରେ ସାପ, କଇଁଛ, କୁମ୍ଭୀର, ଏଣ୍ଡୁଅ, ଝିଟିପିଟି, ଗୋଧି ପ୍ରମୁଖ ସ୍ଥାନ ଗ୍ରହଣ କରିଥାନ୍ତି। ସେଥିମଧ୍ୟରେ ଜନବସତି ବୃଦ୍ଧି, ରୋଗ ସଂକ୍ରମଣ, ଜଳବାୟୁ ପରିବର୍ତ୍ତନ ଯୋଗୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନ ନଷ୍ଟ ହେବାରେ ଲାଗିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚର୍ମ ବ୍ୟବସାୟ ପାଇଁ ସେମାନଙ୍କ ଶିକାରରେ ବୃଦ୍ଧି ଘଟିଛି। ପୃଥିବୀର ଜୈବବିବିଧତା ପାଇଁ ସରୀସୃପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନେ ବିଭିନ୍ନ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେଗ୍ରହଣ କରି ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରିଥାନ୍ତି। ସରୀସୃପ ପ୍ରାୟତଃ ଘାସ ଏବଂ ପତ୍ରଯୁକ୍ତ ଉଦ୍ଭିଦ, ପୋକଯୋକ ଏବଂ ଛୋଟ କୀଟପତଙ୍ଗ ଖାଇଥାନ୍ତି। ଚିରସ୍ଥାୟୀ ଆବାସିକ ଅଞ୍ଚଳଠାରୁ ଆରମ୍ଭ କରି ଆମାଜନର ରେନ୍ ଫରେଷ୍ଟରେ ନାନା ପ୍ରଜାତିର ସରୀସୃପ ଦେଖାଯାନ୍ତି। ଆଣ୍ଟାର୍କଟିକାର ପ୍ରବଳ ଥଣ୍ଡାରେ ଜୀବନଧାରଣ କରିବାକୁ ସକ୍ଷମ ହେଉ ନ ଥିବାରୁ ଏହି ଅଞ୍ଚଳରେ ଏହା ଦୃଷ୍ଟିଗୋଚର ହୋଇ ନ ଥାନ୍ତି।

ଅଧିକାଂଶ ପ୍ରଜାତିର ସରୀସୃପ ସେମାନଙ୍କ ଖାଦ୍ୟରୁ ଜଳ ଗ୍ରହଣ କରନ୍ତି। ବିଶେଷ ଭାବେ ସେମାନେ ସକାଳର ସୂର୍ଯ୍ୟ କିରଣରେ ରହିବାକୁ ଭଲ ପାଆନ୍ତି। ଏହାଦ୍ୱାରା ସେମାନଙ୍କ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ବଢ଼ିବା ସହିତ ମାଂସପେଶୀ, ଅଙ୍ଗପ୍ରତ୍ୟଙ୍ଗ ସୁଦୃଢ଼ ହୋଇଥାଏ। ସରୀସୃପଙ୍କ ଆକାର ୨ ଇଞ୍ଚରୁ ଆରମ୍ଭ କରି ୧୧ ଫୁଟ ବା ଏହାଠାରୁ ଅଧିକ ହୋଇଥାଏ। ସେହିପରି ଓଜନ ମଧ୍ୟ ୩୦୦ ପାଉଣ୍ଡ ପର୍ଯ୍ୟନ୍ତ ହୋଇଥାଏ। ପୃଥିବୀର କେତେକ ଅଞ୍ଚଳରେ ଲୋକେ ସରୀସୃପଙ୍କୁ ଘରେ ପୋଷା ଭାବେ ପାଳିଥାନ୍ତି। ଆମେରିକାରେ ୯ ନିୟୁତରୁ ଅଧିକ ଲୋକ ଘରେ ସରୀସୃପ ପାଳିଛନ୍ତି।

## ଅପପ୍ରଚାର କରନାହିଁ: କରୀନା



**ମୁମ୍ବାଇ:** ଆମିର ଖାନ୍ ଓ କରୀନା କପୁର ଖାନ୍ ଅଭିନୀତ 'ଲାଲ୍ ସିଂ ଚଢ଼ା'କୁ ନେଇ ବିବାଦ ଥମୁ ନ ଥିବାବେଳେ ଫିଲ୍ମଟି ପ୍ରେକ୍ଷାଳୟକୁ ଓହ୍ଲାଇଛି। ଲାଲ ସିଂ ଚଢ଼ା ପାଇଁ ସିନେପ୍ରେମୀଙ୍କ ମିଶ୍ରିତ ପ୍ରତିକ୍ରିୟା ମିଳିଛି। ଟୁଇଟରରେ ଟ୍ରେଣ୍ଡ ପାଲଟିଥିବା ବଏକଟ୍ ଲାଲ୍ ସିଂ ଚଢ଼ାକୁ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଅଭିନେତ୍ରୀ କରୀନା । ଫିଲ୍ମକୁ ବଏକଟ୍ ନ କରିବା ପାଇଁ ସେ ଦର୍ଶକଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଫିଲ୍ମ ବାବଦରେ ଅପପ୍ରଚାର କରାନ ଯାଉ। ଲାଲ୍ ସିଂ ଚଢ଼ା ଖୁବ୍ ସୁନ୍ଦର ଫିଲ୍ମ। ଏହାକୁ ତିଆରି କରିବା ପାଇଁ ପାଖାପାଖି ୩ ବର୍ଷ ଲାଗିଛି। ୨୫୦ରୁ ଅଧିକ ଲୋକ ଏହା ସହ ଜଡ଼ିତ। ତେଣୁ ଏହାକୁ ବଏକଟ୍ ନ କରି ହଲ୍‌ରେ ଫିଲ୍ମକୁ ଦେଖିବାକୁ କରୀନା ଅନୁରୋଧ କରିଛନ୍ତି। କେତେଜଣ ଲୋକ ଫିଲ୍ମ ଓ କଳାକାରଙ୍କ ବିରୋଧରେ ଅପପ୍ରଚାର କରୁଥିବା ସେ କହିଛନ୍ତି। ବିଶେଷକରି ସୋସିଆଲ ମିଡିଆ ଜରିଆରେ ଫିଲ୍ମ ସମ୍ପର୍କରେ ବହୁ ମିଛ ତଥ୍ୟ ପ୍ରଘଟ ହେଉଥିବାବେଳେ ଏହା ରୋକାଯିବା ନିହାତି ଜରୁରୀ ବୋଲି କରୀନା କହିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ଫିଲ୍ମକୁ ନେଇ ପ୍ରତିବାଦ ଜାରି ରହିଛି। ପ୍ରଥମ ଦିନରେ ଏହା ୧୦ରୁ ୧୧ କୋଟିର ବ୍ୟବସାୟ କରିଥିବା ଖବର ପ୍ରକାଶ ପାଇଛି। ଗତ ଗୁରୁବାର ଲାଲ୍ ସିଂ ଚଢ଼ା ସାଙ୍ଗକୁ ଅକ୍ଷୟ କୁମାର ଅଭିନୀତ ରକ୍ଷା ବନ୍ଧନ ରିଲିଜ୍ ହୋଇଥିଲା। ବିବାଦ ଭିତରେ ମଧ୍ୟ 'ଲାଲ୍ ସିଂ ଚଢ଼ା' ଆଗରେ ରହିଛି।

## ମହାକାଶରୁ ଶୁଭେଚ୍ଛା ବାର୍ତ୍ତା



**ନୂଆଦିଲ୍ଲୀ:** ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭାରତ ସରକାର ଏକାଧିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏଭଳିସ୍ଥଳେ ଇଟାଲୀର ଜଣେ ମହାକାଶଚାରୀ ସ୍ପେସ୍‌ରୁ ଭାରତକୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ଏ ନେଇ ସାମନ୍ଥା କ୍ରିଷ୍ଟୋଫୋରେଟି ଏକ ଭିଡିଓ ଜାରି କରିଛନ୍ତି। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେଶନ୍ (ଇସ୍ରୋ) ୨୦୨୩ରେ କରିବାକୁ ଥିବା 'ଗଗନାୟନ' (ହ୍ୟୁମାନ୍ ସ୍ପେସ୍ ମିଶନ) ପାଇଁ ମଧ୍ୟ ସେ ଶୁଭେଚ୍ଛା ଜଣାଇଛନ୍ତି। ଇସ୍ରୋ ଦିନକୁ ଦିନ ମହାକାଶ ଯାତ୍ରା ନେଇ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିବାରେ ଲାଗିଛି, ଯାହା ଭବିଷ୍ୟତରେ ଭାରତକୁ ସଫଳ କରିବ ବୋଲି ସେ ଭିଡିଓରେ କହିଛନ୍ତି। ଏଥିସହ ଆଗାମୀ ଦିନରେ ଇସ୍ରୋ ସହିତ ମିଳିତ ଭାବେ ବିଭିନ୍ନ ପ୍ରକାର ମିଶନରେ କାର୍ଯ୍ୟ କରିବା ନେଇ ସାମନ୍ଥା ଆଗ୍ରହ ପ୍ରକାଶ କରିଛନ୍ତି। ଜାରି ଭିଡିଓକୁ ଭାରତୀୟ ରାଷ୍ଟ୍ରଦୂତ ତରନଜିତ ସିଂ ସନ୍ଧୁ ଶେୟାର କରିଛନ୍ତି। ୧ ମିନିଟ ୧୩ ସେକେଣ୍ଡର ଭିଡିଓରେ ଇସ୍ରୋ ଓ ନାସା ସହବନ୍ଧିତାରେ ହେବାକୁ ଥିବା ଆର୍ଥ ଅବ୍‌ଜରଭିଂ ମିଶନ ବିଷୟରେ ସେ ଉଲ୍ଲେଖ କରିଛନ୍ତି।

## ଠକ ପ୍ରେମିକଙ୍କ ପାଇଁ ବିଜ୍ଞାପନ




**କାନ୍‌ବେରା:** ଅଷ୍ଟ୍ରେଲିଆର ଜେରୀ ନାମରେ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କ ପାଇଁ ଖବରକାଗଜରେ ଏକ ବିଜ୍ଞାପନ ଛାପିଛନ୍ତି। 'ପ୍ରିୟର ଷ୍ଟିଭ୍, ଆଶା କରେ ତୁମେ ତାଙ୍କ ସହ ଭଲରେ ଥିବ। ବର୍ତ୍ତମାନ ସାରା ସହର ଜାଣିଯିବ ତୁମେ କେତେବଡ଼ ଠକ, ଫ୍ରମ୍ ଜେରୀ'। ଅଷ୍ଟ୍ରେଲିଆର ଦୈନିକ ଖବରକାଗଜ ମାକେ ଏବଂ ହ୍ୱିଟସଣ୍ଡେରେ ଏହି ବିଜ୍ଞାପନ ଛପାଯାଇଛି। ତେବେ ବିଜ୍ଞାପନ ପାଇଁ ଜେରୀଙ୍କୁ ଦେବାକୁ ପଡ଼ିଥିବା ସମସ୍ତ ଦେୟ ସେ ପୂର୍ବତନ ପ୍ରେମିକ ଷ୍ଟିଭ୍‌ଙ୍କ କ୍ରେଡିଟ୍ କାର୍ଡ଼ରୁ ପୈଠ କରିଥିବା ଉକ୍ତ ବିଜ୍ଞାପନରେ ଲେଖିଛନ୍ତି।

**ଭାଜପାର 'ହର୍ ଘର୍ ତ୍ରିରଙ୍ଗା ଅଭିଯାନ' ଆରମ୍ଭ**

ଅମୃତ ମହୋତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଭାଜପା ପକ୍ଷରୁ ଶନିବାର 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆରମ୍ଭ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ କାର୍ଯ୍ୟକର୍ତ୍ତା ନିଜ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତ୍ରୀ ସୁରମା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ତେଲଙ୍ଗାନାର ମେହବୁବନଗରରେ ଆୟୋଜିତ ଫ୍ରିଡମ୍ ରାଲିରେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଶ୍ରୀନିବାସ ଗୌଡ଼ ପୋଲିସଠାରୁ ବନ୍ଧୁକ ନେଇ ବ୍ଲାଙ୍କ ଫାୟାର କରୁଛନ୍ତି।

# ଭାଙ୍ଗିଲା ଜିଲାର ସମସ୍ତ ଦଳୀୟ କମିଟି

**କଟକ ଜିଲା କଂଗ୍ରେସ**

**■ ଜୋର ଧରୁଛି ଦଳୀୟ କନ୍ଦଳ**

କଟକ ଅଫିସ,୧୩।୮

ରାଜ୍ୟ କଂଗ୍ରେସରେ ବଢ଼ି ଚାଲିଛି ଅସନ୍ତୋଷ। ଅନ୍ତଃକନ୍ଦଳକୁ ନେଇ ବିଭିନ୍ନ ସମୟରେ ଦଳ ଚର୍ଚ୍ଚା ମଧ୍ୟକୁ ଟାଣି ହୋଇଯାଉଛି। ଶୁକ୍ରବାର କଟକ ନଗର ଜିଲା କଂଗ୍ରେସ କମିଟି ସଭାପତି ପଦରୁ ଗିରିବାଳା ବେହେରାଙ୍କୁ ହଟାଇ ସୁରେଶ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ମୋକିମ୍‌ଙ୍କୁ କଡ଼ା ଜବାବଦେବାକୁ ଏଭଳି ଏକ ନିଷ୍ପତ୍ତି ନିଆଯାଇଥିବା ଏବେ ଦଳୀୟ ମହଲରେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷରେ ଦାୟିତ୍ୱ ମିଳିବାର ୨୪ଘଣ୍ଟା ନ ପୂରୁଣୁ ଶନିବାର ସୁରେଶ ମହାପାତ୍ର କଟକ ଜିଲାର ସମସ୍ତ ଦଳୀୟ କମିଟି ଭାଙ୍ଗିଦେଇଛନ୍ତି। ସେ ଦଳର ଜିଲା କମିଟି, ବ୍ଲକ କମିଟି ଓ ୱାର୍ଡ କମିଟି ଭାଙ୍ଗି ତାଙ୍କ ନେତୃତ୍ୱରେ ନୂଆ ଟିମ୍ ଗଠନ କରିବାକୁ ଚାହିଁଛନ୍ତି।

ଏ ପ୍ରସଙ୍ଗରେ ମୋକିମ ଶନିବାର ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ଦେଇ କହିଛନ୍ତି ପିସିସି ନିଷ୍ପତ୍ତି ଉପରେ ମୋର କିଛି କହିବାର ନାହିଁ। ସୁରେଶ ମହାପାତ୍ର ଜଣେ ପୁରୁଖା ନେତା। ସେ ରହିଲେ ସଂଗଠନ ମଜଭୁତ ହେବ। ମୁଁ ଦଳ ସହ ଅଛି , ରାଜନୈତିକ ଚର୍ଚ୍ଚା ଉପରେ ମୋର କିଛି କହିବାର ନାହିଁ ବୋଲି ମୋକିମ କହିଛନ୍ତି। ସେହିପରି ଗିରିବାଳା ବେହେରା କହିଛନ୍ତି, ଶୃଙ୍ଖଳାର ସହ କଂଗ୍ରେସ ପାଇଁ କାମ କରିଛି ଓ ଆଗକୁ ବି କରିବି। ମୋତେ ଅଗଣତାନ୍ତ୍ରିକ ଉପାୟରେ ପଦବୀରୁ ବାହାର କରିଦିଆଗଲା। ଦଳୀୟ ନେତୃତ୍ୱ ଦଳକୁ ଆଗକୁ ନେବାକୁ ଚାହାନ୍ତି ନାହିଁ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପରାମର୍ଶରେ ଦଳ ଚାଲିଛି। ମୁଁ ଦଳରେ ଅଛିଦ୍, ଆଗକୁ ମଧ୍ୟ ରହିଥିବି। ମୋର ପଦ ପଦବୀ ପାଇଁ କୌଣସି ଲୋଭ ନାହିଁ। ତେବେ ଯେଉଁ ଭଳି ଭାବରେ ମତେ ପଦବୀରୁ ବିଦା କରାଯାଇଛି ଏନେଇ ମୁଁ ଦଳର ହାଇକମାଣ୍ଡଙ୍କୁ ଜଣାଇବି ବୋଲି ଗିରିବାଳା କହିଛନ୍ତି। ଏନେଇ ନୂତନ ନଗର କଂଗ୍ରେସ ସଭାପତି ସୁରେଶଙ୍କୁ ପଚାରିବାରେ ସେ କହିଛନ୍ତି, ସବୁ କମିଟି ଭାଙ୍ଗି ଦିଆଯାଇଛି। ଦଶହରା ପୂର୍ବରୁ ନୂତନ କମିଟି ଗଠନ କରାଯିବ। ନୂତନ କର୍ମକର୍ତ୍ତା ଚୟନ ପରେ ସହରରେ ଥିବା ସମସ୍ୟାଗୁଡ଼ିକୁ ମୂଳ ସ୍ତରରୁ ସମାଧାନ ଦିଗରେ କାର୍ଯ୍ୟ କରାଯିବ।

ସୂଚନାଥାଉ କି ପୁରୀଘାଟସ୍ଥିତ ମୋକିମଙ୍କ ଘରେ ନଗର କଂଗ୍ରେସ କାର୍ଯ୍ୟାଳୟ କାର୍ଯ୍ୟ କରି ଆସୁଥିଲା। ୨୦୧୧ରୁ ୨୦୨୦ ପର୍ଯ୍ୟନ୍ତ ମୋକିମ୍ ଏବଂ ପରେ ଗିରିବାଳା ବେହେରା ନଗର କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରିବା ସମୟରେ ଦଳୀୟ କାର୍ଯ୍ୟାଳୟ ପୁରୀଘାଟରେ କାର୍ଯ୍ୟ କରିଆସୁଛି। ଏହା ପୂର୍ବରୁ ଅର୍ଥାତ୍ ୨୦୦୨ରୁ ୨୦୧୧ ଯାଏ ସୁରେଶ ମହାପାତ୍ର ନଗର ସଭାପତି ଥିବା ସମୟରେ କଲେଜ ଛକରେ ନଗର କଂଗ୍ରେସ କାର୍ଯ୍ୟାଳୟ କାର୍ଯ୍ୟ କରି ଆସୁଥିଲା। ଯଦିଓ ସୁରେଶ ଏବେ ବି ତାହାକୁ କଂଗ୍ରେସ ଅଫିସ୍ ଭାବେ ବ୍ୟବହାର କରି ଆସୁଛନ୍ତି, ବର୍ତ୍ତମାନ ପୁଣିଥରେ ସେଠାରେ ନଗର କଂଗ୍ରେସ କାର୍ଯ୍ୟାଳୟ ଚାଲିବ ବୋଲି ଜଣାପଡ଼ିଛି। ସେହିପରି ପୂର୍ବରୁ ସୁରେଶ ଓ ମୋକିମ୍‌ଙ୍କ ଶିବିର ମଧ୍ୟରେ ଶୀତଳଯୁଦ୍ଧ ଲାଗି ରହିଥିଲା। ମାତ୍ର ଗତ ସିଏମ୍‌ସି ନିର୍ବାଚନରେ ଦୁଇଜଣ କିଛି ପରିମାଣରେ ଏକାଠି କାମ କରୁଥିବା ଦେଖିବାକୁ ମିଳିଥିଲା। ଏବେ ମୋକିମ୍ ଓ ତାଙ୍କ ସମର୍ଥକମାନେ କଂଗ୍ରେସରେ ରହିବେ ନ ରହିବେ, ତାହାକୁ ନେଇ ତର୍ଜମା ଚାଲିଥିବା ବେଳେ ପୁଣିଥରେ ଦୁଇ ଶିବିର ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହେବାନେଇ ଅନୁମାନ କରାଯାଉଛି।

# ଚାଇନାଠାରୁ କିଏ ନେଇଛି ସହାୟତା: ରାହୁଲ

ନୂଆଦିଲ୍ଲୀ, ୧୩।୮

କେନ୍ଦ୍ର ସରକାର ଏବଂ ଭାଜପାର ହର୍ ଘର୍ ତିରଙ୍ଗା ଅଭିଯାନକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଛି। ପୂର୍ବରୁ ଏଏପି ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏକ ବିଜ୍ଞାପନ ନେଇ ଚର୍ଚ୍ଚା ଜୋର ଧରିଛି। କେଜ୍‌ରିୱାଲ ଅଗଷ୍ଟ ୧୪ ସନ୍ଧ୍ୟାରେ ତ୍ରିରଙ୍ଗା ଉତ୍ତୋଳନ ଏବଂ ଜାତୀୟ ସଙ୍ଗୀତ ଗାନ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। କଂଗ୍ରେସ ଦଳ ମଧ୍ୟ ଏହି ଅଭିଯାନକୁ ବିରୋଧ କରୁନାହିଁ, କିନ୍ତୁ ଏହା ତ୍ରିରଙ୍ଗା ପ୍ରସଙ୍ଗକୁ ନିଜ ଶୈଳୀରେ ଉଠାଇବାକୁ ଚାହୁଁଛି। ଶନିବାର ରାହୁଲ ଗାନ୍ଧୀ ଏକ ଫେସବୁକ ପୋଷ୍ଟରେ ଲେଖିଛନ୍ତି, ଚାଇନା ସହିତ ତ୍ରିରଙ୍ଗା ଚୁକ୍ତି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିପରି ଚାଇନା ଅନୁପ୍ରବେଶ ରୋକିବେ! ଜଣେ ପ୍ରକୃତ ଦେଶପ୍ରେମୀ ଯିଏ ତାଙ୍କ ଦେଶକୁ କୌଣସି କ୍ଷତି କରିବାକୁ ଦିଅନ୍ତି ନାହିଁ। ମାତ୍ର ମୋଦି ଏନେଇ ଚାଇନାର ସହାୟତା ନେଇଛନ୍ତି ବୋଲି ରାହୁଲ କହିଛନ୍ତି।



ଏଥିରେ ପୁଣି ରାହୁଲ ଉଲ୍ଲେଖ କରିଛନ୍ତି, ଚାଇନା ଆମ ଦେଶର ସୀମା ଦଖଲ କରିବାକୁ ସାହସ କରିଛି। କ୍ଷମତାକୁ ଆସିବା ପୂର୍ବରୁ ଚାଇନାକୁ 'ନାଲି ଆଖି' ଦେଖାଇଥିବା ପ୍ରଧାନମନ୍ତ୍ରୀ ଆଠ ବର୍ଷ ଧରି ଚାଇନା ଆଗରେ ମୁଣ୍ଡ ନୁଆଁଇଛନ୍ତି। ଚାଇନା ବିରୋଧରେ ଏବେ ପ୍ରଧାନମନ୍ତ୍ରୀଙ୍କ ମୁଖରୁ କିଛି ବାହାରୁ ନାହିଁ। ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନଦେଇ କେଉଁ କାରଣରୁ ପ୍ରଧାନମନ୍ତ୍ରୀ ଚାଇନା ପ୍ରସଙ୍ଗରେ ଚୁପ ରହିବାକୁ ନିଷ୍ପତ୍ତି ନେଇଛନ୍ତି ସେ ନେଇ ସେ ପ୍ରଶ୍ନ କରିଛନ୍ତି। ତ୍ରିରଙ୍ଗା ପାଇଁ ଦେଶର ଗର୍ବ ଖଦିକୁ ପଛରେ ପକାଇ ଚାଇନାରୁ ଆମଦାନୀ ହୋଇଥିବା ପଲିଷ୍ଟର ବ୍ୟବହାର କରାଯାଇଛି। ଏହାର କାରଣ କ'ଣ ? ଯେତେବେଳେ ସୀମାରେ ଚାଇନା ଅନୁପ୍ରବେଶ ବୃଦ୍ଧି ପାଉଛି, ସେତେବେଳେ ଚାଇନାରୁ ଭାରତକୁ ଆମଦାନୀ ମଧ୍ୟ ବୃଦ୍ଧି ପାଉଛି? ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କରିବା ସହ ଏହାର କାରଣ ଦର୍ଶାଇବା ଜରୁରୀ। ପ୍ରତ୍ୟେକ ନାଗରିକ ମୋଦିଙ୍କୁ ଭାରତର ସମ୍ମାନ ପାଇଁ ସମର୍ଥନ କରିବେ। କିନ୍ତୁ ଏହା ଭାରତ ମାତା ସହ ସମ୍ପର୍କ ରଖିଥିବାରୁ ମୋଦି ଏଭଳି କରିବା ଠିକ୍ ନୁହେଁ ବୋଲି ରାହୁଲ କହିଛନ୍ତି।

## ରାଜ୍ୟ ସରକାର ଦୁର୍ନୀତିର ବଟବୃକ୍ଷ : ଭାଜପା

**ପିସି କାରବାର ୧୬ରୁ ୧୮ ପ୍ରତିଶତରେ ପହଞ୍ଚିଲାଣି**

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

ପରିବାରବାଦ, ତୁଷ୍ଟୀକରଣ ଓ ଭ୍ରଷ୍ଟାଚାର ବିରୋଧରେ କେନ୍ଦ୍ରରେ ମୋଦି ସରକାର ଗତ ୮ ବର୍ଷ ଭିତରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହିତ ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ଲୋକାଭିମୁଖୀ ଶାସନ ଦେବା ନେଇ ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଓଡ଼ିଶାକୁ ଦୁର୍ନୀତିର ଗନ୍ତାଘରରେ ପରିଣତ କରିଛନ୍ତି। ରାଜ୍ୟ ସରକାର ଦୁର୍ନୀତିର ବଟବୃକ୍ଷ ବୋଲି ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ନିର୍ବାଚନ ଆସିଲେ ରାଜ୍ୟ ସରକାର ମିଛ ପ୍ରତିଶ୍ରୁତିର ଭଣ୍ଡାର ଖୋଲି ଦିଅନ୍ତି। ୫-ଟିର ବ୍ୟାପକ ପ୍ରଚାର କରାଯାଇ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରାଯାଇଛି। ମାତ୍ର ଏହାର ଠିକ୍ ବିପରୀତ କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିବା କାରଣରୁ ଦୁର୍ନୀତି ଓଡ଼ିଶା ବିକାଶର ମୁଖ୍ୟ ବାଧକ ସାଜିଛି ବୋଲି ବଳିୟାରସିଂହ କହିଛନ୍ତି। ଯେକୌଣସି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପିସିର ମାତ୍ରା ସର୍ବନିମ୍ନ ୧୬ରୁ ୧୮ ପ୍ରତିଶତରେ ପହଞ୍ଚିଲାଣି। ଚତୁର୍ଦ୍ଦଶ ଓ ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଆଧାରରେ ରାଜ୍ୟର ବିକାଶମୂଳକ କାର୍ଯ୍ୟ ପାଇଁ ଆସୁଥିବା କେନ୍ଦ୍ରୀୟ ଅର୍ଥକୁ ବ୍ୟାପକ ମାତ୍ରାରେ ହରିଲୁଟ୍ କରାଯାଉଛି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

## ପ୍ରତାରଣା କରୁଛନ୍ତି କେନ୍ଦ୍ର, ରାଜ୍ୟ ସରକାର: ଶରତ

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ଆସନ୍ତା ୧୭ରୁ ରାଜ୍ୟବ୍ୟାପୀ 'ମହଙ୍ଗାଇ ପର ଚର୍ଚ୍ଚା' ଏବଂ ଆସନ୍ତା ୨୮ରେ ଦିଲ୍ଲୀଠାରେ 'ମହଙ୍ଗାଇ ପର ହଲ୍ଲାବୋଲ ଦିଲ୍ଲୀ ଚଲୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଶନିବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି। ବେକାରି ସମସ୍ୟାକୁ ଆସନ୍ତା ୧୭ରୁ ୨୩ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀର ମଣ୍ଡି, ହାଟବଜାର, ଜନଗହଳିପୂର୍ଣ୍ଣ ସ୍ଥାନରେ ମହଙ୍ଗାଇ ପର ଚର୍ଚ୍ଚା କରିବା ସହ ପ୍ରଚାରପତ୍ର ବଣ୍ଟନ କରି ଜନସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି।

**ଜାତୀୟ/ଅନ୍ତର୍ଜାତୀୟ**

# ଇଭିଏମ୍ ଦୁରୁପଯୋଗ | ଲଢ଼େଇ ପାଇଁ ବିରୋଧୀ ପ୍ରସ୍ତୁତ

ନୂଆଦିଲ୍ଲୀ, ୧୩।୮ (ପି.ଟି.)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ଇଲେକ୍ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍), ଅର୍ଥବଳ ଏବଂ ଗଣମାଧ୍ୟମର ଦୁରୁପଯୋଗ ବିରୋଧରେ ଲଢ଼େଇ ପାଇଁ କଂଗ୍ରେସ ସମେତ ୧୧ ବିରୋଧୀ ଦଳ ଶନିବାର ସଂକଳ୍ପ ନେଇଛନ୍ତି। ଭାରତର ଗଣତନ୍ତ୍ର ପ୍ରତି ଏହା ଗୁରୁତର ଚ୍ୟାଲେଞ୍ଜ ବୋଲି ସେମାନେ ଅଭିହିତ କରିଛନ୍ତି। ସଂକଳ୍ପ ନେଇଥିବା ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଅଛନ୍ତି ସିପିଆଇଏମ୍, ସମାଜବାଦୀ ପାର୍ଟି, ବିଏସ୍‌ପି, ସିପିଆଇ, ଏନ୍‌ସିପି, ଟିଆର୍‌ଏସ୍, ଆର୍‌ଜେଡି, ଆର୍‌ଏଲ୍‌ଡି, ୱେଲଫେୟାର ପାର୍ଟି ଏବଂ ସ୍ୱରାଜ ଇଣ୍ଡିଆ। ବିରୋଧୀ ଦଳଗୁଡ଼ିକର ବୈଠକରେ ୩ଟି ପ୍ରସ୍ତାବ ଗୃହୀତ ହୋଇଛି। ୩ଏମ୍ (ମେଶିନ, ମନି, ମିଡିଆ) ଭାରତର ନିର୍ବାଚନ ଗଣତନ୍ତ୍ର ପ୍ରତି ଚ୍ୟାଲେଞ୍ଜ ହୋଇଆସିଥିବାରୁ ବୈଠକରେ ଏହା ବିରୋଧରେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

ସମ୍ପୂର୍ଣ୍ଣ ଇଭିଏମ୍ ଭିତ୍ତିକ ଭୋଟିଂ ଓ ଗଣନା ଗଣତାନ୍ତ୍ରିକ ନୀତିକୁ ଅନୁପାଳନ କରୁନାହିଁ। ପ୍ରତିଟି ଭୋଟ୍ ଭୋଟର ଚାହୁଁଥିବା ବ୍ୟକ୍ତିଙ୍କୁ ମିଳିଛି କି ନାହିଁ, ତାହା ସେମାନେ ନିଶ୍ଚିତ ହେବା ଆବଶ୍ୟକ। ଇଲେକ୍ଟ୍ରୋନିକ ଭୋଟିଂ ମେଶିନ ଜାଲିଆତି ନିରୋଧୀ ହୋଇପାରି ନାହିଁ। ଭୋଟିଂ ପ୍ରକ୍ରିୟାର ରିଡିଜାଇନ ହେବା ଆବଶ୍ୟକ। ସେହିପରି ଭିଭିପିଏଟି ସିଷ୍ଟମ ମଧ୍ୟ ସମ୍ପୂର୍ଣ୍ଣ ଭୋଟର ଯାଞ୍ଚ ଉପଯୋଗୀ ହେବା ଆବଶ୍ୟକ ବୋଲି ବିରୋଧୀ ନେତାମାନେ କହିଛନ୍ତି। ଭୋଟରମାନେ ଭିଭିପିଏଟି ସ୍ଲିପ୍ ପାଇବା ଆବଶ୍ୟକ ଏବଂ ଏହାକୁ ଏକ ଚିପ୍‌ମୁକ୍ତ ବାଲଟ ବାକ୍ସରେ ପକାଇବାକୁ ହେବ।

ଏହାବ୍ୟତୀତ ବ୍ୟାପକ ଅର୍ଥବଳ ଏବଂ ଆପରାଧିକ ବାହୁବଳ ଭାରତର ନିର୍ବାଚନର ସାଧୁତାକୁ ଧ୍ୱଂସ କରିଦେଇଛି। ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ଉପରେ ସୀମା ଧାର୍ଯ୍ୟ ହୋଇଛି। କିନ୍ତୁ ରାଜନୈତିକ ଦଳଗୁଡ଼ିକର ଖର୍ଚ୍ଚ ଉପରେ କୌଣସି କଟକଣା ନାହିଁ। ଫଳରେ ଦେଶରେ ଦୁର୍ନୀତି ବଢ଼ି ଚାଲିଛି ବୋଲି ଦ୍ୱିତୀୟ ପ୍ରସ୍ତାବରେ କୁହାଯାଇଛି। ସେହିପରି ଭାରତ ସମେତ ସାରା ବିଶ୍ୱରେ ଇଣ୍ଟରନେଟର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ଗଣମାଧ୍ୟମ ଓ ସୋସିଆଲ ମିଡିଆର ଦୁରୁପଯୋଗ କରାଯାଉଥିବାରୁ ଏହା ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ନିକଟ ଅତୀତରେ ନିର୍ବାଚନରେ ଅନେକ ଅନିୟମିତତା ଓ ନିୟମର ଉଲ୍ଲଂଘନ ହେଉଥିଲେ ହେଁ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ନିର୍ବାଚନ ବେଳେ ଅନ୍‌ଲାଇନରେ ପ୍ରସାରିତ ମିଛ ଖବରକୁ ରୋକିବାରେ ମଧ୍ୟ ଭାରତର ନିର୍ବାଚନ ଆୟୋଗ ବିଫଳ ହୋଇଛନ୍ତି। ତେଣୁ ଏହା ବିରୋଧରେ ଲଢ଼େଇ ପାଇଁ ୧୧ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ଇଭିଏମ୍ ଉପରେ ସେ ବିଶ୍ୱାସ କରନ୍ତି ନାହିଁ ବୋଲି କଂଗ୍ରେସ ନେତା ଦିଗ୍‌ବିଜୟ ସିଂ କହିଛନ୍ତି।



ଚେନ୍ନାଇ ନିକଟ ମାମଲ୍ଲାପୁରମ୍‌ଠାରେ ଆୟୋଜିତ ତାମିଲନାଡୁ ଅନ୍ତର୍ଜାତୀୟ ଗୁଡ଼ି ଉଡ଼ା ଉତ୍ସବ (ଟିଏନ୍‌ଆଇକେଏଫ୍)ବେଳେ ଶନିବାର ଜଣେ ଦର୍ଶକ ହିଲିୟମ୍ ଭର୍ତ୍ତି ବେଲୁନଗୁଡ଼ିକର ଫଟୋ ନେଉଛନ୍ତି।

## ତ୍ରିରଙ୍ଗା ବାଣ୍ଟିଲେ ମୋଦିଙ୍କ ମା'



ଗାନ୍ଧିନଗର

୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ ମୋଦି ପିଲାମାନଙ୍କୁ ତ୍ରିରଙ୍ଗା ବାଣ୍ଟିଛନ୍ତି। ଗୁଜରାଟ ଗାନ୍ଧିନଗରସ୍ଥିତ ବାସଭବନରେ ହୀରାବେନ ଶନିବାର କୁନି ପିଲାମାନଙ୍କୁ ତ୍ରିରଙ୍ଗା ପତାକା ବାଣ୍ଟିଛନ୍ତି।

## ହିମାଚଳ ବିଧାନସଭାରେ ଧର୍ମାନ୍ତରୀକରଣ ବିରୋଧୀ ବିଲ୍ ଗୃହୀତ

**ଶିମ୍ଳା, ୧୩।୮:** ଗଣଧର୍ମାନ୍ତରୀକରଣ ରୋକିବା ଲାଗି ହିମାଚଳପ୍ରଦେଶ ବିଧାନସଭାରେ ଶନିବାର ବିଲ୍ ଗୃହୀତ ହୋଇଛି। ବଳପୂର୍ବକ କିମ୍ବା ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଇବା ଘଟଣାରେ ଆଇନରେ ଥିବା ସର୍ବାଧିକ ଦଣ୍ଡ ବ୍ୟବସ୍ଥାକୁ ୭ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଇଛି। ଏହି ଆଇନରେ ଆସୁଥିବା ଅଭିଯୋଗକୁ ସବ୍‌ଇନ୍‌ସ୍ପେକ୍ଟର ଓ ତଦୂର୍ଦ୍ଧ୍ୱ ପାହ୍ୟାର ପୋଲିସ ଅଧିକାରୀ ତଦନ୍ତ କରିବେ ଓ ସେସନ୍ସ କୋର୍ଟରେ ଏହାର ବିଚାର ହେବ।

## ବ୍ୟାଙ୍କ୍ ଷ୍ଟାଫ୍‌ଙ୍କୁ ଟଏଲେଟ୍‌ରେ ବନ୍ଦ କରି ଲୁଟ୍

ଚେନ୍ନାଇ, ୧୩।୮

ଚେନ୍ନାଇର ଅରୁମ୍ବାକ୍କମ ଅଞ୍ଚଳରେ ଥିବା ଫେଡ୍‌ବ୍ୟାଙ୍କ ଗୋଲ୍ଡଲୋନ୍‌ରୁ ଶନିବାର ତିନି ଦୁର୍ବୃତ୍ତ ବଡ଼ ଧରଣର ଚୋରି ଭିଆଇଛନ୍ତି। ତିନିଜଣ ମାସ୍କଧାରୀ ବ୍ୟାଙ୍କ ଭିତରେ ପଶି କର୍ମଚାରୀଙ୍କୁ ଟଏଲେଟରେ ବନ୍ଦ କରି ପାଖାପାଖି ୩୨ କିଲୋଗ୍ରାମର ସୁନା ଲୁଟ୍ କରି ନେଇଛନ୍ତି। ବ୍ୟାଙ୍କ ଜଗିଥିବା ସୁରକ୍ଷାକର୍ମୀଙ୍କୁ ଥଣ୍ଡା ପାନୀୟ ଦେଇ ଅଚେତ କରାଯିବା ସହ ଷ୍ଟ୍ରଙ୍ଗ୍‌ରୁମ୍‌ରୁ ଚାବି ନେଇ ଦୁର୍ବୃତ୍ତ ଚୋରି କରିଥିବା ପୋଲିସ କମିଶନର ଶଙ୍କର ଜୀୱାଲ କହିଛନ୍ତି। ଶନିବାର ବ୍ୟାଙ୍କ ବନ୍ଦ ଥିବାବେଳେ ଅଳ୍ପ ସଂଖ୍ୟକ କର୍ମଚାରୀ ଆକାଉଣ୍ଟ ହିସାବ ପାଇଁ ବ୍ୟାଙ୍କ ଆସିଥିଲେ। ଘଟଣାରେ ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ କରାଯାଉଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ଆଇନଜୀବୀ ସୀମା ଲଂଘିବା ଅନୁଚିତ: ବିସିଆଇ

ନୂଆଦିଲ୍ଲୀ, ୧୩।୮

ବରିଷ୍ଠ ଆଇନଜୀବୀ ତଥା ସାମାଜିକ କର୍ମୀ ପ୍ରଶାନ୍ତ ଭୂଷଣଙ୍କ ମନ୍ତବ୍ୟକୁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ପକ୍ଷରୁ ଶନିବାର ନିନ୍ଦା କରାଯାଇଛି। ସୁପ୍ରିମକୋର୍ଟ ଏବଂ ବିଚାରପତିମାନଙ୍କୁ ଉପହାସ କରିବା ଅଧିକାର କାହାର ନାହିଁ। ଆଇନଜୀବୀମାନେ ଲକ୍ଷ୍ମଣ ରେଖା ଅତିକ୍ରମ କରିବା ଉଚିତ ନୁହେଁ ବୋଲି ବିସିଆଇ ଅଧ୍ୟକ୍ଷ ମନନ କୁମାର ମିଶ୍ର ମତ ଦେଇଛନ୍ତି। ଏକ ବିବୃତିରେ ସେ କହିଛନ୍ତି, ପ୍ରଶାନ୍ତ ଭୂଷଣଙ୍କ ଭଳି ଲୋକମାନେ ଅଭିବ୍ୟକ୍ତି ସ୍ୱାଧୀନତାର ମୌଳିକ ଅଧିକାରକୁ ଦୁରୁପଯୋଗ କରୁଛନ୍ତି। ଏଥିସହ ସେମାନେ ଭାରତ ବିରୋଧୀ ଅଭିଯାନରେ ସମ୍ପୃକ୍ତ ରହୁଛନ୍ତି। ପ୍ରକାଶ ଯେ, ଇଣ୍ଡିଆନ-ଆମେରିକାନ ମୁସଲିମ୍ କାଉନସିଲ୍ (ଆଇଏଏମ୍‌ସି) ପକ୍ଷରୁ ଗତ ୧୦ ତାରିଖରେ ଆୟୋଜିତ ଏକ ୱେବିନାରରେ ପ୍ରଶାନ୍ତ ଭୂଷଣ ସର୍ବୋଚ୍ଚ ଅଦାଲତଙ୍କୁ କଡ଼ା ସମାଲୋଚନା କରିଥିଲେ। ଜାକିଆ ଜାଫ୍ରିଙ୍କ ମାମଲା ଏବଂ ମନିଲଣ୍ଡରିଂ ନିରୋଧୀ ଆଇନ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ସେ ତାଚ୍ଛଲ୍ୟ କରିଥିଲେ।

## ଷ୍ଟ୍ରିମିଂ ଭିଡିଓ ସର୍ଭିସ ଆଣିବ ୟୁଟ୍ୟୁବ୍

ୱାଶିଂଟନ୍, ୧୩।୮





ଆଲ୍‌ଫାବେଟ୍ ଇଙ୍କ୍‌ର ୟୁଟ୍ୟୁବ୍ ଷ୍ଟ୍ରିମିଂ ଭିଡିଓ ସର୍ଭିସ ପାଇଁ ଏକ ଅନ୍‌ଲାଇନ ଷ୍ଟୋର ଖୋଲିବାକୁ ଯୋଜନା କରିଛି। ଏ ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ସାମିଲ ହେବା ପାଇଁ ମନୋରଞ୍ଜନ ଭିତ୍ତିକ କମ୍ପାନୀଗୁଡ଼ିକ ସହ ୟୁଟ୍ୟୁବ୍ ଆଲୋଚନା କରିଛି। ଏବେ ବହୁସଂଖ୍ୟାରେ ଲୋକେ କେବୁଲ, ସାଟେଲାଇଟ୍ ଟିଭି ଆଦିରୁ ମୁହଁ ଫେରାଉଥିବାବେଳେ ସବ୍‌କ୍ରିପ୍‌ସନ୍ ଭିତ୍ତିକ ଷ୍ଟ୍ରିମିଂ ସର୍ଭିସ୍ ପ୍ରତି ଆଗ୍ରହ ଦେଖାଉଛନ୍ତି। ୟୁଟ୍ୟୁବ୍ ଏହି ସର୍ଭିସ ଆରମ୍ଭ କଲେ ବଜାରର ଏକ ବଡ଼ ଭାଗ ଅକ୍ତିଆର କରିଥିବା ରୋକୁ ଇଙ୍କ୍, ଆପଲ ଆଦି ଭଳି କମ୍ପାନୀ ସହ ମିଶି କାମକରିବାକୁ ଯୋଜନା ରହିଛି। ପ୍ରାୟ ୧୮ ମାସ ଧରି ଏହି ପ୍ଲାଟଫର୍ମ ଏହା ଉପରେ କାର୍ଯ୍ୟ ଜାରି ରଖିଛି। ଖୁବ୍‌ଶୀଘ୍ର ତାହା କାର୍ଯ୍ୟକ୍ଷମ ହୋଇପାରେ ବୋଲି ଜଣାପଡ଼ିଛି। ପୂର୍ବରୁ ୱାଲମାର୍ଟ ଇଙ୍କ୍ ଏହାର ମେମ୍ବରଶିପ୍ ସର୍ଭିସ୍‌ରେ ଷ୍ଟ୍ରିମିଂ ଏଣ୍ଟରଟେନ୍‌ମେଣ୍ଟ ସାମିଲ କରିବା ପାଇଁ ମିଡିଆ କମ୍ପାନୀଗୁଡ଼ିକ ସହ କଥା ଚଳାଇଥିବା ନ୍ୟୁୟର୍କ ଟାଇମ୍ସରେ ରିପୋର୍ଟ ପ୍ରକାଶ ପାଇଥିଲା।

## ଶିକ୍ଷକଙ୍କ ମାଡ଼ରେ ଦଳିତ ଛାତ୍ରଙ୍କ ମୃତ୍ୟୁ

**ପାଣି ଛୁଇଁବାରୁ ଦଣ୍ଡ**

**ଯୋଧପୁର, ୧୩।୮:** ରାଜସ୍ଥାନର ଜଲୋର ଜିଲାରେ ଥିବା ଏକ ଘରୋଇ ସ୍କୁଲ୍‌ରେ ପାନୀୟ ଜଳକୁ ଛୁଇଁଦେବାରୁ ଜଣେ ୯ ବର୍ଷର ଦଳିତ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିଥିଲେ। ଶନିବାର ଉକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ଶିକ୍ଷକ ଚୈଲ ସିଂ(୪୦)ଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ବିରୋଧରେ ହତ୍ୟା ଓ ଅନୁସୂଚିତ ଜାତି/ଜନଜାତି ଅତ୍ୟାଚାର ପ୍ରତିକାର ଆଇନରେ ମାମଲା ରୁଜୁ କରିଛି। ଜିଲାର ସୁରାନା ଗ୍ରାମରେ ଥିବା ଘରୋଇ ସ୍କୁଲ୍‌ର ଛାତ୍ର ଇନ୍ଦ୍ର ମେଘୱାଲଙ୍କୁ ଜୁଲାଇ ୨୦ରେ ଶିକ୍ଷକ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅହମଦାବାଦର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଶନିବାର ମୃତ୍ୟୁ ଘଟିଛି। ରାଜ୍ୟ ଶିକ୍ଷା ବିଭାଗ ମଧ୍ୟ ଘଟଣାର ତଦନ୍ତ ଚଳାଇଛି।

## ଯୋଗୀଙ୍କୁ ହତ୍ୟା ଧମକ

**ଲକ୍ଷ୍ନୌ, ୧୩।୮:** ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଶନିବାର ହତ୍ୟା ଧମକ ମିଳିଛି । ସଲମାନ ସିଦ୍ଦିକି ନାମକ ଜଣେ ବ୍ୟକ୍ତି ଚିଠି ଜରିଆରେ ଏହି ଧମକ ଦେଇଥିବା ପୋଲିସ କହିଛି। ଭାରତୀୟ କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ପିଆଇଏଲ୍ ସାମାଜିକକର୍ମୀ ଦେବେନ୍ଦ୍ର ତିୱାରୀଙ୍କୁ ମଧ୍ୟ ହତ୍ୟା ଧମକ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଓ ଦେବେନ୍ଦ୍ରଙ୍କୁ ବିସ୍ଫୋରଣରେ ଉଡ଼ାଇ ଦେବା କଥା ଉକ୍ତ ଚିଠିରେ କୁହାଯାଇଛି। ମୁସଲମାନ ସମ୍ପ୍ରଦାୟକୁ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଛି। ସେଥିପାଇଁ ତୁମମାନଙ୍କୁ ଉଚିତ୍ ଶିକ୍ଷା ଦିଆଯିବା ଦରକାର। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୁଣ୍ଡକାଟ ହେବ । କିନ୍ତୁ ତୁମ ଦୁଇ ଜଣଙ୍କୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଧମକ ଦିଆଯାଇଛି। ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି, ଜାମିଆତ ଉଲେମା-ଇ-ହିନ୍ଦ୍ ସଭାପତି ମୌଲାନା ମହମୁଦ ମାଦାନିଙ୍କ ନାମ ମଧ୍ୟ ଚିଠିରେ ରହିଛି।

# ରୋଷେଇ କରି ରେକର୍ଡ

## ଚର୍ଚ୍ଚାରେ କେନ୍ଦୁଝରର ବୁସ୍‌ରା

**ନରେଶ ଚନ୍ଦ୍ର ପଟ୍ଟନାୟକ**

କେନ୍ଦୁଝର, ୧୩।୮



ବୁସ୍‌ରା ସଲିମ

ଖାଦ୍ୟ ବିଶ୍ୱକୁ ଗୋଟିଏ ଥାଳିରେ ବାନ୍ଧି ରଖିଥାଏ। ଏଭଳି ଚିନ୍ତା ରଖି ପିଲାଦିନରୁ ରୋଷେଇ ପ୍ରତି ଆକୃଷ୍ଟ ହୋଇଥିବା କେନ୍ଦୁଝରର ଝିଅ ବୁସ୍‌ରା ସଲିମ ଦୀର୍ଘ ଘଣ୍ଟା ଧରି ରୋଷେଇ କରି ବିଶ୍ୱ ରେକର୍ଡ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ଇଣ୍ଟରନ୍ୟାଶନାଲ ବୁକ ଅଫ୍ ରେକର୍ଡ୍ସ ପକ୍ଷରୁ ଏବେ ତାଙ୍କୁ ପଦକ ଓ ପ୍ରମାଣପତ୍ର ମିଳିଛି। ସେ ଦୀର୍ଘତମ ରୋଷେଇ ମାରାଥନରେ ଭାଗନେଇ ଏହି ଗୌରବ ହାସଲ କରିଛନ୍ତି।

ବୁସ୍‌ରା ୨୦୨୦ ଅକ୍ଟୋବର ୧୪ରେ ଅନ୍‌ଲାଇନ୍‌ରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ନିକଟରେ ତାଙ୍କୁ ଏହି ପ୍ରମାଣପତ୍ର ଓ ମେଡାଲ ମିଳିଛି। ସେ ୮୦ ଘଣ୍ଟା ୨୪ ମିନିଟ୍ ୩୩ ସେକେଣ୍ଡ ଧରି ନନ୍‌ଷ୍ଟପ ନିଜ ରୋଷେଇ ଘରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଏହି ରେକର୍ଡ ହାସଲ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଆମେରିକାର ଜଣେ ବ୍ୟକ୍ତିଙ୍କ ନାମରେ ଥିଲା। ସେ ୬୭ ଘଣ୍ଟା ଅନବରତ ରୋଷେଇ କରି ରେକର୍ଡର ଅଧିକାରୀ ହୋଇଥିଲେ ବୋଲି ବୁସ୍‌ରା କହିଛନ୍ତି। ବାଣିଜ୍ୟରେ ଡିଗ୍ରୀ କରି ଆମେରିକାରେ ଚାଇଲ୍ଡ ନ୍ୟୁଟ୍ରିଶନରେ ଏକ ସାର୍ଟିଫିକେଟ କୋର୍ସ କରିଥିବା ବୁସ୍‌ରା ପିଲାଦିନରୁ ରୋଷେଇ ପ୍ରତି ରୁଚି ରହିଆସିଥିବା କୁହନ୍ତି। ବିଭିନ୍ନ ପ୍ରକାର ରୋଷେଇ କରିବା ତାଙ୍କର ସଉକ ଥିଲା। ବିଶେଷ କରି କୋଭିଡ୍ କଟକଣା ସମୟରେ ସେ ୨୦ରୁ ଊର୍ଦ୍ଧ୍ୱ ଜାତୀୟସ୍ତରୀୟ ରୋଷେଇ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶେଫ୍ ରଣବୀର ବ୍ରାର, ଆଶିଷ ଭାସିନଙ୍କଠାରୁ ବେଷ୍ଟ ଟ୍ରାଡିଶନାଲ ଡେଜର୍ଟ ପୁରସ୍କାର ପାଇଥିବା ବୁସରା କହିଛନ୍ତି। ତାଙ୍କ ଘର କେନ୍ଦୁଝର ସହରର ମାଗୁରଗାଡ଼ିଆ ଅଞ୍ଚଳରେ। ୫ବର୍ଷ ପୂର୍ବରୁ ତାଙ୍କର ବିବାହ ଝାଡ଼ଖଣ୍ଡରେ ଜଣେ ବ୍ୟବସାୟୀଙ୍କ ସହ ହୋଇଥିଲା। ୨ପୁଅ ଏବଂ ପରିବାର ସହ ସେ କେନ୍ଦୁଝରରେ ରହୁଛନ୍ତି।

# ଅନୁପ୍ରବେଶ ରୋକିବାକୁ ହାଇ ଆଲର୍ଟ

କେନ୍ଦ୍ରାପଡ଼ା ଅଫିସ, ୧୩।୮

- ସ୍ୱାଧୀନତା ଦିବସ ପୂର୍ବରୁ ସତର୍କତା
- ଉପକୂଳ ଅଞ୍ଚଳରେ ଆତଙ୍କବାଦୀ ଭୟ
- ପୂର୍ବରୁ ଜିଲା ଲିଙ୍କ୍‌ରେ ଥିବା ଆତଙ୍କବାଦୀ ଗିରଫ ହୋଇଛନ୍ତି
- ୧୬୭୭ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ

ସୋମବାର ସ୍ୱାଧୀନତା ଦିବସ। ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ପାଇଁ ଦେଶ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ କରୁଛି। ଏହି ସମୟରେ ଦେଶରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ସମ୍ଭାବନା ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲା ପୋଲିସ ବି ସଜାଗ ରହିଛି। ସମୁଦ୍ରପଥ ଦେଇ ଅନୁପ୍ରବେଶ ଭୟ ଥିବାରୁ କେନ୍ଦ୍ରାପଡା ଜିଲାରେ ଗତ ୮ ଦିନ ହେବ ଜିଲା ପୋଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

ଆତଙ୍କବାଦୀଙ୍କ ଅନୁପ୍ରବେଶ ଓ ଲିଙ୍କ୍ ରହିବା ସମୁଦ୍ର ତଟବର୍ତ୍ତୀ ଏହି ଜିଲାରେ ନୂଆ ନୁହେଁ। ୨୦୧୮ ଅଗଷ୍ଟ ୬ରେ ଏହି ଜିଲାର ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡା ପଞ୍ଚାୟତସ୍ଥିତ ମୀରମହଲା ଗ୍ରାମର ହବିବୁର ରହମନଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦିଲ୍ଲୀ ଏୟାରପୋର୍ଟରୁ ଗିରଫ କରିଥିଲା। ସେ ଲସ୍କର- ଇ -ତୋଇବାର ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଥିଲେ ବୋଲି ସେତେବେଳେ ଏନ୍‌ଆଇଏ ପକ୍ଷରୁ କୁହାଯାଇଥିଲା। ଏହା ପୂର୍ବରୁ ୨୦୦୭ରେ ଆତଙ୍କବାଦୀ ସନ୍ଦେହରେ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ମହମ୍ମଦ ଜାଭେଦଙ୍କୁ ଭାରତ- ପାକିସ୍ତାନ ସୀମାରେଖାରୁ ଗିରଫ କରାଯାଇଥିଲା। ୨୦୧୦ରେ ସେ ଜେଲରୁ ମୁକୁଳିବା ପରେ ଅଦ୍ୟାବଧି ତାଙ୍କ ପତ୍ତା ମିଳି ପାରିନାହିଁ। ସେହିପରି ୨୦୧୬ରେ ସନ୍ଦିଗ୍ଧ ଅଲ୍‌କାଏଦା ଆତଙ୍କବାଦୀ ଅବଦୁଲ ରହମନ ଗିରଫ ହେବା ପରେ ଜିଲାର କେତୋଟି ମଦ୍ରାସା ଓ ସ୍ଥାନୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିବା ନେଇ ଆଲୋଚନା ହୋଇଥିଲା। ଏହି ସହରର ଗୌଡଗୋପ ଅଞ୍ଚଳର ଏକ ମଦ୍ରାସାରେ ସେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ପାଠ ପଢ଼ିଥିବା ଜଣାପଡିଥିଲା। ଅପରପକ୍ଷେ ଜିଲାର ରାଜନଗର, ମହାକାଳପଡା ଅଞ୍ଚଳରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଥିବା ନେଇ ଆଲୋଚନା ହେଉଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଇଚ୍ଛାପୁରସ୍ଥ ଚିତ୍ତରଞ୍ଜନ ସାହୁ କହିଛନ୍ତି, ୨୦୦୫ରେ କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ହୋଇଥିଲା। ଏହି ସମୟରେ ମହାକାଳପଡ଼ାରେ ୧୫୫୧, ରାଜନଗରରେ ୯୦ ଓ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୩୬ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର ନୋଟିସ ଦିଆଯାଇଥିଲା। ୧୯୬୨ରୁ ଅଦ୍ୟାବଧି ଭିତରକନିକା ସଂରକ୍ଷିତ ଅଞ୍ଚଳରେ ୪୩ ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ଏବେ ଜିଲାରେ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏଥିମଧ୍ୟରୁ ପ୍ରାୟ ୧ ଲକ୍ଷ ୬୦ ହଜାର ବଙ୍ଗଭାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ପ୍ରାୟ ୩୨ ହଜାର ବାଂଲାଦେଶୀ ବୋଲି ଏକ ବେସରକାରୀ ସଂସ୍ଥାର ଆକଳନରୁ ସୂଚନା ମିଳୁଛି। ଏହି ଅନୁପ୍ରବେଶକାରୀ ରାଜନଗର ଓ ମହାକାଳପଡ଼ା ସମୁଦ୍ର ତଟ, ସୁନ୍ଦରଗଡ଼ ଜିଲା ଓ କଲିକତା ବାଟ ଦେଇ ଆସୁଛନ୍ତି। ସାମାଜିକ କର୍ମୀ ପ୍ରତାପ କୁମାର ମହାନ୍ତି କହିଛନ୍ତି, ଅନୁପ୍ରବେଶକାରୀ ସ୍ଥାନୀୟ ଶିକ୍ଷାନୁଷ୍ଠାନରୁ ପାଠ ପଢ଼ିବା ନେଇ ପ୍ରମାଣପତ୍ର ହାସଲ କରୁଛନ୍ତି। ଏହାକୁ ଦେଖାଇ ରାଜସ୍ୱ ନିରୀକ୍ଷକଙ୍କୁ ହାତ କରି ଜଙ୍ଗଲଜମିକୁ ଲିଜ୍‌ରେ ନେଉଛନ୍ତି। କେନ୍ଦ୍ର ସରକାରଙ୍କ ବିଦେଶୀ ନାଗରିକ ଆଇନ ୧୯୪୭ ଧାରା ୩ ଅନୁସାରେ ଏଠାରେ ଦେଶାନ୍ତର ନୋଟିସ ହେବା କଥା। ମାତ୍ର ଭୋଟ ବ୍ୟାଙ୍କ ରାଜନୀତି ଏମାନଙ୍କୁ ସୁରକ୍ଷା ଯୋଗାଉଛି। ମାନବାଧିକାର କର୍ମୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି, ଅନୁପ୍ରବେଶକାରୀଙ୍କ ପାଇଁ ଜିଲା ଅଶାନ୍ତ ହେବା ସହ ଦେଶ ସୁରକ୍ଷା ବିପନ୍ନ ହେଉଛି। ୨୦୧୧ ଜନଗଣନା ସମୟରେ ୭୮ ହଜାରରୁ ଅଧିକ ବଙ୍ଗଭାଷୀଙ୍କ ମଧ୍ୟରୁ ୩୯ ହଜାରଙ୍କ ଭୋଟ ପରିଚୟ ପତ୍ର, ରାଶନ କାର୍ଡଠାରୁ ଆରମ୍ଭ କରି ସରକାରୀ ଯୋଜନାରେ ସାମିଲ ହୋଇଛନ୍ତି। ଜିଲାରେ ୩ ସାମୁଦ୍ରିକ ଥାନା ସହିତ ୧୫ ଥାନା ଥିଲେ ମଧ୍ୟ ଅନୁପ୍ରବେଶ ରୋକିବାକୁ କୌଣସି ପ୍ରୟାସ ନାହିଁ। ହାଇଆଲର୍ଟ ସମ୍ପର୍କରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, ୨୦୧୯ଅଗଷ୍ଟ ୫ରେ ଜମ୍ମୁ କଶ୍ମୀରରେ ସମ୍ବିଧାନର ଧାରା ୩୭୦ ଓ ୩୫ ଏ ହଟିବା ପରେ ଆତଙ୍କବାଦ ଆଶଙ୍କା ବୃଦ୍ଧି ପାଇଛି। ଏଥିପାଇଁଜିଲା ପ୍ରଶାସନ ପକ୍ଷରୁହାଇ ଆଲର୍ଟ ଜାରି କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ହେଉଛି।

୭୬ତମ ଜନ୍ମଦିନ ଶୁଭେଚ୍ଛା



ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ
୧୦୧୮, ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ୭୬ତମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ଆପଣଙ୍କ ଦୀର୍ଘ ନିରାମୟ ଜୀବନର କାମନା କରୁଛୁ।
ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଜୟ ମାତାଦୀ ।
ଧ-୭୩୩୪୫

# ୪ ଲିଜ୍‌ଧାରୀଙ୍କୁ ୧୦୫.୮୭ କୋଟି ଜରିମାନା

## ଅନୁମୋଦନଠାରୁ ଅଧିକ କଳାପଥର ଲୁଟ୍ ମାମଲା

ଯାଜପୁର ଅଫିସ,୧୩।୮

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ରୋକିବାକୁ ରାଜ୍ୟ ସରକାର ନିକଟରେ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟତଃ ମୂଲ୍ୟବାନ କଳାପଥରର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ୍, ବିନା ଟ୍ରାଞ୍ଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ଜରିମାନା ଆଦାୟ କରାଯାଉଛି। ୨୦୧୫-୧୬ରୁ ୨୦୨୧-୨୨ ବର୍ଷ ମଧ୍ୟରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଛି। ହେଲେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଏକାଧିକ କଳାପଥର ଖାଦାନରେ ଏହି ପଦକ୍ଷେପ ନୈରାଶ୍ୟଜନକ ଅଭିଯୋଗ ହୋଇଥିଲା। ଫଳରେ ସ୍ୟାଟେଲାଇଟ୍ ତଦନ୍ତ କରାଯାଇ ୪ ଲିଜଧାରୀଙ୍କଠାରୁ ୧୦୫ କୋଟି ୮୭ ଲକ୍ଷ ଜରିମାନା ଆଦାୟ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଡିମାଣ୍ଡ ନୋଟିସ ଜାରି କରିଥିବା ଜଣାପଡିଛି। ଏଥିରେ ଲୁଣିବର ପଥର ଖାଦାନର ଲିଜଧାରୀ ଚନ୍ଦ୍ରମଣି ପରିଡ଼ାଙ୍କଠାରୁ ୧ କୋଟି ୮୭ ଲକ୍ଷ ଓ ସାବିତ୍ରୀ ପରିଡ଼ାଙ୍କଠାରୁ ୧୬ କୋଟି ୫୭ ଲକ୍ଷ, ଉଙ୍କାରୀ ପଥର ଖାଦାନର ଲିଜ୍‌ଧାରୀ ରଞ୍ଜନ ଜେନାଙ୍କଠାରୁ ୨୩ କୋଟି ୩୨ ଲକ୍ଷ ଓ ଲୁଣିବର ଖାଦାନରୁ ସରୋଜ ରାଉତଙ୍କଠାରୁ ୬୩ କୋଟି ୩୭ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଛି। ଉପରୋକ୍ତ ୪ ଲିଜଧାରୀଙ୍କ ଉପରେ ଜରିମାନା ନିର୍ଦ୍ଦେଶ କେତେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

# ସୁଶୀଲ ସାହୁ, ସିଦ୍ଧି ସମୃଦ୍ଧିଙ୍କୁ ସୁରଜ ପୁରସ୍କାର

ଭୁବନେଶ୍ୱର/ଛତ୍ରପୁର, ୧୩।୮ (ଡି.ଏନ୍.ଏ)






- ଉଭୟଙ୍କ ପରିବାରକୁ ୫ ଲକ୍ଷ ଲେଖାଏ ଚେକ୍
- ଭଲ କାମ କରି ସମାଜ ପାଇଁ ପ୍ରେରଣା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଅଞ୍ଚଳ ଆଲାଡ଼ି ଗ୍ରାମର ସ୍ୱର୍ଗତ ସୁଶୀଲ ସାହୁ ଓ ଗୋପାଳପୁରସ୍ଥିତ କନିଷି ବ୍ଲକ ନୀଳାଚଳ ନଗରର ସିଦ୍ଧି ସମୃଦ୍ଧିଙ୍କୁ ୨୦୨୨ ପାଇଁ ମରଣୋତ୍ତର ଭାବେ 'ସୁରଜ ପୁରସ୍କାର' ପ୍ରଦାନ କରିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସୁଶୀଲଙ୍କ ପତ୍ନୀ ପିଙ୍କି ସାହୁ ଓ ସିଦ୍ଧିଙ୍କ ପିତା ସପନ କୁମାର ବିନ୍ଧାଣୀ ଉଭୟଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ହୃଦୟ, କିଡ୍‌ନୀ ଓ ଯକୃତ ପରି ଜୀବନ ରକ୍ଷାକାରୀ ଅଙ୍ଗ ଦାନ ପାଇଁ ୨୦୨୦ଠାରୁ ଏହି ପୁରସ୍କାର ଦିଆଯାଉଛି। ୨୦୨୦ରେ ଗଞ୍ଜାମର ମସ୍ତିଷ୍କ ମୃତ ସୁରଜ ବେହେରାଙ୍କ ମାତାପିତା ତାଙ୍କର ୬ଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରି ୬ଟି ଜୀବନ ରକ୍ଷା କରିଥିବାରୁ ମୁଖ୍ୟମନ୍ତ୍ରୀ ସେହି ବର୍ଷ ତାଙ୍କ ନାମରେ 'ସୁରଜ ପୁରସ୍କାର' ଆରମ୍ଭ କରିଥିଲେ। ଉଭୟ ସୁଶୀଲ ଓ ସିଦ୍ଧିଙ୍କ ମାତାପିତାଙ୍କ ନିକଟରେ ସମାଜ ଋଣୀ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହାଦ୍ୱାରା ସମାଜ ଉପରେ ବହୁ ଭଲ ପ୍ରଭାବ ପଡୁଛି। ଏହିପରି ଭଲ କାମ କରି ଏକ ସୁନ୍ଦର ସମାଜ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅଙ୍ଗଦାନ ଅନେକ ପରିବାର ପାଇଁ ଆଶା ସୃଷ୍ଟି କରିପାରୁଛି। ଅନ୍ୟର ଜୀବନ ରକ୍ଷା ସବୁଠାରୁ ଅଧିକ ପୁଣ୍ୟ କାର୍ଯ୍ୟ। ଅଙ୍ଗଦାନ ଏକ ସାହସିକ ନିଷ୍ପତ୍ତି। ଅଙ୍ଗଦାନ କରୁଥିବା ପରିବାରଙ୍କ ତ୍ୟାଗର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବାଚସ୍ପତି ଆରୁଖ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସୁଶୀଲ ଓ ସିଦ୍ଧିଙ୍କ ପରିବାରର ତ୍ୟାଗକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏନ୍‌ଏଚ୍‌ଏମ୍‌ର ନିର୍ଦ୍ଦେଶକ ସ୍ୱାଗତ ଭାଷଣ ଦେଇଥିଲେ ଓ ଡିଏମ୍‌ଇଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍‌ରେ ଏହି କାର୍ଯ୍ୟକ୍ରମ ବେଳେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି, ଜିଲା ଜରୁରିକାଳୀନ ଅଧିକାରୀ ସୁକାନ୍ତ ମିଶ୍ର ଉପସ୍ଥିତ ଥିଲେ।

# ମୃତ୍ୟୁଞ୍ଜୟ ସୁଆର ସମ୍ମାନିତ



ଡିଏସ୍‌ଟି ଷ୍ଟାର୍ଟ ଅପ୍ ଉତ୍ସବରେ ଡ. ମୃତ୍ୟୁଞ୍ଜୟ ସୁଆରଙ୍କୁ ଅତିଥିମାନେ ସମ୍ମାନ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)

ସର୍ଜନା, ଔଦ୍ୟୋଗିକତା ଓ ଇନ୍‌କ୍ୟୁବେସନ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ କିଟ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଆର୍‌ଆଣ୍ଡ୍‌ଡି) ଓ ଇନୋଭେଶନର ମହାନିର୍ଦ୍ଦେଶକ ତଥା କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୃତ୍ୟୁଞ୍ଜୟ ସୁଆରଙ୍କୁ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରାଦ୍ୟୋଗିକ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଶୁକ୍ରବାର ଅନୁଷ୍ଠିତ ଡିଏସ୍‌ଟି ଷ୍ଟାର୍ଟ ଅପ୍ ଉତ୍ସବରେ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଦେଶରେ ସଫଳ ଇନ୍‌କ୍ୟୁବେସନ ମଡେଲ ସୃଷ୍ଟି କରିବା ଦିଗରେ ଡ. ସୁଆରଙ୍କ ନେତୃତ୍ୱ, ପ୍ରତିବଦ୍ଧତା ଓ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଆସିଛି। ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ କାର୍ଯ୍ୟାବଳୀ ଦେଶର ଯୁବ ଇନ୍‌କ୍ୟୁବେସନ୍ ପ୍ରଫେଶନାଲଙ୍କୁ ପ୍ରେରଣା ଯୋଗାଇ ଆସିଛି। ଭବିଷ୍ୟତରେ ମଧ ଦେଶରେ ଇନକ୍ୟୁବେସନ୍ ପରିଚାଳନା କ୍ଷେତ୍ରରେ ଅଧିକରୁ ଅଧିକ ଯୁବତୀଯୁବକ ସଫଳତା ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡ. ସୁଆରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ମାନ ସଂକ୍ରାନ୍ତରେ ଡ. ସୁଆର କହିଛନ୍ତି, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା ଓ ପ୍ରୋତ୍ସାହନ ଯୋଗୁ ଆଜି ଏହା ସମ୍ଭବ ହୋଇପାରିଛି। କିଟ୍ ଇନ୍‌କ୍ୟୁବେସନ୍ କେନ୍ଦ୍ର ସମ୍ପ୍ରତି ପୂର୍ବ ଓ ଉତ୍ତର-ପୂର୍ବାଞ୍ଚଳର ଅନେକ କେନ୍ଦ୍ରରେ ମଧ କାର୍ଯ୍ୟ କରୁଛି।

# ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ ଦାବି

## ୧୬ରୁ ଦିଲ୍ଲୀ ଯନ୍ତରମନ୍ତରରେ ସତ୍ୟାଗ୍ରହ

ଭୁବନେଶ୍ୱର, ୧୩।୮ (ବ୍ୟୁରୋ)




ଦେଶ ବେକାରି ସମସ୍ୟାକୁ ନେଇ ଭୟଙ୍କର ସଙ୍କଟ ଦେଇ ଗତି କରୁଛି। ବଡ଼ ବଡ଼ ଡିଗ୍ରୀ ହାସଲ କରି ମଧ୍ୟ ଯୁବକମାନେ ଚାକିରି ପାଇଁ ଏଠିସେଠି ବୁଲୁଛନ୍ତି। ନୂତନ ନିଯୁକ୍ତି ସୃଷ୍ଟି କରିବା ତ ଦୂରର କଥା, ଖାଲି ପଡ଼ିଥିବା ଲକ୍ଷ ଲକ୍ଷ ପଦବୀରେ ନିଯୁକ୍ତି କରାଯାଉ ନାହିଁ। ଫଳରେ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହା ବିରୋଧରେ ସଂଯୁକ୍ତ ରୋଜଗାର ଆନ୍ଦୋଳନ ସମିତି ରାସ୍ତାକୁ ଓହ୍ଲାଇଛି। ଶନିବାର ମାଷ୍ଟରକ୍ୟାଣ୍ଟିନ ଛକଠାରୁ ଏକ ପଦଯାତ୍ରା ବାହାରି ରେଳ ଷ୍ଟେଶନଠାରେ ପହଞ୍ଚିଥିଲା। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଏକାଧିକ ଗଣ ସଙ୍ଗଠନ ସାମିଲ ହୋଇଥିଲେ। ତୁରନ୍ତ ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ ପାଇଁ ଦାବି କରାଯାଇଛି। ଏନେଇ ସମିତି ପକ୍ଷରୁ ଆସନ୍ତା ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ଦିଲ୍ଲୀର ଯନ୍ତରମନ୍ତର ମଇଦାନରେ ସତ୍ୟାଗ୍ରହ କରାଯିବ। ପଦଯାତ୍ରା ପରେ ସଂଗଠନର କର୍ମକର୍ତ୍ତାମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି।

ଦେଶ୍ କି ବାତ୍ ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ରଞ୍ଜନ ମିଶ୍ର କହିଛନ୍ତି, ଶିକ୍ଷିତ ଯୁବବର୍ଗଙ୍କ ପାଇଁ ଯୋଗ୍ୟତା ଅନୁସାରେ ଚାକିରି ଆଜିର ଦିନରେ ସ୍ୱପ୍ନ ହୋଇଯାଇଛି। ଯାହା ବି ନିଯୁକ୍ତି ମିଳୁଛି ତାହା ସ୍ଥାୟୀ ନୁହେଁ। ସବୁବେଳେ ଛଟେଇର ଭୟ ଲାଗିରହୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାରଙ୍କର କୌଣସି ଉପଯୁକ୍ତ ନୀତି ନାହିଁ। ରୋଜଗାର ମାନବ ଜାତିର କେବଳ ଅର୍ଥନୈତିକ ପ୍ରସଙ୍ଗ ନୁହେଁ, ବରଂ ଏହା ରାଷ୍ଟ୍ର ନିର୍ମାଣରେ ସମସ୍ତଙ୍କର ଅଂଶୀଦାର ବିଷୟ। ସ୍ୱତନ୍ତ୍ରତାର ୭୫ବର୍ଷ ବିତି ଯାଇଥିଲେ ମଧ ସମସ୍ତଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ କୌଣସି ନୀତି ନାହିଁ। ଏଭଳି ପରିସ୍ଥିତିରେ ଦେଶର ରାଷ୍ଟ୍ରୀୟ ରୋଜଗାର ନୀତି ପ୍ରଣୟନ କରିବାର ଆବଶ୍ୟକତା ରହିଛି। ତେଣୁ ଦିଲ୍ଲୀ ସତ୍ୟାଗ୍ରହରେ ରାଜ୍ୟର ସମସ୍ତ ଛାତ୍ର, ଯୁବକ, ଶ୍ରମିକ, ମହିଳା, ଶିଳ୍ପୀ ସବୁ ବର୍ଗର ବ୍ୟକ୍ତିବିଶେଷ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

# ପୂର୍ବତଟ ରେଳପଥ କର୍ମଚାରୀ ପାଳିଲେ ହର୍ ଘର୍ ତ୍ରିରଙ୍ଗା

ଭୁବନେଶ୍ୱର,୧୩।୮ (ବ୍ୟୁରୋ): ପୂର୍ବତଟ ରେଳପଥ କର୍ମଚାରୀମାନେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୩ ଦିନ ଧରି ଚାଲିବ। ସ୍ୱାଧୀନତାର ୭୫ ତମ ବର୍ଷ ପୂର୍ତ୍ତିରେ ଦେଶରେ ସାମୂହିକ ଭାବରେ ଜାତୀୟ ପତାକା ବ୍ୟବହାର କରିବା କେବଳ ବ୍ୟକ୍ତିଗତ ସଂଯୋଗର କାର୍ଯ୍ୟ ନୁହେଁ, ଏହା ରାଷ୍ଟ୍ର-ନିର୍ମାଣ ପ୍ରତି ଦେଶର ନାଗରିକଙ୍କ ପ୍ରତିବଦ୍ଧତାର ପ୍ରତୀକ। ନାଗରିକଙ୍କ ହୃଦୟରେ ଦେଶପ୍ରେମର ଭାବନା ସୃଷ୍ଟି କରିବା ଏବଂ ଭାରତୀୟ ଜାତୀୟ ପତାକା ବିଷୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ନେତୃତ୍ୱରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ପୂର୍ବରୁ ମହାପ୍ରବନ୍ଧକ ଶ୍ରୀବାସ୍ତବ ରେଳପଥର ବିଭିନ୍ନ ବିଭାଗୀୟ ପ୍ରମୁଖ ଅଧିକାରୀଙ୍କୁ ଏହି ଅଭିଯାନରେ ଭାଗ ନେଇ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ଷ୍ଟେଶନରେ ସେଲଫି ପଏଣ୍ଟ ପ୍ରସ୍ତୁତ କରାଯାଇଛି।

# ଖେଳ ଶିକ୍ଷକ ପଢ଼ାଇବେ ସାହିତ୍ୟ, ଭୂଗୋଳ

## ପ୍ରଧାନ ଶିକ୍ଷକଙ୍କୁ ଡିଇଓଙ୍କ ନିର୍ଦ୍ଦେଶ

ଢେଙ୍କାନାଳ ଅଫିସ, ୧୩।୮

ପ୍ରଧାନ ଶିକ୍ଷକଙ୍କ ବିନା ଅନୁମତିରେ ବିଦ୍ୟାଳୟକୁ ଗଣମାଧ୍ୟମ ପ୍ରତିନିଧି ପ୍ରବେଶ କରିପାରିବେ ନାହିଁ। କିଛିଦିନ ତଳେ ଢେଙ୍କାନାଳ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏଭଳି ଏକ ଚିଠିକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ନେଇ ଜିଲାପାଳଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିଥିଲା। ଏବେ ଅନୁରୂପ ଏକ ନିର୍ଦ୍ଦେଶନାମାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜିଲାରେ ହିନ୍ଦୀ, କଳା ଓ କ୍ରୀଡ଼ା ଶିକ୍ଷକମାନେ ଏଣିକି ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ସାହିତ୍ୟ, ଇତିହାସ, ଭୂଗୋଳ ପଢ଼ାଇବେ। ଗତ ୧୧ ତାରିଖରେ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟର ପତ୍ର ନଂ. ୧୧୨୭୭ରେ ଅନୁଯାୟୀ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହିନ୍ଦୀ, କଳା ଏବଂ କ୍ରୀଡ଼ା ଶିକ୍ଷକମାନେ ଆବଶ୍ୟକ ସଂଖ୍ୟକ କ୍ଲାସ୍ କରୁନାହାନ୍ତି। ତେଣୁ ସେମାନଙ୍କୁ ସାହିତ୍ୟ, ଇତିହାସ ଏବଂ ଭୂଗୋଳ ପଢ଼ାଇବା ପାଇଁ ଡିଇଓ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅନ୍ୟପଟେ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିକୁ ନେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ସେମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି କୁହନ୍ତି, ଏହା ଏକ ବଡ଼ ଇସ୍ୟୁ ନୁହେଁ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ତେଣୁ ଉକ୍ତ ବିଷୟରେ ପାଠ ପଢ଼ାଇବା ଲାଗି ଆଡ୍‌ଜଷ୍ଟ କରିବା ପାଇଁ ପ୍ରଧାନ ଶିକ୍ଷକମାନଙ୍କୁ କୁହାଯାଇଛି। ଏ ନେଇ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ମଧ କରାଯାଇଛି। ତେବେ ଏହା ଏହା ବାଧ୍ୟତାମୂଳକ ନୁହେଁ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।



DISTRICT EDUCATION OFFICE: DHENKANAL
No. 11277/dt. 11.08.2022

To
The Headmaster of
all types High Schools
under Dhenkanal District.

Sub:- Assignment of duties of Hindi Teachers, Classical Teachers & Physical Education Teachers.

Sir/ Madam,
It is to inform you that the Hindi Teachers, Classical Teachers & Physical Education Teachers are taking less number of classes on day to day basis. Hence you are instructed to utilize the services of the above category teachers adding extra classes in their favour preferable Oriya, History, Geography etc. for equalization of routine work.

Any deviation in this regard may be reported to the undersigned without any delay.

Yours faithfully,
District Education Officer,
Dhenkanal

ଡିଇଓ କାର୍ଯ୍ୟାଳୟରୁ ଜାରି କରାଯାଇଥିବା ଚିଠିର ନକଲ।

ମନେ ପଡ଼ନ୍ତି

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ ଚୈତନ୍ୟ ପ୍ରଧାନ
ପୂର୍ବତନ ବିଧାୟକ, କଂଟାବାଂଜି-୧୯୮୫-୯୦
ଆବିର୍ଭାବ- ତା.୨୭।୦୮।୧୯୫୪
ତିରୋଧାନ- ତା.୧୪।୦୮।୨୦୦୪
ଚାହୁଁ ଚାହୁଁ ଅଠର ବର୍ଷ ବିତିଗଲା। ଆପଣଙ୍କ ଏ ଅଷ୍ଟାଦଶ ସାମ୍ବତ୍ସରିକ ଶ୍ରାଦ୍ଧ ଦିବସ ଅବସରରେ ପରଲୋକରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନାରତ ସପରିବାରଙ୍କ ବିନମ୍ର ପ୍ରଣତି। ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ଜୀବନ ଦର୍ଶନ, ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଦାନଧର୍ମ, ପରୋପକାର ଆମର ପାଥେୟ ହେଉ। ମାଁ ଦ୍ୱାରଶେନିଙ୍କଠାରେ ନତମସ୍ତକ।
ଶ୍ରଦ୍ଧାଞ୍ଜଳି- ସହଧର୍ମିଣୀ: ସାବିତ୍ରୀ ପ୍ରଧାନ (ପୂର୍ବତନ ନଗରପାଳ, ଏନ୍.ଏ. ସି. କଂଟାବାଂଜି) ଓ ପରିବାର ସଙ୍ଗୀତା- ରାଜେନ୍ଦ୍ର, ସୁନିତା- ବିରଂଚି, ମିତା- ଆଲୋକ, ପ୍ରକାଶ- ପୂଜାରାଣୀ, ବେବୀ, ସୁବ୍ରତ, ଗୁଂଜନ, ଶୁଭମ, ସୁଜ୍ଞାନ, ଆଦ୍ୟାଶା, ରାଜ, ପରୀ ଓ ପ୍ରଧାନ ପରିବାର ।
ଧ-୧୨୪୫

ଦଶାହ ଉପଲକ୍ଷେ



ସ୍ୱ ନବଘନ ପଣ୍ଡା
ଜିତିକାର ସୁଆଁଲୋ, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ: ୧୬।୧୦।୧୯୪୦
ତିରୋଧାନ: ୦୫।୦୮।୨୦୨୨
ଚାହୁଁ ଚାହୁଁ ଦଶଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ଆପଣଙ୍କ ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ ।
ଧ-୭୩୨୯୪



ପୁରୀ ବେଳାଭୂମିରେ 'ଚାରୁ ନର୍ତ୍ତନ' ଅନୁଷ୍ଠାନ ପକ୍ଷରୁ ତ୍ରିରଙ୍ଗା ପ୍ରଦର୍ଶନ।

# ଆଜାଦୀର ମହୋତ୍ସବ

**ଆସନ୍ତାକାଲି ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳନ ହେବ ଆଜାଦୀର ଅମୃତ ମହୋତ୍ସବ। ଦେଶର ପ୍ରତିଟି ଘରେ ଫରଫର ହୋଇ ଉଡ଼ିବ ତ୍ରିରଙ୍ଗା । ତେବେ ଏହି ବିଶେଷ ଦିବସକୁ ସ୍ମରଣୀୟ କରିବା ଲାଗି ଭାରତବର୍ଷର ବିଭିନ୍ନ ସ୍ଥାନରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା...**

ସ୍ୱାଧୀନ ଭାରତର ନାଗରିକ ଭାବେ ଆମେ ସମସ୍ତେ ଗର୍ବିତ। ଏହି ଆନନ୍ଦର ମୁହୂର୍ତ୍ତକୁ ଆସନ୍ତାକାଲି ପୂରୁଛି ୭୫ବର୍ଷ, ଯାହାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସାରା ଦେଶ ଏବେ ଉତ୍ସବମୁଖର । ତେବେ ଏହି ଅବସରକୁ ସ୍ମରଣୀୟ କରିବାକୁ କ'ଣ ରହିଛି ଯୁବପିଢ଼ିଙ୍କ ପ୍ଲାନିଂ, ସେ ସମ୍ପର୍କରେ ବିଶେଷ ଉପସ୍ଥାପନା...

### ସମୂହ ରାଷ୍ଟ୍ରଗାନ ସହ ଜାଳିବୁ ଦୀପ

**ଲୋହିତ ମହାପାତ୍ର** (ଗୋଡ଼ିପଡ଼ା, ଖୋର୍ଦ୍ଧା)- ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆମ ଗ୍ରାମର ଯୁବକ ସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘର୍ ଘର୍ ତ୍ରିରଙ୍ଗା ଅଭିଯାନର ବାର୍ତ୍ତା ଦେଇଛନ୍ତି। ଏହି ଅଭିଯାନରେ ସାମିଲ ହେବା ଲାଗି ଆମ ସଂଘ ପକ୍ଷରୁ ଗ୍ରାମରେ ପ୍ରତି ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ସଚେତନ କରାଯାଇଛି। ସ୍ୱାଧୀନତା ଦିବସରେ ଅମର ଶହୀଦଙ୍କ ଉଦ୍ଦେଶ୍ୟରେ ନିଜ ଠାକୁର ଘରେ ଦୀପ ଜାଳିବାକୁ ଆହ୍ୱାନ ଦିଆଯାଇଛି। ଚଳିତବର୍ଷ ସ୍ୱାଧୀନତା ଦିବସକୁ ସ୍ମରଣୀୟ କରିବା ଲାଗି ବହୁ ଯୋଜନା ହାତକୁ ନିଆଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ସମୂହ ରାଷ୍ଟ୍ରଗାନ କରାଯିବା ସହ ସନ୍ଧ୍ୟାରେ ମନ୍ଦିରରେ ୭୫ ପ୍ରଦୀପ ପ୍ରଜ୍ୱଳନ କରାଯିବ।

### ସାମୂହିକ ତ୍ରିରଙ୍ଗା ଶୋଭାଯାତ୍ରା କରୁଛୁ

**ତାରା ପ୍ରସାଦ ଦାଶ** (ପୁରୀ)- ଆଜି ଆମେ ସ୍ୱାଧୀନ ଭାରତର ନାଗରିକ ବୋଲି ଆନନ୍ଦିତ। ତେଣୁ ଆମ ଗର୍ବ ଆଉ ଗୌରବର ପ୍ରତୀକ ତ୍ରିରଙ୍ଗାକୁ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ଅବସରରେ ପୁରୀରେ ତିନିଦିନ ଧରି ସାମୂହିକ ଶୋଭାଯାତ୍ରା ଆୟୋଜନ କରିଥିଲୁ। ସୋମବାର ୭୬ତମ ସ୍ୱାଧୀନତା ଦିବସ ଅବସରରେ ପତାକା ଉତ୍ତୋଳନ ପରେ ମିଷ୍ଟାନ୍ନ ବଣ୍ଟନ, ଭୋଜିଭାତ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଛି। ସର୍ବୋପରି ବ୍ୟାପକ ଚାରାରୋପଣ ଓ ଭାରତ ମାତାର ପୂଜନ ଉତ୍ସବ ଆୟୋଜନ କରିଛୁ।

### ସ୍ୱାଧୀନତା ଦିବସରେ କରିବୁ ବୃକ୍ଷରୋପଣ

**ଆଶିଷ ବିଭୁରେନ୍ଦ୍ର ଛୋଟରାୟ** (ଭାଲିଆବାଡ଼ି, ଖୋର୍ଦ୍ଧା)- ପ୍ରତିବର୍ଷ ସ୍ୱାଧୀନତା ଦିବସକୁ ଆଡ଼ମ୍ବର ସହକାରେ ପାଳନ କରୁ। କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ଫିକା ପଡ଼ିଥିଲା। ଚଳିତବର୍ଷ ଆଜାଦୀ କା ଅମୃତ ମହୋତ୍ସବକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଗ୍ରାମର ସମସ୍ତ ଯୁବକ ମିଶି ଅନେକ ଯୋଜନା କରିଛୁ। ଘର୍ ଘର୍ ତ୍ରିରଙ୍ଗା ଅଭିଯାନରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ସହ ସମୂହ ରାଷ୍ଟ୍ରଗାନ ଆୟୋଜନ କରାଉଛୁ। ୭୬ତମ ସ୍ୱାଧୀନତା ଦିବସ ଅବସରରେ ୭୫ଟି ଦୀପ ଜାଳି ଜାତୀୟ ପତାକା ଉତ୍ତୋଳନ କରିବୁ। ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କରାଯିବାର ବିଶେଷ ଯୋଜନା ରଖିଛୁ। ଏହା ବ୍ୟତୀତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଜନା ରହିଛି।



ଲୋହିତ



ଆଶିଷ



ତାରା ପ୍ରସାଦ



ରୋଜାଲିନ୍



ଆଦିତ୍ୟ

### ସ୍ୱାଧୀନତା ଦିବସରେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ସମଗ୍ର ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଭିଏଁ ପ୍ରସ୍ତୁତ। କିନ୍ତୁ ଏଭଳି କିଛି ସଙ୍ଗଠନ ରହିଛନ୍ତି, ଯେଉଁମାନେ ସ୍ୱାଧୀନତା ଦିବସକୁ ଅଭିନବ ଢଙ୍ଗରେ ପାଳନ କରୁଛନ୍ତି। ଏଥିରୁ ବାଦ୍‌ପଡ଼ିନି ବ୍ରହ୍ମପୁର ସହରର କାହ୍ନା ଚାରିଟେବୁଲ ଟ୍ରଷ୍ଟ। ଏହି ସଂଘ ପ୍ରତି ସ୍ୱାଧୀନତା ଦିବସକୁ ନିଆରା ଢଙ୍ଗରେ ପାଳନ କରିଥାଏ। ଚଳିତ ଥର ଟ୍ରଷ୍ଟ ପକ୍ଷରୁ ପ୍ରାୟ ୫୦୦ ଜଣ ଅସହାୟଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ଟ୍ରଷ୍ଟର ସଭାପତି ରଞ୍ଜନା ମିଶ୍ର କହିଛନ୍ତି। ଏହି ଦିନ ସ୍ୱାଧୀନତା ଦିବସ ପତାକା ଉତ୍ତୋଳନ ସହ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସେ କହିଛନ୍ତି। ପ୍ରତି ବର୍ଷ ଭଳି ଏଥର ବି ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ବସ୍ତ୍ର ବଣ୍ଟନ ସହ ବୟସ୍କ ଲୋକଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯିବ ବୋଲି ସଭାପତି କହିଛନ୍ତି।

### ବୀର ଶହୀଦମାନଙ୍କ ପାଇଁ ଦୀପ ପ୍ରଜ୍ୱଳନ କରିବୁ

**ରୋଜାଲିନ୍ ପଣ୍ଡା** (ପୁରୀ)- ଆମର ଜନ୍ମ ଏହି ସ୍ୱାଧୀନ ଭାରତରେ ହୋଇଥିବାରୁ ଆମେ ଭାଗ୍ୟବାନ୍। ପ୍ରତିବର୍ଷ ଆମେ ଏହି ଦିନକୁ ପାଳନ କରିଆସୁଛୁ ସତ, ହେଲେ ଏଥର ସେଲିବ୍ରେଶନ୍ କେବଳ ସ୍କୁଲ୍, କଲେଜ କିମ୍ବା କୌଣସି ଅନୁଷ୍ଠାନରେ ସୀମିତ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତର ପ୍ରତିଟି ଘରେ ଏହା ପାଳନ ହେବ। ଆମେ ବି ଘରେ ୩ଦିନ ତ୍ରିରଙ୍ଗା ଉଡ଼ାଉଛୁ। କାଲି ସପରିବାର, ବନ୍ଧୁବର୍ଗ ଓ ସମ୍ପର୍କୀୟ ମିଶି ଛାତ ଉପରେ ପତାକା ଉତ୍ତୋଳନ କରି ପ୍ରଥମ ଥର ପାଇଁ ଏକାଠି ଜାତୀୟ ସଂଗୀତ ଗାନକରିବୁ। ଦେଶ ପାଇଁ ବଳିଦାନ ଦେଇ ଆମକୁ ସ୍ୱତନ୍ତ୍ରତାର ସ୍ୱାଦ ଚଖାଇଥିବା ବୀର ଶହୀଦମାନଙ୍କ ପାଇଁ ଦୀପ ପ୍ରଜ୍ୱଳନ କରିବୁ। ସଂଧ୍ୟାରେ ସାହିପଡ଼ିଶା ପିଲାମାନଙ୍କୁ ନେଇ ନୃତ୍ୟସଂଗୀତ କାର୍ଯ୍ୟକ୍ରମ କରିବୁ।

### ସୋସିଆଲ ମିଡିଆରେ ଦେବୁ ଶହୀଦଙ୍କ ଡକ୍ୟୁମେଣ୍ଟାରି

**ଆଦିତ୍ୟ ମହାରଣା** (ଗୁରୁଜଙ୍ଗ, ଖୋର୍ଦ୍ଧା)- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୨୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନେଇ ଅମୃତ ମହୋତ୍ସବ ସମିତି ଗଠନ କରାଯାଇଛି। ଏହା ମାଧ୍ୟମରେ ବହୁ କାର୍ଯ୍ୟକ୍ରମ ଜାରି ରହିଛି। ଘର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ଲାଗି ଆହ୍ୱାନ କରାଯାଉଛି। ଏହିଦିନ ପାଇଁ ଆମର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ଆମେ ଅମର ଶହୀଦଙ୍କ ସମ୍ପର୍କରେ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପ୍ରସାର ପ୍ରଚାର କରିବୁ। ଏହି ବିଶେଷ ଦିନରେ ଚାରାରୋପଣ ସହ ଭାରତ ମାତା ପୂଜନ ଉତ୍ସବ ବି କରାଯିବ।





କାହ୍ନା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ।

## ଏ ସପ୍ତାହର ପ୍ରଶ୍ନ

୧- ବୁଣାକାରଙ୍କ ପାଇଁ ନେଥାନ୍ନା ବୀମା ଆରମ୍ଭ କରିଥିବା ରାଜ୍ୟ........... ?
୨- 'ୱାର୍ଲ୍ଡ ବାୟୋ- ଫୁଏଲ୍ ଡେ' ........... ତାରିଖରେ ପାଳନ କରାଯାଏ ?
୩- ସେକେଣ୍ଡ ଜେନେରେଶନ୍ (୨ଜି) ଏଥାନଲ୍ ପ୍ଲାଣ୍ଟ .......... କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି ?
୪- 'ନ୍ୟୁ ଦିଲ୍ଲୀ ଇଣ୍ଟରନ୍ୟାଶନାଲ୍ ଅର୍ବିଟ୍ରେଶନ୍ ସେଣ୍ଟର'ର ନୂଆ ନାମ .......... ?
୫- ପୃଥିବୀର ଉଚ୍ଚତମ ରେଲୱେ ବ୍ରିଜ୍ ............. ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଜୁଲାଇ ୧
୨ ଯଶପ୍ରୀତ୍ ବୁମ୍‌ରା
୩ ଡିହାନ୍
୪ ହଣ୍ଡୁରାସ୍
୫ ଉଗାଣ୍ଡା

## ଉତ୍ତରଦାତା



ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ବାଲେଶ୍ୱର



ନରେଶ କୁମାର କର, ତେଲଙ୍ଗାନା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଭାରତର ଧନୀ ମନ୍ଦିର

୧- ଗୁରୁଭାୟୁରାପ୍ପାନ ମନ୍ଦିର........................ ଗୁରୁଭାୟୁର୍, କେରଳ
୨- ଶିରିଡ଼ି ସାଇବାବା ମନ୍ଦିର........................ ମହାରାଷ୍ଟ୍ର
୩- ଶବରିମାଲା ଶ୍ରୀଧର୍ମ ଶସ୍ତା ମନ୍ଦିର.............. କେରଳ
୪- ସୋମନାଥ ମନ୍ଦିର............................. ଗୁଜରାଟ
୫- ପଦ୍ମନାଭସ୍ୱାମୀ ମନ୍ଦିର........................ କେରଳ
୬- ଶ୍ରୀମନ୍ଦିର.................................. ପୁରୀ, ଓଡ଼ିଶା
୭- କାଶୀ ବିଶ୍ୱନାଥ ମନ୍ଦିର........................ ବାରାଣସୀ, ଉତ୍ତରପ୍ରଦେଶ
୮- ବୈଷ୍ଣୋଦେବୀ ମନ୍ଦିର.......................... କାର୍ତା, ଜମ୍ମୁ-କଶ୍ମୀର
୯- ପ୍ରେମ ମନ୍ଦିର................................ ଉତ୍ତରପ୍ରଦେଶ
୧୦- ଭେଙ୍କଟେଶ୍ୱର ମନ୍ଦିର........................ ଆନ୍ଧ୍ରପ୍ରଦେଶ

## ଜାଣନ୍ତୁ ଦୁନିଆ

# ନରୱେ



**ୟୁରୋପ ମହାଦେଶର ଉତ୍ତର ଭାଗରେ ଥିବା ଏକ ଦେଶ ହେଉଛି ନରୱେ। ଜାଣିବା ଏହି ଦେଶ ସମ୍ପର୍କରେ କିଛି ରୋଚକ ତଥ୍ୟ...**

- ଏହି ଦେଶର ଉତ୍ତର ଭାଗରେ ଶୀତଋତୁରେ ଆଦୌ ସୂର୍ଯ୍ୟୋଦୟ ହେଉ ନ ଥିବା ବେଳେ ଗ୍ରୀଷ୍ମଋତୁରେ ସୂର୍ଯ୍ୟାସ୍ତ ହୋଇ ନ ଥାଏ। ଏହି କାରଣରୁ ନରୱେକୁ 'ମଧ୍ୟରାତ୍ରିର ସୂର୍ଯ୍ୟ' ବୋଲି କୁହାଯାଏ।
- ରୋରୋସ୍ ହେଉଛି ଏହି ଦେଶର ସବୁଠୁ ଥଣ୍ଡା ସ୍ଥାନ, ଯେଉଁଠାରେ ତାପମାତ୍ରା -୫୦° ସେଲ୍‌ସିଅସ୍।
- ଏହି ଦେଶରେ ପୁରୁଷମାନେ ଦୁଇଟି ନାମକୁ ସର୍ବାଧିକ ପସନ୍ଦ କରନ୍ତି, ତାହା ହେଉଛି ଅଡ୍ ଏବଂ ଇଭେନ୍।
- ଏହି ଦେଶରେ ହେଲ୍ ବା ନର୍କ ନାମକ ଏକ ସହର ରହିଛି।
- ନରୱେର ରାଜଧାନୀ ଓସ୍‌ଲୋଠାରେ ପ୍ରତିବର୍ଷ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ସମାରୋହ ଆୟୋଜନ କରାଯାଇଥାଏ।
- ସେଠାକାର ବାସିନ୍ଦାମାନଙ୍କ ଇନ୍‌କମ୍ ରେକର୍ଡ ପବ୍ଲିକରେ ଜଣାଯାଇଥାଏ।
- ଏହି ଦେଶରେ ଘରେ ଟିଭି ରଖିବା ଲାଗି ଲାଇସେନ୍ସ କରିବାକୁ ପଡ଼ିଥାଏ। ଆଉ ଏ ବାବଦରେ ୪୮୦.୬୬ ଡଲାର ବାର୍ଷିକ ଶୁଳ୍କ ମଧ୍ୟ ପଇଠ କରିବାକୁ ହୋଇଥାଏ।
- ପୃଥିବୀର ସବୁଠୁ ଲମ୍ବା ଟନେଲ୍ ଲାଏଡ୍ରାଲ୍ ଏହି ଦେଶରେ ରହିଛି। ୧୫ ମାଇଲ ବିଶିଷ୍ଟ ଏହି ଟନେଲ୍ ନିର୍ମାଣ କରିବା ଲାଗି ପ୍ରାୟ ୧ ବିଲିଅନ୍ ବା ୧୧୦ ମିଲିନ୍ ଡଲାର ଖର୍ଚ୍ଚ ହୋଇଛି।
- ଏହି ଦେଶରେ ୫୦,୦୦୦ରୁ ଅଧିକ ସଂଖ୍ୟକ ଦ୍ୱୀପ ଦେଖିବାକୁ ମିଳେ।
- ଏଫ୍‌ଏମ୍ ରେଡିଓ ସେବା ବନ୍ଦ କରିବାରେ ନରୱେ ହେଉଛି ପୃଥିବୀର ପ୍ରଥମ ସହର। ଏଠାରେ ଏଫ୍‌ଏମ୍ ବଦଳରେ ଡିଜିଟାଲ୍ ଅଡିଓ ବ୍ରଡକାଷ୍ଟିଂ (ଡିଏବି) ବ୍ୟବହାର କରାଯାଉଛି।
- ଏହି ଦେଶରେ ୧୨ ବର୍ଷରୁ କମ୍ ପିଲାଙ୍କୁ ବିଜ୍ଞାପନରେ ନେବା ବେଆଇନ।



## ୟୁଥ୍ ଆଲର୍ଟ

# ଶପିଂ କରୁଥିଲେ

**ବର୍ତ୍ତମାନ ସମସ୍ତ ଦୋକାନ ବଜାର ଖୋଲା। ନା ଅଛି କରୋନା କଟକଣା, ନା ଅଛି ସନ୍ଧ୍ୟା ପୂର୍ବରୁ ଦୋକାନ ବନ୍ଦ ହୋଇଯିବାର ଟେନ୍‌ସନ୍। ତେଣୁ ସବୁଠି ଗ୍ରାହକଙ୍କ ଭିଡ଼ ଜମୁଛି। ହେଲେ ଏବେ ବି କରୋନା ସଙ୍କଟ ସମ୍ପୂର୍ଣ୍ଣ ଦୂର ହୋଇ ନାହିଁ। ତେଣୁ ଶପିଂ ଲାଗି ବାହାରକୁ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବାକୁ ଭୁଲନ୍ତୁ ନାହିଁ...**

- ଶପିଂ ପାଇଁ ଯିବା ବେଳେ ପର୍ସନାଲ ଗାଡ଼ି ବ୍ୟବହାର କରନ୍ତୁ। କାରଣ ଅଟୋରିକ୍ସା, କାର୍ ଏବଂ ବସ୍ ଭଳି ପବ୍ଲିକ୍ ଟ୍ରାନ୍ସପୋର୍ଟ ବ୍ୟବହାର କରୁଥିଲେ ସଂକ୍ରମଣର ଆଶଙ୍କା ବେଶି।
- ଶପିଂ ଲାଗି ବାହାରକୁ ଯିବା ବେଳେ ମାସ୍କ ନିଶ୍ଚୟ ପିନ୍ଧନ୍ତୁ। କାରଣ କେବଳ କରୋନା ନୁହେଁ, ବର୍ତ୍ତମାନ ପ୍ରବଳ ବର୍ଷା ଯୋଗୁ ଅନେକଙ୍କଠାରେ ଥଣ୍ଡା, କାଶ ଏବଂ ଭାଇରାଲ୍ ଫିଭର୍ ଦେଖିବାକୁ ମିଳୁଛି, ଯାହାକି ଖୁବ୍‌ଶୀଘ୍ର ଅନ୍ୟକୁ ସଂକ୍ରମିତ ହୋଇଥାଏ। ନିହାତି ଆବଶ୍ୟକ ନ ଥିଲେ ବାହାରେ କାହା ସହ କଥା ହୁଅନ୍ତୁ ନାହିଁ। ଯଦିଓ କଥା ହେବାକୁ ଦରକାର ପଡ଼େ, ତେବେ ଦୂରତ୍ୱ ରକ୍ଷା କରନ୍ତୁ। ଶପିଂ ସାରିବାମାତ୍ରେ ତୁରନ୍ତ ହାତକୁ ସାନିଟାଇଜ୍ କରନ୍ତୁ। ଶପିଂ କରିଥିବା ସାମଗ୍ରୀକୁ ମଧ୍ୟ ସାନିଟାଇଜ୍ ନ କରି ବ୍ୟବହାର କରନ୍ତୁ ନାହିଁ।



- ସଂକ୍ରମଣ ରୋକିବା ଲାଗି ସୋସିଆଲ୍ ଡିଷ୍ଟାନ୍ସିଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁରକ୍ଷା ଦୃଷ୍ଟିରୁ କୌଣସି ଗହଳି ଥିବା ମାର୍କେଟ୍ ବା ଦୋକାନକୁ ଆଦୌ ଯାଆନ୍ତୁ ନାହିଁ। ଶପିଂ ମଲ୍ ଯାଉଥିଲେ ଅନ୍ୟ ଗ୍ରାହକ ଏବଂ ସେଲ୍ସ ପର୍ସନଙ୍କଠାରୁ ଦୂରତା ରକ୍ଷା କରନ୍ତୁ।
- ବର୍ତ୍ତମାନ ଶପିଂ କରିବା ସମୟରେ ବିଭିନ୍ନ ଦିଗକୁ ଆଖିଆଗରେ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ। ପ୍ରଥମ କଥା ହେଉଛି, କୌଣସି ଟଙ୍କା କେତେ କାହା ହାତ ଦେଇ ଆପଣଙ୍କ ପାଖକୁ ଆସିଛି ତାହା କହିବା କଷ୍ଟକର। ତେଣୁ ତାହା ରୋଗ ସଂକ୍ରମଣର ମାଧ୍ୟମ ବି ସାଜିପାରେ। ଏମିତିରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ନିରାପଦ।





# ‘ଭାରତୀୟ କ୍ରୀଡ଼ାର ସ୍ୱର୍ଣ୍ଣିମ ସମୟ ନିକଟତର’



ସମ୍ବର୍ଦ୍ଧିତ କରିବା ଅବସରରେ ରେସ୍‌ଲିଂ ଦଳ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଏବଂ ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକ।



ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଷ୍ଟାର୍ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ।

**ନୂଆଦିଲ୍ଲୀ,୧୩।୮(ପି.ଟି)**

## ରାଜ୍ୟଗୋଷ୍ଠୀ ଦଳକୁ ସମ୍ବର୍ଦ୍ଧିତ କଲେ ପ୍ରଧାନମନ୍ତ୍ରୀ

ଭାରତୀୟ ଆଥ୍‌ଲେଟିକ୍ସ ଜଗତରେ ସ୍ୱର୍ଣ୍ଣିମ ସମୟ ନିକଟତର ହୋଇଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୬୧ ପଦକ ସହିତ ପ୍ରତ୍ୟାବର୍ତ୍ତନ କରିଥିବା ରାଜ୍ୟଗୋଷ୍ଠୀ କ୍ରୀଡା ଦଳକୁ ଶନିବାର ଭେଟିବା ସମୟରେ ଏଭଳି ମନ୍ତବ୍ୟ ଦେଇଛନ୍ତି ମୋଦି। ୬୧ ପଦକ ମଧ୍ୟରେ ୨୨ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ରହିଛି। ଏହି ପଦକ ସଂଖ୍ୟା ସହିତ ଆଥ୍‌ଲେଟଙ୍କ ପ୍ରଦର୍ଶନକୁ ତୁଳନା କରାଯାଇପାରିବ ନାହିଁ। ଆମର ଆଥ୍‌ଲେଟମାନେ ଅନ୍ୟ ଦେଶର ଖେଳାଳିଙ୍କ ସହିତ କଡା ମୁକାବିଲା କରିଥିଲେ। ଗୋଟିଏ ସେକେଣ୍ଡ ବା ଗୋଟିଏ ସେମିର ଫରକ ରହିଥିଲେ ହେଁ ମୁଁ ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ଅତ୍ୟନ୍ତ ଆଶାବାଦୀ ବୋଲି ସେ ନିଜ ଅଭିଭାଷଣରେ କହିଥିଲେ। ଭାରତୀୟ କ୍ରୀଡାର ସ୍ୱର୍ଣ୍ଣିମ ଯୁଗର ଏହା ଅୟମାରମ୍ଭ ଏବଂ ବର୍ତ୍ତମାନ ଆମେ ନୀରବରେ ବସିବା ଅନୁଚିତ। ଆମକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡା ବ୍ୟବସ୍ଥା ଆରମ୍ଭ କରିବାକୁ ହେବ। କୌଣସି ବି ପ୍ରତିଭା ଯେମିତି ନଷ୍ଟ ନ ହୁଏ ତା ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି। ବ୍ୟାଡ୍‌ମିଣ୍ଟନ, ରେସଲିଂ ଓ ଭାରୋତ୍ତୋଳନରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିବା ବେଳେ ପ୍ରଥମ ଥର ପାଇଁ ଆଥ୍‌ଲେଟିକ୍ସରେ ମଧ୍ୟ ଭଲ ପ୍ରଦର୍ଶନ ରହିଥିଲା। ଏହା ବ୍ୟତୀତ ଜୁଡୋ ଓ ଲନ୍ ବୋଲ୍‌ସ ପରି ଖେଳରେ ମଧ୍ୟ ଭାରତ ପ୍ରଥମ ଥର ପାଇଁ ପଦକ ହାସଲ କରିଛି। ଯେଉଁ ଖେଳରେ ଆମେ ଶକ୍ତିଶାଳୀ ତା ବ୍ୟତିରେକେ ଅନ୍ୟ ଖେଳରେ ସଫଳତା ହାସଲ କରିବା ଆମ ପାଇଁ ଏକ ସ୍ୱତନ୍ତ୍ର ଉପଲବ୍ଧି ବୋଲି ମୋଦି କହିଛନ୍ତି। ନୂତନ ଖେଳରେ ଭାରତ ଦୃଢ ଭାବରେ ନିଜ ପାଦ ରଖୁଥିବା ବେଳେ ହକିରେ ନିଜର ପୁରାତନ ଆତ୍ମଗୌରବ ଫେରସ୍ତ ପାଇବା ରାସ୍ତାରେ ରହିଛି। ବିଗତ ସଂସ୍କରଣ ତୁଳନାରେ ଆମେ ୪ଟି ନୂତନ ବର୍ଗରେ ପଦକ ହାସଲ କରିଛେ। ଲନ୍ ବୋଲସ୍ ଏବଂ ଆଥଲେଟିକ୍ସରେ ଆମର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଛି। ଏପରି ପ୍ରଦର୍ଶନ ବିଭିନ୍ନ ନୂତନ କ୍ରୀଡା ଆଡକୁ ଯୁବପିଢିଙ୍କୁ ଆକୃଷ୍ଟ କରିବ। ପ୍ରଥମ ଥର ପାଇଁ ମହିଳା କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଅଳ୍ପକେ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା ହରମନପ୍ରୀତ କୌରଙ୍କ ଭାରତ। ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିଥିବା ବେଳେ ରେଣୁକା ସିଂଙ୍କ ପେସ୍ ବୋଲିଂର ଜବାବ କାହା ପାଖରେ ନ ଥିଲା। ସର୍ବାଧିକ ଉଇକେଟ ହାସଲକାରୀ ରେଣୁକାଙ୍କ ସ୍ୱିଙ୍ଗର ଆଣ୍ଟିଡୋଟ କାହା ପାଖରେ ବି ନ ଥିଲା ବୋଲି ମୋଦି କହିଛନ୍ତି। ବିଶ୍ୱର ଅଗ୍ରଣୀ ଖେଳାଳିଙ୍କ ମଧ୍ୟରେ ଏଭଳି ସଫଳତା ବିରଳ ବୋଲି ମୋଦି କହିଥିଲେ। ଏହା ସହିତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଥ୍‌ଲେଟମାନଙ୍କର ଏହି ସଫଳତା ବେଶ୍ ସ୍ୱତନ୍ତ୍ର ବୋଲି ସେ କହିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟଗୋଷ୍ଠୀ କ୍ରୀଡାରୁ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତ ଆଥଲେଟ ସାମିଲ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡାର ଆଥ୍‌ଲେଟମାନଙ୍କ ସହିତ ଚେନ୍ନାଇରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡର ଖେଳାଳିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଦକ ବିଜେତାଙ୍କୁ ପୁରସ୍କୃତ କଲା ଆଇଓଏ

**ନୂଆଦିଲ୍ଲୀ,୧୩।୮(ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ର ପଦକ ବିଜେତା ଭାରତୀୟ ଦଳକୁ ପୁରସ୍କୃତ କରାଯାଇଛି। ଶନିବାର ଭାରତୀୟ ଅଲିମ୍ପିକ୍ସ ସଂଘ(ଆଇଓଏ) ପକ୍ଷରୁ ସମସ୍ତ ପଦକ ବିଜେତାଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱର୍ଣ୍ଣ ବିଜେତାଙ୍କୁ ୨୦ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୧୦ ଲକ୍ଷ ଓ ବ୍ରୋଞ୍ଜ୍ ପଦକ ବିଜେତାଙ୍କୁ ୭.୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଓଏର କାର୍ଯ୍ୟକାରୀ ସଭାପତି ଅନିଲ ଖାନ୍ନା, ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା, କୋଷାଧ୍ୟକ୍ଷ ଆନନ୍ଦେଶ୍ୱର ପାଣ୍ଡେ ଏବଂ ଭାରତର ଚିଫ୍ ଡି’ ମିଶନ ରାଜେଶ ଭଣ୍ଡାରୀ ଉପସ୍ଥିତ ରହିଥିଲେ। ଶୁଟିଂ ଇଭେଣ୍ଟ ବିନା ଭାରତୀୟ ଆଥ୍‌ଲେଟମାନେ ମୋଟ ୬୧ ପଦକ ଜିତିବା ପ୍ରଶଂସନୀୟ। ଭାରତ ଏହି ସଂସ୍କରଣରେ ୨୨ ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୨୩ଟି ବ୍ରୋଞ୍ଜ ପଦକ ହାସଲ କରିବାରେ ସମର୍ଥ ହୋଇଛି।

# ପୂଜାରାଙ୍କ ଦ୍ରୁତ ଶତକ

**ନୂଆଦିଲ୍ଲୀ,୧୩।୮(ପିଟି):** ଭାରତୀୟ ଟେଷ୍ଟ କ୍ରିକେଟର ଚେତେଶ୍ୱର ପୂଜାରା ମାତ୍ର ୭୩ ବଲରେ ଶତକ ହାସଲ କରିଛନ୍ତି। ଧିମା ଓ ରକ୍ଷଣାତ୍ମକ ବ୍ୟାଟିଂ ପାଇଁ ପ୍ରସିଦ୍ଧ ପୂଜାରା। ସେ ଶୁକ୍ରବାର ରୟାଲ ଲଣ୍ଡନ କପ୍‌ରେ ଏକ ଦମ୍‌ଦାର ଶତକ ହାସଲ କରି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ୭୩ ବଲରେ ଶତକ ସହିତ ୭୯ ବଲରେ ୧୦୭ ରନ କରି ଆଉଟ ହୋଇଥିବା ବେଳେ ତାଙ୍କ ଦଳ ବିଜୟରୁ ୩ ରନ ପଛୁଆ ରହି ଯାଇଥିଲା। ୱାରୱିକଶାୟାର ବିପକ୍ଷରେ ୩୧୧ ରନର ପିଛା କରୁଥିବା ସସେକ୍ସ ପକ୍ଷରୁ ଦ୍ରୁତ ବ୍ୟାଟିଂ କରିଥିଲେ। ଏପରି କି ୪୫ତମ ଓଭରରେ ସେ ଲିଆମ ନରୱେଲଙ୍କ ଓଭରରେ ୨୨ ରନ୍ ସଂଗ୍ରହ କରିଥିଲେ। ୪୯ତମ ଓଭରର ପ୍ରଥମ ବଲରେ ଅଲିଭର ହାନନ ଡାଲବି ପୂଜାରାଙ୍କୁ ଆଉଟ କରିଥିଲେ। ଏହି ଇନିଂସରେ ମୋଟ ୭ ଚୌକା ଓ ୨ ଛକା ସାମିଲ ଥିଲା। ସ୍ପିନ ବୋଲିଂ ଅଲରାଉଣ୍ଡର କୃଣାଲ ପାଣ୍ଡ୍ୟା ୩ଟି ଉଇକେଟ ଅକ୍ତିଆର କରିଛନ୍ତି। ବ୍ୟାଟିଂରେ ଖାତା ଖୋଲି ପାରିନଥିଲେ ହେଁ ବୋଲିଂରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅଲି ଓର(୮୧), ଟମ୍ କ୍ଲାର୍କ(୩୦) ଓ ଡେରଲି ରଲିଂସ(୧୧)ଙ୍କୁ ଆଉଟ କରିଥିଲେ ପୂଜାରା।




# ଆଇରନ ମ୍ୟାନ ପ୍ରତିଯୋଗିତାରେ ଦୁଇ ଓଡ଼ିଆ




**ଭୁବନେଶ୍ୱର,୧୩।୮(ସ୍ପୋର୍ଟ୍ସ ବ୍ୟୁରୋ)**

ଆଇରନ ମ୍ୟାନ ପ୍ରତିଯୋଗିତା ପାଇଁ ଦୁଇ ଓଡ଼ିଆ ସୌଭାଗ୍ୟ କୁମାର ରଥ(୩୩) ଏବଂ ବିଜୟ କୁମାର ଦାସ(୪୮) କାଜାଖସ୍ତାନରେ ପହଞ୍ଚିଛନ୍ତି। ସୌଭାଗ୍ୟଙ୍କର ଏହା ଦ୍ୱିତୀୟ ଆଇରନ ମ୍ୟାନ ପ୍ରତିଯୋଗିତା ହେବାକୁ ଥିବା ବେଳେ ବିଜୟ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିବେ। ଆଇରନ ମ୍ୟାନରେ ୩.୮ କିମି ସନ୍ତରଣ, ୧୮୦କିମି ସାଇକେଲ ଚାଳନା ଏବଂ ୪୨.୨ କିମି ଦୌଡ଼ ପ୍ରତିଯୋଗିତାକୁ ୧୬ ଘଣ୍ଟା ୩୦ ମିନିଟ ମଧ୍ୟରେ ସାରିବାକୁ ହେବ।

ଅଗଷ୍ଟ ୧୪ରେ କାଜାଖସ୍ତାନ ରାଜଧାନୀ ଅସ୍ତାନା (ନୁର୍ ସୁଲତାନ)ଠାରେ ଆଇରନ ମ୍ୟାନ ଟ୍ରାଇଥଲନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଭିନ୍ନ ଦେଶରୁ ୧୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ୧୦୦୦ ଜଣ ହାଫ୍ ଆଇରନ ମ୍ୟାନ ଏବଂ ୭୦୦ ଜଣ ଫୁଲ୍ ଆଇରନ ମ୍ୟାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଭାରତରୁ ସମୁଦାୟ ୩୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ସିନ୍‌ସିନାଟିରୁ ଓହରିଲେ ଜୋକୋଭିଚ୍

**ସିନ୍‌ସିନାଟି,୧୩।୮(ଏପି)**

**ଭ୍ୟାକ୍ସିନ ପ୍ରସଙ୍ଗ**

ଆସନ୍ତା ସପ୍ତାହରେ ହେବାକୁଥିବା ସିନ୍‌ସିନାଟି ହାର୍ଡକୋର୍ଟ ଟୁର୍ନାମେଣ୍ଟରୁ ଓହରିଯିବା ଲାଗି ବାଧ୍ୟ ହୋଇଛନ୍ତି ଷ୍ଟାର ଟେନିସ ଖେଳାଳି ନୋଭାକ୍ ଜୋକୋଭିଚ୍। କୋଭିଡ୍ ଭ୍ୟାକ୍ସିନ ନେଇ ନ ଥିବାରୁ ସେ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିପାରିବେ ନାହିଁ। ଫଳତଃ ଅଗଷ୍ଟ ୨୯ରେ ନ୍ୟୁୟର୍କରେ ଆରମ୍ଭ ହେବାକୁଥିବା ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ତାଙ୍କୁ ଭାଗ ନେବାଲାଗି ଅନୁମତି ନ ମିଳିପାରେ ବୋଲି ମନେକରାଯାଉଛି। ସର୍ବିୟାର ୩୫ ବର୍ଷୀୟ ଜୋକୋଭିଚ୍ ଇତିମଧ୍ୟରେ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

# ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଲେ ସିନ୍ଧୁ

**ନୂଆଦିଲ୍ଲୀ, ୧୩।୮ (ପି.ଟି.):** ବାମ ପାଦରେ ଆଘାତପ୍ରାପ୍ତ ଯୋଗୁ ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଶନିବାର ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ପୂର୍ବରୁ ସେ ୨୦୧୯ରେ ଏହି ଟୁର୍ନାମେଣ୍ଟରେ ଏକ ସ୍ୱର୍ଣ୍ଣ ବ୍ୟତୀତ ଦୁଇଥର ରୌପ୍ୟ ଓ ଥରେ ବ୍ରୋଞ୍ଜ ଜିତିଛନ୍ତି।

# ଟେଲରଙ୍କୁ ଚାପୁଡ଼ା ମାରିଥିଲେ ରାଜସ୍ଥାନ ମାଲିକ

**ନୂଆଦିଲ୍ଲୀ,୧୩।୮(ପିଟି):** ନ୍ୟୁଜିଲାଣ୍ଡର ରସ୍ ଟେଲରଙ୍କ ବହିକୁ ନେଇ ଗୋଟିଏ ପରେ ଗୋଟିଏ ନୂଆ ବିବାଦ ଦେଖିବାକୁ ମିଳୁଛି। ପ୍ରଥମେ ନ୍ୟୁଜିଲାଣ୍ଡ କ୍ରିକେଟରେ ବର୍ଣ୍ଣବୈଷମ୍ୟବାଦ ନେଇ ନିଜ ଆତ୍ମଜୀବନୀରେ ଉଲ୍ଲେଖ କରିଥିବାବେଳେ ବର୍ତ୍ତମାନ ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ୨୦୧୧ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବା ସମୟରେ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ବିପକ୍ଷରେ ‘୦’ରେ ଆଉଟ ହୋଇଥିଲେ। ଏହାପରେ ଫ୍ରାଞ୍ଚାଇଜ୍‌ର ଜଣେ ମାଲିକ ତାଙ୍କୁ ୩-୪ ଚାପୁଡ଼ା ମାରିଥିବା ସେ ନିଜ ବହିରେ ଲେଖିଛନ୍ତି। ଶୂନରେ ଆଉଟ ହେବା ପାଇଁ କ’ଣ କୋଟି କୋଟି ଟଙ୍କା ନେଉଛ ବୋଲି ମାଲିକ ଜଣଙ୍କ କହିଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। ମୋହାଲିରେ ଏହି ମ୍ୟାଚ୍ ହୋଇଥିବା ବେଳେ ଚାପୁଡ଼ା ଘଟଣାଟି ଏକ ବାର୍‌ରେ ଘଟିଥିଲା। ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ଶେନ୍ ୱାର୍ଣ୍ଣ ଓ ଲିଜ୍ ହର୍ଲି ମଧ୍ୟ ପାଖରେ ଉପସ୍ଥିତ ଥିଲେ। ଚାପୁଡ଼ାଟି ଆଘାତ ଦେଇ ନ ଥିଲେ ହେଁ ପ୍ରଫେସନାଲ ଖେଳରେ ଏମିତି ଘଟଣା ଘଟିବା ନିହାତି ଭାବରେ ଦୁର୍ଭାଗ୍ୟଜନକ ବୋଲି ସେ ନିଜ ବହିରେ ଲେଖିଛନ୍ତି।




# ନ୍ୟୁଜିଲାଣ୍ଡ ସିରିଜ ବିଜୟୀ

**କିଙ୍ଗ୍‌ଷ୍ଟନ୍,୧୩।୮(ପି.ଟି.)**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ସିରିଜ୍‌କୁ ଆଗୁଆ ଜିତିନେଇଛି ନ୍ୟୁଜିଲାଣ୍ଡ। ଗ୍ଲେନ୍ ଫିଲିପ୍ସଙ୍କ ଅର୍ଦ୍ଧଶତକ ଓ ଡାରିଲ ମିଚେଲଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୩ ମ୍ୟାଚ୍‌ବିଶିଷ୍ଟ ଦିନକିଆ ସିରିଜ୍‌କୁ ୨-୦ରେ ଆଗୁଆ ଜିତିନେଇଛି। ପଞ୍ଚମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ଫିଲିପ୍ସ ୪୦ ବଲରୁ ୭୬ ରନ୍ କରିଥିବା ବେଳେ ଡାରିଲ ମିଚେଲ ୨୦ ବଲରୁ ୪୮ ରନ୍ କରିଥିଲେ। ଏହାବ୍ୟତୀତ ଡେଭନ୍ କନୱେ ୪୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୧୫ ରନ୍ କରିଥିବା ବେଳେ ଘରୋଇ ଦଳ ମାତ୍ର ୧୨୫/୯ରେ ସୀମିତ ରହିଥିଲା।



୮୩ ରନର ପାର୍ଟନରଶିପ୍ ଅବସରରେ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ ଓ ଡେରିଲ ମିଚେଲ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ରେକର୍ଡ ୨୧୫ ରନ୍ କରିଥିଲା। ଭ୍ରମଣକାରୀ ଦଳଗୁଡ଼ିକ ମଧ୍ୟରେ ଏହା କାରିବିଆନ୍ ମାଟିରେ ସର୍ବାଧିକ ସ୍କୋର। ମାତ୍ର ୩୬ ରନ୍‌ରେ ମାର୍ଟିନ୍ ଗୁପ୍ଟିଲ(୨୦) ଓ କେନ୍ ୱିଲିୟମ୍‌ସନ୍ (୪)ଙ୍କ ଉଇକେଟ ହରାଇଥିଲା ଦଳ। ତେବେ ତୃତୀୟ ଉଇକେଟରେ କନ୍‌ୱେ(୪୨)ଙ୍କ ସହିତ ଫିଲିପ୍ସ ଯୋଡ଼ିଥିଲେ ୭୧ ରନ୍। କନ୍‌ୱେଙ୍କ ୩୪ ବଲର ଇନିଂସ୍‌ରେ ୨ ଚୌକା ଓ ୩ ଛକା ସାମିଲ ଥିଲା। ୪୧ ବଲରୁ ୭୬ ରନ୍ କରିଥିବା ଫିଲିପ୍ସଙ୍କ ଇନିଂସ୍‌ରେ ସାମିଲ ଥିଲା ୪ ଚୌକା ଓ ୬ ଛକା। ଶେଷଆଡ଼କୁ ଡାରିଲ ମିଚେଲ ୨୦ ବଲରୁ ଦ୍ରୁତ ୪୮ ରନ୍ କରିବା ସହିତ ଦଳ ୨୦୦ ରନ୍ ପାର କରିଥିଲା। ଓବେଡ ମ୍ୟାକୟ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ରୋମାରିଓ ଶେଫର୍ଡ ଏବଂ ଓଡିନ୍ ସ୍ମିଥ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୧୬ ରନ୍ ଲକ୍ଷ୍ୟର ପିଛା କରୁଥିବା ୱେଷ୍ଟଇଣ୍ଡିଜ ମାତ୍ର ୧୨୫ ରନ୍‌ରେ ସୀମିତ ରହିବା ସହିତ ୯୦ ରନ୍‌ରେ ପରାଜିତ ହୋଇଥିଲା। ୧୧ ନମ୍ବରରେ ବ୍ୟାଟିଂ କରୁଥିବା ଓବେଡ ସର୍ବାଧିକ ୨୩ ରନ୍ କରିବାରୁ ଦଳ ୧୦୦ ରନ୍ ପାର୍ କରିଥିଲା। ୪୦ ରନ୍‌ରେ ୬ ଉଇକେଟ ହରାଇଥିବା ବେଳେ ରୋଭ୍‌ମାନ ପାୱେଲ(୨୧) ଓ ରୋମାରିଓ ଶେଫର୍ଡ (୧୮)ଙ୍କ ମଧ୍ୟରେ ୩୫ ରନ୍‌ର ଭାଗୀଦାରି ହୋଇଥିଲା। ମିଚେଲ ସାଣ୍ଟନର ଓ ମାଇକେଲ ବ୍ରେସୱେଲଙ୍କୁ ୩ଟି ଲେଖାଏ ଉଇକେଟ ସଫଳତା ମିଳିଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ହର୍ ଘର୍ ତ୍ରିରଙ୍ଗା ଅଭିଯାନ**

ଜଟଣୀ,(ଡି.ଏନ୍.ଏ.): ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜଟଣୀ ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ ୱାର୍ଡ ଅଫିସର ଏବଂ ଏସ୍‌ଡିଏର ସଦସ୍ୟଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଇଛି। ପୌରାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ବିନା ମୂଲ୍ୟରେ ପତାକା ପ୍ରଦାନ କରାଯିବ। ଲୋକଙ୍କୁ ବିନା ମୂଲ୍ୟରେ ୱାର୍ଡ ଅଫିସର ପତାକା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା।

**ସଂକ୍ଷେପରେ**

## ଅକ୍ଷୟ ରଣସିଂହ ଏମ୍‌ପିଙ୍କ ପ୍ରତିନିଧି



ବାଲୁଗାଁ, ୧୩।୮ (ଡି.ଏନ୍.ଏ.): ବାଲୁଗାଁ ଏନ୍‌ଏସିର ବିଜେଡି ଏମ୍‌ପିଙ୍କ ପ୍ରତିନିଧି ଭାବେ ଅକ୍ଷୟ ରଣସିଂହଙ୍କୁ ନିଯୁକ୍ତ ଦିଆଯାଇଛି। ଏମ୍‌ପି ପିନାକୀ ମିଶ୍ରଙ୍କ ଚିଠି ନଂ.ଏମ୍‌ପି/ପିୟୁ/ଏ-୨୨୭ ତା,୩୦.୦୭.୨୦୨୨ରିଖ କ୍ରମେ ଏହି ନିଯୁକ୍ତିପତ୍ର ବିଧିବଦ୍ଧ ଭାବେ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାୟିତ୍ୱ ଗ୍ରହଣ ପରେ ଏମ୍‌ପିଙ୍କ ନିର୍ଦ୍ଦେଶ ମୁତାବକ ବାଲୁଗାଁ ଏନ୍‌ଏସି ଅଧୀନ ଅଞ୍ଚଳରେ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁଭାବେ ପାଳନ କରିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମିଶ୍ରଙ୍କୁ ଅବଗତ କରାଇବେ ବୋଲି ରଣସିଂହ କହିଛନ୍ତି। ଏମ୍‌ପିଙ୍କୁ କୃତଜ୍ଞତା ଜଣାଇବା ସହ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି।

## ୧୨ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

ବୋଲଗଡ଼,୧୩।୮(ଡି.ଏନ୍.ଏ.): ବୋଲଗଡ଼ ସରକାରୀ ଧନ୍ଦାମୂଳକ କଲେଜର ଚଳିତବର୍ଷ ଶତ ପ୍ରତିଶତ ପାସ୍‌ହାର ରହିଛି। ପ୍ରାଣୀ ବିଜ୍ଞାନରେ ୯ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ କମ୍ପ୍ୟୁଟର ବିଜ୍ଞାନରେ ୩ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। କଲେଜ ଅଧକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପ୍ରଫେସର ଲକ୍ଷ୍ମୀକାନ୍ତ ପଟ୍ଟନାୟକ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରିଶ୍ରମ ଦ୍ୱାରା ଭାଗ୍ୟ ପରିବର୍ତ୍ତନ ହୋଇପାରେ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି।

## ପିଲାଙ୍କୁ ପୋଷାକ ବଣ୍ଟନ

ଖୋର୍ଦ୍ଧା ଅଫିସ,୧୩।୮: ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁରାଡ଼ମଲ୍ଲ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧ୍ରୁବଚରଣ ରଣା, ୱାର୍ଡମେମ୍ବର ରବୀନ୍ଦ୍ର କୁମାର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ରାଉତରାୟ, ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ପାଇକରାୟ, ଉପସଭାପତି ସୁଜାତା ମହାରଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାଙ୍କୁ ପୋଷାକ ବଣ୍ଟନ କରିଥିଲେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୭ ବିଦ୍ୟାର୍ଥୀଙ୍କୁ ଦୁଇହଳ ଲେଖାଏ ପୋଷାକ, ହଳେ ଲେଖାଏ ଜୋତା ଏବଂ ଦୁଇହଳ ଲେଖାଏ ମୋଜା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ବିଶ୍ୱାଳ, ସହକାରୀ ଶିକ୍ଷକ ପ୍ରସନ୍ନ ମହାପାତ୍ର ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସହରରେ ବୁଲିଲା ତ୍ରିରଙ୍ଗା ଶୋଭାଯାତ୍ରା

ଖୋର୍ଦ୍ଧା ଅଫିସ,୧୩।୮: ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ଆନୁକୂଲ୍ୟରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି କ୍ୟାଡେଟ୍, ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଜାତୀୟ ପତାକା ଧରି କ୍ୟାମ୍ପସରୁ ବାହାରି ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରି ଦେଶପ୍ରେମର ବାର୍ତ୍ତା ଦେଇଥିଲେ। ପ୍ରଧାନ ଶିକ୍ଷକ ଏସ୍. ଗୋହର ଅଲ୍ଲୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏନ୍‌ସିସି ଶିକ୍ଷକ ବିଭୁ ପ୍ରସାଦ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅଞ୍ଜନ କୁମାର ରାୟ, ରଜନୀକାନ୍ତ ଦାସ, ବିଭୁପ୍ରସାଦ ପଣ୍ଡା, ଚିନ୍ମୟ ମାର୍ଥା, ଚନ୍ଦ୍ରକାନ୍ତ ଦାଶ, ଶ୍ରୀରାମ ଭୂୟାଁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ସବିତା ଦାସ, ପୁଷ୍ପଲତା ପାତ୍ର, ନିବେଦିତା ଛୁଆଳସିଂ, ଜ୍ୟୋତିର୍ମୟୀ ପଣ୍ଡା, ସୁଶୀଳ କୁମାର ରାଉତରାୟ, ଅଶୋକ ମଲ୍ଲିକ ଏବଂ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ରାସ୍ତା ବୁଡ଼ିଲା, ଘରେ ପଶିଲା ପାଣି

**ଖୋର୍ଦ୍ଧାରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ**
- ଦାବି ସତ୍ତ୍ୱେ ଗୁରୁତ୍ୱ ଦିଆଯାଉନି
- ବର୍ଷାଦିନ ପରେ ସମସ୍ୟାର ସମାଧାନ ହେବ: ଉପଜିଲାପାଳ

ଖୋର୍ଦ୍ଧା ଅଫିସ,୧୩।୮

ଖୋର୍ଦ୍ଧା ସହରର ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ବଢ଼ାଉଛି। ଅଧିକାଂଶ ଡ୍ରେନ୍ ପୋତି ହୋଇଥିବା ବେଳେ ଅନେକ ସ୍ଥାନରେ ଜବରଦଖଲରେ ରହିଛି। ଲଘୁଚାପଜନିତ ବର୍ଷା ଯୋଗୁ ନୟାଗଡ଼ ରାସ୍ତା, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ମୁକୁନ୍ଦପ୍ରସାଦ, ସାମନ୍ତରାପୁର, ସମବାୟ ଛକରୁ ପୌର କାର୍ଯ୍ୟାଳୟ ରାସ୍ତା, ମସ୍‌ଜିଦ୍ ସମ୍ମୁଖ, ଖ୍ରୀଷ୍ଟିଆନ ସାହି ଆଦି ଅଞ୍ଚଳରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମିବା ସହ ଏକାଧିକ ସ୍ଥାନରେ ଘରେ ପଶିଥିବା ଦେଖିବାକୁ ମିଳିଛି। ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ନୟାଗଡ଼ ଜାତୀୟ ରାଜପଥ ଚଣ୍ଡିଚୁଆ ଛକ ପୂର୍ବରୁ ଥିବା ଅଞ୍ଚଳରୁ ପାଣି ନିଷ୍କାସନ ହୋଇ ନ ପାରି ଘରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଛି। ଏହାଦ୍ୱାରା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଡ୍ରେନ୍ ନିର୍ମାଣ ଲାଗି ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ୱାର୍ଡ ନମ୍ବର ୬ର ସାମନ୍ତରାପୁର, ଗୋଡ଼ିପୋଖରୀ ରାସ୍ତା (ୱାର୍ଡ ନଂ.୨୦), ମୁକୁନ୍ଦପ୍ରସାଦ ଚାଚରା ଶବର ସାହି(ୱାର୍ଡ ନଂ.୧)ରେ ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଅଣାୟତ୍ତ ହୋଇପଡୁଛି। ଏଠାରେ ମଧ୍ୟ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି।

ସୂଚନାଯୋଗ୍ୟ, ଗୃହ ଓ ନଗର ଉନ୍ନୟନ ବିଭାଗ ମୌସୁମୀ ପ୍ରବେଶ ପୂର୍ବରୁ ସହରାଞ୍ଚଳରେ ବିପର୍ଯ୍ୟସ୍ତ ଡ୍ରେନ୍ ମରାମତି, ସଫେଇ ଏବଂ ମୁକୁଳା ପଡ଼ିଥିବା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ ସମସ୍ତ ଜିଲା ପ୍ରଶାସନକୁ ଚିଠି ଲେଖିଥିଲେ। ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଡ୍ରେନ୍ ସଫା ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ଟେଣ୍ଡର ପ୍ରକ୍ରିୟାରୁ ୱାର୍ଡମେମ୍ବରଙ୍କୁ ଦୂରେଇ ରଖାଯାଇଥିବା ନେଇ ଅଭିଯୋଗ ଆସିଥିଲା। ଏନେଇ ପୌରାଧକ୍ଷାଙ୍କ ସହିତ ଉପାଧ୍ୟକ୍ଷ ଏବଂ କେତେଜଣ ୱାର୍ଡମେମ୍ବର ମୁହାଁମୁହିଁ ହୋଇଥିଲେ। ସମସ୍ତ ୱାର୍ଡର ଡ୍ରେନ୍ ସଫା



ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ବେଳେ କେତେକ ମୁଖ୍ୟ ଡ୍ରେନ୍‌ରୁ ମାଟି ବାହାର କରାଯାଇଥିବା ବେଳେ ଅନେକ ଡ୍ରେନ୍ ସଫା କରାଯାଇନାହିଁ। ଏକାଧିକ ଡ୍ରେନ୍ ଜବରଦଖଲରେ ରହିଥିବାରୁ ତାହା ସମ୍ପୂର୍ଣ୍ଣ ଭାବେ ସଫା କରାଯାଇନାହିଁ। ବର୍ଷା ଯୋଗୁ ଉକ୍ତ ସ୍ଥାନରେ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମିବା ସହ ଘରେ ପଶୁଥିବା ଅଭିଯୋଗ ହେଉଛି। ୱାର୍ଡ ନମ୍ବର ୧୨ର ଦିବ୍ୟରଞ୍ଜନ ପ୍ରଧାନ କୁହନ୍ତି, ଅଗଷ୍ଟ ପହିଲାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଗଲାନାହିଁ। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ବାରମ୍ବାର ଅବଗତ କରାଯାଉଛି। ପ୍ରତିଶ୍ରୁତି ମିଳୁଛି, କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷରେ ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଆଇ. ଗୌରବ ଶିବାଜୀ କୁହନ୍ତି, ବର୍ଷାଦିନେ ସହରର ତଳି ଅଞ୍ଚଳରେ ପାଣି ଜମିବା ସମସ୍ୟାର ସମାଧାନ ଲାଗି ଗତ ଜୁନ୍ ୨୪ରେ ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇଛି। ୱାର୍ଡ ନଂ. ୧୨, ୬, ୨୦ ଏବଂ ୧ ରେ ରହିଥିବା ଅଞ୍ଚଳଗୁଡ଼ିକର ଡ୍ରେନ୍ ମରାମତି ପୂର୍ତ୍ତ ବିଭାଗ ଅଧୀନରେ ଆସୁଛି। ଏହାକୁ ତୁରନ୍ତ ମରାମତି ଲାଗି ଅନୁରୋଧ କରାଯାଇଥିଲା। ବର୍ଷାଦିନ ପରେ ଏହି ସମସ୍ୟାର ସମାଧାନ ଲାଗି ଗୁରୁତ୍ୱ ଦିଆଯିବ।

## ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୧୩।୮(ଡି.ଏନ୍.ଏ.)

ଟାଙ୍ଗୀ ଥାନା ପୋଲିସ ସୋରଣ ମାନସିଂହପୁର ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାନସିଂହପୁର ଡୋମଣି ତଳସାହି ଅଞ୍ଚଳର କୁନା ବେହେରା, ବାସୁଦେବ ବେହେରା, ମନୋଜ ବେହେରା, ନୋଧା ବେହେରା, ଗଣେଶ ବେହେରା, ଗୋବର୍ଦ୍ଧନ ବେହେରା ଓ ଜଗନ ବେହେରା। ଏମାନଙ୍କ ନିକଟରୁ ୨୧ ହଜାର ଟଙ୍କା ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ସୂଚନା ମୁତାବକ, ଉକ୍ତ ଗ୍ରାମରେ ଜୁଆଖେଳ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଶୁକ୍ରବାର ରାତିରେ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ କୁହୁଡ଼ି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା ପୋଲିସ ଫୋର୍ସ ସହ ପହଞ୍ଚି ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ବେଳେ ଅଭିଯୁକ୍ତମାନେ ପୋଲିସକୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୨୨/୨୨) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।





ବୋଲଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର ଅନୁଷ୍ଠିତ ସ୍ୱାଧୀନତାର ଗୌରବ ପଦଯାତ୍ରା।

# ସ୍କୁଲ ଗଲା ସଞ୍ଜୟ, ବାପାଙ୍କ ଚିକିତ୍ସା ଆରମ୍ଭ

**ଦାନା ମୁଠେ ପାଇଁ ୨ ଭାଇ ବାରଦୁଆର ଘଟଣା**
- ସହଯୋଗ କଲା ପ୍ରଶାସନ
- ମିଳିଲା ୫୦କେଜି ଚାଉଳ

ଖୋର୍ଦ୍ଧା ଅଫିସ,୧୩।୮

ବେଗୁନିଆ ବ୍ଲକ ଭୂଇଁପୁର ଗ୍ରାମର ମା'ଛେଉଣ୍ଡ ଦୁଇ ଶିଶୁ ଦାନା ମୁଠେ ପାଇଁ ବାରଦୁଆର ଶୀର୍ଷକ ଖବର ଗତ ୬ ତାରିଖ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହି ଖବର ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇଛନ୍ତି। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କୁହନ୍ତି, ଘଟଣାର ତଦନ୍ତ ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ସ୍ଥାନୀୟ ବିଡିଓ, ସରପଞ୍ଚଙ୍କ ସମେତ ଜିଲା ଶିକ୍ଷାଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁସାରେ ସ୍ଥାନୀୟ ବିଡିଓ, ସରପଞ୍ଚ ଏବଂ ଜିଲା ଶିଶୁ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫୦ କେଜି ଚାଉଳ ଦିଆଯାଇଛି। ଅନ୍ତ୍ୟୋଦୟ ଯୋଜନାରେ ମଧ୍ୟ ସାମିଲ କରାଯାଇଛି। ଏଣିକି ସଞ୍ଜୟ ପୁଣି ଥରେ ବିଦ୍ୟାଳୟ ଯାଉଥିବା ବେଳେ ତାଙ୍କ ବାପା ସୁଦର୍ଶନଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ସୂଚନାଥାଉ କି, ଭୂଇଁପୁର ଗ୍ରାମର ସୁଦର୍ଶନ ସ୍ୱାଇଁ। ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ସନ୍ତାନ ଥିଲେ। ତେବେ ସୁଦର୍ଶନ ମୂଲ ଲାଗି ପରିବାର ଚଳାଉଥିଲେ। ଏକ ଦୁର୍ଘଟଣାରେ ସୁଦର୍ଶନଙ୍କ ଅଣ୍ଟା ଭାଙ୍ଗିଯିବାରୁ ଆର୍ଥିକ ଅନଟନ ଯୋଗୁ ଚିକିତ୍ସାରୁ ବଞ୍ଚିତ ହେଲେ। ମାନସିକସ୍ତରରେ ଭାଙ୍ଗିପଡ଼ି ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ଫଳରେ ପରିବାର ଚଳିବା କଷ୍ଟକର ହୋଇପଡ଼ିଲା। ଶଯ୍ୟାଶାୟୀ ବାପା ଏବଂ ସାନଭାଇର ପାଠପଢ଼ା ଲାଗି ସଞ୍ଜୟ ୮ ବର୍ଷରେ ପଢ଼ା ଛାଡ଼ି ମୂଲ ଲାଗିଲେ। ଫଳରେ ସଞ୍ଜୟଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଗଲା। ଏପରି କି ଦୁଇଓଳି ଖାଇବା ଲାଗି ଦୁଇ ଭାଇ ମିଶି ଗାଁରେ ଭିକ୍ଷା ମାଗିବାକୁ ଲାଗିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭିନ୍ନ ସ୍ୱେଚ୍ଛାସେବୀ ଓ ପ୍ରଶାସନ ପହଞ୍ଚି ତାଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ସଞ୍ଜୟ ସ୍କୁଲ ଯିବା ଆରମ୍ଭ କରିଛି। ଭଲ ପାଠ ପଢ଼ିବା ସହ ସାନଭାଇକୁ ବଡ଼ ମଣିଷ କରିବି ବୋଲି ସଞ୍ଜୟ କହିଛନ୍ତି।

## ଟାଙ୍ଗୀ ମିଡିଆ ସଂଘ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ

ଟାଙ୍ଗୀ(ଖୋର୍ଦ୍ଧା),୧୩।୮(ଡି.ଏନ୍.ଏ.)

ଟାଙ୍ଗୀ ମିଡ଼ିଆ ସେବା ସଂଘ ଓ ନବ ଯୁଗ କ୍ଲବ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠର ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଗାଇଡ୍ ଏବଂ ଖୋର୍ଦ୍ଧା ଜିଲାର ଅଗ୍ରଣୀ ପାଇକ ଆଖଡା ସଙ୍ଗଠନ ମା' ମଙ୍ଗଳା ପାଇକ ଆଖଡା (ରତନପୁର ), ବୁଦ୍ଧିଜୀବୀ, ସାମାଜିକ କର୍ମୀ , ଯୁବଗୋଷ୍ଠୀ ସାମିଲ ହୋଇ ତ୍ରିରଙ୍ଗା ପଦଯାତ୍ରା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ଥାନା ନିରୀକ୍ଷକ ଦିଗବିଜୟ ବିଶ୍ୱାଳ, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ଟାଙ୍ଗୀ ସାମ୍ବାଦିକ ସଂଘର ସଭାପତି ରବୀନ୍ଦ୍ର କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ଟାଙ୍ଗୀ ମିଡିଆ ସେବା ସଂଘର ସମ୍ପାଦକ ସନ୍ତୋଷ ଚୌଧୁରୀ, କୋଷାଧ୍ୟକ୍ଷ କାହ୍ନୁ ଚରଣ ବେହେରା, ଉପଦେଷ୍ଟା ଭାଗୀରଥି ଛୋଟରାୟ, ନବ ଯୁଗ କ୍ଲବର କୋଷାଧ୍ୟକ୍ଷ ବିପିନ ପ୍ରଧାନ, ଟାଙ୍ଗୀ ଯୁବ ଗୋଷ୍ଠୀର ସଭାପତି ଗିରୀଶ ବେହେରା, ଯୁବ ସଙ୍ଗଠକ ନନ୍ଦ କିଶୋର ସ୍ୱାଇଁ, ସମର ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜାତୀୟ ପତାକାକୁ ଅସମ୍ମାନ କଲେ କାର୍ଯ୍ୟାନୁଷ୍ଠାନ

ବାଲୁଗାଁ/ନିରାକାରପୁର, ୧୩।୮(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଦେଶ ପାଳୁଛି ଆଜାଦୀ କା ଅମୃତ ମହୋତ୍ସବ। ଶନିବାରଠାରୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଜାତୀୟ ପତାକାକୁ ଯେପରି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଅସମ୍ମାନ ନ କରନ୍ତି ସେଥିପାଇଁ ପ୍ରଦତ୍ତ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ନିମନ୍ତେ ବାଲୁଗାଁ ଉପଖଣ୍ଡ ଅଧୀନ ସମସ୍ତ ଥାନାକୁ ଅବଗତ କରାଇଛନ୍ତି। କେହି ଯଦି ଜାତୀୟ ପତାକାକୁ ଓଲଟା ଲଗାଇବା, ଅର୍ଦ୍ଧନମିତ ରଖିବା, ରାସ୍ତାରେ ଏଣେତେଣେ ପକାଇବା, ଜାତୀୟ ପତାକାଠାରୁ ଅଧିକ ଉଚ୍ଚରେ ଅନ୍ୟ ପତାକା ଲଗାଇବା ଆଦି ତ୍ରୁଟି ପରିଲକ୍ଷିତ ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଆଇଆଇସି ରମାକାନ୍ତ ମହାଳିକଙ୍କ ଆବାହକତ୍ୱରେ ଏକ ସଚେତନାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପତାକାର ଅସମ୍ମାନ ଦୃଷ୍ଟିଗୋଚର ହେଲେ ସ୍ଥାନୀୟ ପୋଲିସ ଅଧିକାରୀ କିମ୍ବା ମୋବାଇଲ ନଂ.୯୦୭୮୯୩୪୯୩୪ରେ ଜଣାଇବା ପାଇଁ କୁହାଯାଇଛି। ସେହିପରି ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କୌଣସି ସ୍ଥାନରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ନଜରକୁ ଆସିଲେ ଥାନା ପକ୍ଷରୁ ଦିଆଯାଇଥିବା ମୋବାଇଲ ନଂ. ୭୦୦୮୪୯୩୭୭୦ ରେ ଯୋଗାଯୋଗ କରିବା ପାଇଁ ନିବେଦନ କରାଯାଇଛି। ଥାନା ଅଧିକାରୀଙ୍କ ସମେତ ତପନ କୁମାର ପ୍ରଧାନ, ବିନାୟକ ମନ୍ତ୍ରୀ, ସୁଶାନ୍ତ ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ପାଇକ ବିଦ୍ରୋହ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି

ଖୋର୍ଦ୍ଧା ଅଫିସ,୧୩।୮

ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟରେ ପାଇକ ବିଦ୍ରୋହର ସ୍ୱର ଓ ସ୍ୱାକ୍ଷର ଶୀର୍ଷକ ଆଲୋଚନାଚକ୍ର ସଂସଦ ସଭାପତି ତଥା ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଗବେଷକ ସତ୍ୟବାଦୀ ବଳିୟାରସିଂହ, ସାମାଜିକ କର୍ମୀ ରାମଶଙ୍କର, ଆରତି ମଞ୍ଜରୀ ଦାଶ, ଡ. କୈଳାସ ଚନ୍ଦ୍ର ମହାରଣା ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପୂର୍ବତନ କୁଳପତି ତଥା ଗ୍ରନ୍ଥକାର ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କୁ ସାହିତ୍ୟ ସାଧନା ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ବୃନ୍ଦାବନ ପଣ୍ଡା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡା. ଯୋଗେଶ ଚନ୍ଦ୍ର ରଥ, ଇତିଶ୍ରୀ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ବଂଶୀଧର ଦାସ, ବାସୁଦେବ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସଂସଦ ସଭାପତି ଦାସ ସନ୍ଦର୍ଭ ପାଠ ଅବସରରେ କହିଥିଲେ, ଭାରତର ପ୍ରଥମ ଗଣବିପ୍ଲବ ପାଇକ ବିଦ୍ରୋହ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ବିପ୍ର ମଧୁସୂଦନଙ୍କ ବିରଚିତ 'ଫିରିଙ୍ଗି କଳି ଭାରତ' ଐତିହାସିକ କାବ୍ୟ, ପଣ୍ଡିତ ଗୋଦାବରୀଶଙ୍କ 'ନିଅ ମୋର ମୁଣ୍ଡବଳି' 'ରଞ୍ଜିତ ଅସି ଧାରେ ଶତ୍ରୁ ଶୋଣିତ ଗାରେ', ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ', ପଦ୍ମଚରଣ ପଟ୍ଟନାୟକଙ୍କ ଖୋରଧା ପ୍ରଥମ ଦର୍ଶନେ', ଉମ୍ବରୁଧର ପରିଡାଙ୍କ 'ଗୌରବ ଶଶ୍ମାନ', ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ 'ପାଇକ ମାଟିର ଗାଥା', ସତ୍ୟାନନ୍ଦ ଚମ୍ପତିରାୟଙ୍କ 'କାଞ୍ଚିଆଗଡ଼ର ସେକାଳ କଥା', ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ 'ଖୋରଧା ଗଡ଼', ଡ. ଗୋପାଳ ଚନ୍ଦ୍ର ମିଶ୍ରଙ୍କ 'କୃତ୍ତିବାସ ପାଟ୍ଟଶାଣୀ', ରବି ସିଂହ ଆଦି କବିଙ୍କର ବହୁ କବିତାରେ ପାଇକଙ୍କ ବୀରତ୍ୱ, ବଳିଦାନ ଓ ସଂଗ୍ରାମ ସମ୍ପର୍କରେ ରଚନା କରି ଓଡ଼ିଆ ସାହିତ୍ୟକୁ ବୁଦ୍ଧିମନ୍ତ କରିଛନ୍ତି। ରଙ୍ଗମଞ୍ଚରେ ପ୍ରଦର୍ଶିତ ନାଟକ ମଧ୍ୟରେ ମନୋରଞ୍ଜନ ଦାସଙ୍କ ବକ୍ସି ଜଗବନ୍ଧୁ (୧୯୪୯), ପର୍ଶୁରାମ ହରିଚନ୍ଦନଙ୍କ ବିପ୍ଳବୀ କୃତ୍ତିଦାସ (୧୯୫୩), ଗୋପାଳ ଛୋଟରାୟଙ୍କ ଦଳବେହେରା (୧୯୬୬), ଡ. ଅମୂଲ୍ୟ କୃଷ୍ଣ ମିଶ୍ରଙ୍କ ଜୟୀ ରାଜଗୁରୁ (୧୯୭୮), ଗୋପାଳକୃଷ୍ଣ ଦାସଙ୍କ ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ର(୧୯୯୦), ବଂଶୀଧର ରାଉତଙ୍କ ଲକ୍ଷ୍ମଣରେଖା (୧୯୯୮), ବିଶ୍ୱଭୂଷଣ ହରିଚନ୍ଦନଙ୍କ ମହାସଂଗ୍ରାମର ମହାନାୟକ (୨୦୧୭) ଆଦି ଦର୍ଶକମାନଙ୍କ ଦ୍ୱାରା ଆଦୃତ ଲାଭ କରିଛି। ସଫଳ ଉପନ୍ୟାସ ଭାବେ ଗୋଦାବରୀଶ ମିଶ୍ରଙ୍କ ୧୮୧୭, ଚକ୍ରଧର ମହାପାତ୍ରଙ୍କ ରୋଡଙ୍ଗ ବକ୍ସି, ଶକ୍ତିକାନ୍ତ ମିଶ୍ରଙ୍କ 'ବକ୍ସି'ର ବିଷୟ ବିନ୍ୟାସ, ଭାଷା ଭାବଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର, ଗଳ୍ପ ମଧ୍ୟରେ ଗୋପାଳକୃଷ୍ଣ ଦାସଙ୍କ ଅଶ୍ରୁ ନୁହେଁ ବୈଶ୍ୱାନର (୧୯୭୫), ଡ. ପଦ୍ମଜ ପାଳଙ୍କ ପାତାଳ ସିଂହଙ୍କ କ୍ରୋଧ (୧୯୯୨) ପାଇକ ବିଦ୍ରୋହର ଘନଘଟା, ରଣୋନ୍ମାଦ ବୀରମାନଙ୍କ ବଳିଦାନ ଓ ଦେଶପ୍ରେମ ରୂପାୟିତ। ଏ ସମ୍ପର୍କରେ ବହୁ ପ୍ରାବନ୍ଧିକ ଓ ଗବେଷକ ଶତାଧିକ ଉଚ୍ଚକୋଟୀର ପ୍ରବନ୍ଧ ରଚନା କରିଛନ୍ତି ବୋଲି ଅତିଥିମାନେ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଏକାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## ରାସ୍ତାରେ ଖାଲଖମା, ବଢୁଛି ଦୁର୍ଘଟଣା



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

ଯାଁଳା,୧୩।୮(ଡି.ଏନ୍.ଏ.)

୧୬ ନମ୍ବର ଜାତୀୟ ରାଜପଥର ଭୁଆଶୁଣି ମନ୍ଦିର ନିକଟରୁ ତଳଖେତା ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଏହି ଛକଟି ଏବେ ସଂକୀର୍ଣ୍ଣ ହୋଇଯାଇଛି। ଏହି ଛକ ଜଟଣୀରୁ ଭୁବନେଶ୍ୱର ଯାତାୟାତର ମୁଖ୍ୟ ବାଟ। ଗୌଡ଼ କାଶୀପୁର, ଅରିଶଳ, ହରିପୁର, ଗଙ୍ଗପଡ଼ା, ଛତାବର ଆଦି ଆଖପାଖ ଗ୍ରାମର ଲୋକମାନେ ଏହି ଛକ ଦେଇ ଯାତାୟାତ କରିଥାନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଖୋଳାଯାଇ ପଡ଼ିଥିଲେ ମଧ୍ୟ ତାହା ଉଠାଯାଉନାହିଁ। ଏହି ଅଣଓସାରିଆ ରାସ୍ତାରେ ଖାଲ ଯୋଗୁ ବହୁ ଲୋକ ବାଇକ୍‌ରୁ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳିଛି। ସ୍ଥାନେ ସ୍ଥାନେ ମୁକୁଳା ଡ୍ରେନ୍ ଯୋଗୁ ବାଇକ୍ ଚାଳକମାନେ ହଇରାଣ ହେଉଛନ୍ତି। ପ୍ରତ୍ୟେକ ଦିନ ଦୁଇରୁ ତିନୋଟି ଚୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତୁରନ୍ତ କାର୍ଯ୍ୟ ସାରିବାକୁ ସାଧାରଣରେ ଦାବି ହେଉଛି।



ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଶନିବାର ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା।



ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଏନ୍‌ସିସି ଉଇଙ୍ଗ୍ ପକ୍ଷରୁ ଶନିବାର ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଥିବା ଏନ୍‌ସିସି କ୍ୟାଡେଟ୍, ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟମାନେ।



ଜଟଣୀ: ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଅବସରରେ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ପିଲାମାନେ ଶନିବାର ତ୍ରିରଙ୍ଗା ଧରି ସହର ପରିକ୍ରମା କରୁଛନ୍ତି।




୧୩।୮।୨୦୨୨

| | |
|---|---|
| ୪,୪୨,୫୮୪ ଟଙ୍କା | |
| ସୁନା | ୩୩୦ ମିଲିଗ୍ରାମ |
| ରୁପା | ୩୧.୯୫୦ ଗ୍ରାମ |

## ସଂକ୍ଷେପରେ

### ବଟି ମାଗି ୬ ଗିରଫ

ପୁରୀ ଅଫିସ,୧୩।୮ - ବଟି ଆଦାୟ କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ରାକେଶ ନାୟକ, ଶ୍ରୀଧର ନାୟକ ଏବଂ ଖଗେଶ୍ୱର ନାୟକ ଏବଂ ମଙ୍ଗଳାଘାଟ ଧୋବାସାହିର ଦୀପକ ସେଠୀ। ଗିରଫ ୪ ଅଭିଯୁକ୍ତ ମଧ୍ୟରେ ୩ଜଣ ୩ ଭାଇ ବୋଲି ସୂଚନା ମିଳିଛି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ନଗଦ ୪୦୦ ଟଙ୍କା ଏବଂ ଗୋଟିଏ ଲାଠି ଜବତ କରିଛି। ଏ ନେଇ ପୋଲିସ ନଂ. ୧୭୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଶାଣିଚଣ୍ଡୀ ଛକ ଅଞ୍ଚଳରେ ବିଭିନ୍ନ ଦୋକାନୀ ଏବଂ ପର୍ଯ୍ୟଟକଙ୍କଠାରୁ ମାରଣାସ୍ତ୍ର ଦେଖାଇ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି କୁମ୍ଭାରପଡା ଥାନା ପୋଲିସ ବଟି ଆଦାୟ କରୁଥିବା ଦୁଇ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ସେହି ଥାନା ବଡଶଙ୍ଖ ବାଘ ଆଖଡା ଲେନ୍‌ର ମିଥୁନ୍ ଘୋଷ ଏବଂ ସଦରଥାନା ଅନ୍ତର୍ଗତ କଣ୍ଡପୁର ଅଞ୍ଚଳର ରାକେଶ ବିଶ୍ୱାଳ। ପୋଲିସ ଏ ନେଇ କେସ ନଂ.୨୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ଦୁଇଜଣ ବସଷ୍ଟାଣ୍ଡଠାରେ ସ୍ଥାନୀୟ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନାବାଳିକାଙ୍କୁ ଅପହରଣ ସନ୍ଦେହ

ନିମାପଡ଼ା,୧୩।୮(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ କେହି ଅପହରଣ କରିଥିବା ସନ୍ଦେହ କରାଯାଉଛି। ନାବାଳିକା ଜଣଙ୍କ ଶୁକ୍ରବାର ସେହି ଅଞ୍ଚଳର ଏକ ଟେଲରିଂ ଦୋକାନକୁ କାମ ଶିଖିବାକୁ ଯାଇ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜାଖୋଜି କରିଥିଲେ ମଧ ନାବାଳିକାଙ୍କ ସନ୍ଧାନ ପାଇ ନ ଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପହରଣ ଦଫା ୩୬୩ରେ ଏକ ମାମଲା(ନଂ. ୨୭୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଶନିବାର ରାତି ସୁଦ୍ଧା ନାବାଳିକାଙ୍କ ସନ୍ଧାନ ପୋଲିସକୁ ମିଳି ପାରିନାହିଁ।

# ଭଡ଼ାରେ ଲାଗୁଛି ଶରଧାବାଲି

- ବସ୍ ପାର୍କିଂ, ମେଳା କରି ଟଙ୍କା ଆଦାୟ କରୁଛି ମ୍ୟୁନିସିପାଲିଟି
- ସୌନ୍ଦର୍ଯ୍ୟକରଣ, ସଂରକ୍ଷଣ ଉପରେ ଧ୍ୟାନ ଦେଉନି ପ୍ରଶାସନ

ପୁରୀ ଅଫିସ,୧୩।୮:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଆସିଲେ, ମନକୁ ଚାଲି ଆସେ ଶରଧାବାଲି। ଶ୍ରୀମନ୍ଦିର, ମହୋଦଧି ଓ ତୀର୍ଥ ପୁଷ୍କରିଣୀ ଭଳି ଶ୍ରୀଜଗନ୍ନାଥ ପରମ୍ପରାରେ ଶରଧାବାଲିର ମହତ୍ତ୍ୱ ଓ ପ୍ରସିଦ୍ଧି ମଧ୍ୟ ସର୍ବଦା ସ୍ୱତନ୍ତ୍ର। ହେଲେ ପୁରୀ ଶରଧାବାଲି ଏବେ ସମ୍ପୂର୍ଣ୍ଣ ରୂପେ ସଙ୍କୁଚିତ ହୋଇଯାଇଛି। ସେଠାରେ ବସ୍, ଟ୍ରକ୍ ଭଡ଼ାରେ ପାର୍କିଂ କରୁଥିବାରୁ ଜାଗାଟି ଏକ ଛୋଟିଆ ବର୍ଗାକାର କ୍ଷେତ୍ର ମଧ୍ୟରେ ସୀମିତ ହୋଇରହିଛି। ଫଳରେ ଶୌଚାଳୟଠାରୁ ଆରମ୍ଭ କରି ହୋଟେଲର ଆବର୍ଜନା ପାଣି ପର୍ଯ୍ୟନ୍ତ ସବୁ ପ୍ରକାରର ବର୍ଜ୍ୟବସ୍ତୁ ଶରଧାବାଲିରେ ପଡୁଛି। କେବଳ ରଥଯାତ୍ରା ଆସିଲେ ପ୍ରଶାସନ ଏହାକୁ ସାମାନ୍ୟ ସଫା କରି ପୁଣିଥରେ ତିନି ରଥ ପାଇଁ ପ୍ରସ୍ତୁତ ରଖୁଛି। ଶରଧାବାଲିକୁ ମୁଣ୍ଡରେ ମାରିବା ପାଇଁ ଭକ୍ତ କୋଷ କୋଷ ଦୂରରୁ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚୁଥିଲେ ମଧ୍ୟ ଏହାର ଏକ ବଡ଼ ଅଂଶ ଏବେ ବଡ଼ ଯାନବାହନର ପାର୍କିଂରେ ପରିଣତ ହୋଇଛି। ତାହାର ପବିତ୍ରତା ରକ୍ଷା କରିବା ଦିଗରେ ପ୍ରଶାସନ ମଧ୍ୟ ଧ୍ୟାନ ଦେଉ ନାହିଁ।

ସାହିତ୍ୟିକ ବଦ୍ରି ମିଶ୍ର କହିଛନ୍ତି, ଶରଧାବାଲି ଭାର୍ଗବୀ ନଦୀର ଶାଖା ନଦୀ ମାଳିନୀ ନଦୀକୁ ରାଜା ଭାନୁଦେବଙ୍କ ସ୍ତ୍ରୀ ଶ୍ରଦ୍ଧାଙ୍କ ଉଦ୍ୟମରେ ପୋତାଯାଇ ଶ୍ରୀମନ୍ଦିରରୁ ଗୁଣ୍ଡିଚାଘର ଯାଏଁ ହୋଇଥିଲା। ବଡ଼ଦାଣ୍ଡ ଓ ରାଣୀଙ୍କ ନାମାନୁସାରେ ଏହି ସ୍ଥାନର ନାମ ହୋଇଥିଲା ଶରଧାବାଲି। ମାତ୍ର ବ୍ରିଟିଶ ଶାସନଠାରୁ ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଶରଧାବାଲି ସୁରକ୍ଷା ଓ ପ୍ରତିଷ୍ଠା ମର୍ଯ୍ୟାଦା ଦେବା ଦିଗରେ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି। ସହରର ବିକାଶ ପାଇଁ ୨୦୦୨ରେ ବଡ଼ଦାଣ୍ଡ ଜାତୀୟ ରାଜପଥ ଭାବେ ଘୋଷଣା ହେଲା। ନିଷ୍ପତ୍ତି ଅନୁଯାୟୀ ଶରଧାବାଲିରେ ପିଚୁ ଆସ୍ତରଣ ପଡ଼ିଲା। ସେ ସମୟରେ ପୁରୀ ଏମ୍‌ପି ତଥା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉଦ୍ୟମରେ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସଂଲଗ୍ନ ଏକ ଛୋଟ ଅଞ୍ଚଳରେ ଶରଧାବାଲି ବଞ୍ଚି ରହିଲା। ଲୁହା ବ୍ୟାରିକେଡ୍ ମଧ୍ୟରେ ଫଳକ ମରାଗଲା, ପବିତ୍ର ଶରଧାବାଲି, ଶ୍ରୀମନ୍ଦିର ପ୍ରଶାସନ। ହେଲେ ଏହାପରଠାରୁ ଶରଧାବାଲିର ବିକାଶ ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେଇ ନାହିଁ। ଓଲଟା କ୍ରମଶଃ ଏହା ଜବରଦଖଲ ହୋଇଆସିଛି। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଶରଧାବାଲିର ମାହାତ୍ମ୍ୟକୁ ଅନୁଭବ କରିପାରୁ ନାହାନ୍ତି। ଶରଧାବାଲି ଭଳି ଏକ ଐତିହ୍ୟକୁ କିଛିବର୍ଷ ହେବ ପୌରସଂସ୍ଥା ଭଡ଼ାରେ ଲଗାଉଛି। ଦିନକୁ ୧୦ ହଜାର ଟଙ୍କାରେ ଶରଧାବାଲିରେ ପୁସ୍ତକ ମେଳା ଓ କୁମାର ଉତ୍ସବ ଭଳି ବିଭିନ୍ନ କାର୍ଯ୍ୟକ୍ରମ, ଗାଡ଼ି ପାର୍କିଂ କରି ଭଡ଼ାରେ ଲାଗୁଛି। ଶରଧାବାଲି ମାଲିକାନା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଥିବାବେଳେ ମ୍ୟୁନିସିପାଲିଟି ଏହାକୁ ଭଡ଼ାରେ ଲଗାଇ ଟଙ୍କା ଆଦାୟ କରିବାରେ ବ୍ୟସ୍ତ। ଶ୍ରୀମନ୍ଦିର ପ୍ରଶାସନ ହୁଣ୍ଡିକୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ଶରଧାବାଲିର ବିକାଶ ପାଇଁ ପ୍ରଶାସନ କାହିଁକି ତତ୍ପରତା ଦେଖାଉନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

ଶରଧାବାଲିକୁ ଜବରଦଖଲ ମୁକ୍ତ କରି ଏହାର ଆଗ ସାମ୍ନାରୁ ଉଠା ଦୋକାନୀଙ୍କୁ ଉଠାଇ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରି ଶରଧାବାଲିର ଗୌରବ ଫେରାଇ ଅଣାଯାଉ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ପୁରୀ ସହରର ଏହି ଐତିହ୍ୟକୁ ସୁରକ୍ଷା ନ ଯୋଗାଇଲେ ଶରଧାବାଲି ଦିନେ ମାନସପଟରୁ ହଜିଯିବ ବୋଲି ସେ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି, ଶରଧାବାଲିରେ ମେଳା, ଉତ୍ସବ ହେଲେ ସାନିଟେଶନ୍ ଫି ଆଦାୟ ହେଉଛି। ଶରଧାବାଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବାବେଳେ ମ୍ୟୁନିସିପାଲିଟି ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ଏହି ଐତିହ୍ୟର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ଶ୍ରୀମନ୍ଦିରର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ରଥଯାତ୍ରା ପାଇଁ ଶରଧାବାଲି ବ୍ୟାରିକେଡ ଖୋଲାଯାଇଥିଲା। ପୁନଶ୍ଚ ପ୍ରଶାସନ ପକ୍ଷରୁ ଏହା ବ୍ୟାରିକେଡିଂ କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଖୁବ୍‌ଶୀଘ୍ର ଲୁହା ବ୍ୟାରିକେଡ୍ କରାଯିବ। ଅନ୍ୟପଟେ ଏହା ଏକ ହେରିଟେଜ ହୋଇଥିବା ହେତୁ ଏହାକୁ ଭଡ଼ା ଲଗାଇବା ଉଚିତ ନୁହେଁ। ମାତ୍ର ପୁରୀ ପୌର ସଂସ୍ଥା ସହ ଏ ନେଇ ଆଲୋଚନା କରାଯିବ। ପୌରସଂସ୍ଥା ବିକାଶ କାର୍ଯ୍ୟ କରିବାକୁ ଚାହିଁଲେ, ସବୁ ପ୍ରକାର ସହଯୋଗ କରାଯିବ।



ପୁରୀ ଶରଧାବାଲିରେ ବସ୍, ଟ୍ରକ୍ ପାର୍କିଂ କରାଯାଇଛି ।

## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

କଣାସ,୧୩।୮(ସ୍ୱ.ପ୍ର):

ଲଘୁଚାପଜନିତ ଲଗାଣବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଲୋକେ ଘରୁ ବାହାରିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି। ବିଶେଷତଃ ମୂଲ, ମଜୁରି ଲାଗି ସଂସାର ପ୍ରତିପୋଷଣ କରୁଥିବା ଲୋକଙ୍କ ଉପରେ ଲଗାଣବର୍ଷା ଏକ ପ୍ରକାର ଦାଉ ସାଧୁଛି। ଗତ ୫ଦିନ ଧରି ବର୍ଷା ଲାଗି ରହିଥିଲେ ମଧ୍ୟ ବେଳେବେଳେ ଦୁହାକୁ ଦୁହା ବର୍ଷା ଯୋଗୁଁ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାଘାଟରେ ଜଳ ଜମି ରହିବା ଫଳରେ ରାସ୍ତାର ପ୍ରକୃତ ସ୍ଥିତି ଆକଳନ କରି ହେଉନାହିଁ। ବିଦ୍ୟାଳୟ ଯିବାକୁ ପିଲାମାନେ ଅସୁବିଧା ଭୋଗୁଛନ୍ତି। କେତେକ ସ୍ଥାନରେ କଚାଘରର କାନ୍ଥ ଭୁଶୁଡି ପଡିଥିବା ଖବର ମିଳୁଥିବାବେଳେ ଜରିପାଲ ତଳେ ଆଶ୍ରୟ ନେଇଥିବା ପରିବାର ଲୋକଙ୍କ ଅବସ୍ଥା ନ କହିବା ଭଲ। ବର୍ଷା ଯୋଗୁଁ ବଜାରରେ କୁଣ୍ଡା କିମ୍ବା ଗୋଖାଦ୍ୟ ଉପଲବ୍ଧ ହେଉ ନ ଥିବାରୁ ଗୋରୁମାନେ ଗୁହାଳରେ ୫ଦିନ ହେଲା ବନ୍ଧାହୋଇ ରହିଛନ୍ତି। ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ହୀରାକୁଦ ଜଳଭଣ୍ଡାରରୁ ଜଳ ଛଡା ହେବାରୁ କଣାସ ବ୍ଲକରେ ପ୍ରବାହିତ ଦୟା, ରାଜୁଆ, ମକରା, କାଣିଆ, ଲୁଣାନଦୀ ଜଳପତନ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ବଡଧରଣର ବନ୍ୟା ହେବାର ଆଶଙ୍କା ଦେଖାଦେଇଛି।




ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଡେଲାଙ୍ଗ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଶନିବାର ସ୍ୱାଧୀନତାର ଗୌରବ ଯାତ୍ରା ବାହାରିଛି ।

## ଚଢ଼ାଉ ଭୟରେ ଔଷଧ ଦୋକାନ ବନ୍ଦ

**ରୋଗୀଙ୍କୁ ମିଳିଲାନି ଜରୁରୀ ଔଷଧ**

ଗୋପ,୧୩।୮(ଡି.ଏନ୍.ଏ.)

ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଶନିବାର ଅପରାହ୍ନରେ ଗୋପ ଅଞ୍ଚଳକୁ ଆସିବାର ସୂଚନା ମିଳିବା ପରେ ଗୋପ ଡାକ୍ତରଖାନା ସମ୍ମୁଖରେ ଥିବା ଅଧିକାଂଶ ଔଷଧ ଦୋକାନ ଚଢ଼ାଉ ଭୟରେ ବନ୍ଦ କରିଦେଇଥିଲେ। ଫଳରେ ଡାକ୍ତରଖାନାରେ ଚିକିତ୍ସିତ ଓ ଚିକିତ୍ସା ପାଇଁ ଆସିବା ପରେ ଡାକ୍ତର ଲେଖିଥିବା କେତେକ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କୁ କିଛି ଘଣ୍ଟା ପାଇଁ ଜରୁରୀ ଔଷଧ ମିଳି ନ ଥିଲା। ପରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁଙ୍କ ସହିତ ଏକ ୩ ଜଣିଆ ଟିମ୍ ଗୋପ ବଜାରରେ ଥିବା ୩ଟି ଔଷଧ ଦୋକାନରେ ପହଞ୍ଚି କେତେକ ଆବଶ୍ୟକ କାଗଜପତ୍ର ଯାଞ୍ଚ କରି ୩ଟି ଔଷଧ ସାମ୍ପୁଲ ନେଇ ଫେରିଥିଲେ। ପ୍ରକାଶ ଯେ, ଗୋପ ବଜାର ସହିତ ଗୋପ ନିକଟସ୍ଥ ନାଗପୁର, ନୟାହାଟ, ବେଗୁନିଆ, ପଲ୍ଲିଛକ, କୋଣାର୍କ, ସୁବର୍ଣ୍ଣପୁର, ମଦରଙ୍ଗ, ଝାଉଁଳିପୋଖରୀ ବଜାର ସହିତ କେତେକ ସ୍ଥାନରେ ଔଷଧ ଦୋକାନ ଖୋଲାଯାଇଛି। ଏହି ଦୋକାନୀମାନେ ନକଲି ଔଷଧ ବିକ୍ରି କରୁଥିବାବେଳେ ଅନ୍ୟ କେତେକ ଦୋକାନୀ ବିନା କାଗଜପତ୍ରରେ ବିଭିନ୍ନ ଟେଷ୍ଟ ନ କରି ସିଧାସଳଖ ଲୋକଙ୍କୁ ଔଷଧ ଦେଇ ଠକୁଛନ୍ତି। ଏହାଦ୍ୱାରା ରୋଗୀ ବିଭିନ୍ନ ରୋଗର ସମ୍ମୁଖୀନ ହେଉଥିବାର ଅଭିଯୋଗ ମଧ୍ୟ ରହିଛି। ଏ ନେଇ ଜିଲା ଓ ରାଜ୍ୟ ଡ୍ରଗ୍ସ ବିଭାଗ ଅଧିକାରୀମାନେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁଙ୍କ ମୋବାଇଲ ନମ୍ବର ୯୪୩୮୫୦୭୪୪୪କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## 'ସ୍ୱାଧୀନତାର ମଣିଷ ହେଉଛି ଶୃଙ୍ଖଳିତ ମଣିଷ'

**କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବଯାତ୍ରା**

ଡେଲାଙ୍ଗ/ସାକ୍ଷୀଗୋପାଳ, ୧୩।୮(ଡି.ଏନ୍.ଏ./ସ୍ୱ.ପ୍ର.):

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ଏବଂ ବ୍ଲକ ଓ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତାର ଗୌରବଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ ସଭାପତି ରବୀନ୍ଦ୍ର ଦାସଙ୍କ ନେତୃତ୍ୱରେ ଏହି ଯାତ୍ରା ବେରବୋଇ ଗାନ୍ଧୀ ପୀଠରୁ ବାହାରି ବେରବୋଇ ବଜାର, ଡେଲାଙ୍ଗ ବଜାର ଦେଇ ଗ୍ରାମ ପରିକ୍ରମା କରିଥିଲେ। ପର୍ଯ୍ୟବେକ୍ଷକ ଅମରେନ୍ଦ୍ର ପାଇକରାୟ, ପିପିଲି ବ୍ଲକ ସଭାପତି ଜିତୁପ୍ରକାଶ ପରିଡ଼ା, ନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଜ୍ଞାନରଞ୍ଜନ ପଟ୍ଟନାୟକ, ବିପିନି ବିହାରୀ ବଳବନ୍ତରାୟ, ଦେବପ୍ରସାଦ ରାଉତରାୟ ପ୍ରମୁଖଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ସେହିପରି ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଆଇନ୍ ସେଲ୍ ସଦସ୍ୟା ଜୟଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନ ନାଗରିକ ମନରେ ନିଜର ସୀମା, ମର୍ଯ୍ୟାଦା ଓ ଦାୟିତ୍ୱବୋଧର ଚେତନା ବିକଶିତ ହେବା ସମୟ ଉପନୀତ ହୋଇଛି ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। ପ୍ର. ଶୁଭ୍ରାଦୀପ୍ତା ପଟ୍ଟନାୟକ, ପ୍ର. ବିଜୟଲକ୍ଷ୍ମୀ ମିଶ୍ର ଯୋଗଦେଇ ସ୍ୱାଧୀନତାର ମଣିଷ ହେଉଛି ଶୃଙ୍ଖଳିତ ମଣିଷ ଓ ପ୍ରତ୍ୟେକ କର୍ମର ଶୃଙ୍ଖଳା ଆବଶ୍ୟକ ବୋଲି କହିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ର. ଶଙ୍କର୍ଷଣ ପ୍ରଧାନ ସଭା ପରିଚାଳନା କରିଥିଲେ। ଦେଶାତ୍ମବୋଧକ ସଙ୍ଗୀତ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ କିରାଣି ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।

## ୧୬ରେ ଜିଲାପାଳଙ୍କ ଜନଶୁଣାଣି ଶିବିର

କଣାସ,୧୩।୮(ସ୍ୱ.ପ୍ର):

କଣାସ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଆସନ୍ତା ମଙ୍ଗଳବାର କଣାସ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହେବ। ଏନେଇ କଣାସ ବିଡିଓ ଲୋଚନ ଦାସ ସୂଚନା ଦେଇଛନ୍ତି। ପୁରୀ ଜିଲାପାଳ ସମର୍ଥ ବର୍ମା ଏବଂ ଜିଲାର ସମସ୍ତ ଉଚ୍ଚ ଅଧିକାରୀମାନେ ଏଥିରେ ଯୋଗ ଦେବେ। ଏଥିରେ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ଜନସାଧାରଣ ନିଜ ନିଜର ଅଭିଯୋଗ ନେଇ ୧୦ଟା ସୁଦ୍ଧା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ଦାଖଲ କରିବାକୁ ବିଡିଓ ଦାସ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ବିଦ୍ୟାଳୟ ତାଲା ଭାଙ୍ଗି ସାମଗ୍ରୀ ଚୋରି

ନିମାପଡ଼ା,୧୩।୮(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନୀଳକଣ୍ଠେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରୁ ସାମଗ୍ରୀ ଚୋରି ହୋଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୭୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିଦ୍ୟାଳୟ ଗେଟ୍, ବିଜ୍ଞାନାଗାର, କ୍ଲାସରୁମ୍‌ର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଶୁକ୍ରବାର ରାତିରେ ତା ମଧ୍ୟକୁ ପ୍ରବେଶ କରି ବିଜ୍ଞାନଗାରରୁ ୩ଟି ଫ୍ୟାନ, ୧ ମାଇକ ସେଟ୍ ମେଶିନ୍, ଡାଲି, ତେଲ ଆଦି ଗ୍ରୋସରି ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ ବୋଲି ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ବେହେରା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

## ନୀଳାଚଳ ସାରସ୍ୱତ ସଂଘର ୱେବ୍‌ସାଇଟ୍ ଉନ୍ମୋଚନ

ପୁରୀ ଅଫିସ,୧୩।୮

ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠାର ୮୯ତମ ବାର୍ଷିକ ଉତ୍ସବ ଶନିବାର ସ୍ୱର୍ଗଦ୍ୱାରସ୍ଥିତ ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ମୃତି ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୀଳାଚଳ ସାରସ୍ୱତ ସଂଘର ୱେବ୍‌ସାଇଟ୍ ଉନ୍ମୋଚନ ହୋଇଛି। ଆସାମ-ବଙ୍ଗୀୟ ସାରସ୍ୱତ ମଠ କୋକିଳାମୁଖଙ୍କ ପ୍ରତିନିଧି ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ଏବଂ ନିଗମ କଳ୍ପତରୁ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ସଂଘର ଏକ ୱେବ୍‌ସାଇଟକୁ ଉଦ୍‌ଘାଟନ କରିଥିଲେ। ଏହି ୱେବସାଇଟ୍ ମାଧ୍ୟମରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଶ୍ରୀମୁଖ ନିଃସୃତ ଅମୃତବାଣୀ ଭଗବତପ୍ରେମୀଙ୍କ ପାଖରେ ପହଞ୍ଚିବା ସହ ସଂଘ କିପରି ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶ ମୁତାବକ ଜଗତ ହିତ କାର୍ଯ୍ୟରେ ବ୍ରତୀ ହେବ ସେ ସମ୍ପର୍କରେ ସୂଚନା ପାଇପାରିବେ। କାର୍ଯ୍ୟକ୍ରମରେ ସାରସ୍ୱତ ମଠ ଟ୍ରଷ୍ଟି ମହେଶ୍ୱର ସ୍ୱାଇଁ, ମହନ୍ତ ମହାରାଜଙ୍କ ସଚିବ ନିରଞ୍ଜନ ମହାନ୍ତି, ସଂଘ ସଭାପତି ଗଗନେନ୍ଦ୍ର ମହାପାତ୍ର ଏବଂ ସମ୍ମିଳନୀର ଆବାହକ କମିଟି ସଭାପତି କଳ୍ପତରୁ ସେନାପତି ପ୍ରମୁଖ ଯୋଗଦେଇ ୨୦୨୩ ନଭେମ୍ବର ପ୍ରଥମ ସପ୍ତାହରେ ଶ୍ରୀ ଶ୍ରୀ ଠାକୁରଙ୍କ ନୀଳାଚଳ କୁଟିର ପ୍ରବେଶର ଶତବର୍ଷ ପୂର୍ତ୍ତି ଅବସରରେ ହେବାକୁ ଥିବା ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ମହୋତ୍ସବରେ ସାରା ବିଶ୍ୱରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶେଷରେ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।




ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

# ମହାପ୍ରଭୁଙ୍କ ସରିଲା ଝୁଲଣ ଯାତ୍ରା

ପୁରୀ ଅଫିସ,୧୩।୮

ଶ୍ରାବଣ ଶୁକ୍ଳ ଦଶମୀ ତିଥିରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ଝୁଲଣଯାତ୍ରା ଭାଦ୍ରବ ମାସ କୃଷ୍ଣ ପ୍ରତିପଦା ତିଥି ଶନିବାର ଶେଷ ହୋଇଛି। ପ୍ରତିଦିନ ପରି ଝୁଲଣର ଶେଷ ଦିନରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ମହାପ୍ରଭୁଙ୍କ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଝୁଲଣକୁଞ୍ଜରେ ବିରାଜମାନ କରିଥିଲେ। ମୁକ୍ତିମଣ୍ଡପରେ ନିର୍ମାଣ କରାଯାଇଥିବା ଝୁଲଣ କୁଞ୍ଜରେ ପ୍ରଭୁ ମଦନମୋହନଙ୍କ ରାସ ଅନୁଷ୍ଠିତ ହୋଇଥିଲା। ଏହାକୁ ଶରତ ରାସ ବୋଲି ମଧ୍ୟ କୁହାଯାଏ ଏହି କୁଞ୍ଜରେ କେବଳ ଦେବା ଦେବୀ ନୁହେଁ, ସଖୀ, ପଶୁ, ପକ୍ଷୀ ତଥା ବିଭିନ୍ନ ଗଛଲତା ସହ ସୁବାସିତ ଫୁଲ ଓ ଫଳମୂଳକୁ ମଧ୍ୟ ସ୍ଥାନ ଦିଆଯାଇଥାଏ। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ଶ୍ରୀମନ୍ଦିର ସମେତ ପୁରୀର ସମସ୍ତ ମଠ ବାଡିରେ ମଧ୍ୟ ଝୁଲଣ ଯାତ୍ରା ହୋଇଥାଏ। ଗତ ଦୁଇବର୍ଷ କରୋନା ପାଇଁ ଏହି ଯାତ୍ରା ହୋଇ ନ ଥିବାବେଳେ ଚଳିତବର୍ଷ ହୋଇଥିଲେ ମଧ୍ୟ ଭକ୍ତଙ୍କ ସଂଖ୍ୟା କମ୍ ରହିଥିଲା। ଶ୍ରୀମନ୍ଦିର ଚାରିପାଖରେ ଥିବା ପ୍ରାୟ ୧୬ରୁ ଅଧିକ ମଠକୁ ଐତିହ୍ୟ କରିଡର ନାମରେ ଉଚ୍ଛେଦ କରାଯାଇଛି। ତେଣୁ କିଛି ହାତ ଗଣତି ମଠରେ ଝୁଲଣ ଯାତ୍ରା ହୋଇଥିଲା। ଝୁଲଣ ଯାତ୍ରାରେ ମୁଖ୍ୟତଃ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, କାରିଗରି ଦେଖିବାକୁ ମିଳୁଥିଲା। ଯାହା ଏବେ ବିଲୁପ୍ତ ପ୍ରାୟ ହୋଇପଡିଛି। ନିଜସ୍ୱ କଳା ସଂସ୍କୃତି ଆଉ ଦେଖାଯାଉନାହିଁ।

ଏ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ କହିବା ଅନୁଯାୟୀ, ଝୁଲଣର ଯେଉଁ ରହସ୍ୟ ରହିଥିଲା ତାହା ଏବେ ଆଉ ଲୋକଙ୍କ ପାଖରେ ନାହିଁ। ଝୁଲଣରେ କେବଳ ଦେବାଦେବୀଙ୍କୁ ଝୁଲାଯାଏ ତାହା ନୁହେଁ। ଝୁଲଣ ଉପାସନା ଭିତରେ ସେବା ଓ ତ୍ୟାଗ ମନୋବୃତ୍ତିର ରହିଥାଏ। ପ୍ରଭୁଙ୍କ ନିକଟତର ହେବା ପାଇଁ ଝୁଲଣ ଏକ ମାଧ୍ୟମ। ତେବେ ବର୍ତ୍ତମାନ ଝୁଲଣର ଆଧ୍ୟାତ୍ମିକତା ହ୍ରାସ ଘଟିଛି। ଖାଲି ପରମ୍ପରାକୁ ବଜାଇ ରଖିବା ପାଇଁ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଫଳରେ ଏବେ ଝୁଲଣର ଆର୍କଷଣ ପୁରୀ ବାସୀ ତଥା ଆଖପାଖ ଲୋକଙ୍କ ପାଇଁ ରହୁନାହିଁ। ପୂର୍ବରୁ କଥାରେ ଥିଲା ବଳଙ୍ଗା ମେଳଣ ଏବଂ ଶ୍ରୀକ୍ଷେତ୍ର ଝୁଲଣ। ଶ୍ରୀମନ୍ଦିର ଚାରିପାଖରେ ଥିବା ମଠଗୁଡିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଯେଉଁ ମଠ ଭାଙ୍ଗିଛି ସେମାନଙ୍କ ମଠରେ ଝୁଲଣ କରିବା ସହ ମଠର ପରିସୀମା ମଧ୍ୟରେ ସରକାର ସହଯୋଗ କରନ୍ତୁ। ଫଳରେ ଶ୍ରୀକ୍ଷେତ୍ର ଝୁଲଣ ତା'ର ପୂର୍ବ ଚମକ ଫେରିପାଇବ। ସେହିପରି ଝୁଲଣରେ କଳାକାରମାନେ ସାଜସଜ୍ଜା କରି ତାଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ସହ ରୋଜଗାର କରୁଥିଲେ। ସେମାନେ ଏବେ ତାଙ୍କ କଳା ହରାଇବାକୁ ବସିଛନ୍ତି। ତେଣୁ ଝୁଲଣର ଚମକ ଫେରିଲେ ପୁରୀର ବିଭିନ୍ନ କାରିଗରମାନେ ସେମାନଙ୍କ କଳାକୁ ଲୋକଲୋଚନକୁ ଆସିପାରିବ। କଳା ସଂସ୍କୃତି ବଞ୍ଚି ରହିବ।

## ଭକ୍ତ ଦାସିଆ ପୀଠରେ ଝୁଲଣ ପର୍ବ

ପିପିଲି,୧୩।୮(ଡି.ଏନ୍.ଏ./ସ୍ୱ.ପ୍ର.):

ଭକ୍ତ ଶିରୋମଣୀ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥ ମନ୍ଦିରରେ ପୁରୀର ନୀତିକାନ୍ତି ଅନୁଯାୟୀ ଝୁଲଣ ପର୍ବ ମହାଆଡ଼ମ୍ବରରେ ଶେଷ ହୋଇଯାଇଛି। ପୀଠସ୍ଥ ମନ୍ଦିରର ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଓ ଗୁରୁଣ୍ଡି ଗୋପାଳଙ୍କୁ ପ୍ରତ୍ୟହ ସନ୍ଧ୍ୟାରେ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇଥିଲା। ଏଥିରେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ି, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ୍, ପ୍ରହ୍ଲାଦ ମିଶ୍ର ଦୈନନ୍ଦିନ ପୂଜାନୀତି ସମାପନ କରିଥିଲେ। ରକ୍ଷାବନ୍ଧନ ପର୍ବ ଅବସରରେ ଏକ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୁଖ୍ୟ ଇଂ. ହାଡିବନ୍ଧୁ ବେହେରା ଭକ୍ତ ଓ ଭଗବାନଙ୍କ ନିବିଡ଼ ସମ୍ପର୍କ ବାବଦରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଚିରଞ୍ଜନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରାକ୍ତନ ଯୁଗ୍ମ ସଚିବ ଇଂ. ରୋହିତ ସେଠୀ ସାମିଲ ହୋଇଥିଲେ। ଡା. ନରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଭକ୍ତ ଦାସିଆ ସ୍ମୃତି କମିଟିର ଅର୍ଜୁନ ଚରଣ ସାମଲ, ପ୍ରତାପ ଚନ୍ଦ୍ର ନାୟକ, ସମ୍ପାଦକ ସରୋଜ ସାହୁ, ସଦସ୍ୟ ଅର୍ଜୁନ ଚରଣ ମାଝି, ରାଜନ ଛାଟୋଇ, ଇଂ. ମାହଲ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ପରିଚାଳନା କରିଥିଲେ।



**୨୦ କେଜି ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ**

**କଟକ ଅଫିସ:** ଚୌଦ୍ୱାର ଥାନା ଅନ୍ତର୍ଗତ କଖଡ଼ିଠାରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ କେଜି ଗଞ୍ଜେଇ ସହ ଏକ ସ୍କୁଟି ଜବତ କରାଯାଇଛି। ଏହି ଘଟଣାରେ ମାଣିଆବନ୍ଧର ଆଶିଷ ବିହାରୀ କର ଓ ଆଠଗଡ଼ର ନନ୍ଦ କିଶୋର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କଟକ ଭ୍ରାମ୍ୟମାଣ ଶାଖାର ଅବକାରୀ ଉପନିରୀକ୍ଷକ ଦୁର୍ଯ୍ୟୋଧନ ଦିଗଲ ମାମଲାର ତଦନ୍ତ କରୁଛନ୍ତି।



# ପେଟାନାଳର ସୌନ୍ଦର୍ଯ୍ୟକରଣ ଦାବିରେ ଜଳ ସତ୍ୟାଗ୍ରହ



ଆମ୍ ଆଦ୍‌ମୀ ପାର୍ଟି କର୍ମକର୍ତ୍ତାଙ୍କ ସହ ମେୟର ସୁବାସ ସିଂ ଆଲୋଚନା କରୁଛନ୍ତି।

କଟକ ଅଫିସ,୧୩।୮

**■କଂଗ୍ରେସ ପରେ ଆମ୍ ଆଦ୍‌ମୀ ପାର୍ଟି**
**■ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହେଲାଣି**

ସିଡିଏ ଅଞ୍ଚଳରେ ବର୍ଜ୍ୟଜଳ ନିଷ୍କାସନ ପାଇଁ ହୋଇଥିବା ପେଟାନାଳକୁ ନେଇ ରାଜନୀତି ଜୋର୍ ଧରିଛି। ପେଟାନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ କିଛିଦିନ ତଳେ କଂଗ୍ରେସ ପକ୍ଷରୁ ଜଳ ସତ୍ୟାଗ୍ରହ କରାଯାଇଥିବାବେଳେ ଏବେ ଆମ୍ ଆଦ୍‌ମୀ ପାର୍ଟି ସତ୍ୟାଗ୍ରହ କରିଛି। ଅପରପକ୍ଷେ ପେଟାନାଳର ଉତ୍କଟ ଦୁର୍ଗନ୍ଧରେ ସହରବାସୀ ଅତିଷ୍ଠ ହେଉଥିବାବେଳେ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପେଟାନାଳ ଦେଇ ସିଡ଼ିଏ ଅଞ୍ଚଳର ବର୍ଜ୍ୟଜଳ ନିଷ୍କାସନ ହେଉଛି। ହେଲେ ଏହାର ପୁନରୁଦ୍ଧାର କରାଯାଉ ନ ଥିବାରୁ ଜଳ ନିଷ୍କାସନରେ ସମସ୍ୟା ହେଉଛି। ଦୀର୍ଘ ସମୟ ଧରି ଜଳ ନିଷ୍କାସନ ନ ହେବା ଫଳରେ ମଶାବଂଶ ବୃଦ୍ଧି ପାଉଛି। ଏହାର ପୁନରୁଦ୍ଧାର ସହ ଉନ୍ନତିକରଣ ଦାବିରେ କିଛିଦିନ ତଳେ କଂଗ୍ରେସ ବିଧାୟକ ଇଂ. ମହମ୍ମଦ ମୋକିମ ଜଳ ସତ୍ୟାଗ୍ରହ କରିଥିଲେ। ହାତରେ ପ୍ଲାକାର୍ଡ ଧରିବା ସହ ନାଳ ମଧ୍ୟରେ ପଶି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏ ଦିଗରେ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଏହାର କିଛିଦିନ ପରେ ଅର୍ଥାତ୍ ଗତ ୯ ତାରିଖ କ୍ରାନ୍ତି ଦିବସରୁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସବ୍ୟସାଚୀ ମହାନ୍ତିଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସତ୍ୟାଗ୍ରହ କରାଯାଇଥିଲା। ପେଟାନାଳ ମଧ୍ୟରେ କର୍ମୀମାନେ ଠିଆ ହୋଇ ଜଳ ସତ୍ୟାଗ୍ରହ ମାଧ୍ୟମରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବାବେଳେ ଅନ୍ୟମାନେ ଧାରଣାରେ ବସି ରହିଥିଲେ। ଏହାକୁ ସିଡିଏବାସୀ ସମର୍ଥନ କରିଥିଲେ। ତେବେ ସତ୍ୟାଗ୍ରହର ୪ ଦିନ ପରେ ପ୍ରଶାସନର ଚେତା ପଶିଛି। ସିଏମ୍‌ସି ମେୟର ସୁବାସ ସିଂ ପହଞ୍ଚି ଧାରଣକାରୀଙ୍କ ସହ ଆଲୋଚନା କରିବା ପରେ ସତ୍ୟାଗ୍ରହ ଶେଷ ହୋଇଥିଲା।

## ଏମାନେ କ'ଣ କୁହନ୍ତି...

“ପେଟାନାଳର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଗଲେ ସିଡିଏବାସୀ ଉପକୃତ ହୋଇପାରିବେ। ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଜରୁରୀ।

**ନାରାୟଣ ମହାନ୍ତି, ସିଡିଏ ସେକ୍ଟର-୭ର ବାସିନ୍ଦା**

“ସିଡିଏବାସୀଙ୍କ ପାଇଁ ପେଟାନାଳ ପ୍ରମୁଖ ସମସ୍ୟା ପାଲଟିଛି। ଏହାର ସୌନ୍ଦର୍ଯ୍ୟକରଣ ପାଇଁ ବିଧାୟକ ମୋକିମ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନିଆଯାଇଛି। ତାହା ହିଁ ଫଳପ୍ରଦ ହୋଇଛି। ବିଧାୟକଙ୍କ ଉଦ୍ୟମରେ ପେଟାନାଳ କାମ ଆରମ୍ଭ ହୋଇଛି।

**ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତ୍ରୀ**

“ପେଟାନାଳର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ନିମନ୍ତେ ସରକାରୀ ସ୍ତରରେ ୬ ମାସ ହେବ ନିଷ୍ପତ୍ତି ହୋଇସାରିଛି। ଏଥିପାଇଁ ନଗର ଉନ୍ନୟନ, ଜଳସମ୍ପଦ, ୱାଟକୋ ଭଳି ୬ଟି ବିଭାଗକୁ ସାମିଲ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏବେ ବର୍ଷା ଯୋଗୁ ବନ୍ଦ ରହିଛି। ପାଗ ଅନୁକୂଳ ହେବା ପରେ ଉକ୍ତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏଥିସହ ସହରରେ ମଶାବଂଶ ବଢ଼ାଇବାକୁ ଦିଆଯିବ ନାହିଁ।

**ସୁବାସ ସିଂ, ମେୟର, କଟକ**

## ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ଚୌଦ୍ୱାର,୧୩।୮(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ଓଟିଏମ୍ କଲୋନୀରେ ରହୁଥିବା ବିରଞ୍ଚି ନାରାୟଣ ଦାସ(୫୦) ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ରାତିରେ ସେ ଖାଇସାରି ଘରେ ଶୋଇଥିଲେ। ତାଙ୍କ ମୃତଦେହ ରୋଷେଇ ଘରେ ଝୁଲୁଥିବା ପରିବାର ଲୋକେ ଶନିବାର ଭୋର ସମୟରେ ଦେଖିବାକୁ ପାଇଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପରିବାର ଲୋକଙ୍କ କହିବାନୁଯାୟୀ, ବିରଞ୍ଚି ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ସହିତ ଜଡିତ ଥିବାବେଳେ ବହୁ ଲୋକ ତାଙ୍କ ପାଖରୁ ଟଙ୍କା ଉଧାର ନେଇ ଫେରାଉ ନ ଥିଲେ। ସେ କିଛିଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଏପଟେ ଫଣ୍ଡରେ ଅର୍ଥ ଲଗାଇଥିବା ବ୍ୟକ୍ତିମାନେ ସେମାନଙ୍କ ଜମା ଅର୍ଥ ମାଗିବା କାରଣରୁ ସେ ଏହାକୁ ନେଇ ବିଚଳିତ ହୋଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ବିରଞ୍ଚି ସ୍ଥାନୀୟ ଅଞ୍ଚଳରେ ଜଣେ ସୁସଂଗଠକ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ଦିଲୀପ କୁମାର ସାହୁଙ୍କ ସମେତ ବହୁ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

**ସଂକ୍ଷେପରେ**

## 'ନବଭାରତ ଗଠନରେ ଇଞ୍ଜିନିୟରିଂ କୌଶଳ ଅପରିହାର୍ଯ୍ୟ'

**କଟକ ଅଫିସ, ୧୩।୮:** ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ 'ମାର୍ଭଲ୍ସ ଇନ୍ ଦି ଫିଲ୍ଡ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି' ଶୀର୍ଷକ ଆଲୋଚନାଚକ୍ର ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ(ବୋସ୍) ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଟାଟା ପାୱାର କେନ୍ଦ୍ରାଞ୍ଚଳ ମୁଖ୍ୟ ନିର୍ବାହୀ ଅଧିକାରୀ ଇଂ. ଏମ୍. ଶେନବାଗମ୍ ଉଦ୍‌ଘାଟନ କରି ଭାରତରେ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ, ଚାହିଦା ଓ ବିନିଯୋଗ ଉପରେ କହିଥିଲେ। ଫୋରମ୍ ଅଧ୍ୟକ୍ଷ ଇଂ. ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି ନବଭାରତ ଗଠନରେ ବିଭିନ୍ନ ଇଞ୍ଜିନିୟରିଂ କୌଶଳ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ପ୍ରଫେସର ରାଜେନ୍ଦ୍ର ପ୍ରସାଦ ମହାନ୍ତି ଓ ବୋସ୍ ଅଧ୍ୟକ୍ଷ ଇଂ. ଜ୍ଞାନରଞ୍ଜନ ରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଫେସର ପ୍ରଭାତ ପାଢ଼ୀ ସ୍ୱାଗତ ଭାଷଣ, କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ. ବିମଳ ଚନ୍ଦ୍ର ଦାସ ଫୋରମ୍ ଆଭିମୁଖ୍ୟ, ସମ୍ପାଦକ ଶିଶିର କୁମାର ସାହୁ ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦକ ଇଂ. ସୁଶାନ୍ତ କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଉପସଭାପତି ଇଂ. ସୁଶୀଲ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୪.୮୭ କୋଟି ଜରିମାନା ଆଦାୟ

**କଟକ ସହରାଞ୍ଚଳ ପୋଲିସର ଅପରାଧ ସମୀକ୍ଷା ବୈଠକ**

**କଟକ ଅଫିସ,୧୩।୮:** କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରାଧ ଶାଖାର ତ୍ରୟମାସିକ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ମେ'ରୁ ଜୁଲାଇ ମଧ୍ୟରେ ପୋଲିସର ସଫଳତା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଗତ ୨ ମାସ ମଧ୍ୟରେ ଥାନାରେ ୨୬୦ଟି ସମ୍ପତ୍ତିଗତ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୧୧୦ଟିରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏଥିରେ ୧୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୧୨୨ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୨୦୭୪ ବୋତଲ ମଦ ଜବତ କରାଯାଇଛି। ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରପିକ ସବ୍‌ଷ୍ଟାନ୍‌ସେସ୍ (ଏନ୍‌ଡିପିଏସ୍) ଆକ୍ଟରେ ୭ଟି ମାମଲା ରୁଜୁ କରାଯାଇ ୩୭ କେଜି ୪୮୦ ଗ୍ରାମ ଗଞ୍ଜେଇ ଓ ୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇଟି ମାମଲାରେ ୨ଟି ବନ୍ଧୁକ ଓ ୪ ଗୁଳି ଜବତ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ୫୬,୨୪୮ ଜଣଙ୍କ ଠାରୁ ମୋଟ୍ ୪ କୋଟି ୮୭ ଲକ୍ଷ ୬୪ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏଥିସହ ୭୧୬ଟି ଜାମିନବିହୀନ ଗିରଫ ପରୱାନା ମାମଲାରେ ୨୫୧ ଜଣଙ୍କୁ କାବୁ କରାଯାଇଛି। ସେହିପରି ୧୧୦ ଧାରାରେ ୩୪ ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନଯୋଗ୍ୟ, କଟକ ସହରାଞ୍ଚଳ ପୋଲିସର ପ୍ରତି ଥାନାରେ ଉତ୍ସର୍ଗୀକୃତ ଅଧିକାରୀଙ୍କୁ ନେଇ ଗୋଟିଏ ଲେଖାଏ ଶାଖା ଗଠନ କରାଯାଇଛି। ସହରର ଘଟୁଥିବା ବିଭିନ୍ନ ଆପରାଧିକ କାର୍ଯ୍ୟକଳାପକୁ ଠାବ କରିବା ସହ ଅପରାଧ ନିୟନ୍ତ୍ରଣ କରିବା ଏହି ଶାଖାର ମୁଖ୍ୟ ଉଦ୍ଦେଶ୍ୟ।

# ୭୦ ମାମଲା ଫଇସଲା

କଟକ ଅଫିସ, ୧୩।୮

**ହାଇକୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**

ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି ତତ୍ତ୍ୱାବଧାନରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ହାଇବ୍ରିଡ୍ ମୋଡ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର, ହାଇକୋର୍ଟ ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏ ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଯଶୱନ୍ତ ସିଂ ଓ ହାଇକୋର୍ଟ ଆଇନ ସେବା କମିଟି ଚେୟାରମ୍ୟାନ ତଥା ବିଚାରପତି ସୁବାଶିଷ ତାଳପତ୍ରଙ୍କ ମାର୍ଗଦର୍ଶନରେ ଉକ୍ତ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ଟି ବୀମା ସଂକ୍ରାନ୍ତୀୟ ମାମଲାର ଫଇସଲା କରାଯାଇ ୪ କୋଟି ୫୪ ଲକ୍ଷ ୬୭ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଲୋକ ଅଦାଲତରେ ନ୍ୟାଶନାଲ ଇନ୍ସୁରାନ୍ସ କମ୍ପାନୀ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ ଓ ଅନ୍ୟ କେତେକ ଘରୋଇ ବୀମା କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ବିଚାରପତି ଏସ୍. କେ. ସାହୁ, ଏସ୍. ରଥ, ଏମ୍.ଏସ୍. ସାହୁ, ଏ.କେ. ମହାପାତ୍ର, ଭି. ନରସିଂହ ଏବଂ ବିଚାରପତି ବି. ପି. ଶତପଥୀ ଉକ୍ତ ଲୋକ ଅଦାଲତର ବିଭିନ୍ନ ବେଞ୍ଚ୍‌ରେ ଅଧ୍ୟକ୍ଷତା କରିଥିଲେ।



କଟକ ଶହୀଦ ଭବନରେ ଶନିବାର ମାରୱାଡି ସମାଜ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନ ପ୍ରଦାନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# 'ଦେଶ ସେବାରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ ଅଫିସ,୧୩।୮

**ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ**

ରେଭେନ୍‌ଶା ପୂର୍ବ ଛାତ୍ରାବାସର ପୁରାତନ ଛାତ୍ର ସଂଘ ଓ ଆସୋଟେକ୍ ପ୍ରାଇଡ୍‌ର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଶତାଧିକ ଛାତ୍ରୀଛାତ୍ର ଜାତୀୟ ପତାକା, ତ୍ରିରଙ୍ଗା ବେଲୁନ ଧରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିକ୍ରମା କରିବା ପରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବେଲୁନ୍ ଶୋ' କରିଥିଲେ । ଏଥିସହ ୭୫ଟି ଚାରାରୋପଣ କରାଯାଇଥିଲା। ଏହାପରେ ରସାୟନ ବିଜ୍ଞାନ ବିଭାଗ ସମ୍ମିଳନୀ କକ୍ଷରେ ସ୍ୱାଧୀନତା ବିପ୍ଳବରେ ରେଭେନ୍‌ଶାର ଭୂମିକା ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ପ୍ରଫେସର ହରିହର ପଣ୍ଡା ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ରେଭେନ୍‌ଶାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ରମାକାନ୍ତ ପାଣିଗ୍ରାହୀ ଯୋଗଦେଇ ଦେଶସେବାରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବାକୁ କହିଥିଲେ। ଓଡ଼ିଶା ଖଣି ଏବଂ ଇସ୍ପାତ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରାବାସର ତତ୍ତ୍ୱାବଧାରକ ପ୍ରଫେସର ପୁର୍ଣ୍ଣେନ୍ଦୁ ପାଢ଼ୀ, ସୌଭାଗ୍ୟ ସ୍ୱାଇଁ, ପ୍ରତାପ ମହାନ୍ତି, ଶଶାଙ୍କ ଶେଖର ରାଉତ, ଦୀପକ ରାଉତ, ଗୌରବ ମଲ୍ଲିକ, ଗିରିଜା ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ବଢୁଛି ମହାନଦୀର ଜଳସ୍ତର



ଯୋବ୍ରା ଆନିକଟ ଦେଇ ମହାନଦୀରେ ପ୍ରବାହିତ ବନ୍ୟାଜଳ।

କଟକ ଅଫିସ,୧୩।୮

**ମୁଣ୍ଡଳି ଦେଇ ପ୍ରବାହିତ ହେଉଛି ୩.୫୨ ଲକ୍ଷ କ୍ୟୁସେକ୍ ଜଳ**

ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ କରାଯାଉଛି। ଦୁଇଦିନ ତଳେ ସେଠାରୁ ଛଡାଯାଇଥିବା ଜଳ ଶନିବାର କଟକ ମୁଣ୍ଡଳି ବ୍ୟାରେଜରେ ପହଞ୍ଚିଛି। ସନ୍ଧ୍ୟା ୬ଟା ସୁଦ୍ଧା ଏହି ବ୍ୟାରେଜ ଦେଇ ୩ ଲକ୍ଷ ୫୨ ହଜାର ୩୦୯ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଛି। ସେହିପରି ନରାଜ ବ୍ୟାରେଜ ଦେଇ ୧ ଲକ୍ଷ ୪୧ ହଜାର ୮୬୭ କ୍ୟୁସେକ ଜଳ ଓ ଯୋବ୍ରା ବ୍ୟାରେଜ ଦେଇ ୧ ଲକ୍ଷ ୬୬ ହଜାର ୨୮୯ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଏଥିସହ ସନ୍ଧ୍ୟା ସୁଦ୍ଧା ମୁଣ୍ଡଳିର ଉପର ମୁଣ୍ଡରେ ଥିବା ବରମୂଳ ଦେଇ ୫ ଲକ୍ଷ ୨ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେହିପରି ଖଇରମାଳ ବ୍ୟାରେଜ ଦେଇ ୫ ଲକ୍ଷ ୪୧ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି। ଖଇରମାଳର ୧୨ ଘଣ୍ଟା ପରେ ବରମୂଳ ଓ ବରମୂଳରୁ ୧୨ ଘଣ୍ଟା ପରେ ମୁଣ୍ଡଳିରେ ପାଣି ପହଞ୍ଚିଥାଏ। ରବିବାର ସକାଳ ସୁଦ୍ଧା ମୁଣ୍ଡଳି ବ୍ୟାରେଜ ଦେଇ ମହାନଦୀରେ ପ୍ରବାହିତ ହେବାକୁ ଯାଉଛି ବନ୍ୟାଜଳ।

## ୫୬୧ ବନ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ

**ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି**

**■୨୫ ବୋଟ୍ ମହଜୁଦ**
**■ବାଙ୍କୀରେ ବନ୍ୟା ଆଶଙ୍କା**

ଲଘୁଚାପଜନିତ ବର୍ଷା ଲାଗି ରହିଥିବାରୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଭି ସ୍ଥିତିରେ ମହାନଦୀ ଓ କାଠଯୋଡିରେ ମଧ୍ୟ ଜଳ ସ୍ତର ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି । ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, କଟକବାସୀ ଆତଙ୍କିତ ହେବାର ନାହିଁ। ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସମସ୍ତ ଅଫିସରଙ୍କୁ ସଜାଗ ରହିବାକୁ କୁହାଯାଇଛି। ୫୩୬ ଅସ୍ଥାୟୀ ଓ ୨୫ ସ୍ଥାୟୀ ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ଏଥିସହ ୨୫ଟି ବୋଟ୍ ମହଜୁଦ ରଖାଯାଇଛି। ବାଙ୍କୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।





ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଶନିବାର କଟକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛନ୍ତି। ■ କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୮।୨୦୨୨

| | |
|---|---|
| ୪,୪୨,୫୮୪ ଟଙ୍କା | |
| ସୁନା | ୩୩୦ ମିଲିଗ୍ରାମ |
| ରୁପା | ୩୧.୯୫୦ ଗ୍ରାମ |

# ଭଡ଼ାରେ ଲାଗୁଛି ଶରଧାବାଲି

- ବସ୍ ପାର୍କିଂ, ମେଳା କରି ଟଙ୍କା ଆଦାୟ କରୁଛି ମ୍ୟୁନିସିପାଲିଟି
- ସୌନ୍ଦର୍ଯ୍ୟକରଣ, ସଂରକ୍ଷଣ ଉପରେ ଧ୍ୟାନ ଦେଉନି ପ୍ରଶାସନ

ପୁରୀ ଅଫିସ,୧୩।୮:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଆସିଲେ, ମନକୁ ଚାଲି ଆସେ ଶରଧାବାଲି। ଶ୍ରୀମନ୍ଦିର, ମହୋଦଧି ଓ ତୀର୍ଥ ପୁଷ୍କରିଣୀ ଭଳି ଶ୍ରୀଜଗନ୍ନାଥ ପରମ୍ପରାରେ ଶରଧାବାଲିର ମହତ୍ତ୍ୱ ଓ ପ୍ରସିଦ୍ଧି ମଧ୍ୟ ସର୍ବଦା ସ୍ୱତନ୍ତ୍ର। ହେଲେ ପୁରୀ ଶରଧାବାଲି ଏବେ ସମ୍ପୂର୍ଣ୍ଣ ରୂପେ ସଙ୍କୁଚିତ ହୋଇଯାଇଛି। ସେଠାରେ ବସ୍, ଟ୍ରକ୍ ଭଡ଼ାରେ ପାର୍କିଂ କରୁଥିବାରୁ ଜାଗାଟି ଏକ ଛୋଟିଆ ବର୍ଗାକାର କ୍ଷେତ୍ର ମଧ୍ୟରେ ସୀମିତ ହୋଇରହିଛି। ଫଳରେ ଶୌଚାଳୟଠାରୁ ଆରମ୍ଭ କରି ହୋଟେଲର ଆବର୍ଜନା ପାଣି ପର୍ଯ୍ୟନ୍ତ ସବୁ ପ୍ରକାରର ବର୍ଜ୍ୟବସ୍ତୁ ଶରଧାବାଲିରେ ପଡ଼ୁଛି। କେବଳ ରଥଯାତ୍ରା ଆସିଲେ ପ୍ରଶାସନ ଏହାକୁ ସାମାନ୍ୟ ସଫା କରି ପୁଣିଥରେ ତିନି ରଥ ପାଇଁ ପ୍ରସ୍ତୁତ ରଖୁଛି। ଶରଧାବାଲିକୁ ମୁଣ୍ଡରେ ମାରିବା ପାଇଁ ଭକ୍ତ କୋଷ କୋଷ ଦୂରରୁ ଆସି ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚୁଥିଲେ ମଧ୍ୟ ଏହାର ଏକ ବଡ଼ ଅଂଶ ଏବେ ବଡ଼ ଯାନବାହନର ପାର୍କିଂରେ ପରିଣତ ହୋଇଛି। ତାହାର ପବିତ୍ରତା ରକ୍ଷା କରିବା ଦିଗରେ ପ୍ରଶାସନ ମଧ୍ୟ ଧ୍ୟାନ ଦେଉ ନାହିଁ।

ସାହିତ୍ୟିକ ବଦ୍ରି ମିଶ୍ର କହିଛନ୍ତି, ଶରଧାବାଲି ଭାର୍ଗବୀ ନଦୀର ଶାଖା ନଦୀ ମାଳିନୀ ନଦୀକୁ ରାଜା ଭାନୁଦେବଙ୍କ ସ୍ତ୍ରୀ ଶ୍ରଦ୍ଧାଙ୍କ ଉଦ୍ୟମରେ ପୋତାଯାଇ ଶ୍ରୀମନ୍ଦିରରୁ ଗୁଣ୍ଡିଚାଘର ଯାଏଁ ହୋଇଥିଲା। ବଡ଼ଦାଣ୍ଡ ଓ ରାଣୀଙ୍କ ନାମାନୁସାରେ ଏହି ସ୍ଥାନର ନାମ ହୋଇଥିଲା ଶରଧାବାଲି। ମାତ୍ର ବ୍ରିଟିଶ ଶାସନଠାରୁ ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଶରଧାବାଲି ସୁରକ୍ଷା ଓ ପ୍ରତିଷ୍ଠା ମର୍ଯ୍ୟାଦା ଦେବା ଦିଗରେ କୌଣସି କାର୍ଯ୍ୟକ୍ରମ ହାତକୁ ନେଇନାହାନ୍ତି। ସହରର ବିକାଶ ପାଇଁ ୨୦୦୨ରେ ବଡ଼ଦାଣ୍ଡ ଜାତୀୟ ରାଜପଥ ଭାବେ ଘୋଷଣା ହେଲା। ନିଷ୍ପତ୍ତି ଅନୁଯାୟୀ ଶରଧାବାଲିରେ ପିଚୁ ଆସ୍ତରଣ ପଡ଼ିଲା। ସେ ସମୟରେ ପୁରୀ ଏମ୍‌ପି ତଥା କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉଦ୍ୟମରେ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସଂଲଗ୍ନ ଏକ ଛୋଟ ଅଞ୍ଚଳରେ ଶରଧାବାଲି ବଞ୍ଚି ରହିଲା। ଲୁହା ବ୍ୟାରିକେଡ୍ ମଧ୍ୟରେ ଫଳକ ମରାଗଲା, ପବିତ୍ର ଶରଧାବାଲି, ଶ୍ରୀମନ୍ଦିର ପ୍ରଶାସନ। ହେଲେ ଏହାପରଠାରୁ ଶରଧାବାଲିର ବିକାଶ ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେଇ ନାହିଁ। ଓଲଟା କ୍ରମଶଃ ଏହା ଜବରଦଖଲ ହୋଇଆସିଛି। ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଶରଧାବାଲିର ମାହାତ୍ମ୍ୟକୁ ଅନୁଭବ କରିପାରୁ ନାହାନ୍ତି। ଶରଧାବାଲି ଭଳି ଏକ ଐତିହ୍ୟକୁ କିଛିବର୍ଷ ହେବ ପୌରସଂସ୍ଥା ଭଡ଼ାରେ ଲଗାଉଛି। ଦିନକୁ ୧୦ ହଜାର ଟଙ୍କାରେ ଶରଧାବାଲିରେ ପୁସ୍ତକ ମେଳା ଓ କୁମାର ଉତ୍ସବ ଭଳି ବିଭିନ୍ନ କାର୍ଯ୍ୟକ୍ରମ, ଗାଡ଼ି ପାର୍କିଂ କରି ଭଡ଼ାରେ ଲାଗୁଛି। ଶରଧାବାଲି ମାଲିକାନା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଥିବାବେଳେ ମ୍ୟୁନିସିପାଲିଟି ଏହାକୁ ଭଡ଼ାରେ ଲଗାଇ ଟଙ୍କା ଆଦାୟ କରିବାରେ ବ୍ୟସ୍ତ। ଶ୍ରୀମନ୍ଦିର ପ୍ରଶାସନ ହୁଣ୍ଡିକୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ଶରଧାବାଲିର ବିକାଶ ପାଇଁ ପ୍ରଶାସନ କାହିଁକି ତତ୍ପରତା ଦେଖାଉନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

ଶରଧାବାଲିକୁ ଜବରଦଖଲ ମୁକ୍ତ କରି ଏହାର ଆଗ ସାମ୍ନାରୁ ଉଠା ଦୋକାନୀଙ୍କୁ ଉଠାଇ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରି ଶରଧାବାଲିର ଗୌରବ ଫେରାଇ ଅଣାଯାଉ ବୋଲି ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି। ପୁରୀ ସହରର ଏହି ଐତିହ୍ୟକୁ ସୁରକ୍ଷା ନ ଯୋଗାଇଲେ ଶରଧାବାଲି ଦିନେ ମାନସପଟରୁ ହଜିଯିବ ବୋଲି ସେ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷେ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ କହିଛନ୍ତି, ଶରଧାବାଲିରେ ମେଳା, ଉତ୍ସବ ହେଲେ ସାନିଟେଶନ୍ ଫି ଆଦାୟ ହେଉଛି। ଶରଧାବାଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବାବେଳେ ମ୍ୟୁନିସିପାଲିଟି ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ଏହି ଐତିହ୍ୟର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ଶ୍ରୀମନ୍ଦିରର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ରଥଯାତ୍ରା ପାଇଁ ଶରଧାବାଲି ବ୍ୟାରିକେଡ ଖୋଲାଯାଇଥିଲା। ପୁନଶ୍ଚ ପ୍ରଶାସନ ପକ୍ଷରୁ ଏହା ବ୍ୟାରିକେଡିଂ କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଖୁବ୍‌ଶୀଘ୍ର ଲୁହା ବ୍ୟାରିକେଡ୍ କରାଯିବ। ଅନ୍ୟପଟେ ଏହା ଏକ ହେରିଟେଜ ହୋଇଥିବା ହେତୁ ଏହାକୁ ଭଡ଼ା ଲଗାଇବା ଉଚିତ ନୁହେଁ। ମାତ୍ର ପୁରୀ ପୌର ସଂସ୍ଥା ସହ ଏ ନେଇ ଆଲୋଚନା କରାଯିବ। ପୌରସଂସ୍ଥା ବିକାଶ କାର୍ଯ୍ୟ କରିବାକୁ ଚାହିଁଲେ, ସବୁ ପ୍ରକାର ସହଯୋଗ କରାଯିବ।



ପୁରୀ ଶରଧାବାଲିରେ ବସ୍, ଟ୍ରକ୍ ପାର୍କିଂ କରାଯାଇଛି ।

## ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

କଣାସ,୧୩।୮(ସ୍ୱ.ପ୍ର):

ଲଘୁଚାପଜନିତ ଲଗାଣବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଲୋକେ ଘରୁ ବାହାରିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି। ବିଶେଷତଃ ମୂଲ, ମଜୁରି ଲାଗି ସଂସାର ପ୍ରତିପୋଷଣ କରୁଥିବା ଲୋକଙ୍କ ଉପରେ ଲଗାଣବର୍ଷା ଏକ ପ୍ରକାର ଦାଉ ସାଧୁଛି। ଗତ ୫ଦିନ ଧରି ବର୍ଷା ଲାଗି ରହିଥିଲେ ମଧ୍ୟ ବେଳେବେଳେ ଦୁହାକୁ ଦୁହା ବର୍ଷା ଯୋଗୁଁ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାଘାଟରେ ଜଳ ଜମି ରହିବା ଫଳରେ ରାସ୍ତାର ପ୍ରକୃତ ସ୍ଥିତି ଆକଳନ କରି ହେଉନାହିଁ। ବିଦ୍ୟାଳୟ ଯିବାକୁ ପିଲାମାନେ ଅସୁବିଧା ଭୋଗୁଛନ୍ତି। କେତେକ ସ୍ଥାନରେ କଚାଘରର କାନ୍ଥ ଭୁଶୁଡି ପଡିଥିବା ଖବର ମିଳୁଥିବାବେଳେ ଜରିପାଲ ତଳେ ଆଶ୍ରୟ ନେଇଥିବା ପରିବାର ଲୋକଙ୍କ ଅବସ୍ଥା ନ କହିବା ଭଲ। ବର୍ଷା ଯୋଗୁଁ ବଜାରରେ କୁଣ୍ଡା କିମ୍ବା ଗୋଖାଦ୍ୟ ଉପଲବ୍ଧ ହେଉ ନ ଥିବାରୁ ଗୋରୁମାନେ ଗୁହାଳରେ ୫ଦିନ ହେଲା ବନ୍ଧାହୋଇ ରହିଛନ୍ତି। ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ହୀରାକୁଦ ଜଳଭଣ୍ଡାରରୁ ଜଳ ଛଡା ହେବାରୁ କଣାସ ବ୍ଲକରେ ପ୍ରବାହିତ ଦୟା, ରାଜୁଆ, ମକରା, କାଣିଆ, ଲୁଣାନଦୀ ଜଳପତନ ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ବଡଧରଣର ବନ୍ୟା ହେବାର ଆଶଙ୍କା ଦେଖାଦେଇଛି।

## ସଂକ୍ଷେପରେ

### ବଟି ମାଗି ୬ ଗିରଫ

ପୁରୀ ଅଫିସ,୧୩।୮- ବଟି ଆଦାୟ କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ରାକେଶ ନାୟକ, ଶ୍ରୀଧର ନାୟକ ଏବଂ ଖଗେଶ୍ୱର ନାୟକ ଏବଂ ମଙ୍ଗଳାଘାଟ ଧୋବାସାହିର ଦୀପକ ସେଠୀ। ଗିରଫ ୪ ଅଭିଯୁକ୍ତ ମଧ୍ୟରେ ୩ଜଣ ୩ ଭାଇ ବୋଲି ସୂଚନା ମିଳିଛି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ନଗଦ ୪୦୦ ଟଙ୍କା ଏବଂ ଗୋଟିଏ ଲାଠି ଜବତ କରିଛି। ଏ ନେଇ ପୋଲିସ ନଂ. ୧୭୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଶାଣିଚଣ୍ଡୀ ଛକ ଅଞ୍ଚଳରେ ବିଭିନ୍ନ ଦୋକାନୀ ଏବଂ ପର୍ଯ୍ୟଟକଙ୍କଠାରୁ ମାରଣାସ୍ତ୍ର ଦେଖାଇ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେହିପରି କୁମ୍ଭାରପଡା ଥାନା ପୋଲିସ ବଟି ଆଦାୟ କରୁଥିବା ଦୁଇ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ସେହି ଥାନା ବଡଶଙ୍ଖ ବାଘ ଆଖଡା ଲେନ୍‌ର ମିଥୁନ୍ ଘୋଷ ଏବଂ ସଦରଥାନା ଅନ୍ତର୍ଗତ କଣ୍ଟପୁର ଅଞ୍ଚଳର ରାକେଶ ବିଶ୍ୱାଳ। ପୋଲିସ ଏ ନେଇ କେସ ନଂ.୨୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ଦୁଇଜଣ ବସଷ୍ଟାଣ୍ଡଠାରେ ସ୍ଥାନୀୟ ଦୋକାନୀଙ୍କଠାରୁ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନାବାଳିକାଙ୍କୁ ଅପହରଣ ସନ୍ଦେହ

ନିମାପଡ଼ା,୧୩।୮(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ କେହି ଅପହରଣ କରିଥିବା ସନ୍ଦେହ କରାଯାଉଛି। ନାବାଳିକା ଜଣଙ୍କ ଶୁକ୍ରବାର ସେହି ଅଞ୍ଚଳର ଏକ ଟେଲରିଂ ଦୋକାନକୁ କାମ ଶିଖିବାକୁ ଯାଇ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ଜାଗାରେ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳିକାଙ୍କ ସନ୍ଧାନ ପାଇ ନ ଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପହରଣ ଦଫା ୩୬୩ରେ ଏକ ମାମଲା(ନଂ. ୨୭୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଶନିବାର ରାତି ସୁଦ୍ଧା ନାବାଳିକାଙ୍କ ସନ୍ଧାନ ପୋଲିସକୁ ମିଳି ପାରିନାହିଁ।




ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଡେଲାଙ୍ଗ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଶନିବାର ସ୍ୱାଧୀନତାର ଗୌରବ ଯାତ୍ରା ବାହାରିଛି ।

## ଚଢ଼ାଉ ଭୟରେ ଔଷଧ ଦୋକାନ ବନ୍ଦ

### ରୋଗୀଙ୍କୁ ମିଳିଲାନି ଜରୁରୀ ଔଷଧ

ଗୋପ,୧୩।୮(ଡି.ଏନ୍.ଏ.)

ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଶନିବାର ଅପରାହ୍ନରେ ଗୋପ ଅଞ୍ଚଳକୁ ଆସିବାର ସୂଚନା ମିଳିବା ପରେ ଗୋପ ଡାକ୍ତରଖାନା ସମ୍ମୁଖରେ ଥିବା ଅଧିକାଂଶ ଔଷଧ ଦୋକାନ ଚଢ଼ାଉ ଭୟରେ ବନ୍ଦ କରିଦେଇଥିଲେ। ଫଳରେ ଡାକ୍ତରଖାନାରେ ଚିକିତ୍ସିତ ଓ ଚିକିତ୍ସା ପାଇଁ ଆସିବା ପରେ ଡାକ୍ତର ଲେଖିଥିବା କେତେକ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କୁ କିଛି ଘଣ୍ଟା ପାଇଁ ଜରୁରୀ ଔଷଧ ମିଳି ନ ଥିଲା। ପରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁଙ୍କ ସହିତ ଏକ ୩ ଜଣିଆ ଟିମ୍ ଗୋପ ବଜାରରେ ଥିବା ୩ଟି ଔଷଧ ଦୋକାନରେ ପହଞ୍ଚି କେତେକ ଆବଶ୍ୟକ କାଗଜପତ୍ର ଯାଞ୍ଚ କରି ୩ଟି ଔଷଧ ସାମ୍ପୁଲ ନେଇ ଫେରିଥିଲେ। ପ୍ରକାଶ ଯେ, ଗୋପ ବଜାର ସହିତ ଗୋପ ନିକଟସ୍ଥ ନାଗପୁର, ନୟାହାଟ, ବେଗୁନିଆ, ପଲ୍ଲିଛକ, କୋଣାର୍କ, ସୁବର୍ଣ୍ଣପୁର, ମଦରଙ୍ଗ, ଝାଉଁଳିପୋଖରୀ ବଜାର ସହିତ କେତେକ ସ୍ଥାନରେ ଔଷଧ ଦୋକାନ ଖୋଲାଯାଇଛି। ଏହି ଦୋକାନୀମାନେ ନକଲି ଔଷଧ ବିକ୍ରି କରୁଥିବାବେଳେ ଅନ୍ୟ କେତେକ ଦୋକାନୀ ବିନା କାଗଜପତ୍ରରେ ବିଭିନ୍ନ ଟେଷ୍ଟ ନ କରି ସିଧାସଳଖ ଲୋକଙ୍କୁ ଔଷଧ ଦେଇ ଠକୁଛନ୍ତି। ଏହାଦ୍ୱାରା ରୋଗୀ ବିଭିନ୍ନ ରୋଗର ସମ୍ମୁଖୀନ ହେଉଥିବାର ଅଭିଯୋଗ ମଧ୍ୟ ରହିଛି। ଏ ନେଇ ଜିଲା ଓ ରାଜ୍ୟ ଡ୍ରଗ୍ସ ବିଭାଗ ଅଧିକାରୀମାନେ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଅଞ୍ଜନ କୁମାର ସାହୁଙ୍କ ମୋବାଇଲ ନମ୍ବର ୯୪୩୮୫୦୭୪୪୪କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ‘ସ୍ୱାଧୀନତାର ମଣିଷ ହେଉଛି ଶୃଙ୍ଖଳିତ ମଣିଷ’

### କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବଯାତ୍ରା

ଡେଲାଙ୍ଗ/ସାକ୍ଷୀଗୋପାଳ, ୧୩।୮(ଡି.ଏନ୍.ଏ./ସ୍ୱ.ପ୍ର.):

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ଏବଂ ବ୍ଲକ ଓ ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତାର ଗୌରବଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ ସଭାପତି ରବୀନ୍ଦ୍ର ଦାସଙ୍କ ନେତୃତ୍ୱରେ ଏହି ଯାତ୍ରା ବେରବୋଇ ଗାନ୍ଧୀ ପୀଠରୁ ବାହାରି ବେରବୋଇ ବଜାର, ଡେଲାଙ୍ଗ ବଜାର ଦେଇ ଗ୍ରାମ ପରିକ୍ରମା କରିଥିଲେ। ପର୍ଯ୍ୟବେକ୍ଷକ ଅମରେନ୍ଦ୍ର ପାଇକରାୟ, ପିପିଲି ବ୍ଲକ ସଭାପତି ଜିତୁପ୍ରକାଶ ପରିଡ଼ା, ନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଜ୍ଞାନରଞ୍ଜନ ପଟ୍ଟନାୟକ, ବିପିନି ବିହାରୀ ବଳବନ୍ତରାୟ, ଦେବପ୍ରସାଦ ରାଉତରାୟ ପ୍ରମୁଖଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ସେହିପରି ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଆଇନ୍ ସେଲ୍ ସଦସ୍ୟା ଜୟଶ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନ ନାଗରିକ ମନରେ ନିଜର ସୀମା, ମର୍ଯ୍ୟାଦା ଓ ଦାୟିତ୍ୱବୋଧର ଚେତନା ବିକଶିତ ହେବା ସମୟ ଉପନୀତ ହୋଇଛି ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ା ସଭାପତିତ୍ୱ କରିଥିଲେ। ପ୍ର. ଶୁଭ୍ରାଦୀପ୍ତା ପଟ୍ଟନାୟକ, ପ୍ର. ବିଜୟଲକ୍ଷ୍ମୀ ମିଶ୍ର ଯୋଗଦେଇ ସ୍ୱାଧୀନତାର ମଣିଷ ହେଉଛି ଶୃଙ୍ଖଳିତ ମଣିଷ ଓ ପ୍ରତ୍ୟେକ କର୍ମର ଶୃଙ୍ଖଳା ଆବଶ୍ୟକ ବୋଲି କହିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ର. ଶଙ୍କର୍ଷଣ ପ୍ରଧାନ ସଭା ପରିଚାଳନା କରିଥିଲେ। ଦେଶାତ୍ମବୋଧକ ସଙ୍ଗୀତ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ କିରାଣି ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।

## ୧୬ରେ ଜିଲାପାଳଙ୍କ ଜନଶୁଣାଣି ଶିବିର

କଣାସ,୧୩।୮(ସ୍ୱ.ପ୍ର):

କଣାସ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଆସନ୍ତା ମଙ୍ଗଳବାର କଣାସ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହେବ। ଏନେଇ କଣାସ ବିଡିଓ ଲୋଚନ ଦାସ ସୂଚନା ଦେଇଛନ୍ତି। ପୁରୀ ଜିଲାପାଳ ସମର୍ଥ ବର୍ମା ଏବଂ ଜିଲାର ସମସ୍ତ ଉଚ୍ଚ ଅଧିକାରୀମାନେ ଏଥିରେ ଯୋଗ ଦେବେ। ଏଥିରେ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ଜନସାଧାରଣ ନିଜ ନିଜର ଅଭିଯୋଗ ନେଇ ୧୦ଟା ସୁଦ୍ଧା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ଦାଖଲ କରିବାକୁ ବିଡିଓ ଦାସ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ବିଦ୍ୟାଳୟ ତାଲା ଭାଙ୍ଗି ସାମଗ୍ରୀ ଚୋରି

ନିମାପଡ଼ା,୧୩।୮(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ନୀଳକଣ୍ଠେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରୁ ସାମଗ୍ରୀ ଚୋରି ହୋଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୭୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବିଦ୍ୟାଳୟ ଗେଟ୍, ବିଜ୍ଞାନାଗାର, କ୍ଲାସରୁମ୍‌ର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଶୁକ୍ରବାର ରାତିରେ ତା ମଧ୍ୟକୁ ପ୍ରବେଶ କରି ବିଜ୍ଞାନଗାରରୁ ୩ଟି ଫ୍ୟାନ, ୧ ମାଇକ ସେଟ୍ ମେଶିନ୍, ଡାଲି, ତେଲ ଆଦି ଗ୍ରୋସରି ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ ବୋଲି ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ବେହେରା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

## ନୀଳାଚଳ ସାରସ୍ୱତ ସଂଘର ୱେବ୍‌ସାଇଟ୍ ଉନ୍ମୋଚନ

ପୁରୀ ଅଫିସ,୧୩।୮

ପରମ୍‌ହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠାର ୮୯ତମ ବାର୍ଷିକ ଉତ୍ସବ ଶନିବାର ସ୍ୱର୍ଗଦ୍ୱାରସ୍ଥିତ ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ମୃତି ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୀଳାଚଳ ସାରସ୍ୱତ ସଂଘର ୱେବ୍‌ସାଇଟ୍ ଉନ୍ମୋଚନ ହୋଇଛି। ଆସାମ-ବଙ୍ଗୀୟ ସାରସ୍ୱତ ମଠ କୋକିଳାମୁଖଙ୍କ ପ୍ରତିନିଧି ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ମହାରାଜ ଏବଂ ନିଗମ କଳ୍ପତରୁ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ସଂଘର ଏକ ୱେବ୍‌ସାଇଟକୁ ଉଦ୍‌ଘାଟନ କରିଥିଲେ। ଏହି ୱେବସାଇଟ୍ ମାଧ୍ୟମରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଶ୍ରୀମୁଖ ନିଃସୃତ ଅମୃତବାଣୀ ଭଗବତପ୍ରେମୀଙ୍କ ପାଖରେ ପହଞ୍ଚିବା ସହ ସଂଘ କିପରି ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶ ମୁତାବକ ଜଗତ ହିତ କାର୍ଯ୍ୟରେ ବ୍ରତୀ ହେବ ସେ ସମ୍ପର୍କରେ ସୂଚନା ପାଇପାରିବେ। କାର୍ଯ୍ୟକ୍ରମରେ ସାରସ୍ୱତ ମଠ ଟ୍ରଷ୍ଟି ମହେଶ୍ୱର ସ୍ୱାଇଁ, ମହନ୍ତ ମହାରାଜଙ୍କ ସଚିବ ନିରଞ୍ଜନ ମହାନ୍ତି, ସଂଘ ସଭାପତି ଗଗନେନ୍ଦ୍ର ମହାପାତ୍ର ଏବଂ ସମ୍ମିଳନୀର ଆବାହକ କମିଟି ସଭାପତି କଳ୍ପତରୁ ସେନାପତି ପ୍ରମୁଖ ଯୋଗଦେଇ ୨୦୨୩ ନଭେମ୍ବର ପ୍ରଥମ ସପ୍ତାହରେ ଶ୍ରୀ ଶ୍ରୀ ଠାକୁରଙ୍କ ନୀଳାଚଳ କୁଟିର ପ୍ରବେଶର ଶତବର୍ଷ ପୂର୍ତ୍ତି ଅବସରରେ ହେବାକୁ ଥିବା ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ମହୋତ୍ସବରେ ସାରା ବିଶ୍ୱରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଶେଷରେ ନୀଳାଚଳ ସାରସ୍ୱତ ସଂଘର ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।




ନୀଳାଚଳ ସାରସ୍ୱତ ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

# ସରିଲା ମହାପ୍ରଭୁଙ୍କ ଝୁଲଣ ଯାତ୍ରା

ପୁରୀ ଅଫିସ,୧୩।୮

ଶ୍ରାବଣ ଶୁକ୍ଳ ଦଶମୀ ତିଥିରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ଝୁଲଣଯାତ୍ରା ଭାଦ୍ରବ ମାସ କୃଷ୍ଣ ପ୍ରତିପଦା ତିଥି ଶନିବାର ଶେଷ ହୋଇଛି। ପ୍ରତିଦିନ ପରି ଝୁଲଣର ଶେଷ ଦିନରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ମହାପ୍ରଭୁଙ୍କ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଝୁଲଣକୁଞ୍ଜରେ ବିରାଜମାନ କରିଥିଲେ। ମୁକ୍ତିମଣ୍ଡପରେ ନିର୍ମାଣ କରାଯାଇଥିବା ଝୁଲଣ କୁଞ୍ଜରେ ପ୍ରଭୁ ମଦନମୋହନଙ୍କ ରାସ ଅନୁଷ୍ଠିତ ହୋଇଥିଲା। ଏହାକୁ ଶରତ ରାସ ବୋଲି ମଧ୍ୟ କୁହାଯାଏ ଏହି କୁଞ୍ଜରେ କେବଳ ଦେବା ଦେବୀ ନୁହେଁ, ସଖୀ, ପଶୁ, ପକ୍ଷୀ ତଥା ବିଭିନ୍ନ ଗଛଲତା ସହ ସୁବାସିତ ଫୁଲ ଓ ଫଳମୂଳକୁ ମଧ୍ୟ ସ୍ଥାନ ଦିଆଯାଇଥାଏ। ଏହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ଶ୍ରୀମନ୍ଦିର ସମେତ ପୁରୀର ସମସ୍ତ ମଠ ବାଡିରେ ମଧ୍ୟ ଝୁଲଣ ଯାତ୍ରା ହୋଇଥାଏ। ଗତ ଦୁଇବର୍ଷ କରୋନା ପାଇଁ ଏହି ଯାତ୍ରା ହୋଇ ନ ଥିବାବେଳେ ଚଳିତବର୍ଷ ହୋଇଥିଲେ ମଧ୍ୟ ଭକ୍ତଙ୍କ ସଂଖ୍ୟା କମ୍ ରହିଥିଲା। ଶ୍ରୀମନ୍ଦିର ଚାରିପାଖରେ ଥିବା ପ୍ରାୟ ୧୬ରୁ ଅଧିକ ମଠକୁ ଐତିହ୍ୟ କରିଡର ନାମରେ ଉଚ୍ଛେଦ କରାଯାଇଛି। ତେଣୁ କିଛି ହାତ ଗଣତି ମଠରେ ଝୁଲଣ ଯାତ୍ରା ହୋଇଥିଲା। ଝୁଲଣ ଯାତ୍ରାରେ ମୁଖ୍ୟତଃ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, କାରିଗରି ଦେଖିବାକୁ ମିଳୁଥିଲା। ଯାହା ଏବେ ବିଲୁପ୍ତ ପ୍ରାୟ ହୋଇପଡିଛି। ନିଜସ୍ୱ କଳା ସଂସ୍କୃତି ଆଉ ଦେଖାଯାଉନାହିଁ।

ଏ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ରଙ୍କ କହିବା ଅନୁଯାୟୀ, ଝୁଲଣର ଯେଉଁ ରହସ୍ୟ ରହିଥିଲା ତାହା ଏବେ ଆଉ ଲୋକଙ୍କ ପାଖରେ ନାହିଁ। ଝୁଲଣରେ କେବଳ ଦେବାଦେବୀଙ୍କୁ ଝୁଲାଯାଏ ତାହା ନୁହେଁ। ଝୁଲଣ ଉପାସନା ଭିତରେ ସେବା ଓ ତ୍ୟାଗ ମନୋବୃତ୍ତିର ରହିଥାଏ। ପ୍ରଭୁଙ୍କ ନିକଟତର ହେବା ପାଇଁ ଝୁଲଣ ଏକ ମାଧ୍ୟମ। ତେବେ ବର୍ତ୍ତମାନ ଝୁଲଣର ଆଧ୍ୟାତ୍ମିକତା ହ୍ରାସ ଘଟିଛି। ଖାଲି ପରମ୍ପରାକୁ ବଜାଇ ରଖିବା ପାଇଁ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଫଳରେ ଏବେ ଝୁଲଣର ଆକର୍ଷଣ ପୁରୀ ବାସୀ ତଥା ଆଖପାଖ ଲୋକଙ୍କ ପାଇଁ ରହୁନାହିଁ। ପୂର୍ବରୁ କଥାରେ ଥିଲା ବଳଙ୍ଗା ମେଳଣ ଏବଂ ଶ୍ରୀକ୍ଷେତ୍ର ଝୁଲଣ। ଶ୍ରୀମନ୍ଦିର ଚାରିପାଖରେ ଥିବା ମଠଗୁଡିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଯେଉଁ ମଠ ଭାଙ୍ଗିଛି ସେମାନଙ୍କ ମଠରେ ଝୁଲଣ କରିବା ସହ ମଠର ପରିସୀମା ମଧ୍ୟରେ ସରକାର ସହଯୋଗ କରନ୍ତୁ। ଫଳରେ ଶ୍ରୀକ୍ଷେତ୍ର ଝୁଲଣ ତା'ର ପୂର୍ବ ଚମକ ଫେରିପାଇବ। ସେହିପରି ଝୁଲଣରେ କଳାକାରମାନେ ସାଜସଜ୍ଜା କରି ତାଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ସହ ରୋଜଗାର କରୁଥିଲେ। ସେମାନେ ଏବେ ତାଙ୍କ କଳା ହରାଇବାକୁ ବସିଛନ୍ତି। ତେଣୁ ଝୁଲଣର ଚମକ ଫେରିଲେ ପୁରୀର ବିଭିନ୍ନ କାରିଗରମାନେ ସେମାନଙ୍କ କଳାକୁ ଲୋକଲୋଚନକୁ ଆସିପାରିବ। କଳା ସଂସ୍କୃତି ବଞ୍ଚି ରହିବ।

## ଭକ୍ତ ଦାସିଆ ପୀଠରେ ଝୁଲଣ ପର୍ବ

ପିପିଲି,୧୩।୮(ଡି.ଏନ୍.ଏ./ସ୍ୱ.ପ୍ର.):

ଭକ୍ତ ଶିରୋମଣୀ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥ ମନ୍ଦିରରେ ପୁରୀର ନୀତିକାନ୍ତି ଅନୁଯାୟୀ ଝୁଲଣ ପର୍ବ ମହାଆଡ଼ମ୍ବରରେ ଶେଷ ହୋଇଯାଇଛି। ପୀଠସ୍ଥ ମନ୍ଦିରର ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଓ ଗୁରୁଣ୍ଡି ଗୋପାଳଙ୍କୁ ପ୍ରତ୍ୟହ ସନ୍ଧ୍ୟାରେ ଏକ ସୁସଜ୍ଜିତ ବିମାନରେ ବିରାଜମାନ କରାଯାଇଥିଲା। ଏଥିରେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ି, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ୍, ପ୍ରହଲ୍ଲାଦ ମିଶ୍ର ଦୈନନ୍ଦିନ ପୂଜାନୀତି ସମାପନ କରିଥିଲେ। ରକ୍ଷାବନ୍ଧନ ପର୍ବ ଅବସରରେ ଏକ ଆଧ୍ୟାତ୍ମିକ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୁଖ୍ୟ ଇଂ. ହାଡିବନ୍ଧୁ ବେହେରା ଭକ୍ତ ଓ ଭଗବାନଙ୍କ ନିବିଡ଼ ସମ୍ପର୍କ ବାବଦରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଚିରଞ୍ଜନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରାକ୍ତନ ଯୁଗ୍ମ ସଚିବ ଇଂ. ରୋହିତ ସେଠୀ ସାମିଲ ହୋଇଥିଲେ। ଡା. ନରେନ୍ଦ୍ରନାଥ ସାହୁଙ୍କ ସଭାପତିତ୍ୱରେ ଭକ୍ତ ଦାସିଆ ସ୍ମୃତି କମିଟିର ଅର୍ଜୁନ ଚରଣ ସାମଲ, ପ୍ରତାପ ଚନ୍ଦ୍ର ନାୟକ, ସମ୍ପାଦକ ସରୋଜ ସାହୁ, ସଦସ୍ୟ ଅର୍ଜୁନ ଚରଣ ମାଝି, ରାଜନ ଛାଟୋଇ, ଇଂ. ମାହଲ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ପରିଚାଳନା କରିଥିଲେ।



**ସତ୍‌ସଙ୍ଗ ହିଁ ନିର୍ବାଣ, ମୁକ୍ତିର ମାର୍ଗ**

ପୁରୀ ଅଫିସ-ବୋଧିଚକ୍ର ଅନୁଷ୍ଠାନ ତରଫରୁ ବୁଦ୍ଧ ମନ୍ଦିର ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ଗିରିଜା ଶଙ୍କର ପାଢୀଙ୍କ ଅଧ୍ୟକ୍ଷତାରେ 'ସଂଘ, ସତ୍‌ସଙ୍ଗ ଓ ନିର୍ବାଣ' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଇଂ ଗିରିଜା ଶଙ୍କର ସତ୍‌ସଂଘ ହିଁ ନିର୍ବାଣର ମାର୍ଗ ଓ ଏଥିପାଇଁ ଆଧୁନିକ ଚେତନାରେ ଉଦ୍‌ବୃତ ହୋଇ ଭଗବାନଙ୍କ ଶରଣାପନ୍ନ ହେବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଡ. ବଳରାମ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଡ. ପ୍ରମୋଦ ପଣ୍ଡା ପୁରାଣଶାସ୍ତ୍ରର ଉଦାହରଣ ସହ ବୌଦ୍ଧ ନିର୍ବାଣ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ପଣ୍ଡିତ ଦୟାନିଧି ପଣ୍ଡା, ପ୍ରଭାତ ଚନ୍ଦ୍ର ମିଶ୍ର, ବିଶ୍ୱନାଥ ମିଶ୍ର, ବାସୁଦେବ ସାହୁ ଓ ଅଶୋକ ଆଢ଼ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଉପାସକ ଉମେଶ ଚନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ହର୍ ଘର୍ ତ୍ରିରଙ୍ଗା ଆଗାମୀ ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ

ପିପିଲି,୧୩।୮(ଡି.ଏନ୍.ଏ.): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ପୁରୀ ଜିଲା ଡେଲାଙ୍ଗ-ପିପିଲି ଭାଜପା ପକ୍ଷରୁ ପିପିଲି ଗୁଡିଆପୋଖରୀସ୍ଥିତ ରୁକ୍ମଣୀ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସଭାପତି ଆଶ୍ରୀତ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଭାରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ମହାପାତ୍ର ଉପସ୍ଥିତ ଥିଲେ। ଦେଶ ପ୍ରତି ଜାତୀୟତା ଭାବକୁ ଜାଗ୍ରତ କରିବା ପାଇଁ ହର୍ ଘର୍ ତ୍ରିରଙ୍ଗା ଆହ୍ୱାନରେ ଆଗାମୀ ଯୁବପିଢ଼ିଙ୍କୁ ପ୍ରେରଣାର ଉତ୍ସ ହୋଇରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପିପିଲି ପୌରାଞ୍ଚଳ ମଣ୍ଡଳ ସଭାପତି ସୁକାନ୍ତ ଭଟ୍ଟ ଓ କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତି ସୁଭାଶିଷ ରଥ ପ୍ରମୁଖ ଅତିଥି ପରିଚୟ ଓ ସଭାପରିଚାଳନା କରିଥିଲେ। ୪ଜଣ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସାଧୁଚରଣ ମହାନ୍ତି, ସ୍ୱର୍ଗତ ରଘୁନାଥ ବାରିକ, ସ୍ୱର୍ଗତ ଯଦୁମଣି କୋଦମାସିଂ, ସ୍ୱର୍ଗତ ଜୟକୃଷ୍ଣ ନାୟକ ପ୍ରମୁଖଙ୍କ ପରିବାର ସଦସ୍ୟଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ଜାତୀୟ ପତାକା ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଅବସରପ୍ରାପ୍ତ ସେନା ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ଶିକ୍ଷାର ଭିତ୍ତିଭୂମି ସଜାଡ଼ିଥିଲେ ବନମାଳୀ ଦାସ

ଗୋପ,୧୩।୮(ଡି.ଏନ୍.ଏ.)- ଦେଶ ସ୍ୱାଧୀନ ହେବା ପୂର୍ବରୁ ଶିକ୍ଷାକ୍ଷେତ୍ରରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ କିପରି ନିଜର ଭବିଷ୍ୟତ ଗଢ଼ିବେ, ସ୍ୱାଧୀନତା ପାଇବା ପରେ ଦେଶ ପାଇଁ କାର୍ଯ୍ୟ କରିବେ, ସେନେଇ ବହୁ ଉନ୍ନତିମୂଳକ ପଦକ୍ଷେପ ନେଇଥିଲେ ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାସ। ତାଙ୍କର ଏହି ଦୃଢ଼ ପଦକ୍ଷେପ ପାଇଁ ସ୍ୱାଧୀନ ଭାରତରେ ଶିକ୍ଷାର ମାନ ଉଚ୍ଚତର ରହିଛି ବୋଲି ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଶନିବାର ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାସଙ୍କ ୫୮ତମ ଶ୍ରାଦ୍ଧ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ ଏହି ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟପୀର ନାୟକ, ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ବାନରସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ୧୯୪୪ ମସିହାରେ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରତିଷ୍ଠା କରିଥିବା ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାସ କେବଳ ଶିକ୍ଷାକ୍ଷେତ୍ରରେ ଆଗରେ ନ ଥିଲେ, ସେ ଦେଶ ସ୍ୱାଧୀନ କିପରି ହେବ ସେଥିପାଇଁ ମଧ ଚାଲି ଚାଲି ଗାଁ ଗାଁ ଯାଇଥିବା ବେଳେ ପାଇକ ବିଦ୍ରୋହରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କାରଣ ଗୋପ ବ୍ଲକ ଗଣେଶ୍ୱରପୁରରେ ତାଙ୍କ ଜନ୍ମସ୍ଥାନ ଥିବାରୁ ସିଧାସଳଖ ସତ୍ୟବାଦୀ ସହିତ ତାଙ୍କର ମଧ ଯୋଗାଯୋଗ ରହିଥିବା ଅତିଥିମାନେ କହିଥିଲେ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଥିବା ବନମାଳୀ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ୪୦ କିମି ପରିବ୍ୟାପ୍ତ ଲୁଣାବନ୍ଧ ସୁଦୃଢ଼ୀକରଣ ହେବ

ପୁରୀ ଅଫିସ,୧୩।୮:


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଓ ଅନ୍ୟମାନେ ।

ରାଜ୍ୟର ୪ଟି ଜିଲାର ୨ଶହ କିଲୋମିଟର ପରିବ୍ୟାପ୍ତ ୩୬ଟି ଲୁଣାବନ୍ଧର ମରାମତି, ସୁଦୃଢ଼ୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହେବା ପରେ ପୁରୀ ଜିଲା ବିଜୁ ଜନତା ଦଳ ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏସମ୍ପର୍କିତ ସବିଶେଷ ସୂଚନା ପ୍ରଦାନ କରାଯାଇଛି। ପୁରୀ ଜିଲାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ୍, ବ୍ରହ୍ମଗିରି ବ୍ଲକ୍, କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁର ବ୍ଲକ ଓ ଅସ୍ତରଙ୍ଗ ବ୍ଲକ ପ୍ରମୁଖକୁ ସମୁଦ୍ର ଓ ଚିଲିକା ଜୁଆରରୁ ସୁରକ୍ଷିତ ରଖିବାରେ ଏହି ଲୁଣାବନ୍ଧ ବିଶେଷ ସହାୟକ ହେବ। ବନ୍ଧ ହେବା ଫଳରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ଅରଖକୁଦା ଘେରି, ଭଗବାନପୁର, ମୋଟ, ହାସିନପୁର, ବାଲି ହରଚଣ୍ଡୀ, ବାଘମୁଣ୍ଡା, ନୂଆଗାଁ, ସିପୁକଦା ଭଳି ଶତାଧିକ ଗ୍ରାମ ବାତ୍ୟା ପ୍ରତିରୋଧ କରିବାରେ ସକ୍ଷମ ହେବେ। ସେହିପରି କାକଟପୁର ନିର୍ବାଚନମଣ୍ଡଳୀର କାକଟପୁର ଓ ଅସ୍ତରଙ୍ଗ ବ୍ଲକର ୫ଟି ଲୁଣା ବନ୍ଧ ପ୍ରକଳ୍ପ ଦ୍ୱାରା ବାଲିଡିହ, ଆଳସାହି, ଓଡ଼ିଆ, ଅନନ୍ତ, ପୋଚାଡ଼ିଆ, ପତିରା, ହରିପୁର ଓ ମୁଦୁଲି ସାହି ସମେତ ଅନେକ ଗ୍ରାମ ସମୁଦ୍ର ଜୁଆର, ଲୁଣା ପାଣି ଓ ବାତ୍ୟା ଦାଉରୁ ରକ୍ଷା ପାଇପାରିବେ। ଏହି ପ୍ରକଳ୍ପର ସଫଳ ରୂପାୟନ ହୋଇପାରିଲେ, କାକଟପୁର ନିର୍ବାଚନମଣ୍ଡଳୀର ଉଭୟ କାକଟପୁର ଓ ଅସ୍ତରଙ୍ଗ ବ୍ଲକକୁ ମିଶାଇ ୧୩.୨୯ କିଲୋମିଟର ପରିବ୍ୟାପ୍ତ ବନ୍ଧର ସୁଦୃଢ଼ୀକରଣ ପାଇଁ ୫୪ କୋଟି ୧ ଲକ୍ଷ ୩୪ ହଜାର ଟଙ୍କା ବ୍ୟୟବରାଦ ହୋଇଛି। ବନ୍ଧ ନିର୍ମାଣ ହେଲେ ହେଲେ ୨୮ଟି ଗ୍ରାମର ୨୧ ହଜାର ୨୫୦ ଲୋକ ଓ ୧୨

### ଉପକୃତ ହେବେ ୪ ବ୍ଲକର ଗ୍ରାମବାସୀ

ହଜାର ୫୦ ହେକ୍ଟର ଚାଷଜମି ସୁରକ୍ଷିତ ହେବ। ସେହିଭଳି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକକୁ ମିଶାଇ ୨୮ କିଲୋମିଟର ପରିବ୍ୟାପ୍ତ ବନ୍ଧ ନିର୍ମାଣ କରାଯିବା ନେଇ ଯୋଜନା ହୋଇଛି। ଏହି ବାବଦକୁ ୭୮ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ୨୭ଟି ଗ୍ରାମର ୧୮ ହଜାର ଲୋକେ ଓ ୧୩ଶହ ହେକ୍ଟର ଚାଷଜମି ସୁରକ୍ଷିତ ହୋଇପାରିବ। ୧୩୨.୪୧ କୋଟି ଟଙ୍କା ବ୍ୟୟ ବରାଦରେ ୪୦.୮୪ କିଲୋମିଟର ବାତ୍ୟା ପ୍ରତିରୋଧକ ଲୁଣାବନ୍ଧ ପ୍ରକଳ୍ପ ଜିଲାରେ କାର୍ଯ୍ୟକାରୀ ହେବ ବୋଲି ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମର ବିଜେଡି ନେତାମାନେ ସମ୍ମିଳନୀରେ ଉଚ୍ଚ ପ୍ରଶଂସା କରିଛନ୍ତି। ଶନିବାର ଏହି ସମ୍ମିଳନୀରେ ପୂର୍ବତନ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମୀର ରଞ୍ଜନ ଦାଶ ଓ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ,୧୩।୮

ସହରରେ ଡକାୟତି କରିବାକୁ ଯୋଜନା କରୁଥିବା ଏକ ଗ୍ୟାଙ୍ଗକୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ଖବରପାଇ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ, କୁମ୍ଭାରପଡା ଥାନା ଅନ୍ତର୍ଗତ ଅବକାଶ ଲେନ୍ ଚାରିଛକର ବିକାଶ ମହାନ୍ତି ଓରଫ ଚିକୁ, ରାମଚଣ୍ଡୀ ସାହି ବାଲିକୁଦ ଅଞ୍ଚଳର ଲୋକନାଥ ନନ୍ଦ, ବାସେଳିସାହି ଥାନା ଅନ୍ତର୍ଗତ ମିଶ୍ରସାହିର ରାକେଶ ସାହୁ ଓରଫ ଗୁଡ୍ଡୁ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଧୋବା ସାହିର ନବୀନ ସାହୁ ଏବଂ ସଦର ଥାନା ଅନ୍ତର୍ଗତ ନୀଳଚକ୍ର ନଗରର ଲକ୍ଷ୍ମୀଧର ମୁଦୁଲି ଓରଫ ବାପି। ସେମାନଙ୍କଠାରୁ ୨ଟି ବୋମା, ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍ ଏବଂ ଗୋଟିଏ ଛୁରି ଜବତ ହୋଇଛି। ଏ ନେଇ ପୋଲିସ ନଂ. ୨୨୩ /୨୨ରେ ଏକ ମାମଲା ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର

### ୨ ବୋମା, ଖଣ୍ଡା, ଛୁରି ଜବତ

ରାତି ପ୍ରାୟ ୧ଟା ୪୦ରେ କେତେଜଣ ବ୍ୟକ୍ତି ନରେନ୍ଦ୍ରକୋଣ ଦେବୀଘାଟ ନିକଟରେ ବିଭିନ୍ନ ମାରଣାସ୍ତ୍ର ସହ ବସି ଡକାୟତି କରିବାକୁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ପୋଲିସ ଏହି ଖବର ପାଇ ଦେବୀଘାଟ ଅଞ୍ଚଳରେ ଚଢାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଜବତ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚାରିବା ବେଳେ ମାର୍କେଟ ଛକ ନିକଟରେ ଥିବା ଏକ ବଡ ଜୁଏଲେରି ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ତେବେ ଅଭିଯୁକ୍ତ ବିକାଶଙ୍କ ନାମରେ କୁମ୍ଭାରପଡା ଥାନାରେ ପୂର୍ବରୁ ୧୦ଟି ମାମଲା, ଲୋକନାଥଙ୍କ ନାମରେ ୧୧ଟି ମାମଲା, ନବୀନଙ୍କ ନାମରେ କୁମ୍ଭାରପଡା ଥାନାରେ ୩ଟି ମାମଲା, ବାପିଙ୍କ ନାମରେ ୨ଟି ମାମଲା ଓ ରାକେଶଙ୍କ ନାମରେ ୩ଟି ମାମଲା ରହିଛି।



ନିମାପଡ଼ା ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶନିବାର ନିମାପଡାରେ ଆୟୋଜିତ 'ମୋ ଦେଶ ମୋ ସ୍ୱାଭିମାନ' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

# ଇତିହାସକୁ ମନେରଖିଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ

ନିମାପଡ଼ା,୧୩।୮(ଡି.ଏନ୍.ଏ.):

ଆମେ ଇତିହାସକୁ ମନେରଖିଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ। ଏଥିସହ ରାଜ୍ୟ ତଥା ଅଞ୍ଚଳର ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସର୍ବଦା ମନେପକାଇବା ଉଚିତ। ଆମକୁ ସ୍ୱାଧୀନତା ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଶନିବାର ନିମାପଡ଼ାଠାରେ 'ମୋ ଦେଶ ମୋ ସ୍ୱାଭିମାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ କ୍ରୀଡା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କ ନୀତି, ଆଦର୍ଶ, ତ୍ୟାଗପୂତ ଜୀବନରେ ଅନୁପ୍ରାଣିତ ହୋଇ ଦେଶ ଓ ରାଷ୍ଟ୍ର ଗଠନ ପାଇଁ ଆଜିର ଯୁବ, ଛାତ୍ର, ମହିଳାମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ

### 'ମୋ ଦେଶ ମୋ ସ୍ୱାଭିମାନ' କାର୍ଯ୍ୟକ୍ରମ

ବେହେରା ଆହ୍ୱାନ ଦେଇଥିଲେ। ନିମାପଡ଼ା ଶହୀଦ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ସମାରୋହ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜଗତସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ୍, ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ, ବିଧାୟକ ରୁଦ୍ର ପ୍ରସାଦ ମହାରଥୀ, ବିଧାୟକ ଉମାକାନ୍ତ ସାମନ୍ତରାୟ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ନିମାପଡ଼ା ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଗୋପ ପଞ୍ଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କାକଟପୁର ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ରଙ୍କୁ ଶହୀଦ ସ୍ମୃତି ସଂସଦ ପକ୍ଷରୁ ମାନପତ୍ର, ଟ୍ରଫି, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ନିମାପଡ଼ା ଓ ଗୋପ ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ସଫଳତା ପାଇଥିବା ଓ ଯୁକ୍ତ ୨ ଆଞ୍ଚଳିକ ଶିକ୍ଷାନୁଷ୍ଠାନଗୁଡିକରେ ଟପ୍ପର ହୋଇଥିବା ୨୬୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ମାନପତ୍ର, ଟ୍ରଫି, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟ, ସ୍କୁଲ ସମେତ ସ୍କାଉଟ୍‌ସ, ଗାଇଡ୍‌ସ, ଜେଆର୍‌ସି କ୍ୟାଡେଟ୍, ମହିଳା ମହାସଂଘ, ବହୁ ସ୍ୱେଚ୍ଛାସେବୀ, ସମାଜସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବାଜା, ବାଣ, ଦେଶାତ୍ମବୋଧ ନୃତ୍ୟ, ସଙ୍ଗୀତ, ବିଭିନ୍ନ ନାରାବାଜି, ମୋ ଦେଶ ମୋ ସ୍ୱାଭିମାନ ଧ୍ୱନିରେ ନିମାପଡ଼ା ପ୍ରକମ୍ପିତ ହେଉଥିଲା। ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକ, ରାଜନେତା ଏବଂ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ।

### ୧୭ରେ ପହଞ୍ଚିବ ତ୍ରିରଙ୍ଗା ରଥ

କଣାସ,୧୩।୮(ସ୍ୱ.ପ୍ର.): ଆସନ୍ତା ୧୭ତାରିଖରେ ହର ଘର୍ ତ୍ରିରଙ୍ଗା ରଥ ତ୍ରିଲୋଚନପୁର ବସ୍‌ଷ୍ଟାଣ୍ଡରେ ପହଞ୍ଚିବ। ସେଠାରୁ ତ୍ରିଲୋଚନପୁର ଗ୍ରାମ, ହଳଦୀପଦର, ବୀରକେଶରପୁର, ବେହେଣ୍ଟା, ମାଟିଆପଡା, ପାଣ୍ଡିଆକେରା, ନାନକେରା, ବଡାସ, ବାଲିପାଟଣା, ଦୋକନ୍ଦା ଦେଇ କଣାସଠାରେ ପହଞ୍ଚିବ। ସେଠାରେ ତାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରିବ।

# ୧୧,୮୫୭ ମାମଲା ଫଇସଲା, ୫.୪୩ କୋଟି ଜରିମାନା ଆଦାୟ

ପୁରୀ ଅଫିସ, ୧୩।୮

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, ବ୍ରହ୍ମଗିରି ଓ କଣାସ ଅଦାଲତରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଧନେଶ୍ୱର ମଲ୍ଲିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅଦାଲତରେ ପରିବାର ଅଦାଲତ ବିଚାରପତି ଅରୁଣ କୁମାର ମଲ୍ଲିକ, ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଅମିୟ ରଞ୍ଜନ ଜେନା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରୀତିଶ୍ ରାଉତରାୟ, ସିଭିଲ କୋର୍ଟ ରେଜିଷ୍ଟ୍ରାର ନିଖିଲ ଭରତ ମହାନ୍ତି, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାଣା ଘୋଷ, ଅତିରିକ୍ତ ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଦେବାଶିଷ ବିଷୋଇ, ଦେୱାନୀ ଅଦାଲତ ବିଚାରପତି ପ୍ରତ୍ୟୁଷ କୁମାର ଚାନ୍ଦ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜିତେନ୍ଦ୍ର ଦାସ, ଗ୍ରାମ ନ୍ୟାୟାଳୟ ନ୍ୟାୟାଧିକାରୀ ସୁଶ୍ରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ପଲ୍ଲବୀ ଦାସ, କ୍ରିଷ୍ଟା

### ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ

ସୁବୁଦ୍ଧି ପ୍ରମୁଖ ମାମଲାଗୁଡ଼ିକର ଫଇସଲା କରିଥିଲେ। ଏହି ଅଦାଲତରେ ମୋଟ ୧୧,୮୫୭ଟି ମାମଲା ଫଇସଲା କରାଯିବା ସହ ଜରିମାନା ବାବଦକୁ ୫ କୋଟି ୪୩ ଲକ୍ଷ ୬୫ ହଜାର ୫୧୦ ଟଙ୍କା ଆଦାୟ କରାଯାଇଛି। ସେଥିମଧ୍ୟରୁ ୯୭ଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ସମାଧାନ କରାଯାଇଛି। ଏଥିରୁ ୩ କୋଟି ୮୩ ଲକ୍ଷ ୩୩ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୫୬୮୧ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୨୭ ଲକ୍ଷ ୯୪ ହଜାର ୮୩୨ ଟଙ୍କା ଆଦାୟ କରାଯାଇଛି ଏବଂ ପ୍ରାକ୍ ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ବ୍ୟାଙ୍କ ଋଣ ବିବାଦ ଓ ଆଞ୍ଚଳିକ ପରିବହନ ବିଭାଗର ଇ-ଚାଲାଣ ମାମଲାଗୁଡ଼ିକ ଆଗତ କରାଯାଇ (୧୬୯୩ ଗୋଟି) ୪୫ ଲକ୍ଷ ୧୪ ହଜାର ୬୪୩ ଟଙ୍କା ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ପିପିଲି ବଜାର ବ୍ୟବସାୟୀ ସଂଘ କର୍ମକର୍ତ୍ତା ନିର୍ବାଚନ

ପିପିଲି,୧୩।୮(ଡି.ଏନ୍.ଏ.):

ପିପିଲି ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପିପିଲି ମୁଖ୍ୟବଜାରରେ ଥିବା ସଂଘ କାର୍ଯ୍ୟାଳୟ ଗୃହରେ ଏହି ନିର୍ବାଚନ କରାଯିବ ବୋଲି ସଂଘର ସଭାପତି ଅଶୋକ ଅଗ୍ରୱାଲ ସୂଚନା ଦେଇଛନ୍ତି। ପିପିଲି ମୁଖ୍ୟ ବଜାରର ବ୍ୟବସାୟୀ

### ୩୬ବର୍ଷ ପରେ ପ୍ରଥମ କରି ହେଉଛି ନିର୍ବାଚନ

ସଂଘ କର୍ମକର୍ତ୍ତାଙ୍କ ନିର୍ବାଚନ ପାଇଁ ପିପିଲି ବଜାର ବେଶ୍ ଚଳଚଞ୍ଚଳ ହୋଇଛି । ସବୁଠାରୁ ବଡ଼ କଥା ହେଲା, ପିପିଲି ବଜାର ବ୍ୟବସାୟୀ ସଂଘ ସ୍ଥାପନାର ୩୬ବର୍ଷ ପରେ ପ୍ରଥମ କରି ଏହି ନିର୍ବାଚନ ହେଉଛି। ସଂଘର ୫ଟି ପଦବୀ ପାଇଁ ୧୬ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ସଭାପତି ପଦ ପାଇଁ ଦୀପକ ମହାପାତ୍ର, ରାକେଶ ମହାପାତ୍ର, ବଟକୃଷ୍ଣ ଡାଙ୍ଗୁଆ ଓ ସେକ୍ ଫିରୋଜ୍ ଉଦ୍ଦିନ ୪ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନ ଲଢୁଛନ୍ତି। ସମ୍ପାଦକ ପଦ ପାଇଁ ଜାହିର ଉଦ୍ଦିନ ଖାନ, ପ୍ରବୀର ହାଲଦାର ଓ ସନ୍ତୋଷ ବେହେରା ପ୍ରମୁଖ ୩ଜଣ ନିର୍ବାଚନ ମୈଦାନକୁ ଆସିଛନ୍ତି।

# ଆଇନ ପରିସୀମା ମଧ୍ୟରେ ଖବର ପରିବେଷଣକୁ ଗୁରୁତ୍ୱ

ସାକ୍ଷୀଗୋପାଳ, ୧୩।୮(ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ପ୍ରେସ୍ କ୍ଲବ ସାକ୍ଷୀଗୋପାଳର ସମସ୍ତ ସଦସ୍ୟଙ୍କୁ ନେଇ ସ୍ଥାନୀୟ ବାଟମହାବୀର ମନ୍ଦିର ପରିସରରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ତଥା ଖବରଦାତା କିଶୋର ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ଖବରଦାତାଙ୍କ ସୁରକ୍ଷା ଆଇନ ଓ ବୀମା ଉପରେ ଆଲୋକପାତ କରାଯାଇଥିଲା।


ସତ୍ୟବାଦୀ ପ୍ରେସ୍ କ୍ଲବର ସାଧାରଣ ଅଧିବେଶନରେ ଉପସ୍ଥିତ କ୍ଲବ ସଦସ୍ୟ ।

### ସତ୍ୟବାଦୀ ପ୍ରେସ୍ କ୍ଲବର ସାଧାରଣ ଅଧିବେଶନ

ସତ୍ୟବାଦୀ ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ସତ୍ୟବାଦୀର ସାଧାରଣ ଲୋକଙ୍କ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଆଇନର ପରିସୀମା ମଧ୍ୟରେ ରହି ଖବର ପରିବେଷଣ କରିବା ପାଇଁ ସଭାପତି ପରାମର୍ଶ ଦେଇଥିଲେ। ସମ୍ପାଦକ ଅଶୋକ ବେହେରା ଓ କୋଷାଧ୍ୟକ୍ଷ ବସନ୍ତ ପଟ୍ଟନାୟକ ଅନୁଷ୍ଠାନର ପ୍ରତ୍ୟେକ ଖବରଦାତା ସତ୍ୟବାଦୀର ଯେଉଁ ମୌଳିକ ସମସ୍ୟା ଅଛି ତା'ର ସମାଧାନ ଓ ଗଠନମୂଳକ ଖବର ପରିବେଷଣ କରିବା ଦ୍ୱାରା ସମାଜର ଉନ୍ନତି ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏଥିସହ ପ୍ରେସ୍ କ୍ଲବର ଏକ ଅଫିସ୍ ଗୃହ, ନୂତନ ସଭ୍ୟଙ୍କ ଉପରେ ଆଲୋଚନା କରାଯାଇଥିଲା। ସଭାରେ ସତ୍ୟବାଦୀ ପ୍ରେସ୍ କ୍ଲବର ସଦସ୍ୟ ପ୍ରଶାନ୍ତ କୁମାର ବାରିକ, ଅଶୋକ କୁମାର ମିଶ୍ର, ଅମର ଶତପଥୀ, ପ୍ରଭାତ ମିଶ୍ର, ଭରତ ରାଉତ, ରାଜକିଶୋର ସେନାପତି, ଆଲୋକ ଖୁଣ୍ଟିଆ, କାଳୀପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ପୁରୀ ଅଫିସ,୧୩।୮:



ପୁରୀ ଘୋଡା ବଜାରସ୍ଥିତ ଶିଶୁ ବିଦ୍ୟାମନ୍ଦିର ଓ ହରଚଣ୍ଡୀସାହି ସ୍ଥିତ ଶିଶୁ ବିଦ୍ୟା ମନ୍ଦିରରେ ଦୁଇ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି ।

ହରଚଣ୍ଡୀ ସାହିସ୍ଥିତ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ବିଜ୍ଞାନ ମେଳା ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ନମିତା ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିଶୁ ବର୍ଗ, ବାଲ ବର୍ଗ ଏବଂ କିଶୋର ବର୍ଗରେ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପ୍ରୟୋଗ ଓ ପତ୍ରବାଚନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ୧୦୦ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଶାଳିନୀ ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ସମ୍ପାଦକ ମାଧବଚନ୍ଦ୍ର ମହାପାତ୍ର ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଦୀନବନ୍ଧୁ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ବିଜ୍ଞାନ ସଂସଦର ଛାତ୍ର ସତ୍ୟଜିତ୍ ଦାସ ଧନ୍ୟବାଦ ଦେଇଥିଲେ।

ସେହିପରି ଘୋଡାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏଥିରେ ବୈଦିକ ଗଣିତ, ସଂସ୍କୃତିବୋଧ ଓ ବିଜ୍ଞାନର ପ୍ରଶ୍ନମଞ୍ଚ ହୋଇଥିଲା। ବିଜ୍ଞାନ ଓ ଗଣିତର ପତ୍ରବାଚନ ସହିତ ଉକ୍ତ ବିଷୟରେ ପ୍ରୟୋଗ ଓ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଶିଶୁ, ବାଲ୍ ଓ କିଶୋର ବର୍ଗରେ ଏହି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାଗ ନେଇଥିବା ୩୫୦ ପ୍ରତିଯୋଗୀଙ୍କ ମଧ୍ୟରୁ ୧୫୫ ଜଣ ଚୟନ ହୋଇଥିଲେ। ତନ୍ମଧ୍ୟରୁ ୪୮ଜଣ ଶିଶୁ ସଂକୁଳସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପୁରୀ ସଙ୍କୁଳ ପ୍ରମୁଖ ପ୍ରମୋଦ କୁମାର କର ଯୋଗ ଦେଇ ଶ୍ରେଷ୍ଠ ୧୫୫ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ଇନ୍‌ଫୋସିସରେ ସିଷ୍ଟମ ଇଂ. ଶିବାସନ୍ଧ୍ୟା ସାହୁ ଓ ପୂର୍ବତନ ଛାତ୍ର ପୁରୀ ରେଲ୍‌ୱେ ଡିଭିଜନର ସିନିୟର ଆସିଷ୍ଟାଣ୍ଟ ଶଶିଶେଖର ମହାପାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାଲେପୁର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

**ସାଲେପୁର,୧୩।୮ (ଡି.ଏନ୍.ଏ.):** ସ୍ୱାଧୀନତା ୭୫ବର୍ଷ ପୂର୍ତ୍ତି ତଥା ଅମୃତ ମହୋତ୍ସବ ଅବସରରେ ଶନିବାର ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାୟ ୫ଶହ ଛାତ୍ରୀଛାତ୍ର ହାତରେ ଜାତୀୟ ପତାକା ଧରି ଭାରତ ମାତା କି ଜୟ ଧ୍ୱନୀ ଦେଇ ସାଲେପୁର ସହର ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରାରେ ସେନା ଅଧିକାରୀ ଶ୍ରୀକାନ୍ତ ପରିଡ଼ା, ଆକାଶବାହିନୀର ଅଫିସର ଆରତୀ ଆଚାର୍ଯ୍ୟ, ବରିଷ୍ଠ ଶିକ୍ଷକ କମଳାକାନ୍ତ ମୁଦୁଲି, ଚିନ୍ମୟୀ ଦେବୀ, ବନ୍ଦନା ଜେନା, ପ୍ରଭାମୟୀ ଦାଶ, ବନୋଜ କୁମାର ଜେନାସାମନ୍ତ, ସାନନ୍ଦ ଭୋଇ, ବାସନ୍ତୀ ଦାଶ, ବନଶ୍ରୀ ସେଠୀ, ମୌସୁମୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ମିଶନ୍ ଶକ୍ତି ପକ୍ଷରୁ ତ୍ରିରଙ୍ଗା ବଣ୍ଟନ

**ସାଲେପୁର,୧୩।୮ (ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଶନିବାର ସାଲେପୁରରେ ଉଦ୍‌ଘାଟିତ ହୋଇଛି। ସାଲେପୁର ମଧୁମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ପ୍ରତି ଘରେ ତ୍ରିରଙ୍ଗା ଉଡ଼ିବାକୁ ଆହ୍ୱାନ କରିବା ସହ ଜାତୀୟ ପତାକା ବଣ୍ଟନ କରିଥିଲେ। ସାଲେପୁର ବ୍ଲକ୍ ମିଶନ୍ ଶକ୍ତିର ସଭାନେତ୍ରୀ ତୃପ୍ତିରେଖା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ୍ ଅଧକ୍ଷ ରାମଚନ୍ଦ୍ର ଭୋଇ, ଏବିଡ଼ିଓ ସୂର୍ଯ୍ୟକାନ୍ତ ରାଉତ, ବ୍ଲକ୍ ବିଜେଡି ସଭାପତି ନାରାୟଣ ପତି, ଜିଲା ପରିଷଦ ସଭ୍ୟ ନମିତା ସେଠୀ, ରଞ୍ଜିତା ସେଠୀ, ହରପ୍ରସନ୍ନ ବେହେରା, ସୁନିତା ମଲ୍ଲିକ, ବ୍ଲକ୍ ଉପାଧକ୍ଷଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ରାଜଶ୍ରୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ କିଭଳି ସୁଚାରୁ ରୂପେ ସଫଳ କରାଯିବ, ସେ ନେଇ ଉପସ୍ଥିତ ମହିଳା ଏସ୍ଏଚ୍‌ଜିର ସଭାନେତ୍ରୀ ଓ ସମ୍ପାଦିକାମାନଙ୍କୁ ଆହ୍ୱାନ କରିଥିଲେ।

### ଦେବେନ୍ଦ୍ର ମହାପାତ୍ରଙ୍କ ସ୍ମୃତି ସଭା

**ସାଲେପୁର,୧୩।୮ (ଡି.ଏନ୍.ଏ.):** ଅଟଳ ସେନା ପକ୍ଷରୁ ଅଟଳ ସେନାର ପ୍ରତିଷ୍ଠାତା ସ୍ୱର୍ଗତ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଶନିବାର ସପନପୁର ଶାରଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ସଦାଶିବ ଦାଶ, ଗୌତମ ମହାରଣା, ପ୍ରଦୀପ୍ତ ମହାପାତ୍ର, ବିପିନ ବିହାରୀ କର, ବରିଷ୍ଠ ନାଗରିକ ଜଗନ୍ନାଥ ବସ୍ତିଆ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏଥିରେ କୁଞ୍ଜମୋହନ ସେଠୀ, ଭବାନୀପ୍ରସାଦ ପଣ୍ଡା, ତପନ ଭୂୟାଁ, ଅନନ୍ତ ଚରଣ ଦାଶ, କିରଣ ଭୂୟାଁ, ଶିବଚରଣ ଜେନା, କିଶୋର ଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ପରିଡ଼ାଙ୍କ ସମେତ ଅଟଳ ସେନାର ବହୁ କର୍ମୀ ଉପସ୍ଥିତ ଥିଲେ।

# ବିଜ୍ଞାନରେ ୯୭.୨୨, ବାଣିଜ୍ୟରେ ୯୬.୧୭, କଳାରେ ୯୩.୪୫ % ସଫଳତା

**ସାଲେପୁର,୧୩।୮ (ଡି.ଏନ୍.ଏ.)**

**ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ୩ ପରୀକ୍ଷା ଫଳ**

■ ବିଶ୍ୱପ୍ରକାଶ ବିଜ୍ଞାନ ଟପ୍ପର ଶ୍ରେଷ୍ଠ ସ୍ନାତକ



ଯୁକ୍ତ ୩ ପରୀକ୍ଷା ଫଳ ପୁସ୍ତକ ଉନ୍ମୋଚନରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟମାନେ।



ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପରୀକ୍ଷାଫଳ ପ୍ରକାଶ ପାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପରୀକ୍ଷାଫଳ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ଡ. ସଙ୍ଗୀତା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଧାୟକ ବେହେରା ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନଙ୍କ ପ୍ରଚେଷ୍ଟା ଜାରି ରହିଲେ, ଆଗାମୀ ଦିନରେ ଏହି ମହାବିଦ୍ୟାଳୟ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ପ୍ରଶାନ୍ତ ଜେନା, ଉପପରୀକ୍ଷା ନିୟନ୍ତ୍ରକ ଅଧ୍ୟାପିକା ସ୍ୱାତୀ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ଯୁକ୍ତ୩ ବିଜ୍ଞାନରେ ୯୭.୨୨% ଛାତ୍ରୀଛାତ୍ର ସଫଳତା ହାସଲ କରିଥିବାବେଳେ ବିଶ୍ୱପ୍ରକାଶ ସାହୁ ଟପ୍ପର ହୋଇଛନ୍ତି। କଳାରେ ଛାତ୍ରୀଛାତ୍ରମାନେ ୯୩.୪୫ ପ୍ରତିଶତ ସଫଳତା ହାସଲ କରିଥିବାବେଳେ ସୟେଦା ଆଫିଆ ରସିଦ୍ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୯୬.୧୭ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଜୟଶ୍ରୀ ସାମଲ ଟପ୍ପର ହୋଇଛନ୍ତି। ସେହିପରି ଚଳିତ ବର୍ଷ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଭାବେ ବିଶ୍ୱପ୍ରକାଶ ସାହୁ ସର୍ବାଧିକ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ନବକିଶୋର କର, ଅବତନ ଷଡ଼ଙ୍ଗୀ, ଜୟଦେବ ଶତପଥୀ, ସେକ୍ ସମିମ୍ ଅକ୍ତର, ଶିକ୍ଷାପରିଷଦ ସଦସ୍ୟ ବିରଞ୍ଚି ନାରାୟଣ କର, ଅବସରପ୍ରାପ୍ତ ଅଧ୍ୟାପକ ବିଜୟ ଜେନା, ପୂର୍ବତନ କଲେଜ ଅଧକ୍ଷ ହଳଧର ସାହୁ, ଉମେଶ ଚନ୍ଦ୍ର ପତି, ଗୁଲଜାର ଅଲ୍ଲୀ, ପବିତ୍ର ସାମଲ ପ୍ରମୁଖ ପରିଚାଳନା କରିଥିଲେ।


ସାଲେପୁର ମଧୁମଣ୍ଡପରେ ମିଶନ୍ ଶକ୍ତି ପକ୍ଷରୁ ବଣ୍ଟନ କରାଯାଇଥିବା ତ୍ରିରଙ୍ଗା।

## ଖ୍ରୀଷ୍ଟ କଲେଜରେ ଫଟୋ ପ୍ରଦର୍ଶନୀ

**କଟକ ଅଫିସ,୧୩।୮**

ଅମୃତ ମହୋତ୍ସବ ପାଳନ ଅବସରରେ କଟକ ଖ୍ରୀଷ୍ଟ କଲେଜରେ ଭାରତ ବିଭାଜନ ବିଭୀଷିକାର ଫଟୋ ପ୍ରଦର୍ଶନୀ ଓ ସ୍ମୃତି ଉତ୍ସବ ଶନିବାର ପାଳିତ ହୋଇଯାଇଛି। କଲେଜ ଉପାଧକ୍ଷା ଡ. କ୍ଷଣପ୍ରଭା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ଚିନ୍ମୟ କୁମାର ପ୍ରଧାନ ଯୋଗଦେଇ ଭାରତ ବିଭାଜନ ବିଭୀଷିକାର ଲୋମହର୍ଷଣକାରୀ ଦୃଷ୍ଟାନ୍ତ, ଜାତୀୟତାବାଦ ଓ ସ୍ୱାଧୀନତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ସ୍ୱାତୀ ଦାସ ଧନ୍ୟବାଦ ଦେଇଥିଲେ।

# ସାମାଜିକ କର୍ମୀଙ୍କୁ ରାତିଅଧିଆ ଉଠାଇନେଲା ପୋଲିସ

**ଖୁଣ୍ଟୁଣୀ, ୧୩।୮ (ଡି.ଏନ.ଏ.)**

**ଖୁଣ୍ଟୁଣୀ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପ୍ରସଙ୍ଗ**

ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଦାବିରେ ସାମାଜିକ କର୍ମୀ ଗୌରହରି ମହାନ୍ତି ଶୁକ୍ରବାରଠାରୁ ଡାକ୍ତରଖାନା ପରିସରରେ ଧାରଣାରେ ବସିଥିଲେ। ହେଲେ ସ୍ଥାନୀୟ ପୋଲିସ ତାଙ୍କୁ ରାତିଅଧିଆ ଉଠାଇ ନେଇଛି। ତାଙ୍କର ପଲ୍ସ ଓ ଡାଇବେଟିସ୍ ବଢ଼ିଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଅବନତି ଆଡ଼କୁ ଗତି କରୁଥିବା ଦେଖି ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଓ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଘଟଣାସ୍ଥଳରେ ପହଞ୍ଚି ଗୌରହରିଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିଲେ ମଧ୍ୟ ସେ ଖାଦ୍ୟ କିମ୍ବା ପାଣି ଗ୍ରହଣ କରୁ ନ ଥିବା ତାଙ୍କ ପୁଅ କହିଛନ୍ତି। ଏ ନେଇ ଖୁଣ୍ଟୁଣୀ ବଜାର ବ୍ୟବସାୟୀ ମହାସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୌରହରିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାମନା କରାଯାଇଥିଲା।

୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବାରେ ସ୍ୱାସ୍ଥ୍ୟବିଭାଗ ବିଫଳ ହେବାରୁ ଗୌରହରି ୨୦୧୩ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ପରେ ଏହି ମାମଲା ହାଇକୋର୍ଟରୁ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଯାଇଥିଲା। ୨୦୧୭ରେ ଅଦାଲତ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଖୁଣ୍ଟୁଣୀ ଡାକ୍ତରଖାନାର ସ୍ଥିତି ପରଖି ୬ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଏହାର ପ୍ରତିବାଦରେ ସେ ଶୁକ୍ରବାର ଡାକ୍ତରଖାନା ପରିସରରେ ଧାରଣାରେ ବସିଥିଲେ।

# ଅକ୍ଟୋବର ୧ରେ ମହାଷଷ୍ଠୀ, ୬ରେ ଭସାଣି

**କଟକ ଅଫିସ,୧୩।୮**

■ ୨୮ରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

■ ମହାନଗର ଶାନ୍ତି କମିଟିର ପ୍ରାକ୍ ଆଲୋଚନା ସଭା

କରୋନା ମହାମାରୀ ପାଇଁ ଫିକା ପଡ଼ିଥିବା କଟକର ଦୁର୍ଗାପୂଜା ଚଳିତ ବର୍ଷ ପୁଣି ଥରେ ଚମକିବ। ୨୦୧୯ ମସିହା ଭଳି ମୂର୍ତ୍ତି ନିର୍ମାଣ ଓ ଭସାଣି ଶୋଭାଯାତ୍ରା କରାଯିବା ନିମନ୍ତେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଚଳିତବର୍ଷ ବିଧି ଅନୁସାରେ ଦୁର୍ଗାପୂଜା ଅକ୍ଟୋବର ୧ ମହାଷଷ୍ଠୀରୁ ଆରମ୍ଭ ହୋଇ ୬ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଶାନ୍ତି କମିଟି ପକ୍ଷରୁ କଟକ ଓସିଏ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ସାଧାରଣ ସଭାରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ଜଣାଇଛନ୍ତି। ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ କମିଟିର ପୂର୍ବତନ ଉପଦେଷ୍ଟା ସ୍ୱର୍ଗତ ଘନଶ୍ୟାମ ଦାସଙ୍କ ସମେତ କରୋନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ସଫଳ କରିବା ପାଇଁ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ବିଡାନାସୀ ଦୁର୍ଗାପୂଜା କମିଟିର ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଚହଟା ମନ୍ଦିର ଛକଠାରେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ଭିକାରୀ ଦାସ ଘୋଷଣା କରିଥିଲେ। ବିଡ଼ାନାସୀ, କନ୍ହେଇପୁର-ଜଗତପୁରଠାରୁ ଫୁଲନଖରା, ନୂଆ କାଚରାମାଳ, ତ୍ରିଶୂଳିଆଠାରୁ ୪୨ ମୌଜା ପର୍ଯ୍ୟନ୍ତ ଶାନ୍ତି କମିଟି ଅନ୍ତର୍ଭୁକ୍ତ ସମସ୍ତ ମଣ୍ଡପର ସଭାପତି ଓ ସମ୍ପାଦକ, ନିର୍ବାଚିତ ଜନ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜିଲା ଓ ପୋଲିସ ପ୍ରଶାସନ ଏବଂ କଟକ ମହାନଗର ନିଗମର ଉଚ୍ଚ ପଦାଧିକାରୀମାନେ ଏହି ସଭାରେ ଯୋଗ ଦେବେ। ତେବେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସମସ୍ତେ ବୁଷ୍ଟରଡୋଜ ନେବାକୁ ନିବେଦନ କରାଯାଇଥିଲା।

ସେହିପରି ଅଗଷ୍ଟ ୧୬ ତାରିଖ ଅପରାହ୍ନ ୪ଟାରେ ପୋଲିସ ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏଥିରେ ଲାଇସେନ୍ସଧାରୀ କ୍ଲବ ଓ ମଣ୍ଡପର କର୍ମକର୍ତ୍ତାମାନେ ଯୋଗଦେବେ ବୋଲି ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ପ୍ରଦୀପ ସିହ୍ନା, ବିଜୟ ଦାଶ, ସଙ୍ଗଠନ ସମ୍ପାଦକ ନରେଶ ସାହୁଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ନୃସିଂହ ଚୌଧୁରୀ, ଦେବାଶିଷ ରାୟ, ନଳିନୀ ସେନାପତି, ଅଭିଜିତ୍ ପାଲ, ଲିଙ୍ଗରାଜ ହାତୀ, ଶିବପ୍ରସାଦ ନାୟକ, ଭାନୁପ୍ରତାପ ସାହୁ, ବିଜୟ ନାୟକ, ଦେବେନ୍ଦ୍ର ପାଣିଗ୍ରାହୀ ଓ ପ୍ରଶାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସହ ସମ୍ପାଦକ ରବୀନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ହାତୀ ଦାନ୍ତ କାରବାର: ଅଭିଯୁକ୍ତ କୋର୍ଟ ଚାଲାଣ


ଅଭିଯୁକ୍ତ ଏସ.କେ.ରଜାକ୍।

**ଆଠଗଡ,୧୩।୮ (ସ୍ୱ.ପ୍ର.)**

ଆଠଗଡ଼ ବନାଞ୍ଚଳରେ କିଛି ଦିନ ହେବ ଦନ୍ତାହାତୀ ମୃତ୍ୟୁ ଘଟଣା ଚର୍ଚ୍ଚା ଜୋର ଧରିଛି। ଏଭଳି ପରିସ୍ଥିତିରେ ଏଠାରୁ ହାତୀଦାନ୍ତ କୋଲକାତା ଚାଲାଣ ହେଉଥିବା ଖବର ସାମ୍ନାକୁ ଆସିଛି। ଏହି ଅଭିଯୋଗରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଥାନା ଅନ୍ତର୍ଗତ ଦକ୍ଷିଣ ପାରିକ୍ଷେତ ଗ୍ରାମର ଏସ.କେ.ରଜାକ୍। ତାଙ୍କୁ ଶୁକ୍ରବାର ଗିରଫ କରାଯାଇଥିବା ବେଳେ ଶନିବାର କୋର୍ଟ ଚାଲାଣ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଆଠଗଡ଼ ବନ ବିଭାଗ, ଖୋର୍ଦ୍ଧା ବନଖଣ୍ଡ କର୍ମଚାରୀ ଏବଂ ଉକ୍ତ ଅଞ୍ଚଳର ପୋଲିସ ରଜାକଙ୍କୁ ଘରୁ ଗିରଫ କରିଛି। ଜେରାବେଳେ ସେ ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ବଡ଼ମ୍ବା ଅଞ୍ଚଳରୁ ହାତୀ ଦାନ୍ତନେଇ ବାହାରକୁ ଚାଲାଣ କରିଥିବା ସ୍ୱୀକାର କରିଛନ୍ତି। ପଚରାଉଚରା ସମୟରେ ରଜାକ୍ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣଙ୍କ ନାମ ପ୍ରକାଶ କରିଛନ୍ତି ବୋଲି ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଯାଦବ କହିଛନ୍ତି।

# ଆଜାଦୀ କା ଅମୃତ ମହୋତ୍ସବ

**ମାହାଙ୍ଗା ୧୩।୮ (ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ମା'ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସ୍ୱାଧୀନତା ଦିବସ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସାହୁ , ସମ୍ମାନିତ ଅତିଥିଭାବେ ଦେବୀରାଣୀ ମହାପାତ୍ର, ମିତା ଦାସ, ପୁଷ୍ପଲତା ଦାସ ଓ ପବିତ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଲଳିତଗିରି ପଞ୍ଚାୟତରେ ଭାଜପା ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ମାହାଙ୍ଗା ଭାଜପା ନେତା ସାରଦା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସମିତିସଭ୍ୟ ଧ୍ରୁବଚରଣ ସାମଲ ଏହାର ନେତୃତ୍ୱ ନେଇଥିଲେ। ଭାଜପା କର୍ମୀମାନେ ଲଳିତଗିରି ବୁଦ୍ଧମଣ୍ଡପ ନିକଟରେ ଉପସ୍ଥିତ ରହି ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଜିତେନ୍ଦ୍ର ଶତପଥୀ, ନିର୍ମଳ ରାଉତ, ଅଶୋକ ବିଶ୍ୱାଳ, ଅନିରୁଦ୍ଧ ପାତ୍ର, କିଶୋର ବରାଳ, ବଟକୃଷ୍ଣ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୬୦ ମାମଲା ଫଇସଲା

**ଆଠଗଡ, ୧୩।୮ (ସ୍ୱ.ପ୍ର.)**

ଆଠଗଡ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ତାଲୁକ ଆଇନ ସେବା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦ ମାମଲାର ଫଇସଲା ହୋଇଥିଲା। ଉକ୍ତ ଲୋକ ଅଦାଲତକୁ ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା ଅଧକ୍ଷ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ ସାହୁ ଅଦାଲତ ପରିଚାଳନା କରି ୧୨ ମୋଟରଯାନ ଦୁର୍ଘଟଣାଜନିତ ମାମଲା ସମାଧାନ କରିଥିଲେ। କ୍ଷତିପୂରଣ ବାବଦରେ ୪୩,୭୫,୦୦୦ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବରିଷ୍ଠ ଦେୱାନୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମୟୀ ମିଶ୍ର ୭ ଦେୱାନୀ ମାମଲା ଓ ୧୯ ବ୍ୟାଙ୍କ ଋଣ ମାମଲାର ବିଚାର କରି ୪୧,୦୩,୫୫୮.୨୫ପଇସା ଅନାଦେୟ ଋଣ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୁନୁମୁନି ଆଚାରୀ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୂଜା ଜୈନ ଅଦାଲତ ପରିଚାଳନା କରି ୨୦ ଫୌଜଦାରି ମାମଲା ଓ ଗୋଟିଏ ଦେୱାନୀ ମାମଲାର ସମାଧାନ କରିଥିଲେ। ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ କୋର୍ଟ ପରିଚାଳନା କରି ୧୧୭୨ ରାଜସ୍ୱ ମାମଲାର ସମାଧାନ କରିଥିଲେ। ଏ ବାବଦରେ ୧,୬୧,୭୩୮ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ଆଠଗଡ ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ତାଲୁକ ଆଇନ ସମିତିର ସହାୟକ ଭାବେ ସରୋଜ ରଞ୍ଜନ କାଳିଆ, ବୀଣାପାଣି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାଜପା କଟକ ନଗର ଜିଲା ପକ୍ଷରୁ ଶନିବାର କଟକ ଚଣ୍ଡୀ ମନ୍ଦିର ନିକଟରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

# କେନାଲ ବନ୍ଧ ରାସ୍ତା ବିପଦସଙ୍କୁଳ

**କଟକ ସଦର,୧୩।୮ (ଡି.ଏନ୍.ଏ.)**

କିଶନନଗର ଜଳସେଚନ ଉପଖଣ୍ଡ ଅଧୀନ ସାଉଥ ଚ୍ୟାନେଲ ବନ୍ଧ ଯଶପଡ଼ା-କୋଶିଦା ନିକଟରେ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ବନ୍ଧରେ ଘଳିଆ ପଡ଼ିବା ଯୋଗୁ ଏହା ଭୁଶୁଡ଼ିବାରେ ଲାଗିଛି। ଏଥିଯୋଗୁ କୋଷିଦା, ଯଶପଡ଼ା, ବସ୍ତପଡ଼ା ଆଦି ଅଞ୍ଚଳର ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ନାଳବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ତରଫରୁ ବାଉଁଶବାଡ଼ା ସହ ବାଲିବସ୍ତା ଦିଆଯାଇଛି। ଅନ୍ୟପକ୍ଷରେ ସାଉଥ ଚ୍ୟାନେଲର ବାମପାର୍ଶ୍ୱ ବନ୍ଧ ସମ୍ପୂର୍ଣ୍ଣ ଜବର ଦଖଲରେ ରହିଛି। କୋଷିଦାଠାରୁ ତେଲଦିଆ ପର୍ଯ୍ୟନ୍ତ ଉକ୍ତ ବନ୍ଧରେ ଗୁହାଳ, ପାଇଖାନା,


କେନାଲ ବନ୍ଧ ରାସ୍ତାରେ ବାଉଁଶ ବାଡ଼ା ଦିଆଯାଇଛି।

ଖତଗଦା କରାଯାଇଛି। ଫଳରେ କେନାଲ ସଫେଇରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା ପାଇଖାନାରୁ ନିର୍ଗତ ମଳ ସିଧାସଳଖ ପାଣିରେ ମିଶୁଛି। ଏହି ପାଣି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ବନ୍ଧ ସୁରକ୍ଷା ସମ୍ପର୍କରେ ସୋମପୁର ସେକ୍ସନର ସହକାରୀ ଯନ୍ତ୍ରୀ ଶୁଭ୍ରାଂଶୁ ପଟ୍ଟନାୟକ କହିଛନ୍ତି, ୨୦୦ ମିଟର କଂକ୍ରିଟ ବନ୍ଧ ପାଇଁ ବ୍ୟୟ ଅଟକଳ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ରିପୋର୍ଟ ରାଜ୍ୟ ଜଳ ସମ୍ପଦ ବିଭାଗ ନିକଟକୁ ପଠାଯାଇଛି। ଅର୍ଥ ଆସିଲେ ବନ୍ଧ ମରାମତି କରାଯିବ।